# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୨୮/୨୦୧୯ (୨୦ ପୃଷ୍ଠା) | Bhubaneswar, Thursday, March 28/2019 | ★★★★★★

୪୫ଶ ଭାଗ ୧୨୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ମନଦୀପଙ୍କ ହ୍ୟାଟ୍ରିକ**

ମନଦୀପ ସିଂଙ୍କ ହ୍ୟାଟ୍ରିକ ଗୋଲ ବଳରେ ଭାରତ ସୁଲତାନ ଆଜଲାନଶାହ କପ୍ ହକି ଟୁର୍ନାମେଣ୍ଟର ବୁଧବାର ମ୍ୟାଚରେ କାନାଡ଼ାକୁ ୭-୩ ଗୋଲରେ ପରାସ୍ତ କରିଛି ।

୧୯

୧୬

**ବାହାଘର ନୁହେଁ, କ୍ୟାରିୟର ଉପରେ ଶ୍ରଦ୍ଧାଙ୍କ ଧ୍ୟାନ**

ଅଭିନେତ୍ରୀ ଶ୍ରଦ୍ଧା କପୁର ଖୁବ୍‌ଶୀଘ୍ର ବାହା ହେଉଥିବା ଚର୍ଚ୍ଚାକୁ ଖଣ୍ଡନ କରିଛନ୍ତି ତାଙ୍କ ବାପା ଶକ୍ତି କପୁର। ଶ୍ରଦ୍ଧା ଏବେ ନିଜ କ୍ୟାରିୟର ଉପରେ ଧ୍ୟାନ ଦେଉଥିବା ଶକ୍ତି କହିଛନ୍ତି ।




ଟେଲିକମ୍, ବ୍ୟାଙ୍କିଙ୍ଗ୍, ଜାତୀୟ ରାଜପଥ ଏ ସବୁଥିରେ ଓଡ଼ିଶାକୁ ପାତରଅନ୍ତର କରାଯାଇଛି।
ଏଥିରେ ଓଡ଼ିଶା ସବୁଠାରୁ ତଳେ।

ଏହା କେନ୍ଦ୍ର ଅବହେଳା ନୁହେଁ ତ ଆଉ କ'ଣ ?

୨୧ ରୁ ୨୧ ରେ 'ଶଙ୍ଖ'କୁ ଜିତାଇବା
ଓଡ଼ିଶାର ହକ୍ ପାଇଁ ଲଢ଼ିବା।



ବିଜୁ ଜନତା ଦଳ


# ମହାକାଶରେ ଭାରତ ଚତୁର୍ଥ ମହାଶକ୍ତି

## ମିଶନ ଶକ୍ତିର ସଫଳତା: ୩ ମିନିଟରେ ସାଟେଲାଇଟ୍ ଧ୍ୱଂସ କଲା ଏ-ସାଟ୍

**ନୂଆଦିଲ୍ଲୀ/ ବାଲେଶ୍ୱର ଅଫିସ,୨୭।୩**

**ଇତିହାସ ରଚିଲା ଡିଆର୍‌ଡିଓ**
- କଲାମ ଦ୍ୱୀପରୁ ହେଲା ପରୀକ୍ଷଣ
- ମୋଦିଙ୍କ ଘୋଷଣାକୁ ନେଇ ପ୍ରଶ୍ନ ଉଠାଇଲେ ବିରୋଧୀ
- ମହାକାଶରେ ଶାନ୍ତି ବଜାୟ ରହୁ: ଚାଇନା
- ଭାରତ ସାମରିକ ଆତଙ୍କ ସୃଷ୍ଟି କରୁଛି: ପାକିସ୍ତାନ

ମହାକାଶରେ ସାଟେଲାଇଟ ଧ୍ୱଂସ କରିବା କ୍ଷମତା ସହ ଭାରତ ବିଶ୍ୱର ଚତୁର୍ଥ ମହାଶକ୍ତିରେ ପରିଣତ ହୋଇଛି। ପୂର୍ବରୁ ଆମେରିକା, ଚାଇନା ଏବଂ ରୁଷିଆ ପାଖରେ ଏଭଳି କ୍ଷମତା ରହିଛି। ମିଶନ ଶକ୍ତି ପରୀକ୍ଷା ଅବସରରେ ବୁଧବାର ଭାରତ ଆଣ୍ଟି-ସାଟେଲାଇଟ (ଏ-ସାଟ୍) କ୍ଷେପଣାସ୍ତ୍ର ସହାୟତାରେ ନିଜର ଏକ ଅନୁପଯୁକ୍ତ ସାଟେଲାଇଟକୁ ମାତ୍ର ୩ ମିନିଟରେ ଧ୍ୱଂସ କରିବାରେ ସଫଳ ହୋଇଛି। ଏହି ବିରଳ ସଫଳତା ଭାରତକୁ ମହାକାଶ ମହାଶକ୍ତି ଏଲିଟ କ୍ଲବ୍‌ରେ ସାମିଲ କରିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।

ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏ-ସାଟ୍ କ୍ଷେପଣାସ୍ତ୍ର ପରୀକ୍ଷା କରି ଭାରତ ମହାକାଶ ଗବେଷଣା ଓ ପ୍ରତିରକ୍ଷା ବ୍ୟବସ୍ଥା। କ୍ଷେତ୍ରରେ ମାଇଲଖୁଣ୍ଟ ସ୍ଥାପନ କରିଛି। ବୁଧବାର ବାଲେଶ୍ୱର ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟି ଅଧୀନ ଭଦ୍ରକ ଜିଲାର ଅବଦୁଲ କଲାମ ଦ୍ୱୀପରେ ଥିବା ଉତ୍କ୍ଷେପଣ କେନ୍ଦ୍ରରୁ ପୂର୍ବାହ୍ନ ୧୧ଟା୧୫ ମିନିଟ୍ ବେଳେ ଉପଗ୍ରହ ବିଧ୍ୱଂସୀ କ୍ଷେପଣାସ୍ତ୍ର 'ଏ ସାଟ୍' ଉତ୍କ୍ଷେପଣ କରାଯାଇଥିଲା। ୩ ମିନିଟ୍ ମଧ୍ୟରେ ଏହା ୩୦୦ କି.ମି. ଉଚ୍ଚତାରେ ଥିବା ଉପଗ୍ରହକୁ ଧ୍ୱଂସ କରିଥିଲା। ଏଥିପାଇଁ ଅବଦୁଲ କଲାମ ଦ୍ୱୀପ ଉତ୍କ୍ଷେପଣ କେନ୍ଦ୍ରରେ ସମସ୍ତ ଆଗୁଆ ପ୍ରସ୍ତୁତି କରାଯାଇଥିଲା। ଡିଆର୍‌ଡିଓ ଅଧ୍ୟକ୍ଷ ଜି. ସତୀଶ ରେଡ୍ଡୀ ଓ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଉପସ୍ଥିତ ରହି ସମସ୍ତ କାର୍ଯ୍ୟର ତତ୍ତ୍ୱାବଧାନ ସହ ନିରୀକ୍ଷଣ କରିଥିଲେ। ବହୁ ବୈଜ୍ଞାନିକ,ବିଶେଷଜ୍ଞ ଓ ଡିଆର୍‌ଡିଓର ଅନ୍ୟ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ। ପୂର୍ବରୁ ଭାରତ କ୍ଷେପଣାସ୍ତ୍ର ବିଧ୍ୱଂସୀ କ୍ଷେପଣାସ୍ତ୍ର ପ୍ରସ୍ତୁତ କରିସାରିଥିବା ବେଳେ ଏବେ ପ୍ରଥମ କରି ମହାକାଶରେ ସାଟେଲାଇଟ ଧ୍ୱଂସ କରିବା କ୍ଷମତା ହାସଲ କରିଛି।

ପ୍ରତି ରାଷ୍ଟ୍ରର ବିକାଶ ଯାତ୍ରାରେ ଏଭଳି ଗର୍ବର ମୁହୂର୍ତ୍ତ ଆସିଥାଏ ଯାହାର ଆଗାମୀ ବହୁ ପିଢ଼ି ପର୍ଯ୍ୟନ୍ତ ଐତିହାସିକ ପ୍ରଭାବ ରହିଥାଏ। ଆଜି ସେହିଭଳି ଏକ ଦିନ ବୋଲି ଦେଶବାସୀଙ୍କୁ ଟେଲିଭିଜନ ବାର୍ତ୍ତାରେ ପ୍ରଧାନମନ୍ତ୍ରୀ କହିଛନ୍ତି। ମିଶନ ଶକ୍ତିର ଏହି ସଫଳତା ପାଇଁ ସେ ପ୍ରତ୍ୟେକଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଦେଶର ସୁରକ୍ଷାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ପ୍ରତିରକ୍ଷା ଗବେଷଣା ଓ ବିକାଶ ପ୍ରତିଷ୍ଠାନ (ଡିଆର୍‌ଡିଓ) ନେତୃତ୍ୱରେ ମିଶନ ଶକ୍ତି ଆରମ୍ଭ ହୋଇଥିଲା। ଡିଆରଡିଓର ସଦସ୍ୟ, ବୈଜ୍ଞାନିକ ଓ ଅଫିସରମାନଙ୍କୁ ଅଭିନନ୍ଦନ ଜଣାଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ନିରାପତ୍ତା, ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ପିମ୍ପୁଡ଼ିଙ୍କ ସାମ୍ରାଜ୍ୟ

**ଆଜିର ମନ୍ତବ୍ୟ**

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯିବା ସମୟ ଆସିଲାଣି ବୋଲି ସେ ଭୟଭୀତ।
**-ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ**

**କିଛି ତଥ୍ୟ**

ଚଳିତ ବର୍ଷ ଫେବୃୟାରୀରେ ଦେଶର ଅଶୋଧିତ ଇସ୍ପାତ ଉତ୍ପାଦନ ୪% ବଢ଼ି ୮.୯୧ ନିୟୁତ ଟନ୍ ରହିଛି ।
**-ଇସ୍ପାତ ମନ୍ତ୍ରଣାଳୟ**

## ୯ ଲୋକ ସଭା, ୩୬ ବିଧାନସଭା ଆସନ ପାଇଁ ବିଜେଡିର ପ୍ରାର୍ଥୀ ଘୋଷଣା

# ୭ ଲୋକ ସଭା ଆସନରେ ନୂଆମୁହଁ

**ଭୁବନେଶ୍ୱର,୨୭।୩(ବ୍ୟୁରୋ)**

- ପାଟଶାଣୀ ଯିବେ ରାଜ୍ୟ ସଭା
- ଦୁଇ ପ୍ରଭାତ, ବିଜୟଶ୍ରୀଙ୍କ ପୁଅଙ୍କୁ ଟିକେଟ
- କଟକ, କେନ୍ଦୁଝର, ଢେଙ୍କାନାଳ ଲୋକ ସଭା ପ୍ରାର୍ଥୀ ଘୋଷଣା ହେଲାନି

ପ୍ରାର୍ଥୀ ତାଲିକା : ପୃଷ୍ଠା-୫

ବିଜେଡି ଶେଷ ଦୁଇ ପର୍ଯ୍ୟାୟରେ ହେବାକୁ ଥିବା ୯ ଲୋକ ସଭା ଏବଂ ୩୬ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ନବୀନ ନିବାସରେ ଏହି ଘୋଷଣା କରିଛନ୍ତି। କଟକ, କେନ୍ଦୁଝର ଏବଂ ଢେଙ୍କାନାଳ ଲୋକ ସଭା ପାଇଁ ପ୍ରାର୍ଥୀ ଚୟନ ଏବେ ବି ଦଳ ପାଇଁ କାଠିକର ପାଠ ସାବ୍ୟସ୍ତ ହୋଇଛି। ଏହି ୩ ଆସନ ପାଇଁ କାହାକୁ ପ୍ରାର୍ଥୀ କରାଯିବ, ସେ ନେଇ କୌଣସି ସହମତି ହୋଇପାରୁନାହିଁ। ସେହିପରି ୯ ଲୋକ ସଭା ଆସନ ମଧ୍ୟରୁ ଜଗତସିଂହପୁର, ଭଦ୍ରକ, ସମ୍ବଲପୁର, ଯାଜପୁର, କେନ୍ଦ୍ରାପଡ଼ା, ମୟୂରଭଞ୍ଜ ଏବଂ ଭୁବନେଶ୍ୱର ପ୍ରାର୍ଥୀଙ୍କୁ ବଦଳାଯାଇଛି। ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ ପାଟଶାଣୀଙ୍କ ଟିକେଟ କଟାଯାଇଛି। ତାଙ୍କୁ ଭବିଷ୍ୟତରେ ରାଜ୍ୟ ସଭା ପଠାଯିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି।

ଭାଜପା ଛାଡିଥିବା ଦିଲୀପ ରାୟଙ୍କୁ ଯେ କୌଣସି ମତେ ବିଜେଡିକୁ ଅଣାଯିବ, ଏଥିସହିତ ତାଙ୍କୁ କେନ୍ଦ୍ରାପଡ଼ାରୁ ଲୋକସଭା ପ୍ରାର୍ଥୀ କରାଯିବ ବୋଲି ଦଳର ଶୀର୍ଷ ନେତୃତ୍ୱ ଆଶା କରୁଥିଲା। ହେଲେ ପ୍ରାର୍ଥୀ ତାଲିକା ଘୋଷଣା ପରେ ଦିଲୀପ ଯେ ବର୍ତ୍ତମାନ ପରିସ୍ଥିତିରେ ବିଜେଡି ଫେରିବେନି ତାହା ସ୍ପଷ୍ଟ ହୋଇଯାଇଛି। ଦିଲୀପଙ୍କ ବିଜେଡି ଲେଉଟାଣି ଟଳିଥିବାରୁ ବିଜୟ ମହାପାତ୍ରଙ୍କ ଭାଜପା ଲେଉଟାଣି ସମ୍ଭାବନା ବୃଦ୍ଧିପାଇଛି। କେନ୍ଦ୍ରାପଡ଼ାରୁ ଅଭିନେତା ତଥା ରାଜ୍ୟ ସଭା ସଦସ୍ୟ ଅନୁଭବ ମହାନ୍ତିଙ୍କୁ ପ୍ରାର୍ଥୀ କରାଯାଇଛି। ତିର୍ତ୍ତୋଲ ବିଧାୟିକା ରାଜଶ୍ରୀ ମଲ୍ଲିକଙ୍କୁ ଜଗତ୍‌ସିଂହପୁର ଲୋକ ସଭା ପ୍ରାର୍ଥିନୀ କରାଯାଇଛି। ବମିଖାଲ ଫ୍ଲାଏଓଭର ଭୁଶୁଡିବା ଘଟଣାରେ ବିବାଦୀୟ ହୋଇ ପଡ଼ିଥିବା ଅବସରପ୍ରାପ୍ତ ପୂର୍ବ ସଚିବ ଇଂ ନଳିନୀକାନ୍ତ ପ୍ରଧାନଙ୍କୁ ସମ୍ବଲପୁର ଲୋକ ସଭା ଆସନରୁ ଟିକେଟ ମିଳିଛି। ଚିଟ୍‌ଫଣ୍ଡ ବିବାଦରେ ଛନ୍ଦି ହୋଇଥିବା ମୟୂରଭଞ୍ଜ ଏମ୍‌ପି ରାମଚନ୍ଦ୍ର ହାଁସଦାଙ୍କ ଟିକେଟ କଟିଛି। ହେଲେ ଚିଟଫଣ୍ଡ ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ବିବାଦୀୟ ହୋଇଥିବା ଏମ୍‌ପି ରବୀନ୍ଦ୍ର ଜେନା (ବାଲେଶ୍ୱର), ବିଧାୟକ ଅରୁଣ ସାହୁ(ନୟାଗଡ), ଅତନୁ ସବ୍ୟସାଚୀ ନାୟକ(ମହାକାଳପଡା), ସଞ୍ଜୟ ଦାସବର୍ମା(ବ୍ରହ୍ମଗିରି), ପ୍ରଣବ ବଳବନ୍ତରାୟ (ଧର୍ମଶାଳା)ଙ୍କୁ ଟିକେଟ ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ଚିଟଫଣ୍ଡ ପ୍ରସଙ୍ଗରେ ବିବାଦୀୟ ହୋଇଥିବା ବାଙ୍କୀ ବିଧାୟକ ପ୍ରଭାତ ତ୍ରିପାଠୀଙ୍କ ବଦଳରେ ତାଙ୍କ ପୁଅ ଦେବୀ ରଞ୍ଜନ ତ୍ରିପାଠୀ ଏବଂ କଟକ(ଚୌଦ୍ୱାର) ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ବଦଳରେ ସୌଭିକ୍ ବିଶ୍ୱାଳଙ୍କୁ ଟିକେଟ୍ ଦିଆଯାଇଛି। ବରିଷ୍ଠ ମନ୍ତ୍ରୀ ☞ପୃଷ୍ଠା-୪






ଜମ୍ମୁରେ ନିର୍ବାଚନ ପ୍ରଚାର ପାଇଁ ଭାଜପା ପତାକା ନେଉଛନ୍ତି ଜଣେ ଦଳୀୟ କର୍ମୀ।



ଲକ୍ଷ୍ନୌରେ ଖବରଦାତା ସମ୍ମିଳନୀରେ ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ସହ ବରିଷ୍ଠ ନେତା ଆଜମ୍ ଖାନ୍।

# କଂଗ୍ରେସରେ ଊର୍ମିଳା

ନୂଆଦିଲ୍ଲୀ/ମୁମ୍ବାଇ, ୨୭।୩(ଆଇଏଏନ୍ଏସ୍)

ସମସ୍ତ କଳ୍ପନାଜଳ୍ପନାର ଅବସାନ ଘଟାଇ ବଲିଉଡ୍ ଅଭିନେତ୍ରୀ ଊର୍ମିଳା ମାତୋଣ୍ଡକର ବୁଧବାର କଂଗ୍ରେସରେ ଯୋଗଦେଇଛନ୍ତି। ସେ ନୂଆଦିଲ୍ଲୀରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ସାକ୍ଷାତ କରି ଦଳରେ ସାମିଲ ହୋଇଛନ୍ତି। ରାହୁଲ ତାଙ୍କୁ ଦଳକୁ ସ୍ୱାଗତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ଊର୍ମିଳା କହିଛନ୍ତି, ସେ କଂଗ୍ରେସର ବିଚାରଧାରା ଓ ଆଭିମୁଖ୍ୟରେ ବିଶ୍ୱାସ କରୁଥିବାରୁ ଦଳରେ ମିଶିଛନ୍ତି। ନିର୍ବାଚନ ପାଇଁ ସେ ସାମିଲ ହୋଇନାହାନ୍ତି। ଆନୁଷ୍ଠାନିକ ଭାବେ ରାଜନୀତିକୁ ଆସିଥିବାରୁ ଏହା ତାଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦିନ। ୧୯୮୩ରେ 'ମାସୁମ୍' ଫିଲ୍ମରେ ଜଣେ ଶିଶୁ କଳାକାର ଭାବେ ଅଭିନୟ ଆରମ୍ଭ କରିଥିବା ୪୫ ବର୍ଷୀୟା ଊର୍ମିଳାଙ୍କୁ ନର୍ଥ ମୁମ୍ବାଇ ଲୋକ ସଭା ଆସନରୁ କଂଗ୍ରେସ ପ୍ରାର୍ଥୀ କରିପାରେ। ଏଠାରୁ ଟିକେଟ ମିଳିଲେ ସେ ଭାଜପା ଏମ୍‌ପି ଗୋପାଳ ସେଟ୍ଟିଙ୍କ ବିରୋଧରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ମୁମ୍ବାଇର ୬ ଲୋକ ସଭା ଆସନରେ ଏପ୍ରିଲ ୨୯ରେ ନିର୍ବାଚନ ହେବ।



କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ସହ ଅଭିନେତ୍ରୀ ଊର୍ମିଳା ମାତୋଣ୍ଡକର।

## ଏପ୍ରିଲ ୧୧ରେ ୧୭ ଆସନରେ ଭୋଟ: ଟିଆର୍‌ଏସ୍‌ର ମିଶନ ୧୬

# ତେଲେଙ୍ଗାନାରେ ତ୍ରିମୁଖୀ ଲଢ଼େଇ

ହାଇଦ୍ରାବାଦ,୨୭।୩(ଆଇଏଏନ୍ଏସ୍)

ତେଲେଙ୍ଗାନାରେ ନିକଟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ବିପୁଳ ବିଜୟ ପରେ ଶାସକ ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ସାଧାରଣ ନିର୍ବାଚନର ମଇଦାନକୁ ଓହ୍ଲାଇଛି। ବିରୋଧୀ ଦଳଗୁଡ଼ିକ ମଧ୍ୟରେ ନୈରାଶ୍ୟ ଭରିରହିଥିବାବେଳେ ୧୭ରୁ ୧୬ ଲୋକ ସଭା ଆସନ ଦଖଲ ଲକ୍ଷ୍ୟରେ ରହିଛି ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍)ଙ୍କ ନେତୃତ୍ୱାଧୀନ ଟିଆର୍‌ଏସ୍। ତେବେ ଭାଜପା ଓ କଂଗ୍ରେସ ଏଥର ଭିନ୍ନ ରଣନୀତି ଆପଣାଇଥିବାରୁ ତ୍ରିମୁଖୀ ଲଢ଼େଇ ହେବ ବୋଲି ରାଜନୈତିକ ବିଶ୍ଳେଷକମାନେ ମତବ୍ୟକ୍ତ କରିଛନ୍ତି।

ଏପ୍ରିଲ ୧୧ରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ହେବ। ଏହିଦିନ ସର୍ବନୂତନ ରାଜ୍ୟ ତେଲେଙ୍ଗାନାର ଆଦିଲାବାଦ, ପେଦ୍ଦାପଲ୍ଲୀ, କରିମନଗର, ନିଜାମାବାଦ, ଜାହିରାବାଦ, ମେଡକ୍, ମାଲକାଜଗିରି, ସିକନ୍ଦରାବାଦ, ହାଇଦ୍ରାବାଦ, ଚେଭେଲ୍ଲା, ମେହବୁବ୍‌ନଗର, ନଗରକୁର୍ନୁଲ, ନାଲଗୋଣ୍ଡା, ଭୋଙ୍ଗିର, ୱାରଙ୍ଗଲ, ମେହବୁବାବାଦ ଓ ଖମ୍ମାମରେ ଭୋଟଗ୍ରହଣ କରାଯିବ। ଟିଆର୍‌ଏସ୍ ମିଶନ ୧୬ ପାଇଁ ଅଣ୍ଟା ଭିଡ଼ିଥିବାବେଳେ ଏହାର ସହଯୋଗୀ ତଥା ଅସାଦୁଦ୍ଦିନ ଓ୍ୱାଇସିଙ୍କ ଅଲ୍ ଇଣ୍ଡିଆ ମଜ୍‌ଲିସ୍-ଇ-ଇତ୍ତେହାଦୁଲ ମୁସଲିମିନ୍ (ଏଆଇଏମ୍ଆଇଏମ୍) ହାଇଦ୍ରାବାଦ ଆସନ ବଞ୍ଚାଇବା ଲାଗି ଉଦ୍ୟମ କରୁଛି।



ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ତଥା ଟିଆର୍‌ଏସ୍ ଅଧ୍ୟକ୍ଷ କେ. ଚନ୍ଦ୍ରଶେଖର ରାଓ।

ଜାତୀୟ ରାଜନୀତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବାକୁ ପ୍ରୟାସରତ କେସିଆର୍ ଏବଂ ତାଙ୍କ ପୁଅ ତଥା ଟିଆର୍‌ଏସ୍ କାର୍ଯ୍ୟକାରୀ ଅଧ୍ୟକ୍ଷ କେ.ଟି. ରାମାରାଓ (କେଟିଆର୍) ଦଳୀୟ ପ୍ରଚାରକୁ ଜୋର୍‌ଦାର କରିଛନ୍ତି। କେନ୍ଦ୍ରରେ ଅଣଭାଜପା ଏବଂ ଅଣକଂଗ୍ରେସ ସରକାର ଗଠନ ପାଇଁ ଟିଆର୍‌ଏସ୍ ତଥା ଏହାର ସହଯୋଗୀ ଦଳକୁ ଭୋଟ ଦେବା ପାଇଁ ମତଦାତାଙ୍କୁ କେସିଆର୍ ଅନୁରୋଧ କରିଛନ୍ତି। କେଟିଆର୍ କହିଛନ୍ତି, ୨୦୧୮ ଡିସେମ୍ବର ୭ରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଟିଆର୍‌ଏସ୍ ୪୭% ଭୋଟ ପାଇ ୭୫% ଆସନ ଦଖଲ କରିଥିଲା। ଚଳିତ ନିର୍ବାଚନରେ ଲୋକେ କଂଗ୍ରେସ ଓ ଭାଜପାକୁ ନେଇ ଦ୍ୱନ୍ଦ୍ୱରେ ଅଛନ୍ତି। ତେଣୁ ଏଥର ମଧ୍ୟ ଆମେ ଜିତିବୁ। ପ୍ରକାଶ ଯେ, ୧୧୯ ସଦସ୍ୟତା ବିଶିଷ୍ଟ ବିଧାନସଭା ନିର୍ବାଚନରେ ଟିଆର୍‌ଏସ୍ ୮୮ ଆସନରେ ସଫଳତା ପାଇଥିଲା। କଂଗ୍ରେସ ୧୯, ଏଆଇଏମ୍ଆଇଏମ୍ ୭, ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ୨ ଆସନ ଜିତିଥିବାବେଳେ ଭାଜପା ଏବଂ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍ କେବଳ ଖାତା ଖୋଲି ପାରିଥିଲେ। ୨ ସ୍ୱାଧୀନ ଏବଂ ଜଣେ ଟିଡିପି ବିଧାୟକ ଟିଆର୍‌ଏସ୍‌ରେ ସାମିଲ ହୋଇଛନ୍ତି।

ନିକଟରେ ୯ କଂଗ୍ରେସ ବିଧାୟକ ଟିଆର୍‌ଏସ୍‌ରେ ଯୋଗଦେବା ପରେ ଶାସକ ଦଳର ବିଧାୟକ ସଂଖ୍ୟା ୧୦୦ ଛୁଇଁଛି। ୨୦୧୪ ଲୋକ ସଭା ନିର୍ବାଚନରେ ଟିଆର୍‌ଏସ୍ ୧୧ ଓ କଂଗ୍ରେସ ୨ ଆସନ ଦଖଲ କରିଥିଲେ। ସେହିପରି ଟିଡିପି, ୱାଇଏସ୍ଆର୍ କଂଗ୍ରେସ ପାର୍ଟି, ଭାଜପା ଏବଂ ଏଆଇଏମ୍ଆଇଏମ୍‌କୁ ଗୋଟିଏ ଲେଖାଏ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। କଂଗ୍ରେସରେ କୌଣସି ଆକର୍ଷଣୀୟ ନେତୃତ୍ୱ ନ ଥିବା ସତ୍ତ୍ୱେ ଦଳ ୫ ଆସନରେ ଟିଆର୍‌ଏସ୍‌କୁ କଡ଼ା ଟକ୍କର ଦେବ। ସେହିପରି ସିକନ୍ଦରାବାଦ, ନିଜାମାବାଦ, ମେହବୁବନଗର ଓ କରିମନଗରରେ ଭାଜପା ସ୍ଥିତି ଭଲ ଥିବାରୁ ଏହି ଆସନଗୁଡ଼ିକରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି କୁହାଯାଉଛି। ସିକନ୍ଦରାବାଦରୁ ଜି. କ୍ରିଷନ୍‌ଙ୍କୁ ପ୍ରାର୍ଥୀ ହେବା ପାଇଁ ସୁଯୋଗ ମିଳିଛି। ଏହି ଆସନରେ କଂଗ୍ରେସ ପୂର୍ବତନ ଏମ୍‌ପି ଅଞ୍ଜନ କୁମାର ଯାଦବଙ୍କୁ ପ୍ରାର୍ଥୀ କରିଥିବାବେଳେ କେସିଆର୍ କ୍ୟାବିନେଟର ମନ୍ତ୍ରୀ ଟି. ଶ୍ରୀନିବାସ ଯାଦବଙ୍କ ପୁଅ ସାଇ କିରନ ଯାଦବଙ୍କୁ ଟିଆର୍‌ଏସ୍ ଟିକେଟ ଦେଇଛି। ବିରୋଧୀ ସିପିଆଇ ଏବଂ ତେଲେଙ୍ଗାନା ଜନ ସମିତି (ଟିଜେଏସ୍) ଦୁଇଟି ଲେଖାଏ ଆସନରେ ପ୍ରାର୍ଥୀ ଦେଇଛନ୍ତି। ଆନ୍ଧ୍ରରେ କ୍ଷମତାସୀନ ଟିଡିପି ୧୯୮୨ରେ ଗଠନ ହେବା ପରଠାରୁ ପ୍ରଥମଥର ପାଇଁ ତେଲେଙ୍ଗାନା ଲୋକ ସଭା ନିର୍ବାଚନରେ ପ୍ରାର୍ଥୀ ଦେଇନାହିଁ। ଏଠାରେ କଂଗ୍ରେସକୁ ଟିଡିପି ସମର୍ଥନ କରିବ ବୋଲି ଘୋଷଣା କରିଛି, ଯାହାକି ବିଶେଷ ଫଳପ୍ରଦ ହେବନାହିଁ ବୋଲି ରାଜନୈତିକ ବିଶ୍ଳେଷକ ତେଲାକାପଲ୍ଲୀ ରବି ମତବ୍ୟକ୍ତ କରିଛନ୍ତି।

ଟିଆର୍‌ଏସ୍ ସିକନ୍ଦରାବାଦ ଓ ଖମ୍ମାମ ସମେତ ୪ ଆସନର ବିଦାୟୀ ଏମ୍‌ପିଙ୍କ ଟିକେଟ କାଟି ନୂଆମୁହଁଙ୍କୁ ସୁଯୋଗ ଦେଇଛି। ଅନ୍ୟପକ୍ଷରେ ତେଲେଙ୍ଗାନାର ଜଣେ ମାତ୍ର ଭାଜପା ଏମ୍‌ପି ଥିବା ବନ୍ଦାରୁ ଦତ୍ତାତ୍ରେୟଙ୍କୁ ଗୈରିକ ଦଳ ଏଥର ଟିକେଟ ଦେଇନାହିଁ। ତାଙ୍କ ସ୍ଥାନରେ

**୨୦୧୪ର ଲୋକ ସଭା ସ୍ଥିତି**

| ଦଳ | ଆସନ |
|---|---|
| ଟିଆର୍‌ଏସ୍ | ୧୧ |
| କଂଗ୍ରେସ | ୨ |
| ଟିଡିପି | ୧ |
| ୱାଇଏସ୍ଆର୍‌ସିପି | ୧ |
| ଭାଜପା | ୧ |
| ଏଆଇଏମ୍ଆଇଏମ୍ | ୧ |






ହାଇଦ୍ରାବାଦ ଏମ୍‌ପି ଅସାଦୁଦ୍ଦିନ୍ ଓ୍ୱାଇସି ଘର ଘର ବୁଲି ପ୍ରଚାର କରୁଛନ୍ତି।

## କେସିଆର୍‌ଙ୍କ ଝିଅଙ୍କ ଆସନ ନିଜାମାବାଦରେ

# ନାମାଙ୍କନପତ୍ର ଦାଖଲ କଲେ ୨୦୦ ଚାଷୀ

ହାଇଦ୍ରାବାଦ,୨୭।୩ (ଆଇଏଏନ୍ଏସ୍)

ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେସିଆର୍‌ଙ୍କ ଝିଅ କେ. କବିଥା ନିଜାମାବାଦ ଏମ୍‌ପି। ସେ ଏହି ଲୋକ ସଭା ଆସନରେ ଟିଆର୍‌ଏସ୍ ଟିକେଟରେ ପୁଣିଥରେ ପ୍ରାର୍ଥୀ ହୋଇଛନ୍ତି। ତାଙ୍କ ବିରୋଧରେ କଂଗ୍ରେସର ମଧୁ ଯଶକି ଗୌଡ଼ ଏବଂ ଭାଜପାର ଡି. ଅରବିନ୍ଦ



ପ୍ରାର୍ଥୀ ହୋଇଛନ୍ତି। ତେବେ ଏହି ଆସନ ପାଇଁ ୨୦୦ରୁ ଊର୍ଦ୍ଧ୍ୱ କୃଷକ ନାମାଙ୍କନପତ୍ର ଦାଖଲ କରିବା ପରେ ଲଢ଼େଇ ରୋଚକ ମୋଡରେ ପହଞ୍ଚିଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାକୁ ଚାଷୀମାନେ ସମାଲୋଚନା କରିଛନ୍ତି। ନିଜ ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟ ମିଳୁ ନ ଥିବା ଦର୍ଶାଇ ସେମାନଙ୍କ ଦୁର୍ଦ୍ଦଶାକୁ ସାମ୍ନାକୁ ଆଣିବା ପାଇଁ ଏତେ ସଂଖ୍ୟକ ଚାଷୀ ଏହି ଆସନରେ ଲଢ଼େଇ କରୁଛନ୍ତି।

## ଖବର ସଂକ୍ଷେପରେ

- ଭାଜପା ଏମ୍‌ପି ଅଂଶୁଲ ବର୍ମାଙ୍କୁ ଦଳୀୟ ଟିକେଟ ନ ମିଳିବା ପରେ ସେ ବୁଧବାର ସମାଜବାଦୀ ପାର୍ଟିରେ ଯୋଗଦେଇଛନ୍ତି।
- ଇନ୍ଦୋର ରେଲଷ୍ଟେଶନର ପାସେଞ୍ଜର କୋଚ୍‌ରେ 'ଚୌକିଦାର ଚୋର୍ ହେ' ସ୍ଲୋଗାନ ଲେଖାଥିବା ପୋଷ୍ଟର ମାରୁଥିବାବେଳେ ରେଲୱେ ସୁରକ୍ଷା ବଳ ମଧ୍ୟପ୍ରଦେଶର ଦୁଇ କଂଗ୍ରେସ ନେତା ବିବେକ ଖଣ୍ଡେଲୱାଲ ଓ ଗିରିଶ ଜୋଷୀଙ୍କୁ ଗିରଫ କରିଛି।
- କେନ୍ଦ୍ରରେ କ୍ଷମତାସୀନ ହେବାକୁ ଥିବା ନୂଆ ସରକାର ଭିଡ଼ ହିଂସା ବିରୋଧରେ ଆଇନ ପ୍ରଣୟନ କରିବା ସମେତ ବିଭିନ୍ନ ଦାବିରେ ୧୦ଟି ରାଜ୍ୟର ମୁସଲମାନ ମହିଳାମାନେ ଏକ ଇସ୍ତାହାର ଜାରି କରିଛନ୍ତି।
- ପ୍ରଥମ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ପ୍ରତ୍ୟାହାରକୁ ଦୁଇଦିନ ବାକିଥିବାବେଳେ କର୍ଣ୍ଣାଟକ କଂଗ୍ରେସ ନେତାମାନେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଜେଡିଏସ୍ ଅଧ୍ୟକ୍ଷ ଏଚ୍.ଡି. ଦେବେଗୌଡ଼ାଙ୍କ ବିରୋଧରେ ତୁମୁକୁର ଆସନରୁ ପ୍ରାର୍ଥୀ ହୋଇଥିବା ବିଦ୍ରୋହୀଙ୍କୁ ମନାଇବାରେ ଲାଗିଛନ୍ତି।
- ମଧ୍ୟପ୍ରଦେଶର ୨୯ ଲୋକ ସଭା ଆସନ ମଧ୍ୟରୁ ୨୦ରୁ ଊର୍ଦ୍ଧ୍ୱ ସିଟ୍ କଂଗ୍ରେସ ଦଖଲ କରିବ ବୋଲି ଦୀର୍ଘ ୧୬ ବର୍ଷ ପରେ ନିର୍ବାଚନ ଲଢୁଥିବା ବରିଷ୍ଠ ନେତା ଦିଗ୍‌ବିଜୟ ସିଂ ଭବିଷ୍ୟବାଣୀ କରିଛନ୍ତି।
- ଜମ୍ମୁ-କଶ୍ମୀରର ଅବସରପ୍ରାପ୍ତ ବରିଷ୍ଠ ଆଇଏଏସ୍ ଅଧିକାରୀ ବିନୋଦ କୌଲ ବୁଧବାର କଂଗ୍ରେସରେ ସାମିଲ ହୋଇଛନ୍ତି।

## ମମତାଙ୍କ ପ୍ରତିଶ୍ରୁତି: ଫେରିବ ଯୋଜନା କମିଶନ

# ବିମୁଦ୍ରୀକରଣର ତଦନ୍ତ ହେବ

କୋଲକାତା,୨୭।୩(ପି.ଟି.)

ଲୋକ ସଭା ନିର୍ବାଚନ ପରେ କେନ୍ଦ୍ରରେ ବିରୋଧୀ ମେଣ୍ଟ କ୍ଷମତାକୁ ଆସିଲେ ବିମୁଦ୍ରୀକରଣର ତଦନ୍ତ ସହ ଯୋଜନା କମିଶନ ପୁନଃ କାର୍ଯ୍ୟକାରୀ କରାଯିବ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଅଧ୍ୟକ୍ଷ ମମତା ବାନାର୍ଜୀ ପ୍ରତିଶ୍ରୁତି ଦେଇଛନ୍ତି। ଦଳର ନିର୍ବାଚନୀ ଇସ୍ତାହାର ପ୍ରକାଶ କରିବା ଅବସରରେ ସେ କହିଛନ୍ତି, ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ବର୍ଷକୁ ୧୦୦ ଦିନ ବଦଳରେ ୨୦୦ ଦିନ କାମ ଯୋଗାଇ ଦିଆଯିବା ସହ ମଜୁରି ଦୁଇଗୁଣ କରାଯିବ। ନୀତି ଆୟୋଗର କୌଣସି ଆବଶ୍ୟକତା



ନାହିଁ। ଜିଏସ୍‌ଟିର ସମୀକ୍ଷା କରାଯିବ। ବିଏସ୍ଏଫର ପୂର୍ବତନ ଡିଜି କେ.କେ. ଶର୍ମାଙ୍କୁ ପଶ୍ଚିମବଙ୍ଗ ଓ ଝାଡଖଣ୍ଡ ଲାଗି ସ୍ୱତନ୍ତ୍ର ପୋଲିସ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଥିବାରୁ ମମତା ଏହାର ବିରୋଧ କରିଛନ୍ତି। ଶର୍ମା ତାଙ୍କ କାର୍ଯ୍ୟକାଳ ସମୟରେ ଆର୍‌ଏସ୍‌ଏସ୍ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ବୋଲି ମମତା ଅଭିଯୋଗ କରିଛନ୍ତି।

# 'କଂଗ୍ରେସ ଚାହିଁଲେ ନିର୍ବାଚନ ଲଢ଼ିବି'



ଅମେଠି,୨୭।୩

କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ବୁଧବାର ନିର୍ବାଚନ ଲଢ଼ିବା ପାଇଁ ପ୍ରଥମଥର ସଙ୍କେତ ଦେଇଛନ୍ତି। କଂଗ୍ରେସ ଚାହିଁଲେ ସେ ନିର୍ବାଚନରେ ନିଶ୍ଚୟ ପ୍ରତିଦ୍ୱନ୍ଦ୍ୱିତା କରିବେ। କିନ୍ତୁ ଦଳ ପକ୍ଷରୁ ଏନେଇ ନିଷ୍ପତ୍ତି ନିଆଯାଇନାହିଁ ବୋଲି ପ୍ରିୟଙ୍କା କହିଛନ୍ତି। ୪୭ ବର୍ଷୀୟା ପ୍ରିୟଙ୍କା ବୁଧବାର ଅପରାହ୍ନରେ ଦଳୀୟ କର୍ମୀଙ୍କ ସହ ଭିଡିଓ ଚାଟ୍‌ରେ ଭାବର ଆଦାନପ୍ରଦାନ କରିଛନ୍ତି। ୩ ଦିନିଆ ଉତ୍ତରପ୍ରଦେଶ ଗସ୍ତରେ ଥିବା ପ୍ରିୟଙ୍କା ଅମେଠି, ରାଏବରେଲି ଓ ଫୈଜାବାଦରେ ନିର୍ବାଚନ ପ୍ରଚାର ପାଇଁ ଲକ୍ଷ୍ନୌର ଚୌଧୁରୀ ଚରଣ ସିଂ ବିମାନବନ୍ଦରରେ ପହଞ୍ଚିବା ପରେ ମୋବାଇଲ ଫୋନ୍ ଜରିଆରେ କଂଗ୍ରେସ କର୍ମୀଙ୍କ ସହ ଚାଟ୍ କରିଥିଲେ। ପରେ ସେ ଭାଇ ତଥା କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ନିର୍ବାଚନମଣ୍ଡଳୀ ଅମେଠିରେ ଖବରଦାତାଙ୍କ ସହ ଆଲୋଚନା କରିଥିଲେ। ପ୍ରିୟଙ୍କା ଗୁରୁବାର ମା' ତଥା ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ଲୋକ ସଭା ଆସନ ରାଏବରେଲି ଯିବେ।

# କମିଟି ଯାଞ୍ଚ କରିବ ମୋଦିଙ୍କ ଭାଷଣ

ନୂଆଦିଲ୍ଲୀ,୨୭।୩(ପି.ଟି.)

ଆଦର୍ଶ ଆଚରଣ ବିଧି ଲାଗୁ ସତ୍ତ୍ୱେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇଲେକ୍ଟ୍ରୋନିକ୍ ମିଡିଆରେ ଦେଶବାସୀଙ୍କୁ ଦେଇଥିବା ଉଦ୍‌ବୋଧନର ଯାଞ୍ଚ ଲାଗି ନିର୍ବାଚନ କମିଶନ(ଇସି) ଏକ କମିଟି ଗଠନ କରିଛନ୍ତି। ନିର୍ବାଚନ ଉପାୟୁକ୍ତ (ଡିଇସି) ସନ୍ଦୀପ୍ ସାକ୍ସେନା କମିଟିର ମୁଖ୍ୟ ରହିଛନ୍ତି। ମିଶନ ଶକ୍ତିର ସଫଳତା ଉପରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ରାଜନୈତିକ ଫାଇଦା ନେବାକୁ ଉଦ୍ୟମ କରିଥିବା ବିଭିନ୍ନ ରାଜନୈତିକ ଦଳ ଅଭିଯୋଗ କରିବା ପରେ ଏହାର ଅନୁଧ୍ୟାନ ଲାଗି ଇସି କମିଟିକୁ ନିର୍ଦ୍ଦେଶ ଦେଇଛନ୍ତି। ଡିଆରଡିଓ ବୈଜ୍ଞାନିକଙ୍କ ସଫଳତା ଉପରେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେବା ପାଇଁ ମୋଦିଙ୍କୁ କାହିଁକି ଅନୁମତି ଦିଆଗଲା ବୋଲି ସିପିଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ଇସିଙ୍କ ପାଖରେ ଲିଖିତ ଅଭିଯୋଗ କରିଥିଲେ।

## ଷୋଡ଼ଶ ଲୋକ ସଭାରେ ୨୪୦ ବିଲ୍ ଗୃହୀତ: ଏଡିଆର୍ ରିପୋର୍ଟ

# ଏମ୍‌ପିଙ୍କ ହାରାହାରି ଉପସ୍ଥିତି ୨୨୧ ଦିନ

ନୂଆଦିଲ୍ଲୀ,୨୭।୩(ଆଇଏଏନ୍ଏସ୍)

ଷୋଡ଼ଶ ଲୋକ ସଭାର କାର୍ଯ୍ୟକାଳ ମଧ୍ୟରେ ମୋଟ ୨୭୩ ବିଲ୍ ଆଗତ ହୋଇଥିବାବେଳେ ସେଥିରୁ ୨୪୦ ବିଲ୍ ଗୃହୀତ ହୋଇଛି। ୧୦ଟି ବିଲ୍ ପ୍ରତ୍ୟାହାର କରିନିଆଯାଇଥିବାବେଳେ ଅନ୍ୟ ୨୩ଟି ବିଲ୍ ଗୃହୀତ ନ ହୋଇ ରହିଯାଇଛି। କାର୍ଯ୍ୟକାଳ ଶେଷ ହେବାକୁ ଯାଉଥିବା ଲୋକ ସଭାର ପ୍ରଦର୍ଶନକୁ ନେଇ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର୍) ପକ୍ଷରୁ ରିପୋର୍ଟ ପ୍ରକାଶ ପାଇଛି।

ବୁଧବାର ପ୍ରକାଶିତ ଏହି ରିପୋର୍ଟ ଅନୁଯାୟୀ ମୋଟ ୩୧୨ ଦିନ ଗୃହକାର୍ଯ୍ୟ ଚାଲିଛି ଏବଂ ଏମ୍‌ପିମାନେ ହାରାହାରି ୨୨୧ ଦିନ ଉପସ୍ଥିତ ରହିଛନ୍ତି। ସେମାନେ ପଚାରିଥିବା ହାରାହାରି ପ୍ରଶ୍ନ ସଂଖ୍ୟା ୨୫୧ ବୋଲି ରିପୋର୍ଟରେ ଦର୍ଶାଯାଇଛି। ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଏମ୍‌ପି ସୁପ୍ରିୟା ସୁଲେ ସର୍ବାଧିକ ୧୧୮୧ଟି ପ୍ରଶ୍ନ ପଚାରିଛନ୍ତି। ଦଳୀୟ ଦୃଷ୍ଟିରୁ ଦେଖିଲେ ଶିବସେନାର ୧୮ଜଣ ଏମ୍‌ପି ସର୍ବାଧିକ ପ୍ରଶ୍ନ ପଚାରିଛନ୍ତି। ସେମାନଙ୍କ ହାରାହାରି ପ୍ରଶ୍ନସଂଖ୍ୟା ୬୩୯। ଅନ୍ୟପକ୍ଷରେ ନ୍ୟାଶନାଲ ପିପୁଲ୍ସ ପାର୍ଟି (ଏନ୍‌ପିପି)ର ୨ ଜଣ ଏମ୍‌ପି ସର୍ବନିମ୍ନ ହାରାହାରି ୧୦ଟି ପ୍ରଶ୍ନ ପଚାରିଛନ୍ତି। ରାଜ୍ୟ ଭିତ୍ତିରେ ଦେଖିଲେ ମହାରାଷ୍ଟ୍ରର ଏମ୍‌ପିମାନେ ସର୍ବାଧିକ ହାରାହାରି ୫୩୪ ଏବଂ ନାଗାଲାଣ୍ଡ ସାଂସଦ ସର୍ବନିମ୍ନ ହାରାହାରି ୧୨ଟି ପ୍ରଶ୍ନ ପଚାରିଛନ୍ତି। ଦିଲ୍ଲୀର ୭ ଏମ୍‌ପି ଷୋଡ଼ଶ ଲୋକ ସଭାରେ ସର୍ବାଧିକ ଦିନ ଉପସ୍ଥିତ ରହିଛନ୍ତି। ସେମାନଙ୍କ ହାରାହାରି ଉପସ୍ଥିତି ୨୮୯ ଦିନ ରହିଛି। ସେହିପରି ନାଗାଲାଣ୍ଡର ୨ ଏମ୍‌ପି ସର୍ବନିମ୍ନ ୮୮ ଦିନ ଗୃହରେ ଉପସ୍ଥିତ ରହିଛନ୍ତି। ଦଳ ଦୃଷ୍ଟିରୁ ଦେଖିଲେ ଇଣ୍ଡିଆନ ନ୍ୟାଶନାଲ ଲୋକ ଦଳ (ଆଇଏନ୍ଏଲ୍‌ଡି)ର ଦୁଇ ଏମ୍‌ପି ହାରାହାରି ୨୭୪ ଦିନ ଗୃହରେ ଉପସ୍ଥିତ ରହିଛନ୍ତି, ଯାହାକି ସର୍ବାଧିକ। ସେହିପରି ଏନ୍‌ପିପିର ୨ ଏମ୍‌ପି ସର୍ବନିମ୍ନ ୮୫ ଦିନ ଉପସ୍ଥିତ ଥିବା ଉକ୍ତ ରିପୋର୍ଟରୁ ଜଣାପଡ଼ିଛି।

ADR
Association for Democratic Reforms

**ସୁପ୍ରିୟା ସୁଲେ ପଚାରିଛନ୍ତି ସର୍ବାଧିକ ୧୧୮୧ ପ୍ରଶ୍ନ**

ଧରିତ୍ରୀ DHARITRI
ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୨୮, ୨୦୧୯





ବାଲେଶ୍ୱର ଜିଲା ଜଳେଶ୍ୱର ମଧ୍ୟ ଦେଇ ଯାଇଥିବା ୬୦ ନଂ. ଜାତୀୟ ରାଜପଥ ଜମାଲପୁର ଓ ଚାଲନ୍ତୀ ବାଇପାସ୍ ମଧ୍ୟରେ ପଶ୍ଚିମବଙ୍ଗ ରାଜ୍ୟ ପଟୁ ଓଡ଼ିଶା ଆଡ଼କୁ ଭୋର ପ୍ରାୟ ସାଢ଼େ ୪ ଟାରେ ଯାଉଥିବା ଏକ କେମିକାଲ ବୋଝେଇ ଟ୍ୟାଙ୍କର୍ ଆଗ ଚକ ଫାଟି ଯିବାରୁ ଉକ୍ତ ଟ୍ୟାଙ୍କରଟି ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଚାଷ ଜମିରେ ଓଲଟି ପଡ଼ିଥିଲା । ଟ୍ୟାଙ୍କରରେ ଥିବା ତରଳ କେମିକାଲ ଲିକେଜ ହେବା ଫଳରେ ସମ୍ପୂର୍ଣ୍ଣ ଭାବେ ଜଳି ଯାଇଥିଲା ।




## ସଂକ୍ଷେପରେ

### ରବିବାର ବ୍ୟାଙ୍କ ଖୋଲା ରହିବ

**ନୂଆଦିଲ୍ଲୀ,୨୭।୩:** ଆସନ୍ତା ରବିବାର ଅର୍ଥାତ୍ ମାର୍ଚ୍ଚ ୩୧ରେ ନେଣଦେଣ କରୁଥିବା ସମସ୍ତ ବ୍ୟାଙ୍କ ଖୋଲା ରହିବ। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ପକ୍ଷରୁ ଏ ସମ୍ପର୍କରେ ସମସ୍ତ ବ୍ୟାଙ୍କକୁ ଏକ ନିର୍ଦ୍ଦେଶ ଜାରି କରାଯାଇଛି। ଚଳିତ ଆର୍ଥିକ ବର୍ଷର ଶେଷ ଦିନ ଅର୍ଥାତ୍ ମାର୍ଚ୍ଚ ୩୧ ରବିବାର ପଡୁଥିବାରୁ ଏହି ଦିନ ବ୍ୟାଙ୍କ ଖୋଲା ରଖିବାକୁ ଆର୍‌ବିଆଇ ନିଷ୍ପତ୍ତି ନେଇଛି। କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଏକ ସର୍କୁଲାର ଜାରି କରି କୁହାଯାଇଛି ଯେ, ଆସନ୍ତା ୩୧ ରବିବାର ସରକାରୀ ବ୍ୟବସାୟ କରୁଥିବା ସମସ୍ତ ବ୍ୟାଙ୍କ ଏବଂ ଏହାର ସମସ୍ତ ଶାଖା ଖୋଲା ରହିବ। ସେହିପରି ସମସ୍ତ ଶାଖାରେ ସରକାରୀ ନେଣଦେଣ ଲାଗି ମାର୍ଚ୍ଚ ୩୦ରେ ସନ୍ଧ୍ୟା ୮ଟା ଯାଏ ଏବଂ ମାର୍ଚ୍ଚ ୩୧ରେ ସନ୍ଧ୍ୟା ୬ଟା ଯାଏ ବ୍ୟାଙ୍କ ଖୋଲା ରହିବ। ଏଥିରେ କୁହାଯାଇଛି ଯେ, ଆର୍‌ଟିଜିଏସ୍ ଓ ଏନ୍‌ଇଏଫ୍‌ଟି ସହିତ ସମସ୍ତ ପ୍ରକାର ଇଲେକ୍ଟ୍ରୋନିକ କାରବାର ମଧ୍ୟ ୩୦ ଓ ୩୧ରେ ବର୍ଦ୍ଧିତ ସମୟ ପର୍ଯ୍ୟନ୍ତ ଚାଲୁ ରହିବ।

NECC NATIONAL EGG CO-ORDINATION COMMITTEE — 27.03.2019 — Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 95 | 152 | 162 |
| CTC | 95 | 152 | 162 |
| DKL | 94 | 150 | 160 |
| BDK | 97 | 154 | 164 |
| BLS | 97 | 154 | 164 |
| ANG | 95 | 152 | 162 |

*Conditions Apply
**Eggs Retail Price- 42/-Dozen**
Issued in the Interest of Consumers




# ବିଧାୟକ କେ. ସୂରିୟା ରାଓଙ୍କୁ ଆଗୁଆ ଜାମିନ

### ପାରଳା ଗଣ ମୃତ୍ୟୁ ମାମଲା

କଟକ ଅଫିସ, ୨୭।୩

୨୦୧୬ରେ ପାରଳାଖେମୁଣ୍ଡି ରାଜପ୍ରାସାଦ ଭିତରେ ଘଟିଥିବା ବହୁଚର୍ଚ୍ଚିତ ଗଣମୃତ୍ୟୁ ମାମଲାରେ ପାରଳାଖେମୁଣ୍ଡି ବିଧାୟକ ତଥା କଂଗ୍ରେସ ପ୍ରାର୍ଥୀ କେ. ସୂରିୟା ରାଓ ଏବଂ ଭାଜପା ନେତା କେ. ରାବଣାଙ୍କୁ ହାଇକୋର୍ଟରୁ ଆଗୁଆ ଜାମିନ ମିଳିଛି। ଉଭୟେ ପୋଲିସ ନିକଟରେ ବେଲ୍‌ବଣ୍ଡ ଦାଖଲ କରି ଜାମିନରେ ଯିବେ ବୋଲି ବିଚାରପତି ଜଷ୍ଟିସ ଏସ୍.କେ. ମିଶ୍ର ବୁଧବାର ଆଦେଶ ଦେଇଛନ୍ତି। ସୂଚନାଥାଉ କି, ୨୦୧୬ ଅଗଷ୍ଟ ୨୧ ତାରିଖରେ ଏହି ଚାଞ୍ଚଲ୍ୟକର ଘଟଣା ଘଟିଥିଲା। ପାରଳା ମହାରାଜାଙ୍କୁ ବନ୍ଦୀ ରଖିଥିବା ନେଇ ରାଜପ୍ରାସାଦର ପରିଚାଳକ ଓ ତାଙ୍କ ପରିବାର ଲୋକଙ୍କ ନାମରେ ଅଭିଯୋଗ ହୋଇଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ବିକ୍ଷୋଭ ଓ ପ୍ରତିବାଦ କରାଯାଇଥିଲା। ଉକ୍ତ ଘଟଣାରେ ଅପମାନବୋଧ କରି ପରିଚାଳକ ଅନଙ୍ଗ ମଞ୍ଜରୀ ପାତ୍ର ଓ ତାଙ୍କ ସମ୍ପର୍କୀୟ ବିଜୟଲକ୍ଷ୍ମୀ ପାତ୍ର, ସଞ୍ଜୟ ପାତ୍ର ଆତ୍ମହତ୍ୟା କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ପରେ ଏହି ଘଟଣାରେ ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସାଧିନ ଥିବା ଅନ୍ୟ ଜଣଙ୍କ ମୃତ୍ୟୁ ଘଟିଥିଲା। ସରକାରଙ୍କ ନିର୍ଦ୍ଦେଶକ୍ରମେ ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରାଯାଇଥିଲା। କ୍ରାଇମବ୍ରାଞ୍ଚ ତଦନ୍ତ କରି ବିଧାୟକ ରାଓ ଏବଂ କେ. ରାବଣାଙ୍କ ସମେତ ୩ ଜଣଙ୍କ ବିରୋଧରେ ଏତଲା ଦାଏର କରିଥିଲା।




# ଜିଆଇଏଏ ପାଇବେ ସତ୍ୟ ମହାରଣା

ବ୍ରହ୍ମପୁର ଅଫିସ,୨୭।୩

କାଠ, ଚକ ଓ ସାବୁନରେ କ୍ଷୁଦ୍ର ତଥା ଚମତ୍କୃତ କଳାକୃତି କରି ବିଶ୍ୱସ୍ତରରେ ଏକାଧିକ ରେକର୍ଡ ସୃଷ୍ଟି କରିଥିବା ବ୍ରହ୍ମପୁରର ଶିଳ୍ପୀ ସତ୍ୟ ମହାରଣା ୫ମ ଜିନିୟସ ଇଣ୍ଡିଆନ ଆଚିଭର୍ସ ଆୱାର୍ଡ (ଜିଆଇଏଏ) ପାଇଁ ମନୋନୀତ ହୋଇଛନ୍ତି। ଏଥିପାଇଁ ଜିନିୟସ ଫାଉଣ୍ଡେଶନ ଓ ୱାର୍ଲ୍ଡ ରେକର୍ଡ ସେକ୍ଟର ଅଫ ଇଣ୍ଡିଆ ପକ୍ଷରୁ ଭାରତ ଓ ଭାରତ ବାହାରୁ ୫୦ ରେକର୍ଡଧାରୀଙ୍କ ଚୟନ କରାଯାଇଥିବା ବେଳେ ଓଡିଶାରୁ ଏକମାତ୍ର ରେକର୍ଡଧାରୀ ଭାବେ ସତ୍ୟ ଚୟନ ହୋଇଛନ୍ତି। ମେ ୧୨ତାରିଖରେ ମୁମ୍ବାଇରେ ଆୟୋଜିତ ହେବାକୁ ଥିବା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କୁ ଏହି ଆୱାର୍ଡ ପ୍ରଦାନ କରାଯିବା ନେଇ ଫାଉଣ୍ଡେଶନ ପକ୍ଷରୁ ସୂଚନା ମିଳିଥିବା ସତ୍ୟ କହିଛନ୍ତି । ଗତ ରଥଯାତ୍ରା ଅବସରରେ ସେ ନିର୍ମାଣ କରିଥିବା ୪.୫ ଇଞ୍ଚ ଉଚ୍ଚତାର ବିଶ୍ୱର ସବୁଠାରୁ ଛୋଟ ରଥର ଚକରେ ନିର୍ମିତ ୩ ଏମ୍‌ଏମ୍ ଉଚ୍ଚତାର କ୍ଷୁଦ୍ର ଗଣେଶ କଳାକୃତି ପାଇଁ ଏହି ଆୱାଡ ପ୍ରଦାନ କରାଯାଉଥିବା ସେ ସୂଚାଇଛନ୍ତି। ସୂଚନାଯୋଗ୍ୟ, ସୋରଡାରେ ଜନ୍ମିତ ଶିଳ୍ପୀ ସତ୍ୟ ଏଥିପୂର୍ବରୁ ୨୦୧୭ ନଭେମ୍ବର ୧୨ରେ ଦିଲ୍ଲୀରେ ଇଣ୍ଡିଆ ବୁକ ଅଫ୍ ରେକର୍ଡ ୱାଲ୍ଡ ଷ୍ଟେଜ କାର୍ଯ୍ୟକ୍ରମରେ ବିଶ୍ୱର ୧୦୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇ ସମ୍ମାନିତ ହୋଇସାରିଛନ୍ତି। ଏହାବ୍ୟତୀତ କାଠ, ଚକ ଓ ସାବୁନରେ ବିଶ୍ୱର ବହୁ କ୍ଷୁଦ୍ର ଓ ଆକର୍ଷଣୀୟ କଳାକୃତି କରି ରେକର୍ଡ ସେକ୍ଟର, ଇଣ୍ଡିଆ ବୁକ ଅଫ ରେକର୍ଡ, ଏସିଆ ବୁକ ଅଫ ରେକର୍ଡ, ଗ୍ଲୋବାଲ ବୁକ ଅଫ ରେକର୍ଡ୍ସରେ ନିଜ ନାମକୁ ସ୍ଥାନିତ କରି ବିଶ୍ୱସ୍ତରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ନିଜର ବାଲୁକା କଳା ପାଇଁ ମଧ୍ୟ ସେ ବହୁବାର ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବରେ ଭାଗ ନେବାର ସୁଯୋଗ ପାଇଛନ୍ତି। ତେବେ ଏହି ପୁରସ୍କାର ପାଇଁ ସତ୍ୟଙ୍କୁ ବହୁ ଅନୁଷ୍ଠାନ ତଥା ସମ୍ପର୍କୀୟମାନେ ଶୁଭେଚ୍ଛା ଜଣାଇଛନ୍ତି ।


ଶିଳ୍ପୀ ସତ୍ୟ ମହାରଣା ।




### ପୂର୍ବତନ ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ରଙ୍କ ହତ୍ୟା ଘଟଣା

# କଟା ହାତ ଜବତ, ଧକୋଠା ବଜାର ବନ୍ଦ


ଧକୋଠା ବଜାର ବନ୍ଦ ରହିଛି।

ଆନନ୍ଦପୁର, ୨୭।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ୨୦୧୪ରେ ବିଧାନସଭା ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିବା ରାମଚନ୍ଦ୍ର ବେହେରା ହତ୍ୟା ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବୁଧବାର ଘସିପୁରା ଥାନା ଧକୋଠା ବଜାର ବନ୍ଦ ରହିଥିଲା। ଉକ୍ତ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି। ରାମଚନ୍ଦ୍ରଙ୍କ ଘରେ କେନ୍ଦୁଝର ଏସ୍‌ପି ଜୟନାରାୟଣ ପଙ୍କଜ ଉପସ୍ଥିତ ରହି ପରିବାରବର୍ଗଙ୍କୁ ହତ୍ୟାକାଣ୍ଡ ସମ୍ପର୍କରେ ପଚରାଉଚରା କରିଛନ୍ତି। ଗିରଫ ଅଭିଯୁକ୍ତଙ୍କୁ ପଚରାଉଚରା ପରେ ଦୁର୍ବୃତ୍ତମାନେ କାଟି ନେଇଥିବା କଟା ହାତକୁ ଘସିପୁରା ପୋଲିସ ଧକୋଠା ଗ୍ରାମର ଏକ ପୋଖରୀ ନିକଟରୁ ଜବତ କରିଛି। ଏବେ ବି ଅନ୍ୟ ଅଭିଯୁକ୍ତମାନେ ଫେରାର ଅଛନ୍ତି। ଦୁର୍ବୃତ୍ତମାନେ ରାମଚନ୍ଦ୍ରଙ୍କୁ କ'ଣ ପାଇଁ ହତ୍ୟା କଲେ ତାହାର କାରଣ ଖୋଜୁଛି ପୋଲିସ।

ମଙ୍ଗଳବାର ଆନନ୍ଦପୁର ଏସ୍‌ଡିପିଓ ବିଦ୍ୟୁତ୍ ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆଇଆଇସି ବିରଞ୍ଚି ବାଗ୍ ଓ ପୋଲିସ ଫୋର୍ସଙ୍କ ତନଘନା ପରେ ହତ୍ୟାକାରୀମାନେ ବ୍ୟବହାର କରିଥିବା ଗୋଟିଏ ଟାଙ୍ଗିଆ, ଗୋଟିଏ କଟୁରି ଓ ଗୋଟିଏ ବାଇକ୍ ଜବତ ହୋଇଛି। ପୂର୍ବରୁ ପୋଲିସ ଏକ ଭୁଜାଲି ଓ ଏକ ଖଣ୍ଡା ଜବତ କରିଥିଲା। ଏସ୍‌ପିଙ୍କ ନେତୃତ୍ୱରେ ହତ୍ୟାକାଣ୍ଡର ତଦନ୍ତ କାର୍ଯ୍ୟ ଜୋର ଧରିଛି। ରାମଚନ୍ଦ୍ରଙ୍କ ଘର ଆଗରେ ପୋଲିସ ଫୋର୍ସ ମୁତୟନ ହୋଇଛି। ଅନ୍ୟମାନଙ୍କୁ ଗିରଫ କରି କଠୋର ଦଣ୍ଡ ଦେବା ପାଇଁ ରାମଚନ୍ଦ୍ରଙ୍କ ଝିଅ ମୀନାରାଣୀ ବେହେରା ଦାବି କରିଛନ୍ତି। ଏପରିକି ହତ୍ୟାକାଣ୍ଡର ସିବିଆଇ ତଦନ୍ତ କରାଯାଉ ବୋଲି ମୀନାରାଣୀ ଦାବି କରିଛନ୍ତି।






## ଭାଜପା ଜିଲା ସଭାପତିଙ୍କ ବିରୋଧରେ ଗିରଫ ପରୱାନା

**କେନ୍ଦୁଝର,୨୭।୩(ସ୍ୱ.ପ୍ର.):** କେନ୍ଦୁଝର ଜିଲା ଭାଜପା ସଭାପତି ରାଧାକାନ୍ତ ମହାନ୍ତଙ୍କ ବିରୋଧରେ ଗିରଫ ପରୱାନା ଜାରି ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏ ନେଇ ଭାଜପାରେ ଅସନ୍ତୋଷ ଦେଖାଦେଇଛି। ଶାନ୍ତି ଭଙ୍ଗ କରିବା ଆଶଙ୍କା କରି ତହସିଲଦାର ତଥା ଏକ୍ଜିକ୍ୟୁଟିଭ ମାଜିଷ୍ଟ୍ରେଟ, ପାଟଣା ପକ୍ଷରୁ ଏହି ପରୱାନା ଜାରି କରିଥିବା ଜଣାପଡିଛି। ଏ ନେଇ ରାଧାକାନ୍ତ କହିଛନ୍ତି ଯେ, ଏଭଳି ଆଦେଶ ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ। ଏ ନେଇ ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟଙ୍କୁ ସେ ଜଣାଇଛନ୍ତି।

ଉପହାର ନୁହେଁ, ନିର୍ଭୀକ ଖବର ଚାହେଁ।
ମୁଁ ବି ଧରିତ୍ରୀ DHARITRI ପଢ଼େ।
#SayYesToJournalism #SayNoToBribe



## ସଂକ୍ଷେପରେ

### ଆସନ୍ତା ୪ରେ ଆସିବେ ରାହୁଲ

**ଭୁବନେଶ୍ୱର,୨୭।୩ (ବ୍ୟୁରୋ):** ଭାଜପା ନିଜ ଷ୍ଟାର ପ୍ରଚାରକ ତାଲିକାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଦଳର ରାଷ୍ଟ୍ରୀୟ ସଭାପତି ଅମିତ ଶାହଙ୍କୁ ରଖିଛି। ସେହିପରି ତାଲିକାରେ କେନ୍ଦ୍ରର ଆହୁରି ଅନେକ ହେଭିୱେଟ୍‌ଙ୍କୁ ମଧ୍ୟ ରଖିଛି। ଆସନ୍ତା ୨୯ ଓ ୨ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଆସୁଥିବା ବେଳେ ୧ରେ ଶାହ ଆସିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ସେହିକ୍ରମରେ କଂଗ୍ରେସ ମଧ୍ୟ ଆସନ୍ତା ୪ରୁ କେନ୍ଦ୍ରୀୟ ନେତାଙ୍କୁ ଆଣି ପ୍ରଚାର କାର୍ଯ୍ୟ ଆରମ୍ଭ କରିବାକୁ ଯାଉଛି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ୪ତାରିଖରେ ଓଡ଼ିଶା ଆସିବେ ବୋଲି ଦଳର ଭୁବନେଶ୍ୱର ଜିଲା ସଭାପତି ମାନସ ଚୌଧୁରୀ ସୂଚନା ଦେଇଛନ୍ତି। ରାହୁଲ ଦିନିକିଆ ବ୍ରହ୍ମପୁର ଗସ୍ତରେ ଆସିବେ। ବ୍ରହ୍ମପୁରଠାରେ ଆୟୋଜିତ ସାଧାରଣ ସଭାରେ ରାହୁଲ ଯୋଗଦେବା ସହିତ ନିର୍ବାଚନୀ ରାଲି କରିବେ ବୋଲି ଜଣାପଡିଛି।

## ବିଜେଡିର ୪ର୍ଥ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା

### ଲୋକ ସଭା




### ବିଧାନ ସଭା

| | | | |
|---|---|---|---|
| ରେମୁଣା | ସୁଧାଂଶୁ ଶେଖର ପରିଡ଼ା | ଭଣ୍ଡାରିପୋଖରୀ | ପ୍ରଫୁଲ୍ଲ ସାମଲ |
| ବିଞ୍ଝାରପୁର | ପ୍ରମିଳା ମଲ୍ଲିକ | ବାଙ୍କୀ | ଦେବୀରଞ୍ଜନ ତ୍ରିପାଠୀ |
| ମହାକାଳପଡ଼ା | ଅତନୁ ସବ୍ୟସାଚୀ ନାୟକ | କଟକ–ଚୌଦ୍ୱାର | ସୌଭିକ ବିଶ୍ୱାଳ |
| ଚାନ୍ଦବାଲି | ବ୍ୟୋମକେଶ ରାୟ | ଆଠଗଡ଼ | ରଣେନ୍ଦ୍ର ପ୍ରତାପ ସ୍ୱାଇଁ |
| ସିମୁଳିଆ | ଜ୍ୟୋତିପ୍ରକାଶ ପାଣିଗ୍ରାହୀ | ବଡ଼ମ୍ବା– ନରସିଂହପୁର | ଦେବୀ ପ୍ରସାଦ ମିଶ୍ର |
| ଧର୍ମଶାଳା | ପ୍ରଣବ କୁମାର ବଳବନ୍ତରାୟ | ହିନ୍ଦୋଳ | ସୀମାରାଣୀ ନାୟକ |
| ସୁକିନ୍ଦା | ପ୍ରୀତିରଞ୍ଜନ ଘଡ଼େଇ | ଅନୁଗୋଳ | ରଜନୀକାନ୍ତ ସିଂହ |
| ପାଟକୁରା | ବେଦପ୍ରକାଶ ଅଗ୍ରୱାଲା | ଛେଣ୍ଡିପଦା | ସୁଶାନ୍ତ କୁମାର ବେହେରା |
| ଆଳି | ପ୍ରତାପ କେଶରୀ ଦେବ | ଢେଙ୍କାନାଳ | ସୁଧୀର କୁମାର ସାମଲ |
| ମାହାଙ୍ଗା | ପ୍ରତାପ ଜେନା | କାମାକ୍ଷାନଗର | ପ୍ରଫୁଲ୍ଲ ମଲ୍ଲିକ |
| ସାଲେପୁର | ପ୍ରଶାନ୍ତ ବେହେରା | ପରଜଙ୍ଗ | ନୃସିଂହ ଚରଣ ସାହୁ |
| ବାସୁଦେବପୁର | ବିଷ୍ଣୁବ୍ରତ ରାଉତରାୟ | ତାଳଚେର | ବ୍ରଜ କିଶୋର ପ୍ରଧାନ |
| ଘସିପୁରା | ବଦ୍ରି ନାରାୟଣ ପାତ୍ର | କୁଚିଣ୍ଡା | କିଶୋର ଚନ୍ଦ୍ର ନାୟକ |
| ପାଟଣା | ଜଗନ୍ନାଥ ନାଏକ | ବ୍ରହ୍ମଗିରି | ସଞ୍ଜୟ କୁମାର ଦାସବର୍ମା |
| କେନ୍ଦୁଝର | ମାଧବ ସର୍ଦ୍ଦାର | ସତ୍ୟବାଦୀ | ଉମାକାନ୍ତ ସାମନ୍ତରାୟ |
| ତେଲକୋଇ | ପ୍ରେମାନନ୍ଦ ନାଏକ | ଏକାମ୍ର ଭୁବନେଶ୍ୱର | ଅଶୋକ ଚନ୍ଦ୍ର ପଣ୍ଡା |
| କରଞ୍ଜିଆ | ବାସନ୍ତୀ ହେମ୍ବ୍ରମ | ରଣପୁର | ସତ୍ୟନାରାୟଣ ପ୍ରଧାନ |
| ଭୋଗରାଇ | ଅନନ୍ତ ଦାସ | ନୟାଗଡ଼ | ଅରୁଣ ସାହୁ |

# କଂଗ୍ରେସରେ ବାପ, ପୁଅଙ୍କୁ ଟିକେଟ

**ଭୁବନେଶ୍ୱର,୨୭।୩ (ବ୍ୟୁରୋ)**

- ଟଙ୍କା ନେଇ ଟିକେଟ ବିକ୍ରି ଅଭିଯୋଗ
- ଦଳରୁ ଇସ୍ତଫା ଦେଲେ ଜାକବ ଓ ୩ ପୂର୍ବତନ ବିଧାୟକ

କଂଗ୍ରେସ ଟିକେଟ ବଣ୍ଟନରେ ଅନିୟମିତତା ହୋଇଛି। ଟଙ୍କା ନେଇ ଟିକେଟ ଦିଆଯାଇଛି। ଦୀର୍ଘ ୪୦ବର୍ଷ ଧରି ଛାତ୍ର ଜୀବନରୁ କଂଗ୍ରେସ ସହ ଜଡ଼ିତ ଥିବା ନେତାଙ୍କୁ ବାଦ୍ ଦିଆଯାଇ ଅଣକଂଗ୍ରେସ ଲୋକଙ୍କୁ ଟିକେଟ ମିଳୁଛି ବୋଲି ଅଭିଯୋଗ ଆସିଛି। ଏହାସହ ଅଧିକାଂଶ ସ୍ଥାନରେ ବାପ, ପୁଅଙ୍କୁ ମଧ୍ୟ ଟିକେଟ ଦେବା ଲାଗି ଦଳର ପୁରୁଣା ନେତାଙ୍କୁ ଅବହେଳା କରାଯାଉଥିବା ବହୁ ନେତା ଅଭିଯୋଗ ଉଠାଇଛନ୍ତି। କିଛିଦିନ ତଳେ ଦଳର ବରିଷ୍ଠ ନେତା ତଥା ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ମଧ୍ୟ ବାପ, ପୁଅଙ୍କୁ ଟିକେଟ ମିଳିବା ନେଇ ଅଭିଯୋଗ ଉଠାଇଥିଲେ।

ଜୁନାଗଡ଼ର ପୂର୍ବତନ ବିଧାୟକ ଗୋବର୍ଦ୍ଧନ ଦାସ କହିଛନ୍ତି, କଂଗ୍ରେସ ଟିକେଟ ଖଣି ମାଫିଆମାନଙ୍କୁ ବିକ୍ରିକରି ଦିଆଯାଇଛି। ଅଣକଂଗ୍ରେସ ଲୋକଙ୍କୁ ବର୍ତ୍ତମାନ ଟିକେଟ ମିଳୁଛି। ନିରଞ୍ଜନ ପଟ୍ଟନାୟକଙ୍କଠାରୁ ବହୁତ କିଛି ଆଶା କରାଯାଉଥିଲା। କିନ୍ତୁ ସେ ସଙ୍ଗଠନକୁ ଅଧିକ କ୍ଷତି କରିଛନ୍ତି। ଦଳର ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂ ଏବଂ ନିରଞ୍ଜନ ଗୋଟିଏ ପରିବାରର ଜଣଙ୍କୁ ଟିକେଟ ମିଳିବ ବୋଲି କହିଥିଲେ। ମାତ୍ର କଂଗ୍ରେସ ବର୍ତ୍ତମାନ ପରିବାର ପିଛା ଦୁଇଟା ଲେଖା ଟିକେଟ ଦେଇଛି। ଏହାକୁ ବିରୋଧ କରି ଇସ୍ତଫା ଦେବାକୁ ଆସିଛୁ। ଆସନ୍ତା ନିର୍ବାଚନରେ କଂଗ୍ରେସକୁ ସହଯୋଗ କରିବାର ପ୍ରଶ୍ନ ଉଠୁନାହିଁ ବୋଲି ଗୋବର୍ଦ୍ଧନ କହିଛନ୍ତି।

ବୁଧବାର କଳାହାଣ୍ଡି ଜିଲାର ୩ଜଣ ପୂର୍ବତନ ବିଧାୟକ ଦଳରୁ ଇସ୍ତଫା ଦେଇଛନ୍ତି। ଟିକେଟ ନ ମିଳିବା ପରେ ନେତାମାନେ ଇସ୍ତଫା ଦେଇଥିବା କହିଛନ୍ତି। ଅନ୍ୟପଟେ କେତେଜଣ ଖଣି ମାଫିଆଙ୍କୁ ଏଥର ଟିକେଟ ବିକ୍ରି କରାଯାଇଥିବା ମଧ୍ୟ ଅଭିଯୋଗ ଉଠିଛି। ଜୁନାଗଡର ପୂର୍ବତନ ବିଧାୟକ ଗୋବର୍ଦ୍ଧନ ଦାସ, ନର୍ଲାର ପୂର୍ବତନ ବିଧାୟକ କୁମର ମଣି ସବର ଏବଂ ଧର୍ମଗଡ ପୂର୍ବତନ ବିଧାୟକ ଯୁଗରାମ ବେହେରା ଦଳର ପ୍ରାଥମିକ ସଦସ୍ୟତା ପଦରୁ ଇସ୍ତଫା ଦେଇଛନ୍ତି। ଏହି ୩ ନେତାଙ୍କ ସମର୍ଥକମାନେ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ପହଞ୍ଚି ହୋହଲ୍ଲା କରିବା ସହ ଟିକେଟ ବଣ୍ଟନରେ ଅନିୟମିତତା ହୋଇଥିବା ଅଭିଯୋଗ କରିଛନ୍ତି। ଏହି ନେତାମାନେ କଂଗ୍ରେସ କାର୍ଯ୍ୟାଳୟ ବାହାରେ ରହି ଅଭିଯୋଗ କରିବା ସହ ସେଠାରୁ ହିଁ ନିଜର ଇସ୍ତଫାପତ୍ର ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିକଟକୁ ପଠାଇ ଦେଇଛନ୍ତି। ସେହିପରି ତାଳଚେରରୁ ମଧ୍ୟ ବହୁ ଅସନ୍ତୁଷ୍ଟ ନେତା ଓ କର୍ମୀ ଆସି କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ନାରାବାଜି କରିଛନ୍ତି।

ସେହିପରି ନିରଞ୍ଜନ ରାଜ୍ୟ କଂଗ୍ରେସ ଦାୟିତ୍ୱ ନେବା ପରେ ୩ଜଣ ବିଧାୟକ ଦଳ ଛାଡିଥିଲେ। ସେହି ଧାରାରେ ବର୍ତ୍ତମାନ ଆଉ ଜଣେ ବିଧାୟକଙ୍କ ନାମ ଯୋଡି ହୋଇଯାଇଛି। ଟିକେଟରୁ ବଞ୍ଚିତ ହେବା ପରେ ଜି ଉଦୟଗିରି ବିଧାୟକ ଜାକବ ପ୍ରଧାନ କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। ଜାକବ ତାଙ୍କ ଇସ୍ତଫା ପତ୍ର କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ନିକଟକୁ ପଠାଇ ଦେଇଛନ୍ତି। ଅନ୍ୟପଟେ ଜାକବ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଛନ୍ତି। ତାଙ୍କ ସ୍ଥାନରେ ଦଳ ଶ୍ୟାମଘନ ପ୍ରଧାନଙ୍କୁ ପ୍ରାର୍ଥୀ କରିଛି। ଜାକବଙ୍କ ଟିକେଟ କଟିବା ପରେ ସେ ସ୍ୱାଧୀନଭାବେ ନିର୍ବାଚନ ଲଢିବେ ବୋଲି କହିଥିଲେ। ଏଥିଲାଗି ନିରଞ୍ଜନ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଚେତାବନୀ ଦେଇଥିଲେ। ଏହା ପୂର୍ବରୁ ଜାକବ ଦଳ ଚାଡିବା ସହ ଗୁରୁବାର ବିଧାୟକ ପଦରୁ ଇସ୍ତଫା ଦେବେ ବୋଲି ଜଣାପଡିଛି। ଅପରପକ୍ଷରେ ଆଉ କେତେକ ସ୍ଥାନରେ ଟିକେଟରୁ ବଞ୍ଚିତ ହେବାପରେ କେତେଜଣ ନେତା ସ୍ୱାଧୀନ ପ୍ରାର୍ଥୀଭାବେ ନିର୍ବାଚନ ଲଢୁଛନ୍ତି।

ଏ ସମ୍ପର୍କରେ ନିରଞ୍ଜନ କହିଛନ୍ତି, ପ୍ରତି ସ୍ଥାନରୁ ୨ରୁ ୩ଜଣ ଲେଖା ଯୋଗ୍ୟ ପ୍ରାର୍ଥୀ ଟିକେଟ ପାଇଁ ଆବେଦନ କରିଛନ୍ତି। ତା ମଧ୍ୟରୁ ଜଣଙ୍କୁ ଟିକେଟ ମିଳିବ। ଦଳ ଆସନ୍ତା ନିର୍ବାଚନରେ ଭଲ ପ୍ରଦର୍ଶନ କରିବାକୁ ଯାଉଛି। ତେଣୁ ଯେଉଁମାନେ ଟିକେଟ ନ ପାଇବେ ସେମାନେ ଅଭିମାନ ଓ ଅସନ୍ତୁଷ୍ଟ ହେବା ସ୍ୱାଭାବିକ। ଯେଉଁମାନେ ଦଳ ବିରୋଧରେ ଯିବେ ସେମାନଙ୍କୁ ଦଣ୍ଡ ମିଳିବ ବୋଲି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଦାସଙ୍କୁ ଲୋକ ସଭା ଟିକେଟ ଦିଆଯାଇଥିବା ବେଳେ ତାଙ୍କ ପୁଅ ସାଗର ଦାସଙ୍କୁ ବିଧାୟକ ଟିକେଟ ମିଳିଛି। ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କୁ ବଲାଙ୍ଗୀର ବିଧାନସଭା ଟିକେଟ ଓ ତାଙ୍କ ପୁଅ ସମରେନ୍ଦ୍ର ମିଶ୍ରଙ୍କୁ ଲୋକ ସଭା ଟିକେଟ ମିଳିଛି। ସେହିପରି ନିରଞ୍ଜନ ଓ ତାଙ୍କ ପୁଅଙ୍କୁ ଟିକେଟ ମିଳିବ ବୋଲି ସୂଚନା ମିଳୁଥିବା ବେଳେ ବରିଷ୍ଠ ନେତା ଅନନ୍ତ ସେଠୀ ଏବଂ ତାଙ୍କ ପୁଅ କୁମାର ଚିରଞ୍ଜୀବଙ୍କୁ ଟିକେଟ ମିଳିବାର ଯଥେଷ୍ଟ ସମ୍ଭାବନା ରହିଛି। ନିର୍ବାଚନ ପୂର୍ବରୁ ଗୋଟିଏ ପରିବାରରୁ ଦୁଇ ଜଣଙ୍କୁ ଟିକେଟ ମିଳିବ ନାହିଁ ବୋଲି ଦଳର ବରିଷ୍ଠ ନେତାମାନେ କହୁଥିଲେ। ମାତ୍ର ନିର୍ବାଚନ ବେଳେ ଏକାଧିକ ପରିବାରରେ ବାପ, ପୁଅଙ୍କୁ ଟିକେଟ ମିଳୁଛି। ତେଣୁ ଏଥିରେ ଦଳର ନେତା ଓ କର୍ମୀ ଅସନ୍ତୁଷ୍ଟ ହେବା ସ୍ୱାଭାବିକ ବୋଲି ଦଳର ବହୁ ବରିଷ୍ଠ ମତ ରଖିଛନ୍ତି।

## ବିଜେଡି ଟିକେଟ ବଣ୍ଟନ ସମ୍ପର୍କିତ ଭାଇରାଲ ଭିଡିଓକୁ ନେଇ ଚର୍ଚ୍ଚା

**ଭୁବନେଶ୍ୱର,୨୭।୩(ବ୍ୟୁରୋ)**

ବିଜୁ ଜନତା ଦଳ ଟିକେଟକୁ କେଉଁ ଆଧାରରେ ପ୍ରଦାନ କରାଯାଉଛି, ସେ ସମ୍ପର୍କିତ ଏକ ଭିଡିଓ ଭାଇରାଲ ହୋଇଛି। ଏହାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଭିଡିଓରେ ପ୍ରଦର୍ଶିତ ହେଉଥିବା ବ୍ୟକ୍ତି ଜଣଙ୍କ ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରାଙ୍କ ସହ ସାମଞ୍ଜସ୍ୟ ରହୁଛି। ହେଲେ ସେ ଏହି ଭିଡିଓରେ ଅଛନ୍ତି ନା ନାହିଁ, ସେ ନେଇ କୌଣସି ସ୍ପଷ୍ଟୋକ୍ତି ଦେଇନାହାନ୍ତି। ବିଜେଡି ମୁଖପାତ୍ର ସସ୍ମିତ ପାତ୍ର ମଧ୍ୟ ଏହି ଭାଇରାଲ ଭିଡିଓ ସତ୍ୟତାକୁ ନେଇ ପ୍ରଶ୍ନ ଉଠାଉଛନ୍ତି।

ବିଜେଡି ଟିକେଟ ବଣ୍ଟନ ପୂର୍ବରୁ ୫ଟା ଏନ୍‌ଜିଓ ଦ୍ୱାରା ସର୍ଭେ କରାଯାଉଛି। ଏହିପରି ଭାବେ ପାଖାପାଖି ୧୦ ଗୋଟି ସର୍ଭେ କରାଯାଇଛି। ୮ କିମ୍ବା ୯ଟି ସର୍ଭେରେ ଠିକ୍ ରହିଲେ ଟିକେଟ ମିଳୁଛି। ମନ୍ତ୍ରୀ ପ୍ରତାପ ଜେନା, ବିଧାୟକ ଦେବାଶିଷ ସାମନ୍ତରାୟ, ପ୍ରଣବ ପ୍ରକାଶ ଦାସ ଏବଂ ସଞ୍ଜୟ ଦାସବର୍ମାଙ୍କ ମଧ୍ୟରେ କିଛି ଜିଲା ଭାଗବଣ୍ଟାଯାଇଛି ବୋଲି ଭିଡିଓରେ ଥିବା ବ୍ୟକ୍ତିଜଣକ ପ୍ରକାଶ କରୁଛନ୍ତି। ସେହିପରି ଜିଲାପାଳ ଏବଂ ବିଡିଓଙ୍କ ସହମତି ମଧ୍ୟ ଦରକାର ରହୁଛି। ଟିକେଟ ବଣ୍ଟନ କ୍ଷେତ୍ରରେ କର୍ପୋରେଟ ଲବି କାର୍ଯ୍ୟ କରୁଥିବା ମଧ୍ୟ ପ୍ରକାଶ କରାଯାଇଛି। ସେହିପରି ଗତଥର ନିର୍ବାଚନରେ ବିଜେଡି ପକ୍ଷରୁ ୬୦ ଲକ୍ଷ ଟଙ୍କା ଏକାଧିକ କିସ୍ତିରେ ପ୍ରଦାନ କରାଯାଇଥିବା ସେହି ବ୍ୟକ୍ତି ଜଣଙ୍କ କହୁଛନ୍ତି। ଏହି ଭିଡିଓକୁ ନେଇ ବିରୋଧୀ କଂଗ୍ରେସ ଏବଂ ଭାଜପା ସରକାରଙ୍କୁ ସମାଲୋଚନା କରିଛି। ସରକାରୀ କଳର ଅପବ୍ୟବହାର ବିଜେଡି କରୁଛି ବୋଲି ପିସିସି ଗଣମାଧ୍ୟମ ପ୍ରମୁଖ ସତ୍ୟପ୍ରକାଶ ନାୟକ ଏବଂ ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି। ଏହି ଭିଡିଓରେ ଦେଖାଯାଉଥିବା ବ୍ୟକ୍ତି ଜଣଙ୍କ ବିଧାୟକ ସୁଶାନ୍ତ ବେହେରା କି ନୁହେଁ, ତାହାର ସତ୍ୟାସତ୍ୟ ପାଇଁ ତାଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ତାଙ୍କ ଫୋନ୍ ସୁଇଚ ଅଫ୍ ଥିଲା।

## ଭାଜପା ନେତା ଯାଉଥିବା କାର୍‌ରୁ ୫.୩୬ ଲକ୍ଷ ଟଙ୍କା ଜବତ

**ଦିଗପହଣ୍ଡି,୨୭।୩(ଡି.ଏନ.ଏ.)**


ଭାଜପା ନେତାମାନେ ଯାଉଥିବା ଗାଡ଼ିକୁ ଯାଞ୍ଚ କରାଯାଉଛି।

ଗଞ୍ଜାମ ଜିଲା ଦିଗପହଣ୍ଡି ପୁଞ୍ଜିକୟାଁ ଛକରେ ବୁଧବାର ଭାଜପା ନେତା ଯାଉଥିବା ଏକ କାରରୁ ୫ଲକ୍ଷ ୩୬ ହଜାର ଟଙ୍କା ଜବତ ହୋଇଛି। କାରରେ ଥିବା ଗଜପତି ଜିଲା ଭାଜପା ପ୍ରଭାରୀଙ୍କ ସମେତ ୫ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚରା ପରେ ଛାଡିଦେଇଛି। ପ୍ରାପ୍ତ ସୂଚନା ଆଧାରରେ ବ୍ରହ୍ମପୁରରୁ ମୋହନା ଅଭିମୁଖେ ଯାଉଥିବା ଏକ କାର୍ (ନଂ. ଓଆର୦୨ବିସି–୮୮୯୯)କୁ ପୁଞ୍ଜିକୟାଁ ଛକରେ ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଓ ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ପୋଲିସ ଅଟକାଇଥିଲା। ଦିଗପହଣ୍ଡି ବ୍ଲକ ନିର୍ବାଚନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଅଦ୍ୱୈତ କୁମାର ସ୍ୱାଇଁ, ଦିଗପହଣ୍ଡି ବ୍ଲକ ନିର୍ବାଚନ କାର୍ଯ୍ୟାଳୟ ଷ୍ଟାଟିଷ୍ଟିକ୍ସ ସର୍ଭେଲାନ୍ସ ଟିମ୍‌ର ଫ୍ଲାଇଂ ସ୍କ୍ୱାଡ ସଦସ୍ୟ ବ୍ଲକ ସହକାରୀ କୃଷି ଅଧିକାରୀ ପଦାରବିନ୍ଦ ସାହୁ, ଦକ୍ଷ ପ୍ରସାଦ ଆଚାର୍ଯ୍ୟ, ରାଜସ୍ୱ ନିରୀକ୍ଷକ ରତ୍ନାକର ସ୍ୱାଇଁଙ୍କ ଉପସ୍ଥିତିରେ ପୋଲିସ ଏଏସଆଇ ବି.ଲାଛମେୟା ରେଡ୍ଡୀ ଗାଡ଼ି ଯାଞ୍ଚ କରିଥିଲେ। ଯାଞ୍ଚବେଳେ ୨ଟି ଏୟାର ବ୍ୟାଗରେ ୫ଲକ୍ଷ ୩୬ ହଜାର ଟଙ୍କା ଥିବା ଜଣାପଡ଼ିଥିଲା। ପୋଲିସ ଗାଡ଼ିରେ ବସିଥିବା ଗଜପତି ଜିଲା ଭାଜପା ପ୍ରଭାରୀ ପବିତ୍ର ମୋହନ ଦାସ, ଗଞ୍ଜାମ ଜିଲା କାର୍ଯ୍ୟକର୍ତ୍ତା କୁଞ୍ଜ ବିହାରୀ ପାଣିଗ୍ରାହୀ, ଯାଜପୁର ଜିଲା ବଡଚଣା ଥାନା ଖଇରା ଗ୍ରାମର ହୃଷୀକେଶ ବାରିକ, ବିଶ୍ୱମୋହନ ଦାସ ଓ ଗାଡି ଚାଳକ ପବିତ୍ର ନାୟକଙ୍କୁ ଥାନାକୁ ନେଇଥିଲେ। ଟଙ୍କା ବ୍ୟାଗ ଥିବା କାରଟି ବ୍ରହ୍ମପୁରରୁ ଗଜପତି ଜିଲା ମୋହନା ଯାଉଥିବା ବେଳେ ଧରାପଡ଼ିଥିବା ବ୍ଲକ ନିର୍ବାଚନ ଅଧିକାରୀ ତଥା ତହସିଲଦାର ସ୍ୱାଇଁ ଜଣାଇଛନ୍ତି। ତାଙ୍କ ପରାମର୍ଶକ୍ରମେ ପଦାରବିନ୍ଦ ସାହୁ ଏନେଇ ଦିଗପହଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।


ରିଟର୍ନିଂ ଅଫିସରଙ୍କ ନିକଟରେ ଅଭିଯୋଗ କରାଯାଉଛି।

- ହିଞ୍ଜିଳି ବିଧାନସଭା ଆସନ

## ନବୀନଙ୍କ ନାମାଙ୍କନରେ ତ୍ରୁଟି ରହିଛି: ପୀତାମ୍ବର

**ଛତ୍ରପୁର,୨୭।୩(ଡି.ଏନ.ଏ.)**

**୯ ନାମାଙ୍କନପତ୍ର କାଏମ, ଜଣଙ୍କର ନାକଚ**

ଗଞ୍ଜାମ ଜିଲା ହିଞ୍ଜିଳି ବିଧାନସଭା ଆସନ ପାଇଁ ନବୀନ ପଟ୍ଟନାୟକ (ବିଜେଡି)ଙ୍କ ସମେତ ୯ ଜଣଙ୍କ ନାମାଙ୍କନପତ୍ର ବୁଧବାର ଯାଞ୍ଚ ପରେ କାଏମ ରହିଛି। ଅନ୍ୟମାନେ ହେଲେ ଭାଜପାର ପୀତାମ୍ବର ଆଚାର୍ଯ୍ୟ, ବିଏସ୍‌ପିର ଭାସ୍କର ଚୌଧୁରୀ, କଂଗ୍ରେସର ଶମ୍ଭୁ ପାଣିଗ୍ରାହୀ, ଏସୟୁସିଆଇ (ସି)ର ଡି. ତିରୁପତି ଦୋରା, ଆମ୍ବେଡକର ନ୍ୟାଶନାଲ କଂଗ୍ରେସର ରଞ୍ଜନ କୁମାର ଆପଟ, ସ୍ୱାଧୀନର ବାବୁଲା ସାହୁ, ସି. ଲକ୍ଷ୍ମୀ ଆଚାରୀ ଓ ସୁକାନ୍ତ କିଶୋର ପଣ୍ଡା। ଅପରପକ୍ଷରେ ରାମକୃଷ୍ଣ ପଣ୍ଡାଙ୍କ ନାମାଙ୍କନପତ୍ର ନାକଚ ହୋଇଯାଇଛି। ସେ ଦଳୀୟ ଟିକେଟ ଦାଖଲ କରି ନ ଥିଲେ। ଏଥିସହ ସେ ନାମାଙ୍କନ ପତ୍ର ଦାଖଲ ବେଳେ ତାଙ୍କର ୧୦ ଜଣ ପ୍ରସ୍ତାବକ ନ ଥିବାରୁ ନାମାଙ୍କନପତ୍ର ନାକଚ ହୋଇଯାଇଥିବା ଜଣାପଡିଛି। ନବୀନ ତାଙ୍କ ସତ୍ୟପାଠରେ ଠିକ୍ ସ୍ଥାନରେ ଦସ୍ତଖତ କରି ନ ଥିବା ଏବଂ କୋଇଲା ଦୁର୍ନୀତି ମାମଲାରେ ନବୀନଙ୍କୁ ସିବିଆଇ ଜେରା କରିଥିଲେ ହେଁ ସେ ସମ୍ପର୍କରେ ସେ ସତ୍ୟପାଠରେ ଉଲ୍ଲେଖ କରି ନ ଥିବା ଭାଜପା ପ୍ରାର୍ଥୀ ପୀତାମ୍ବର ଅଭିଯୋଗ କରିଛନ୍ତି। ବୁଧବାର ନାମାଙ୍କନପତ୍ର ଯାଞ୍ଚ ବେଳେ ରିଟର୍ନିଂ ଅଫିସର ତଥା ଡେପୁଟି କଲେକ୍ଟର ସଚ୍ଚିଦାନନ୍ଦ ନାୟକଙ୍କ ନିକଟରେ ଉପରୋକ୍ତ ଅଭିଯୋଗ ନେଇ ପୀତାମ୍ବର ଏକ ପିଟିଶନ ଦାଖଲ କରିଥିଲେ। ଉକ୍ତ ପିଟିଶନକୁ ରିଟର୍ନିଂ ଅଫିସର ଗ୍ରହଣ କରିଥିଲେ ହେଁ ଏହି ଅଭିଯୋଗକୁ ଖଣ୍ଡନ କରିବା ସହ ସନ୍ଦେହ ଥିଲେ କୋର୍ଟର ଆଶ୍ରୟ ନେବାକୁ ପୀତାମ୍ବରଙ୍କୁ ସେ ପରାମର୍ଶ ଦେଇଥିଲେ। ଏ ସମ୍ପର୍କରେ ନିର୍ବାଚନ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିବି ବୋଲି ପୀତାମ୍ବର ଗଣମାଧ୍ୟମକୁ କହିଛନ୍ତି। ୨୯ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିବସ ରହିଛି। ସେହିଦିନ ହିଁ ଅପରାହ୍ନରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ।

- ପ୍ରାର୍ଥୀ ତାଲିକା ଘୋଷଣାରେ କଂଗ୍ରେସ ପଛୁଆ

## ସିଇସି ବୈଠକ ଆଜି

**ନୂଆଦିଲ୍ଲୀ,୨୭।୩**

ଓଡ଼ିଶାରେ ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବା ଆସନଗୁଡ଼ିକ ପାଇଁ ପ୍ରାର୍ଥୀ ଚୟନ କରିବା ଲାଗି ନୂଆଦିଲ୍ଲୀରେ ଗୁରୁବାର ଅଲ୍ ଇଣ୍ଡିଆ କଂଗ୍ରେସ କମିଟି (ଏଆଇସିସି)ର କେନ୍ଦ୍ରୀୟ ନିର୍ବାଚନ କମିଟି (ସିଇସି) ବୈଠକ ବସିପାରେ।

ଉଭୟ ଲୋକ ସଭା ଓ ବିଧାନସଭା ନିର୍ବାଚନ ପାଇଁ ବିଜେଡି ଏବଂ ଭାଜପା ପକ୍ଷରୁ ପ୍ରାର୍ଥୀ ତାଲିକା ଘୋଷଣା ପରେ ଏହି କ୍ଷେତ୍ରରେ ପଛରେ ପଡ଼ିଯାଇଛି କଂଗ୍ରେସ। ଶାସକ ବିଜେଡି ୧୮ ଲୋକ ସଭା ଓ ୧୦୧ ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିସାରିଲାଣି। ସେହିପରି ଭାଜପା ମଧ୍ୟ ୧୭ ଲୋକ ସଭା ଓ ୧୩୨ ବିଧାନସଭା ଆସନ ପାଇଁ ଦଳୀୟ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରିସାରିଛି। ଦୁଇଟି ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବା ୮ ଲୋକ ସଭା ଓ ୯୧ ବିଧାନସଭା ଆସନ ପାଇଁ କଂଗ୍ରେସ ପକ୍ଷରୁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥିବାବେଳେ ଅବଶିଷ୍ଟ ନିର୍ବାଚନମଣ୍ଡଳୀ ପାଇଁ କସରତ ଶେଷ ହୋଇନାହିଁ। ଏଥିସକାଶେ କଂଗ୍ରେସ ପକ୍ଷରୁ କେଉଁ ଆସନରେ କାହାକୁ ଛିଡ଼ା କରାଯିବ ସେନେଇ ଗୁରୁବାର ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇପାରେ। ଓଡ଼ିଶାରେ ଏପ୍ରିଲ ୨୩ ଓ ୨୯ରେ ତୃତୀୟ ଏବଂ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ହେବ। ଉଭୟ ପର୍ଯ୍ୟାୟରେ ୬ ଲୋକ ସଭା ଓ ୪୨ ବିଧାସନଭା ଆସନରେ ଭୋଟଗ୍ରହଣ କରାଯିବ। ଏଥିଲାଗି କଂଗ୍ରେସ ଦୁଇ ତିନି ଦିନ ମଧ୍ୟରେ ଉଭୟ ପର୍ଯ୍ୟାୟ ନିର୍ବାଚନ ଲାଗି ପ୍ରାର୍ଥୀ ତାଲିକା ଘୋଷଣା କରିବ ବୋଲି ସୂତ୍ରରୁ ଜଣାପଡ଼ିଛି।

## ଦେଶର ୫ଶହ ସ୍ଥାନରେ ଲୋକଙ୍କ ସହ କଥା ହେବେ ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର,୨୭।୩ (ବ୍ୟୁରୋ)**

୨୦୧୪ ଲୋକ ସଭା ନିର୍ବାଚନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜକୁ ଦେଶର ପ୍ରଥମ ସେବକ ଏବଂ ଚୌକିଦାର ରୂପରେ ଅଭିହିତ କରିଛନ୍ତି। ପ୍ରଧାନମନ୍ତ୍ରୀ ୧୬ ମାର୍ଚ୍ଚରେ 'ମେଁ ଭି ଚୌକିଦାର' ଅଭିଯାନ ଆରମ୍ଭ କରିଥିଲେ। ଚୌକିଦାର ଶବ୍ଦକୁ ପରିଭାଷିତ କରି ପ୍ରଧାନମନ୍ତ୍ରୀ କହିଥିଲେ, ଯେଉଁମାନେ ଗରିବ, ଭ୍ରଷ୍ଟାଚାର ଏବଂ ଆତଙ୍କବାଦୀ ବିରୋଧରେ ଲଢ଼େଇ କରୁଛନ୍ତି ସେମାନେ ସମସ୍ତେ ଚୌକିଦାର। ଭାରତର ପ୍ରଗତି ପାଇଁ କଠିନ ପରିଶ୍ରମ କରୁଥିବା ଲୋକମାନେ ହିଁ ଚୌକିଦାର ଅଟନ୍ତି। ବର୍ତ୍ତମାନ ସମସ୍ତ ଭାରତୀୟ ନାଗରିକ କହୁଛନ୍ତି 'ମେଁ ଭି ଚୌକିଦାର'। ଏହି ପରିପ୍ରେକ୍ଷୀରେ ଆସନ୍ତା ମାର୍ଚ୍ଚ ୩୧ ସନ୍ଧ୍ୟା ୫ଟାରେ ପ୍ରଧାନମନ୍ତ୍ରୀ ଭିଡିଓ କନଫରେନ୍ସ ଜରିଆରେ ଦେଶର ୫ଶହ ସ୍ଥାନର ସାଧାରଣ ଲୋକଙ୍କ ସହ ସିଧାସଳଖ କଥା ହେବେ ବୋଲି ଭାଜପା ନେତା ଯତୀନ ମହାନ୍ତି କହିଛନ୍ତି। ଏହି କାର୍ଯ୍ୟକ୍ରମର ରାଜ୍ୟ ସଂଯୋଜକ ଭାବେ ତାଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ଅଭିଯାନ ସୋସିଆଲ ମିଡିଆରେ ବେଶ୍ ପ୍ରଶଂସନୀୟ ହୋଇଛି। ଏହି କାର୍ଯ୍ୟକ୍ରମରେ ସମସ୍ତେ ଯୋଗ ଦେଇପାରିବେ ବୋଲି ଯତୀନ କହିଛନ୍ତି।

“ ହତବୁଦ୍ଧି ହୋଇ ଯାଅନା। ଭୁଲିଯିବା ପାଇଁ ଚେଷ୍ଟା କରନା। ଅବଚେତନା ଭିତରକୁ ଖସିପଡନା। କାରଣ, ତୁମକୁ ଶେଷ ପର୍ଯ୍ୟନ୍ତ ଯିବାକୁ ହିଁ ପଡିବ। ... ଗୋଟିଏ ଦିନରେ କେହି ନିଜ ପ୍ରକୃତିକୁ ଜୟ କରିପାରେ ନାହିଁ। ଧୈର୍ଯ୍ୟ ଓ ସ୍ଥିର ସଂକଳ୍ପ ଥିଲେ ବିଜୟ ସୁନିଶ୍ଚିତ। -ଶ୍ରୀମା





ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

# ପିମ୍ପୁଡ଼ିଙ୍କ ସାମ୍ରାଜ୍ୟ

ମଣିଷ ଭଗବାନ୍‌ଙ୍କୁ ଧନ୍ୟବାଦ ଦେବା କଥା ଯେ, ଏଯାବତ୍ ସେ ଏ ପୃଥିବୀ ଉପରେ ଆଧିପତ୍ୟ ଜାହିର କରିଆସି ପାରିଛି। କିନ୍ତୁ ଯେଉଁଦିନ ପିମ୍ପୁଡ଼ିମାନେ ଆକାରରେ ବୃଦ୍ଧିପାଇବେ, ସେହିଦିନଠାରୁ ମଣିଷର ଆଉ ଆଧିପତ୍ୟ ରହିବ ନାହିଁ।

* ପିମ୍ପୁଡ଼ିମାନେ କ'ଣ ନିର୍ବାଚନ ଲଢନ୍ତି? ହଁ, ମାସାଧିକ କାଳ ବ୍ୟାପି ସେମାନଙ୍କର ନିର୍ବାଚନ ପ୍ରକ୍ରିୟା ଚାଲେ ଏବଂ ଭାରତୀୟ ନିର୍ବାଚନ ପରି ଗୁଣ୍ଡାଗିରି ଓ ହିଂସାକାଣ୍ଡ ବି ଘଟେ। ଏହି କଥା ଦ ଆମେରିକାନ୍ ନ୍ୟାଚୁରାଲିଷ୍ଟ ଜର୍ନାଲରେ ପ୍ରକାଶିତ ଏକ ଗବେଷଣା ନିବନ୍ଧରୁ ଜଣାପଡ଼ିଛି। ଯେତେବେଳେ ଏକ ଭାରତୀୟ ଜମ୍ପିଂ ଆଣ୍ଟ କଲୋନୀର ରାଣୀ ମରିଯାଏ, ସେତେବେଳେ ତା' ଦେହରୁ ନିର୍ଗତ ହେଉଥିବା ଏକ ପ୍ରକାର ଗନ୍ଧ ବାହାରିବା ବନ୍ଦ ହୋଇଯାଏ, ଯେଉଁ ଗନ୍ଧ ସହ ଶ୍ରମିକ ପିମ୍ପୁଡ଼ିମାନେ ପରିଚିତ। ଉକ୍ତ ଗନ୍ଧର ଅଭାବକୁ ଅନୁଭବ କରି ସେମାନେ କଲୋନୀର ମଝିରେ ଏକତ୍ରିତ ହୁଅନ୍ତି ଏବଂ ଲାର୍ଭା ଓ ପ୍ୟୁପା ଚାରିପଟେ ଏକ ବଳୟ ସୃଷ୍ଟି କରନ୍ତି। ଗୋଟିଏ ପିମ୍ପୁଡ଼ି ତା' ଆଣ୍ଟିନାରେ ଅନ୍ୟ ଏକ ପିମ୍ପୁଡ଼ିର ମୁଣ୍ଡକୁ ଆଘାତ ଦେବାକୁ ଆରମ୍ଭ କରେ ଏବଂ ସଙ୍ଗେ ସଙ୍ଗେ କଲୋନୀ ଭିତରେ ପିମ୍ପୁଡ଼ିମାନଙ୍କ ମଧ୍ୟରେ ଏକ ପ୍ରକାର ଖଣ୍ଡଯୁଦ୍ଧ ଲାଗିଯାଏ। ତା'ପରେ 'ପୋଲିସ' ପିମ୍ପୁଡ଼ି ହସ୍ତକ୍ଷେପ କରି ଶାନ୍ତିଶୃଙ୍ଖଳା ବଜାୟ ରଖେ। ପିମ୍ପୁଡ଼ିମାନେ ଏପରି ପରସ୍ପର ସହ ବାଡ଼ିଆପିଟା କରି ଦେଖିବାକୁ ଚାହାନ୍ତି କିଏ ଅଣ୍ଡା ଦେବାକୁ ସକ୍ଷମ ହୋଇପାରୁଛି। ପ୍ରତ୍ୟେକ ଭାରତୀୟ ଶ୍ରମିକ ଝିଅାଁ ପିମ୍ପୁଡ଼ି ଅଣ୍ଡା ଦେଇପାରନ୍ତି, ମାତ୍ର ଯଦି ସେ ଲଢ଼େଇରେ ଜିତନ୍ତି। ଏମିତି ଅନେକ ସପ୍ତାହ ଧରି ଯୁଦ୍ଧ ଚାଲେ। ଅନେକେ ସାମାନ୍ୟ ଆହତ ହୁଅନ୍ତି ମାତ୍ର କେହି ମରନ୍ତି ନାହିଁ। ଶେଷରେ ୧୦ରୁ ୧୫ ଜଣ ସମ୍ଭାବନାମୟ ପ୍ରାର୍ଥୀ ବାହାରନ୍ତି। ସେମାନଙ୍କ ମୁଣ୍ଡ ଛୋଟ ହୁଏ, ପେଟ ବଡ଼ ହୁଏ, ସେଥିରେ ଗର୍ଭାଶୟ ସୃଷ୍ଟି ହୁଏ ଏବଂ ସେମାନଙ୍କ ଆୟୁ ଛଅମାସରୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ବୃଦ୍ଧି ପାଏ। ଏହି ଗୋଷ୍ଠୀ ନିଜ ନିଜର ଅଣ୍ଡା ଦେବା କ୍ଷମତାର ଆଦାନପ୍ରଦାନ କରନ୍ତି। ପ୍ରତ୍ୟେକ ପିମ୍ପୁଡ଼ି ଟୁର୍ନାମେଣ୍ଟ ପରେ ଟୁର୍ନାମେଣ୍ଟରେ ଭାଗ ନେଇ ନିଜର କ୍ଷମତା ପ୍ରତିଷ୍ଠିତ କରନ୍ତି। ଟୁର୍ନାମେଣ୍ଟରେ ଯେଉଁ ପିମ୍ପୁଡ଼ି ତା'ର ମାଢ଼ି ସାହାଯ୍ୟରେ ଅନ୍ୟ ପିମ୍ପୁଡ଼ିର ମୁଣ୍ଡକୁ ଜାବୁଡ଼ି ଧରି ଜାବ ପକେଇପାରେ ସେ ଜିତେ। ବିଜେତାର ହର୍ମୋନ୍ କ୍ଷରଣ ବୃଦ୍ଧି ପାଏ, ଯାହାକୁ କୁହାଯାଏ ଡୋପାମାଇନ ଏବଂ ଏହା ତାକୁ ପରବର୍ତ୍ତୀ ଟୁର୍ନାମେଣ୍ଟରେ ଭାଗ ନେବାରେ ସାହାଯ୍ୟ କରେ। ଡୋପାମାଇନ ତାଙ୍କର ପ୍ରଜନନ ଅଙ୍ଗଗୁଡ଼ିକୁ ସକ୍ରିୟ କରେ ଏବଂ ଯେଉଁ ପିମ୍ପୁଡ଼ି ହାରିଯାଏ, ତା'ର ଏହି କ୍ଷମତା ହ୍ରାସ ପାଏ।

ପରାଜିତ ପିମ୍ପୁଡ଼ିମାନେ ରାଣୀ ହେବାର ଦୌଡ଼ରୁ ଓହରିଯାନ୍ତି ଏବଂ ଶେଷରେ ଦୌଡ଼ରେ ଭାଗ ନେଉ ନ ଥିବା ପାଞ୍ଚଟି ପିମ୍ପୁଡ଼ି ଗୋଟିଏ ପିମ୍ପୁଡ଼ିକୁ ସମର୍ଥନ କରି ଅନ୍ୟମାନଙ୍କୁ ପ୍ରତିଯୋଗିତାରୁ ନିବର୍ତ୍ତାଇବାକୁ ଚେଷ୍ଟା କରନ୍ତି। ସେମାନେ ତଥାପି ପ୍ରତିଯୋଗିତାରୁ ଓହରିବାକୁ ଚାହୁଁ ନ ଥିବା ପିମ୍ପୁଡ଼ିମାନଙ୍କୁ ଦୁଇଦିନ କାଳ ଘେରାଉ କରି ରଖନ୍ତି ଓ ଲଢ଼ିବାକୁ ଦିଅନ୍ତି ନାହିଁ, ଯାହାଫଳରେ ସେମାନଙ୍କର ହର୍ମୋନ୍ କ୍ଷରଣ କମିଯାଏ। ସୁତରାଂ ଏହି ଗୁଣ୍ଡାମାନେ ଅନ୍ୟ ଆଶାୟୀମାନଙ୍କୁ ଜବରଦସ୍ତ ପ୍ରତିଯୋଗିତାରୁ ଦୂରରେ ରଖି ତାଙ୍କ ମନପସନ୍ଦର ଗୋଟିଏ ପିମ୍ପୁଡ଼ିକୁ ରାଣୀ ଭାବେ ବାଛନ୍ତି।

ଏଥିରୁ ତିନିପ୍ରକାର ରାଜନୈତିକ ଫଳଫଳ ମିଳେ। ଯେତେବେଳେ ପିମ୍ପୁଡ଼ିମାନେ ପରସ୍ପର ବିନା ବାଧାରେ ଲଢ଼େଇ କରୁଥାନ୍ତି ଏବଂ ବିନା ବାଧାରେ ଟୁର୍ନାମେଣ୍ଟ ଚାଲେ ସେତେବେଳେ ଯାହା ଫଳାଫଳ ମିଳେ ତାହା ଅଧିକ ଗଣତାନ୍ତ୍ରିକ। ଅମଲାତାନ୍ତ୍ରିକ ଢାଞ୍ଚାରେ ସବା ଉପରେ ଜଣେ ସିଇଓ ରହନ୍ତି ଏବଂ ତଳକୁ ତଳ କ୍ରମାନ୍ୱୟରେ କ୍ଷମତା କମି କମି ଆସେ। ଯେତେବେଳେ ଦ୍ୱନ୍ଦ୍ୱଯୁଦ୍ଧ ଓ ମୁଣ୍ଡକାମୁଡ଼ା ଚାଲେ ସେତେବେଳେ ଏକ ବହୁ ନେତାବିଶିଷ୍ଟ ପ୍ରଭାବଶାଳୀ ଢାଞ୍ଚା ସୃଷ୍ଟି ହୁଏ। କିନ୍ତୁ ଯେତେବେଳେ ଜଣେ ନେତାଙ୍କୁ ସୁଯୋଗ ଦେଇ ଗୁଣ୍ଡାମାନେ ଅନ୍ୟମାନଙ୍କୁ ବାଧା ଦିଅନ୍ତି, ସେତେବେଳେ ଗୋଟିଏ ପିମ୍ପୁଡ଼ି ସର୍ବୋଚ୍ଚ ଆସନ ପାଇଲା ବେଳେ ଅନ୍ୟମାନେ ସମାନ ପାହ୍ୟାରେ ରହିଯାନ୍ତି।

* କରେଣ୍ଟ ବାୟୋଲୋଜି ପତ୍ରିକାରେ ପ୍ରକାଶିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି, ଅଷ୍ଟ୍ରିଆର ଏକ ଗବେଷଣା ନିବନ୍ଧ ଅନୁସାରେ ପିମ୍ପୁଡ଼ିମାନେ ଯେତେବେଳେ ନୂଆ ବସାକୁ ଯାଆନ୍ତି, ସେମାନେ ପ୍ରଥମ ଦିନଟି ଏହାକୁ ଭଲଭାବେ ସଫାକରିବା କାମରେ ଲାଗିପଡ଼ନ୍ତି– ମଣିଷମାନେ ନୂଆ ଘରକୁ ଗଲେ ଯେମିତି ତାକୁ ସଫା କରିଥାନ୍ତି। ଲେସିୟସ୍ ନେଗ୍ଲେକ୍ଟସ୍ ପିମ୍ପୁଡ଼ିମାନେ ତାଙ୍କ ବସାକୁ ସଫା କରିବା ପାଇଁ ସେଥିରେ ଫର୍ମିକ ଏସିଡ୍ ସିଞ୍ଚନ କରନ୍ତି। ବୟସ୍କ ପିମ୍ପୁଡ଼ିଙ୍କର ମୋଟା ଚମଡ଼ା ଯୋଗୁ ଏହି ଏସିଡ୍ ଦ୍ୱାରା ସେମାନଙ୍କର କିଛି କ୍ଷତି ହୁଏ ନାହିଁ। ଅଣ୍ଡାଗୁଡ଼ିକର ମଧ୍ୟ ଏକ ସୁରକ୍ଷାଦାୟୀ ଖୋଳ ଥାଏ। କିନ୍ତୁ ପ୍ୟୁପାଗୁଡ଼ିକୁ ସେମାନେ ପ୍ରଥମେ ଏକ ରେଶମୀ ଖୋସାରେ ଆବୃତ କରିଦିଅନ୍ତି, ଯାହାଫଳରେ ଏସିଡ୍‌ରୁ ସେମାନେ ସୁରକ୍ଷିତ ରହିପାରିବେ। ମଣିଷମାନେ ଯେପରି କୌଣସି କ୍ଷତିକାରକ ସଫେଇ ଜିନିଷ ବ୍ୟବହାର କଲାବେଳେ ହାତରେ ଗ୍ଲୋଭ୍ ପିନ୍ଧନ୍ତି, ପିମ୍ପୁଡ଼ିମାନେ ପ୍ୟୁପାମାନଙ୍କ ସୁରକ୍ଷା ପାଇଁ ନେଉଥିବା ପଦକ୍ଷେପ ଠିକ୍ ସେହିପରି। ଏହି ଫର୍ମିକ୍ ଏସିଡ୍ ଦ୍ୱାରା ଜୀବାଣୁମାନେ ମରିଯାନ୍ତି ଏବଂ ପିମ୍ପୁଡ଼ି, ତାଙ୍କ ଅଣ୍ଡା ଓ ପ୍ୟୁପାମାନଙ୍କର କିଛି କ୍ଷତି ହୁଏ ନାହିଁ। ଏସିଡ୍ ତଳେ ବସିଯିବା ପର୍ଯ୍ୟନ୍ତ ପ୍ୟୁପାମାନଙ୍କୁ ଉକ୍ତ ସୁରକ୍ଷା ବ୍ୟବସ୍ଥା ଭିତରେ ରଖାଯାଏ।

* ରୟାଲ ସୋସାଇଟି ଓପ୍‌ନ ସାଇନ୍ସର ଜର୍ନାଲରେ ପ୍ରକାଶିତ ଏକ ଅଧ୍ୟୟନ ରିପୋର୍ଟ ଅନୁସାରେ ଯେତେବେଳେ ଫାୟାର ଆଣ୍ଟମାନଙ୍କର ଅତିଶୟ ସଂଖ୍ୟା ବୃଦ୍ଧି ପାଏ ଏବଂ ସେମାନଙ୍କର ରହିବା ପାଇଁ ନୂଆ ଜାଗା ଦରକାର ପଡ଼େ, ସେମାନେ ପରସ୍ପର ସହ ବାନ୍ଧି ହୋଇ ଏକ ପ୍ରକାର ଘଣ୍ଟି ଆକୃତି ସୃଷ୍ଟି କରନ୍ତି, ଠିକ୍ ଇଫେଲ ଟାୱାର ପରି। ଗୋଟିଏ ପିମ୍ପୁଡ଼ି ତିନୋଟି ପିମ୍ପୁଡ଼ିଙ୍କୁ ସମ୍ଭାଳିପାରିବ। ସେମାନେ ନିଜ ନିଜ ପାଦରେ ଏକ ପ୍ରକାର ଅଠାଳିଆ ପଦାର୍ଥ ରଖି ଏହିପରି ପରସ୍ପର ସହ ବାନ୍ଧି ହୋଇଯାନ୍ତି। ଏହିପରି ଉଚ୍ଚ ଢାଞ୍ଚା ସୃଷ୍ଟି କରି ସେମାନେ ଖାଲି ସ୍ଥାନ ଖୋଜନ୍ତି, ଯେଉଁଠି ନୂଆ ଘର ତିଆରି କରିପାରିବେ। ନିଜ ଅଠାଳିଆ ଗୋଡ଼ରେ ପରସ୍ପରକୁ ଜାବୁଡ଼ି ଧରି ପାଣି ଭିତରେ ବି ଏହି ପିମ୍ପୁଡ଼ି ଏକ ଅଟାଗୁଳା ଆକୃତିର ବଲ୍ ତିଆରି କରନ୍ତି। ଏହା ଏକ ଭେଳାର କାମ କରେ ଯାହା ପାଣି ଭିତରେ ଭାସି ଭାସି ଯାଇପାରେ।

* ଫ୍ରାଇବର୍ଗ ବିଶ୍ୱବିଦ୍ୟାଳୟର ଗବେଷକମାନେ ମରୁଭୂମିର ପିମ୍ପୁଡ଼ିଙ୍କ ଉପରେ ଗବେଷଣା କରି ସେମାନେ କିପରି ପ୍ରତିକୂଳ ପରିବେଶରେ ବି ବଞ୍ଚିବାର ବାଟ ବାହାର କରିପାରନ୍ତି ତାହା ଉଲ୍ଲେଖ କରିଛନ୍ତି। ସେମାନେ ମରୁଭୂମିରେ ଖାଦ୍ୟ ସନ୍ଧାନରେ ବାହାରିଗଲା ପରେ ପୁଣି ନିଜ ବସାକୁ ସବୁଠାରୁ ସଂକ୍ଷିପ୍ତ ରାସ୍ତାରେ ଫେରିପାରନ୍ତି।

* ପିମ୍ପୁଡ଼ିମାନଙ୍କ ଘ୍ରାଣଶକ୍ତି ସେମାନଙ୍କୁ ମଣିଷଙ୍କ ପରେ ସବୁଠୁ ଜଟିଳ ସାମାଜିକ ସଂଗଠନରେ ପରିଣତ କରିପାରିଛି। ଯେଉଁ ମହମ ପରି ସ୍ତର ସେମାନଙ୍କ ଶରୀରକୁ ଆବୃତ କରିଥାଏ, ତାହା ସେମାନଙ୍କୁ ଯୋଗାଯୋଗରେ ସାହାଯ୍ୟ କରୁଥିବା ଜଟିଳ ସୁଗନ୍ଧର ଉତ୍ସ। ଏହି ସୁଗନ୍ଧରୁ ପିମ୍ପୁଡ଼ିମାନେ ପରସ୍ପରର ଜାତି, ପ୍ରଜାତି, କଲୋନୀ ଆଦି ବିଷୟରେ ଜାଣିପାରନ୍ତି। ଏହା ସେମାନଙ୍କ ବ୍ୟବହାରକୁ ନିୟନ୍ତ୍ରିତ କରିଥାଏ। ପିମ୍ପୁଡ଼ିମାନେ ବିଶ୍ୱକୁ ସେମାନଙ୍କ ନାକ ଓ ଆଣ୍ଟିନା ଦ୍ୱାରା ଦେଖନ୍ତି। ସେମାନେ କୀଟଜଗତରେ ଅଦ୍ୱିତୀୟ କାରଣ ଫଳମାଛି ଓ ମଶାଙ୍କ ପରି କୀଟଙ୍କର ୬୦ରୁ ୮୦ ପ୍ରକାର ଅଡୋରାଣ୍ଟ ରିସେପ୍ଟର ଥିବାବେଳେ ପିମ୍ପୁଡ଼ିମାନଙ୍କର ଅଛି ୪୦୦ରୁ ଅଧିକ।

* କରେଣ୍ଟ ବାୟୋଲୋଜିରେ ପ୍ରକାଶିତ ତଥ୍ୟ ଅନୁସାରେ ଗଛରୁ ଖାଦ୍ୟ ଖାଇ ବଞ୍ଚୁଥିବା କାର୍ପେଣ୍ଟର ପିମ୍ପୁଡ଼ିମାନେ ଗଛମୂଳରେ ସେମାନଙ୍କ ପାଇଁ ସୁରକ୍ଷାଦାୟୀ ଆଶ୍ରୟସ୍ଥଳ ତିଆରି କରିଥାନ୍ତି। ଗରମ ଓ ଶୁଷ୍କ ଅଞ୍ଚଳରେ ବାସ କରୁଥିବା ପିମ୍ପୁଡ଼ିମାନେ ନିଜ ଖାଦ୍ୟକୁ ସାଇତି ରଖି ତିରୋଟ ସମୟରେ ଚଳିଯାଆନ୍ତି। ହନିପଟ୍ ପିମ୍ପୁଡ଼ିମାନେ ନିଜ ଶରୀରକୁ ଖାଦ୍ୟ ମହଜୁଦ ରଖିବାର ଭଣ୍ଡାରଘର ଭାବେ ବ୍ୟବହାର କରନ୍ତି।

* ଗୋଟିଏ ପିମ୍ପୁଡ଼ି କଲୋନୀରେ ରାଣୀ, ମାଳୀ, ମେହେନ୍ତର, ଖାଦ୍ୟ ସଂଗ୍ରାହକ, ଧାଇ ଓ ସୈନିକ ପ୍ରଭୃତି ଥାନ୍ତି। ନିଜ ନିଜର କାମ କରିବା ପାଇଁ ପ୍ରତ୍ୟେକଙ୍କ ପାଖରେ ସ୍ୱତନ୍ତ୍ର କୌଶଳ ଓ ଦକ୍ଷତା ଥାଏ। ପ୍ରତି ପିମ୍ପୁଡ଼ି ପ୍ରଜାତି ଭିତରେ ବୟସ ଓ ଲିଙ୍ଗ ଅନୁଯାୟୀ ଶ୍ରମ ବିଭାଜନ ବ୍ୟବସ୍ଥା ଅଛି। ଯେଉଁମାନେ ବୟସରେ ସାନ ସେମାନେ ବସା ଭିତରେ କାମ କରନ୍ତି ଓ ଛୁଆମାନଙ୍କର ଯତ୍ନ ନିଅନ୍ତି। ଯେଉଁମାନେ ବୟସରେ ବଡ଼ ସେମାନେ ଖାଦ୍ୟ ସଂଗ୍ରହ କରିବାକୁ ବାହାରକୁ ଯାଆନ୍ତି ଓ ବସାର ସୁରକ୍ଷା ଦାୟିତ୍ୱ ବି ନିଅନ୍ତି।

* ନେଚର ପତ୍ରିକାରେ ପ୍ରକାଶିତ ଗବେଷଣା ତଥ୍ୟ ଅନୁସାରେ ପିମ୍ପୁଡ଼ିମାନଙ୍କର ପିଲାମାନଙ୍କୁ ଶିକ୍ଷା ଦେବା ପାଇଁ ବିଦ୍ୟାଳୟ ଓ ଶିକ୍ଷକ ବ୍ୟବସ୍ଥା ବି ଅଛି। ବୁଢ଼ା ପିମ୍ପୁଡ଼ିମାନେ ଛୁଆଙ୍କୁ ପାଠ ପଢ଼ାନ୍ତି ଓ ଖାଦ୍ୟ ସଂଗ୍ରହ ଆଦି କିପରି କରିବାକୁ ହେବ ସେ ବିଷୟରେ ତାଲିମ ଦିଅନ୍ତି। ଏସବୁ ସତ୍ତ୍ୱେ ଆପଣ ନିଜକୁ ପିମ୍ପୁଡ଼ିଙ୍କଠାରୁ ଶ୍ରେଷ୍ଠ ବୋଲି ଭାବୁଛନ୍ତି କି?

Email: gandhim@nic.in

# ଚିନ୍ତନ ଓ ଚିନ୍ତକ



ମନୋରଞ୍ଜନ ମହାନ୍ତି

ମନୁଷ୍ୟ ତା'ର ଚିନ୍ତା ଅନୁଯାୟୀ କର୍ମ କରେ ଓ କର୍ମ ଅନୁଯାୟୀ ଫଳ ପାଏ ବୋଲି ଶାସ୍ତ୍ରପୁରାଣରେ କୁହାଯାଇଛି। ଆହୁରି ମଧ୍ୟ କୁହାଯାଇଛି, ମହାତ୍ମାମାନେ ମନରେ ଯେଉଁ ଚିନ୍ତା କରନ୍ତି, ବଚନରେ ତାହା ପ୍ରକାଶ କରନ୍ତି ଓ କର୍ମରେ ତାହା ପାଳନ କରନ୍ତି। କିନ୍ତୁ ଦୁରାତ୍ମାମାନଙ୍କର ମନ, ବଚନ, କର୍ମରେ ଭିନ୍ନତା ପରିଦୃଷ୍ଟ ହୁଏ।

ସଂସାରରେ ସକଳ ମନୁଷ୍ୟ କୌଣସି ନା କୌଣସି ବିଷୟରେ ଚିନ୍ତା କରନ୍ତି। ମନୁଷ୍ୟର ମସ୍ତିଷ୍କଟି ଏଭଳି– ତାହା କେବେ ଚିନ୍ତାଶୂନ୍ୟ ହୋଇ ରହିପାରେ ନାହିଁ। ପ୍ରତି ମୁହୂର୍ତ୍ତରେ ଅଭିନବ ଚିନ୍ତାଗୁଡ଼ିଏ ମନୁଷ୍ୟର ମନ ମଧ୍ୟକୁ ପଶିଆସନ୍ତି। ଭକ୍ତକବି ମଧୁସୂଦନ ରାଓ ତାଙ୍କ କବିତାରେ କହିଛନ୍ତି– ମନୁଷ୍ୟର ମନର ଗତି ଅଦ୍ଭୁତ, ତା'ର ଶକ୍ତି ଅଚିନ୍ତନୀୟ। ତେବେ ମନୁଷ୍ୟ ଯେଉଁ ଚିନ୍ତାସବୁ କରୁଥାଏ, ତାହା ତା'ର ଦୈନନ୍ଦିନ ଜୀବନଧାରାକୁ ବେଶ୍ ପ୍ରଭାବିତ କରେ ଓ ତା'ର କାର୍ଯ୍ୟପ୍ରଣାଳୀ ତଦନୁଯାୟୀ ନିର୍ଦ୍ଧାରିତ ହୁଏ।

ଆମେ ନିଜ ସମେତ ଯେତେ ମନୁଷ୍ୟଙ୍କୁ ଆମ ଚାରିପାଖରେ ଦେଖୁ ସମସ୍ତଙ୍କ ମସ୍ତିଷ୍କ ଭିନ୍ନ ଭିନ୍ନ ଚିନ୍ତାରେ ଭରପୂର। ତେବେ ସମସ୍ତଙ୍କୁ ଆମେ ଚିନ୍ତକ ବୋଲି କହିପାରିବା ନାହିଁ। ଜଣେ ବ୍ୟକ୍ତିଙ୍କୁ ଚିନ୍ତକ ବୋଲି କୁହାଯିବ ସେତିକିବେଳେ, ଯେତେବେଳେ ତାଙ୍କର ଚିନ୍ତା ସକାରାତ୍ମକ, ସର୍ଜନଧର୍ମୀ ଓ ବିଶ୍ୱକଲ୍ୟାଣକର ହୋଇଥିବ। ସେ ଯାହା ଚିନ୍ତା କରୁଥିବେ ତା'ର ଏକ ରଚନାତ୍ମକ ଦିଗନ୍ତ ଅବଶ୍ୟ ରହିଥିବ, ଯାହା ସମୂହର ଦୃଷ୍ଟି ଆକର୍ଷଣ କରୁଥିବ। ମହାତ୍ମା ଗାନ୍ଧୀ ଥରେ ବଗିଚା କାମ କରୁଥିବା ସମୟରେ ଜଣେ ପ୍ରଶ୍ନ କଲେ, ''ଯଦି କେହି କହେ ଆଜି ସନ୍ଧ୍ୟା ସୁଦ୍ଧା ଆପଣଙ୍କର ଦେହାନ୍ତ ହେବ, ତେବେ ଆପଣ କି ପ୍ରତିକ୍ରିୟା ପ୍ରକାଶ କରିବେ?'' ଗାନ୍ଧିଜୀ ଉତ୍ତର ଦେଲେ, ''ଦେହାନ୍ତ ହେବା ପୂର୍ବରୁ ମତେ ବଗିଚା କାମ ସାରିବାକୁ ହେବ।'' ଗାନ୍ଧୀଙ୍କର ଏହି ଚିନ୍ତନରେ ଉପସ୍ଥିତ କର୍ତ୍ତବ୍ୟ ପ୍ରତି ଯେଉଁ ଅନୁରକ୍ତି ଭରିରହିଛି, ତାହାହିଁ ବିଶ୍ୱବାସୀଙ୍କର ଦୃଷ୍ଟି ଆକର୍ଷଣ କରିଛି।

ରାମକୃଷ୍ଣ ପରମହଂସଙ୍କର ନରେନ୍ଦ୍ରନାଥଙ୍କ ପ୍ରତି ଉକ୍ତି ଥିଲା, ''ମୁଁ ଭଗବାନଙ୍କୁ ଦେଖିଛି, ତାଙ୍କ ସହ କଥା ହୋଇଛି, ଯେମିତି ମୁଁ ତୁମକୁ ଦେଖୁଛି, ତୁମ ସହ କଥା ହେଉଛି।'' ଏହି ଉକ୍ତିରେ ଜୀବନ-ଉତ୍ତୋଳନକାରୀ କେତେ ସକାରାତ୍ମକ ଶକ୍ତି ଭରି ରହିଥିଲା ସତରେ! ପରମାଣୁଶକ୍ତିକୁ ପ୍ରୟୋଗ କରି ପରମାଣୁ ବୋମା ତିଆରି କରିଥିବା ବୈଜ୍ଞାନିକମାନଙ୍କ ଉଦ୍ଦେଶ୍ୟରେ ଆଇନ୍‌ଷ୍ଟାଇନ୍‌ଙ୍କର ଉକ୍ତି ଥିଲା, ''ପରମାଣୁଶକ୍ତିରୁ ବୋମା ତିଆରି କର ନାହିଁ। ପରମାଣୁଶକ୍ତିକୁ ଶାନ୍ତିପୂର୍ଣ୍ଣ, ରଚନାତ୍ମକ ଦିଗରେ ବିନିଯୋଗ କର, ଏହାକୁ ପ୍ରୟୋଗ କରି ମରୁଭୂମିକୁ ଶସ୍ୟଶ୍ୟାମଳ କର, ବ୍ୟାଧି ଉପଶମ ନିମିତ୍ତ ଔଷଧ ପ୍ରସ୍ତୁତ କର।'' ଏପରି ଉକ୍ତିରେ ଆଇନ୍‌ଷ୍ଟାଇନ୍‌ଙ୍କ ଉଦ୍ଭାବନକ୍ଷମ ମସ୍ତିଷ୍କର ଗଠନମୂଳକ ଚିନ୍ତନ ପ୍ରକଟ ହେଉଛି।

ବିଶ୍ୱ ଇତିହାସରେ ରାମକୃଷ୍ଣ ପରମହଂସ, ମହାତ୍ମା ଗାନ୍ଧୀ, ଆଲବର୍ଟ ଆଇନ୍‌ଷ୍ଟାଇନ୍ ପ୍ରମୁଖଙ୍କୁ ଆମେ ଉଚ୍ଚମାନର ଚିନ୍ତାନାୟକ ବୋଲି ନିଶ୍ଚୟ ସ୍ୱୀକାର କରିବା। ସେମାନଙ୍କ ଚିନ୍ତନରେ ମନୁଷ୍ୟକୁ ଅମୃତର ସୋପାନକୁ ଉତ୍ତରିତ କରିବାର ଆହ୍ୱାନଟିଏ ଅବଶ୍ୟ ରହିଥିଲା। ଅଧ୍ୟାତ୍ମସାଧନା, ଜନସେବା, ବିଜ୍ଞାନ ଗବେଷଣା ଇତ୍ୟାଦି କ୍ଷେତ୍ରରେ ସେମାନେ ନିଜ ନିଜର ମହତ୍ ଚିନ୍ତାଶକ୍ତିକୁ ପ୍ରୟୋଗକରି ଜଗତର ଅଶେଷ କଲ୍ୟାଣ ସାଧନ କରିଯାଇଛନ୍ତି।

ପ୍ରକୃତ ଅର୍ଥରେ ଜଣେ ଚିନ୍ତକ ହେଉଛନ୍ତି ସିଏ, ଯିଏ ସାଧାରଣ ମନୁଷ୍ୟ ପାଇଁ ପ୍ରତ୍ୟୟ ଓ ପ୍ରେରଣାର ଭୂମିଟିଏ ସର୍ଜନା କରିପାରନ୍ତି, ନିଜର ଉଦାର ହୃଦୟକୁ ଉନ୍ମୁକ୍ତ କରି ସମସ୍ତଙ୍କୁ ମମତା ଓ ମର୍ଯ୍ୟାଦା ବିତରଣ କରିପାରନ୍ତି, ନିଜର ମହତ୍ ଚିନ୍ତାରାଶିକୁ ପ୍ରକଟ କରି ଜନଜୀବନରେ କ୍ରାନ୍ତିର ମାର୍ଗ ନିର୍ଦ୍ଦେଶ କରିପାରନ୍ତି, ସକାରାତ୍ମକ ଦୃଷ୍ଟି ବଳରେ ନିଜେ ରଚନାତ୍ମକ କର୍ମରେ ଅଭିନିବିଷ୍ଟ ହୋଇ ସମସ୍ତଙ୍କୁ ସୁନ୍ଦର ବିଶ୍ୱ ନିର୍ମାଣର ଆହ୍ୱାନଟିଏ ଦେଇପାରନ୍ତି, ନିଜର ଚିନ୍ତନ-ଧାରାରେ ମାନବୀୟ ମୂଲ୍ୟବୋଧର ସ୍ରୋତଗୁଡ଼ିଏ ସମ୍ମିଳିତ କରାଇ ଜୀବନ-ଜାହ୍ନବୀଟିଏ ଜନ-ମନୋଭୂମିରେ ବୁହାଇ ଦେଇପାରନ୍ତି। ସେହି ଦୃଷ୍ଟିରୁ ପୁଣ୍ୟାତ୍ମା ଗୋପବନ୍ଧୁ ଦାସ ଓ ଗୋପବନ୍ଧୁ ଚୌଧୁରୀଙ୍କୁ ଜଣେ ଜଣେ ଚିନ୍ତକ ବୋଲି ଆମେ କହିପାରିବା। ସର୍ଜନଶୀଳ ଚିନ୍ତାଶକ୍ତି ଦ୍ୱାରା ଉତ୍‌ପ୍ରେରିତ ହୋଇ ସେମାନେ ଯେଉଁ ବାଣୀ ଉଚ୍ଚାରଣ କରିଯାଇଛନ୍ତି, ଯେଉଁ ସାହିତ୍ୟ ରଚନା କରିଯାଇଛନ୍ତି, ସର୍ବୋପରି ସେବା-ଧର୍ମରେ ବ୍ରତୀ ହୋଇ ଯେଭଳି କର୍ମପ୍ରବୃତ୍ତ ହୋଇଛନ୍ତି, ତାହା ସେମାନଙ୍କୁ ଜଣେ ଜଣେ ଚିନ୍ତକର ସ୍ତରକୁ ଉନ୍ନୀତ କରିଛି।

ଭାରତୀୟମାନଙ୍କର ଦାରିଦ୍ର୍ୟ ଦୂରୀକରଣ ପାଇଁ ଗ୍ରାମାଞ୍ଚଳର ଶିଳ୍ପାୟନ ଓ ଶିଳ୍ପ ପ୍ରତିଷ୍ଠାରେ ବିଦ୍ୟୁତ୍‌ର ବ୍ୟବହାର ନିହାତି ଜରୁରୀ ବୋଲି ଇଞ୍ଜିନିୟର ବିଶ୍ୱେଶ୍ୱରାୟା ଗାନ୍ଧୀ ଓ ନେହେରୁଙ୍କ ଆଗରେ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରିଥିଲେ। ସି.ଭି. ରମଣଙ୍କର ପଦାର୍ଥବିଜ୍ଞାନରେ ଗବେଷଣା, ବିଶ୍ୱେଶ୍ୱରାୟାଙ୍କର ଇଞ୍ଜିନିୟରିଂ ବିଦ୍ୟାରେ ପାରଦର୍ଶିତା ଓ ଉଭୟଙ୍କର ଉଦ୍ଭାବନକ୍ଷମ ସୃଷ୍ଟିଶୀଳ ମସ୍ତିଷ୍କ ସହିତ ସଂଯତ, ସାତ୍ତ୍ୱିକ ଜୀବନଚର୍ଯ୍ୟା ସମଗ୍ର ବିଶ୍ୱକୁ ପ୍ରଭାବିତ କରିଥିଲା, ଯେଉଁଥିପାଇଁ ଆମେ ସେ ଦୁହିଁଙ୍କୁ ମହାନ୍ ଚିନ୍ତକ ଭାବେ ସ୍ୱୀକାର କରିବା। ଯେଉଁ ବ୍ୟକ୍ତି ମହତ୍ ଚିନ୍ତା କରୁଛନ୍ତି, ଚିନ୍ତା ଅନୁଯାୟୀ ମହତ୍ କାର୍ଯ୍ୟ କରୁଛନ୍ତି, ତାଙ୍କ ଚିନ୍ତା ଓ କାର୍ଯ୍ୟର ମହତ୍ ପ୍ରଭାବ ସମାଜ ଉପରେ ପଡୁଛି, ସେହିଭଳି ବ୍ୟକ୍ତିଙ୍କୁ ଆମେ ସ୍ୱାଭାବିକ ଭାବେ ଜଣେ ଚିନ୍ତକ ବୋଲି କହିପାରିବା।

ଧର୍ମଶାଳା ମହାବିଦ୍ୟାଳୟ, ଯାଜପୁର, ମୋ- ୯୮୫୩୭୮୨୯୬୨

## ଏଇ ଭାରତରେ

ପିଲା ଦୁଷ୍ଟ ହେଲେ ମାତାପିତା ଦଣ୍ଡ ଦେଇଥାଆନ୍ତି। ଏହା ପୁଣି ଭିନ୍ନ ଭିନ୍ନ ପ୍ରକାର ହୋଇଥାଏ। ଛୋଟ ପିଲା ଏଣିକି ତେଣିକି ଦୌଡ଼ିଲେ ମା' ତା'ର ଗୋଟିଏ ଗୋଡ଼କୁ ବାନ୍ଧି ଦିଏ। ଅଝଟ ହେଲେ ଅଥବା କାନ୍ଦିଲେ ତା'ର କଅଁଳ ଗାଲ, ପିଠି ଅବା ପିଚାକୁ ଚାପୁଡ଼ା ମାରିଥାଏ। ବିହାରର ଛପରାରେ କାନ୍ଦୁଥିବା ଏକ ଶିଶୁପୁତ୍ରର ପାଟି ବନ୍ଦ କରିବାକୁ ଯାଇ ମା' ତା' ପାଟିରେ ଫେବିକ୍ୱିକ୍ ଲଗାଇ ଦେଇଥିଲା। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ପିତାଙ୍କ ସୂଚନା ଅନୁଯାୟୀ, ସେ କାମକୁ ଯାଇ ବହୁ ସମୟ ବାହାରେ ରହିଯାଇଥିଲେ। ଘରକୁ ଫେରି ଦେଖିବା ବେଳକୁ ପୁଅ ନୀରବ ହୋଇ ଶୋଇରହିଛି ଓ ତା' ପାଟିରୁ ଫେଣ ବାହାରୁଛି। ଏ ସମ୍ପର୍କରେ ସେ ସ୍ତ୍ରୀକୁ ପଚାରିବାରୁ ଶିଶୁଟି ବାରମ୍ବାର କାନ୍ଦିବାରୁ ତା' ପାଟିରେ ଫେବିକ୍ୱିକ୍ ଲଗାଇଦେଇଥିବା କହିଥିଲେ। ଦୁଇ ଓଠ ବନ୍ଦ ହୋଇଯିବାରୁ ପିଲା କାନ୍ଦ ବନ୍ଦ୍ କରି ଚୁପ୍ ହୋଇଯାଇଥିଲା। ତାକୁ ତୁରନ୍ତ ହସ୍ପିଟାଲ୍‌ରେ ଭର୍ତ୍ତି କରାଯିବା ପରେ ସେ ବିପଦମୁକ୍ତ ଥିବା ଜଣାପଡ଼ିଛି।

## ଚିରନ୍ତନୀ

ଧରାରେ ନାଚଇ ନିଦାଘର ମରୀଚିକା
ଆକାଶେ ଉଠଇ ତୀବ୍ର ତପନ ଶିଖା
ଶୂନ୍ୟ ବିପିନ ନାହିଁ ଜନପଥ ଘାଟେ
ପଶୁ ବିହଙ୍ଗ ନ ଦିଶଇ ବିଲ ବାଟେ।
(ଜୀବନର ସ୍ୱର୍ଣ୍ଣ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର



# ସ୍ୱାର୍ଥ ପାଇଁ ଦଳ ବଦଳ

ବିଚିତ୍ର ବିଶ୍ୱାଳ

ନିର୍ବାଚନ ପାଖେଇ ଆସିଲେ ନେତାମାନଙ୍କର ପତିଆରା ଯେତିକି ବଢ଼ିଯାଏ ତା'ଠାରୁ ଅଧିକ ବଢ଼ିଯାଏ ଗାଁ ଗହଳିରେ ଥିବା କୁଜିନେତାଙ୍କର। ଏଇ କୁଜିନେତାମାନେ ହିଁ ଭୋଟ ବେଳେ ଅସଲ ଖେଳ କରନ୍ତି ବୋଲି ଲୋକେ କୁହନ୍ତି। ଏମାନେ ଆଉ କେହି ନୁହନ୍ତି, ଆମ ତମ ପରି ସାଧାରଣ ଲୋକ। କିନ୍ତୁ ଭୋଟ ବେଳେ ଏମାନେ ଏପରି ଭକ୍ତିଭାବ ଦେଖେଇ ଆଗେଇ ଆସନ୍ତି, ସତେ ଯେମିତି ଏମାନେ ଅନ୍ୟ ଗ୍ରହର ଜୀବ। ଏମାନଙ୍କ ଆଖି ସାମ୍ନାରେ ଏମାନଙ୍କୁ ଭକୁଆ ବା ଜକଡ଼ା ବନାଯାଉଥିବା ବେଳେ ଏମାନେ ଅତ୍ୟନ୍ତ ଭାବଗର୍ଭକ ମୁଦ୍ରାରେ କେବଳ ଅମୁକ କି ସମୁକ ବାବୁଙ୍କର ଗୁଣକୀର୍ତ୍ତନରେ ମଜ୍ଜି ଥାଆନ୍ତି। ପରିଣାମ ସ୍ୱରୂପ ନେତାମାନେ ତାଙ୍କ ସ୍ୱାର୍ଥର ରୁଟି ସେକି ନେଇ ଚାଲିଯାଆନ୍ତି ଓ କୁଜିନେତାମାନେ ଯେଉଁ ଭକୁଆକୁ ସେଇ ଭକୁଆ ହୋଇ ପଡ଼ିଥାନ୍ତି।

ଏଇ କିଛିଦିନ ହେବ ଆମ ଗାଁ ରାଧୁଆ ନୂଆ ନୂଆ ଭକ୍ତ ହୋଇଛି, ମାନେ ଫୁଲ ଦଳର କୁଜିନେତା ବନିଛି। ତେଣୁ ଭୋଟ ବେଳ ପାଖେଇ ଆସିବା ଯୋଗୁ ସେ ମୋତେ ଓ ଅନ୍ୟମାନଙ୍କୁ ବୁଝାଏ, ଆମ ଫୁଲ ଦଳର ରଘୁଆ ଭାଇ ଏକ ନମ୍ବର ଲୋକ। ସେ ଜିତିଲେ ଆମ ଅଞ୍ଚଳ ସୁନା ହୋଇଯିବ। ଶଙ୍ଖ ଦଳର ଦାମା'ଇଟା ଜମା ଭଲ ଲୋକ ନୁହଁ। ସେ ଆସିଲା ମାନେ ଗଲା, ଆମ ଅଞ୍ଚଳ ଚାରିପାଞ୍ଚିରୁ ଯିବ। ରାଧୁଆ କଥାକୁ ଆମେ ଶୁଣୁ, କେବେକେବେ ହସୁ ଓ କେବେକେବେ ଚୁପ୍ ରହୁ। ଏଇ କିଛିଦିନ ହେବ, ନିର୍ବାଚନ ବିଜ୍ଞପ୍ତି ଘୋଷଣା ହେବା ପରେ ପାଣିପାଗ ପୂରା ବଦଳିଗଲାଣି। କେତେବେଳେ କେଉଁ ନେତାଙ୍କୁ ସମାଜସେବା ନିଶା ଚଢ଼ିଯାଉଛି ତ ହଠାତ୍ କାହାକୁ ଏପରି ଭାବେ ଗଣତନ୍ତ୍ର ଭୂତ ସବାର ହୋଇଯାଉଛି ଯେ, ସେ ଲୋକମାନଙ୍କ ମତ ନେଇ ଗୋଟିଏ ପାର୍ଟିରୁ ଆଉ ଗୋଟିଏ ପାର୍ଟିକୁ ଡେଇଁପଡୁଛି। ଏମିତି ପରିସ୍ଥିତିରେ ଶଙ୍ଖ ଦଳର ଦାମା'ଇ ଶଙ୍ଖ ପାର୍ଟି ଛାଡ଼ି କେଇଦିନ ବୁଲି ବୁଲି ଫୁଲ ଦଳକୁ ଡିଆଁଟେ ମାରିଦେଲେ ଓ କହିଲେ ସେହି ନିର୍ବାଚନମଣ୍ଡଳୀରୁ ଠିଆ ହେବେ, ଯେଉଁ ନିର୍ବାଚନମଣ୍ଡଳୀରେ ରଘୁଆଭାଇ ଭୋଟରେ ଠିଆହେବ ବୋଲି ଆଶା ବାନ୍ଧିଥିଲା।

ଦାମା'ଇ ଫୁଲ ଦଳକୁ ଯିବାରୁ ରଘୁଆ ଭାଇ ଆଉ କରେ କ'ଣ! ପଟ୍ କରି ଡିଆଁଟେ ମାରିଦେଲା ଶଙ୍ଖ ଦଳକୁ। ଏ ଭିତରେ ବିଚରା ଆମ ଗାଁ ରାଧୁଆ ମହା ମୁସ୍କିଲ୍‌ରେ! ସେ ତ ଏଇ ଦି'ଦିନ ଆଗରୁ କହୁଥିଲା ରଘୁଆ ଭାଇ ଭଲ, ଦାମା'ଇ ଖରାପ। ହେଲେ ତାକୁ ଏବେ କହିବାକୁ ପଡ଼ିବ ଦାମା'ଇ ଭଲ, ରଘୁଆ ଭାଇ ଖରାପ। ବିଚରା କିଛି ବୁଝିପାରୁ ନ ଥିଲା, କ'ଣ କରିବ! ସେପଟେ କିନ୍ତୁ ଦାମା'ଇ ଓ ରଘୁଆ ଭାଇ ଉଭୟେ ଲୋକଙ୍କର ସେବା କରିବେ ବୋଲି ଏବଂ ନିଜ ସମର୍ଥକମାନଙ୍କ କହିବାନୁଯାୟୀ ଦଳ ବଦଳ କରିଛନ୍ତି ବୋଲି ଟିଭିରେ ବାଇଟ୍ ଦେଉଥିଲେ। ଏଇଟା କେବଳ ଗୋଟିଏ ଗପ ପରି ଘଟଣା ନୁହେଁ। ଆଜିର ସମୟରେ ଏମିତି ଘଟଣା ଶହ ଶହ ସଂଖ୍ୟାରେ ଘଟୁଛି ଓ ନିର୍ବାଚନ ତାରିଖ ଘୋଷଣା ହେବାଠାରୁ ପ୍ରତିଦିନ ଘଟୁଛି। ରାତାରାତି ନେତାମାନେ ଏ ଦଳ ଛାଡ଼ି ସେ ଦଳକୁ ଡେଉଁଛନ୍ତି। ବିଚରା ସେମାନଙ୍କର ସମର୍ଥକମାନେ ପରସ୍ପର ବିରୋଧରେ ଲାଠି, ଠେଙ୍ଗା, ବନ୍ଧୁକ ପର୍ଯ୍ୟନ୍ତ ଧରିବା ଯାଏ କଥା ଯାଉଥିବା ବେଳେ ନିଜର ସ୍ୱାର୍ଥ ପାଇଁ ନେତାମାନେ ନିଜ ପକେଇବା ଛେପକୁ ପୁନର୍ବାର ଢୋକିବା ପରି ରାତି ଅଧରେ ଦଳ ବଦଳେଇ ଦେଉଛନ୍ତି। ଆଜି ଯେଉଁ ସମର୍ଥକମାନେ ଯେଉଁ ନେତାଙ୍କ ବିରୋଧରେ ପ୍ରଚାର କରୁଥିଲେ କାଲି ସକାଳେ ତାଙ୍କ ବେକରେ ଫୁଲମାଳ ପକେଇବାକୁ ପଡୁଛି। ସେହିପରି ଆଜି ଯାହା ବେକରେ ସମର୍ଥକମାନେ ଫୁଲମାଳ ପକାଉଥିଲେ, ରାତି ପାହିବା ବେଳକୁ ତାଙ୍କ ପୋଷ୍ଟରକୁ ଜୋତା ମାଳ ପିନ୍ଧେଇବାକୁ ପଡ଼ିବା ପରି ପରିସ୍ଥିତି ସୃଷ୍ଟି ହେଉଛି।

ଏଭଳି ପରିସ୍ଥିତିରେ ସବୁଠାରୁ ଅଧିକ ଅସୁବିଧାରେ ପଡୁଛନ୍ତି ସାଧାରଣ ଜନତା। ସେମାନେ ନିଜ ସ୍ୱଳ୍ପ ସ୍ମରଣଶକ୍ତିରେ ମନେ ରଖିବାକୁ ସକ୍ଷମ ହୋଇପାରୁନାହାନ୍ତି, ଅମୁକବାବୁ ଏବେ କେଉଁ ପାର୍ଟିରେ ଅଛନ୍ତି। ପୂର୍ବରୁ ରାଜନୀତିରେ ଲୋକମାନେ କଥା ହେଉଥିଲେ ଅମୁକବାବୁ ରକ୍ତରୁ କଂଗ୍ରେସ କି ରକ୍ତରୁ ଭାଜପା। ଏବେ ରାଜନୀତି ବିଷୟ କଥା ଉଠିଲେ ପ୍ରଥମେ ପଚରାଯାଉଛି, ଅମୁକ ବାବୁ ଏବେ କେଉଁ ଦଳରେ? ରାଜନୀତିର ଚରିତ୍ର ବଦଳିଯାଇଛି। ନେତାମାନେ ଏବେ ଏପରି ଦଳ ବଦଳ କରୁଛନ୍ତି ବା ମାଙ୍କଡ଼ଡିଆଁ ମାରୁଛନ୍ତି, ଯଦି ଦିନେ ବି ଆପଣ ଟିଭି ଦେଖା କି ଖବରକାଗଜ ପଢ଼ା ବନ୍ଦ କରିଦେବେ ତେବେ ଜାଣିପାରିବେନି କିଏ ଏବେ କେଉଁ ଦଳରେ ଅଛି!

ଗୋଟିଏ କଥା ତ ସ୍ପଷ୍ଟ, ନେତାମାନେ ଯେତେ ମୁହଁ ଭୁରୁଡ଼ି ମାରନ୍ତୁ କି ଆମେ ସମାଜସେବା କରିବା ପାଇଁ ଦଳ ବଦଳେଇଲୁ, ଅସଲ କଥା ସମସ୍ତେ ଜାଣନ୍ତି। କେବଳ କ୍ଷମତା ପାଇଁ, ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ନିଜ ସୁବିଧାରେ ନେତାମାନେ ଦଳ ବଦଳାଉଛନ୍ତି। ତାଙ୍କୁ ଭୋଟ ଦେଇଥିବା ଜନତା କିମ୍ବା ତାଙ୍କ ପାଇଁ ବିରୋଧୀଙ୍କ ସହିତ ଶତ୍ରୁ ହୋଇଥିବା ତାଙ୍କ ସମର୍ଥକଙ୍କ କଥା ସେମାନେ ଆଦୌ ଚିନ୍ତା ବି କରନ୍ତିନାହିଁ। ଏମିତି ଭାବେ ନିଜକୁ ବିକ୍ରି କରିବା ପରେ ସେହି ନେତାମାନେ ଟିଭି ସାମ୍ନାରେ ଦାନ୍ତ ଦେଖାନ୍ତି। ଦେହଜୀବୀଟିଏ ତ ଅନ୍ତତଃ ନିଜକୁ ବିକ୍ରି କରିବା ପାଇଁ ଅନ୍ଧାର ସ୍ଥାନଟିଏ ଖୋଜେ, କିନ୍ତୁ ନେତାଟିଏ ନିଜକୁ ଦିନ ଦ୍ୱିପ୍ରହରରେ ମିଡିଆ ସାମ୍ନାରେ ନିଲାମ କରିଦିଏ। ଏହାଠାରୁ ବଳି ଘୃଣା ଓ ନିନ୍ଦାର ବିଷୟ କ'ଣ ଥାଇପାରେ! ଏତେ ହୀନକାର୍ଯ୍ୟ କରିବା ପରେ ବି ଆମ ନେତାମାନେ ଚିକ୍ ଚିକ୍ ଆଲୁଅରେ ବାଇଟ୍ ଦିଅନ୍ତି। କାରଣ ସେମାନେ ଜାଣିଛନ୍ତି ଖୁବ୍ ସହଜରେ ଜନତା ଓ ସମର୍ଥକମାନଙ୍କୁ ଭୁଆଁ ବୁଲେଇହେବ। କିନ୍ତୁ ଜନତା ଓ ବିଚରା କୁଜିନେତାମାନେ ଭକୁଆ ହୋଇ ରହିବାରେ କି ଖୁସି ପାଉଛନ୍ତି କେଜାଣି! ଆମେ ପ୍ରଶ୍ନ ନ କରି ଅଧିକରୁ ଅଧିକ ଭକୁଆ ହୋଇ ରହିବାରେ ଖୁସି ହେଉଥିବାରୁ ସେମାନେ ଏଣ୍ଡୁଅ ପରି ରଙ୍ଗ ବଦଳେଇବାକୁ ଅଧିକରୁ ଅଧିକ ସାହସ ପାଉଛନ୍ତି। ତେଣୁ ଲୋକମାନଙ୍କୁ ଓ କୁଜିନେତା ବୋଲାଉଥିବା ବ୍ୟକ୍ତିମାନଙ୍କୁ ମୁଣ୍ଡ ଟେକି ଠିଆହେବାକୁ ହେବ। ନିଜ ସ୍ୱାର୍ଥ ପାଇଁ ଓ କ୍ଷମତା ପାଇଁ ବାରମ୍ବାର ଦଳ ବଦଳାଉଥିବା ନେତାମାନଙ୍କୁ ପ୍ରଶ୍ନ ପଚାରି ଅସ୍ତବ୍ୟସ୍ତ କରିପକେଇବା କଥା। ତାଙ୍କ ପଛରେ ଆଦୌ ଜିନ୍ଦାବାଦ୍ ନ ପକେଇ ତାଙ୍କୁ ଏକବାରେ ଏକଘରିକିଆ କରିବାର ଆବଶ୍ୟକତା ଅଛି। ସବୁଠାରୁ ବଡ଼ କଥା, ନିଜର ଭୋଟଟି ଅତ୍ୟନ୍ତ ମୂଲ୍ୟବାନ୍, ଏହାକୁ କୌଣସି ପାର୍ଟି ପଛରେ ଭାସି ନ ଯାଇ ଭଲ ଓ ଯୋଗ୍ୟ ବ୍ୟକ୍ତି ଦେଖି ଦେବାର ଅଛି।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର

## ପାଠକ ଶ୍ରେଷ୍ଠ ବିଚାରକ

### କ୍ଷୁଣ୍ଣ ହେଉଛି ମହାନତା

ମହାଶୟ,

ଧରିତ୍ରୀ ପୃଷ୍ଠାରେ ସାମ୍ବାଦିକ ଓ ସ୍ତମ୍ଭକାର ଆକାର ପଟେଲଙ୍କ ଲେଖା ପଢ଼ିବାର ସୁଯୋଗ ପାଇଲି। ଚିରାଚରିତ ଢଙ୍ଗରେ ସେ ନିଜ ମନସ୍ତତ୍ତ୍ୱକୁ ଜାହିର କରିଛନ୍ତି ଓ 'କ୍ଷୁଣ୍ଣ ହେଉଛି ମହାନତା' ତା'ର ନିଚ୍ଛକ ନିଦର୍ଶନ। ଯେତେ ଶାନ୍ତିପ୍ରିୟ ହେଲେ ବି ଭାରତ ପାଖରେ ଉପାୟ ବା କ'ଣ? କୃଷ୍ଣ ଓ ଅର୍ଜୁନ ବି ଯୁଦ୍ଧର ସପକ୍ଷରେ ନ ଥିଲେ। ହେଲେ ଉପାୟଶୂନ୍ୟ ଥିଲେ। ଆମେ ଯୁଦ୍ଧର ପୃଷ୍ଠପୋଷକତା କରୁନାହୁଁ। କିନ୍ତୁ ଯୁଦ୍ଧର ବିକଳ୍ପ କାହିଁ? ପାକିସ୍ତାନର ସାଧାରଣ ଜନତା ବା ସେ ଦେଶକୁ କେହି ଦୋଷ ଦେଉନାହାନ୍ତି, ହେଲେ ସେ ଦେଶ ଆତଙ୍କବାଦର ଭୂସ୍ୱର୍ଗ ଓ ସେଥିପାଇଁ ଦଣ୍ଡ ପାଇବା ଉଚିତ। ଆକାରବାବୁ ସବୁ ସମାଲୋଚନାର କେନ୍ଦ୍ର କରିଛନ୍ତି କେନ୍ଦ୍ର ପ୍ରଶାସନକୁ। ବ୍ୟକ୍ତିଗତ ଭାବେ ସେ କ'ଣ ଚିନ୍ତା କରନ୍ତି ଓ କୁହନ୍ତି ତାହା ଅଲଗା କଥା, କିନ୍ତୁ ଏଇ ଆକାର ପଟେଲ ଆଜମଲ କସବ ପରି ନରରାକ୍ଷସର ରାଜକ୍ଷମା ଆବେଦନ କରି ନିଜର କେଉଁ ମହାନତାର ନିଦର୍ଶନ ଦେଇଥିଲେ ଟିକେ ଜଣେଇବେ କି?

ଅଶୋକ ଦାସ, ଭୁବନେଶ୍ୱର

### ସଙ୍କଟରେ ଦାଦନ ଶ୍ରମିକ

ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ ଦାଦନ ଖଟିବାକୁ ପିଲାଛୁଆଙ୍କୁ ଧରି ବାହାର ରାଜ୍ୟକୁ ଯାଉଛନ୍ତି। ଏମାନେ କିଛି ଦଲାଲଙ୍କଠାରୁ ବହିନା ନେଇ ଅନ୍ୟ ରାଜ୍ୟର କାରଖାନା ଓ ଇଟାଭାଟି ମାଲିକମାନଙ୍କ ପାଖରେ ବନ୍ଧା ପଡ଼ି ଯାଉଛନ୍ତି। ସେଠାରେ ଛୋଟ ପିଲାଠାରୁ ଆରମ୍ଭ କରି ମହିଳା, ଯୁବତୀ, ଝିଅ ସମସ୍ତେ ଦିନରାତି କାମ କରୁଛନ୍ତି। ସେମାନଙ୍କର ଯୁବତୀ ସ୍ତ୍ରୀ ଓ କନ୍ୟାମାନେ ବେଳେ ବେଳେ ମାଲିକ କିମ୍ବା ତାଙ୍କ କର୍ମଚାରୀଙ୍କ ଯୌନ ଶୋଷଣର ଶିକାର ହୁଅନ୍ତି। ସେମାନଙ୍କୁ ଅସ୍ୱାସ୍ଥ୍ୟକର ସ୍ଥାନରେ ରହିବାକୁ ପଡ଼େ। ପେଟପୂରା ଖାଦ୍ୟ ମିଳେନା କିମ୍ବା ରୋଗ ହେଲେ ଔଷଧ ମିଳେନା। ରୋଗାକ୍ରାନ୍ତ ହୋଇ ଖାଲି ହାତରେ ଘରକୁ ଫେରନ୍ତି। ଏହାର ମୁଖ୍ୟ କାରଣ ହେଲା ଓଡ଼ିଶା ପ୍ରାକୃତିକ ସମ୍ପଦରେ ଭରପୂର ଥିଲେ ମଧ୍ୟ ଏହାର ଉପଯୁକ୍ତ ବିନିଯୋଗ ହୋଇପାରୁନି। ଯେଉଁ ଯୋଜନାମାନ ଗ୍ରହଣ କରାଯାଉଛି, ତାହା ବାସ୍ତବ ତଥା ଦୁର୍ନୀତିମୁକ୍ତ ହୋଇପାରୁନି। ଏହି ପରିପ୍ରେକ୍ଷୀରେ ତା୨୮।୧।୧୯ରିଖରେ ଧରିତ୍ରୀରେ ପ୍ରକାଶିତ ପ୍ରଦୀପ୍ତ ନାୟକଙ୍କ ଆଲେଖ୍ୟ 'ଦାଦନ ଶ୍ରମିକ' ଖୁବ୍ ମାର୍ମିକ ଓ ତଥ୍ୟ ସମ୍ବଳିତ ହୋଇଛି।

ଭଗବାନ ଦାସ, 'ହରି ନିବାସ' ନାରାୟଣପୁର, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା ଅଞ୍ଚଳର ଏକ ହୋଟେଲ ସମ୍ମୁଖରେ ଥିବା ବାଇକ ଡିକିରୁ ପ୍ରାୟ ୪ କେଜି ଓଜନର ରୁପା ଅଳଙ୍କାର ଚୋରି ହୋଇଥିବା ଦାରିଙ୍ଗବାଡି ଥାନାରେ ଅଭିଯୋଗ ହୋଇଛି। ପୋଲିସ ପହଞ୍ଚି ହୋଟେଲରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରୁଛି।

# ୨ ବାଳକଙ୍କ ସଲିଳ ସମାଧି

ଆନନ୍ଦପୁର, ୨୭।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ଥାନା ବୈତରଣୀର କୋଡ଼ପଡ଼ା ବାଲି ଘାଟରେ ବୁଧବାର ପ୍ରାୟ ୧୦ଟା ସମୟରେ ଗାଧୋଉଥିବା ବେଳେ ଚୋରାବାଲିରେ ଗୋଡ଼ ଫସିଯିବାରୁ ୨ ବାଳକଙ୍କ ପାଣିରେ ବୁଡ଼ି ମୃତ୍ୟୁ ଘଟିଛି। ଏ ନେଇ ଆନନ୍ଦପୁର ଡାକ୍ତରଖାନା ପରିସରଠାରୁ ଆରମ୍ଭ କରି କୋଡ଼ପଡ଼ା, ସଢ଼ା ଓ ବସନ୍ତିଆ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମୃତକ ହେଲେ ନନ୍ଦିପଦା ଥାନା ବସନ୍ତିଆ ଗ୍ରାମର ଜଗନ୍ନାଥ ସୁତାରଙ୍କ ବଡ଼ପୁଅ ଶୁଭ୍ରପ୍ରକାଶ ସୁତାର(୧୮) ଏବଂ ସୋସୋ ଥାନା ସଢ଼ା ଗ୍ରାମର ଶରତ ଓଝାଙ୍କ ସାନପୁଅ ରୁଦ୍ରନାରାୟଣ ଓଝା(୧୨)। ଉଭୟ ମାମୁଘର ଆନନ୍ଦପୁର ଥାନା କୋଡ଼ପଡା ଗ୍ରାମକୁ ନିଜ ମାଆଙ୍କ ସହିତ ମଙ୍ଗଳା ଓଷା ଦେଖିବାକୁ ଆସିଥିଲେ। ଉଭୟ କୋଡ଼ପଡ଼ା ଗ୍ରାମର ଗୋଟିଏ ପରିବାରର ଦୁଇ ଭାଇ ସୁଦାମ ଓଝା ଓ ଅନାମ ଓଝାଙ୍କ ଘରକୁ



କୋଡ଼ପଡ଼ା ବାଲିଘାଟ।

- କୋଡ଼ପଡ଼ା ବାଲିଘାଟରେ ବୁଡ଼ିଗଲେ
- ମାମୁଁଘରକୁ ମଙ୍ଗଳା ଓଷା ଦେଖିବାକୁ ଆସିଥିଲେ
- ପୋକଲିନ୍ ପୋଡ଼ି, ରାସ୍ତାରୋକୋ ଓ ଉତ୍ତେଜନା

ଆସିଥିଲେ। ଶୁଭ୍ରପ୍ରକାଶ ଛେନାପଦୀସ୍ଥିତ ଆଇଟିଆଇର ପ୍ରଥମ ବର୍ଷର ଛାତ୍ର ଥିବାବେଳେ ରୁଦ୍ର ନାରାୟଣ ବସନ୍ତିଆ ଗ୍ରାମର ଷଷ୍ଠ ଶ୍ରେଣୀର ଛାତ୍ର। ଉଭୟ ବୁଧବାର କେତେଜଣ ସାଙ୍ଗଙ୍କ ସହିତ ଏହି ବାଲିଘାଟକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ବୁଡ଼ି ଯାଇଥିଲେ। ଉଭୟଙ୍କୁ ଲୋକେ ପାଣିରୁ ଉଦ୍ଧାର କରିଥିଲେ। ଖବର ପାଇ ଆନନ୍ଦପୁର ଅଗ୍ନିଶମ ବିଭାଗ କର୍ମଚାରୀ କୋଡ଼ପଡା ଗ୍ରାମରେ ପହଞ୍ଚି ଉଦ୍ଧାର ଦୁଇ ଜଣଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

ଆନନ୍ଦପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଅନ୍ୟପକ୍ଷରେ ବାଲି ଘାଟରେ ବାଲି ଉଠାଉଥିବା ଏକ ପ୍ରୋକଲିନ୍ ମେଶିନ୍‌କୁ ଲୋକେ ପୋଡି ଦେଇଥିବା ସୂଚନା ମିଳିଛି। ଘଟଣାକୁ ନେଇ ଉତ୍ତେଜନା ଲାଗି ରହିଛି। ଲୋକେ ରାସ୍ତାରୋକୋ କରିଥିଲେ। ଉତ୍ତେଜନା ପରିସ୍ଥିତି ଉପରେ କଡ଼ା ନଜର ରଖିଛି ଆନନ୍ଦପୁର ପୋଲିସ। ଖବର ଲେଖା ହେବା ବେଳକୁ ଆନନ୍ଦପୁର ତହସିଲଦାରଙ୍କୁ ମହିଳାମାନେ ଅଟକ ରଖିଥିଲେ।

# ପୋଖରୀରେ ବୁଡ଼ି ୩ ନାବାଳିକା ମୃତ

ଦାରିଙ୍ଗବାଡ଼ି, ୨୭।୩(ଡି.ଏନ.ଏ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା ପର୍ଡ଼ମାହା ବୁଧବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ଗାଁ ଶେଷ ମୁଣ୍ଡରେ ଥିବା ପୋଖରୀରେ ବୁଡ଼ି ୨ଭଉଣୀଙ୍କ ସମେତ ୩ ନାବାଳିକାଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ, ଉକ୍ତ ଗ୍ରାମର ବାୟାବନ୍ଧୁ ନାୟକଙ୍କ ୨ଝିଅ ରେଣୁକା(୯), ମେନୁକା(୭) ଏବଂ ରବୀନ୍ଦ୍ର ସେନାପତିଙ୍କ ଝିଅ ଲିସା(୩)। ୩ଜଣଙ୍କର କିଭଳି ମୃତ୍ୟୁ ହେଲା ସ୍ପଷ୍ଟ ଜଣା ପଡି ନ ଥିଲେ ମଧ୍ୟ ଜଣଙ୍କୁ ବଞ୍ଚାଇବାକୁ ଯାଇ ଆଉ ୨ଜଣ ବୁଡି ପ୍ରାଣ ହରାଇଥିବା ଅନୁମାନ କରାଯାଉଛି।

ରେଣୁକା, ମେନୁକା ଓ ଲିସା ଅପରାହ୍ନରେ ଖେଳିବା ପାଇଁ ଯାଇଥିଲେ। ସନ୍ଧ୍ୟା ହୋଇଥିଲେ ମଧ୍ୟ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଗାଁ ଶେଷମୁଣ୍ଡରେ ଥିବା ପୋଖରୀ ତୁଠରେ ସେମାନଙ୍କ ପୋଷାକ ଥିବା ଦେଖିବାକୁ ମିଳିଥିଲା। ସନ୍ଦେହ ହେବାରୁ ଖୋଜାଖୋଜି କରିବାରୁ ପୋଖରୀରେ ୩ଜଣଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଅଗ୍ନିଶମ ବାହିନୀ ପହଞ୍ଚିବା ପରେ ଗ୍ରାମବାସୀଙ୍କ ସହାୟତାରେ ମୃତଦେହ ଗୁଡିକୁ ପୋଖରୀରୁ ଉଦ୍ଧାର କରାଯାଇଥିଲା। ପରେ ସେଠାରେ ଚାପା ଉତ୍ତେଜନା ଦେଖା ଦେଇଥିଲା। ଦାରିଙ୍ଗବାଡି ଥାନା ଅଧିକାରୀ ଅଲେଖ ଗରଡିଆ ପହଞ୍ଚି ମୃତଦେହଗୁଡିକୁ ଦାରିଙ୍ଗବାଡି ମେଡିକାଲକୁ ନେବାର ବ୍ୟବସ୍ଥା କରିଥିଲେ। ଗୁରୁବାର ମୃତଦେହ ଗୁଡିକର ବ୍ୟବଚ୍ଛେଦ ହେବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି। ରେଣୁକା ଚତୁର୍ଥ ଶ୍ରେଣୀରେ ପାଠ ପଢୁଥିବାବେଳେ ମେନୁକା ଦ୍ୱିତୀୟ ଶ୍ରେଣୀର ଛାତ୍ରୀ।

# ଡିକି ଖୋଲି ନେଇଗଲେ ୫ ଲକ୍ଷ

ଭଦ୍ରକ ଅଫିସ, ୨୭।୩ – ଜଣେ ଅବସରପ୍ରାପ୍ତ ପୋଲିସ ହାବିଲଦାର ମଙ୍ଗଳବାର ମଧ୍ୟାହ୍ନରେ ଲୁଟ୍‌ର ଶିକାର ହୋଇଛନ୍ତି। ତାଙ୍କ ବାଇକ୍ ଡିକିରୁ ୫ ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଚରମ୍ପା କେନାଲ ରୋଡରେ ରହୁଥିବା ଅବସରପ୍ରାପ୍ତ ପୋଲିସ ହାବିଲଦାର ମହେନ୍ଦ୍ର ପଣ୍ଡା ସ୍ଥାନୀୟ ଷ୍ଟେଟବ୍ୟାଙ୍କରୁ ୫ ଲକ୍ଷ ଟଙ୍କା ଉଠାଇ ଏକ ଫଳ ଦୋକାନ ନିକଟରେ ଗାଡ଼ି ରଖିଥିଲେ। ନିକଟସ୍ଥ ଏକ ପାନ ଦୋକାନରୁ ସେ ପାନ କିଣି ଘରକୁ ଫେରିଥିଲେ। ଘରେ ପହଞ୍ଚି ତାଙ୍କ ଗାଡ଼ି ଡିକି ଖୋଲାଥିବା ଓ ଟଙ୍କା ଭର୍ତ୍ତି ବ୍ୟାଗ୍ ନ ଥିବା ସେ ଦେଖିଥିଲେ। କିଛି ସମୟ ଖୋଜାଖୋଜି କରିବା ପରେ ସେ ମଙ୍ଗଳବାର ସନ୍ଧ୍ୟାରେ ଏନେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ।




# ଓଡ଼ିଆ ଯବାନଙ୍କ ଆତ୍ମହତ୍ୟା

ମୋହନା, ୨୭।୩(ଡି.ଏନ୍.ଏ.)

ପଶ୍ଚିମବଙ୍ଗର ପତିରା ବର୍ଡରରେ ନିୟୋଜିତ ଜଣେ ଓଡିଆ ବିଏସ୍ଏଫ୍ ଯବାନ ମଙ୍ଗଳବାର ରାତିରେ ନିଜ ସର୍ଭିସ ରାଇଫଲରୁ ଗୁଳି ଫୁଟାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ଯବାନ ଜଣକ ହେଲେ ଗଜପତି ଜିଲା ଅଡବା ଥାନା ଝିଲିକି ଗ୍ରାମର ସାଗର ଗୌଡ। ମଙ୍ଗଳବାର ରାତିରେ ବିଏସ୍ଏଫ୍ କାର୍ଯ୍ୟାଳୟରୁ ଫୋନ୍ ଯୋଗେ ଡେପୁଟି କମାଣ୍ଡାଣ୍ଟ ରଣାନନ୍ଦ ଯାଦବ ଏହି ଖବର ଦେଇଥିବା ତାଙ୍କ ବାପା ନୃସିଂହ କହିଛନ୍ତି। କୌଣସି କାରଣରୁ ସେ ମାନସିକ ଭାରସାମ୍ୟ ହରାଇ ଏପରି ପଦକ୍ଷେପ ନେଇଥିବା ଅନୁମାନ କରାଯାଉଛି। ଏନେଇ ଅଧିକ ତଦନ୍ତ ଚାଲିଛି, ମୃତଦେହ ବ୍ୟବଚ୍ଛେଦ ପରେ ଘରକୁ ପଠାଯିବ ବୋଲି ଡେପୁଟି କମାଣ୍ଡାଣ୍ଟ ଯାଦବ କହିଥିଲେ।



ସାଗରଙ୍କର ଆସନ୍ତା ମେ’ ମାସରେ ବିବାହ ସ୍ଥିର ହୋଇଥିବାବେଳେ ମାର୍ଚ୍ଚ ୨୮ରେ ନିର୍ବନ୍ଧ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ମାତ୍ର ହଠାତ୍ ଏପରି ମୃତ୍ୟୁ ଖବର ପାଇ ପରିବାରବର୍ଗ ଓ ଗ୍ରାମବାସୀ ଦୁଃଖରେ ଭାଙ୍ଗି ପଡିଛନ୍ତି। ସାଗରଙ୍କ ୩ ଭାଇ ଓ ଗୋଟିଏ ଭଉଣୀ ଅଛନ୍ତି। ବାପା ଚାଷ କାର୍ଯ୍ୟ କରୁଥିବାବେଳେ ସାଗରଙ୍କ ଉପରେ ପରିବାର ନିର୍ଭର କରୁଥିଲା।

# ହାତୀ ମୃତଦେହ ଠାବ

ବାରିପଦା ଅଫିସ, ୨୭।୩

**ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଥିବା ସନ୍ଦେହ**

ମୟୂରଭଞ୍ଜ ଜିଲା ବାରିପଦା ବନଖଣ୍ଡ ଅଧୀନ ବେତନଟି ବନାଞ୍ଚଳ ତଥା ମୋରଡ଼ା ବ୍ଲକ ଅଧୀନ ଧାନଶୋଳ ଜଙ୍ଗଲରେ ବୁଧବାର ସନ୍ଧ୍ୟାରେ ଏକ ହାତୀର ମୃତଦେହ ଠାବ ହୋଇଛି। ପ୍ରାୟ ୨/୩ ଦିନ ତଳେ ହାତୀର ମୃତ୍ୟୁ ଘଟିଥିବା ବନ ବିଭାଗ ଅନୁମାନ କରୁଛି। ହାତୀର ମୃତଦେହ ଉପରେ ୩୩ କେଭି ବିଦ୍ୟୁତ୍ ଲାଇନର ତାର ଯାଇଥିବାରୁ ବିଦ୍ୟୁତ୍ ଆଘାତରେ ହାତୀର ମୃତ୍ୟୁ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଥିବା ବେତନଟି ବନାଞ୍ଚଳ ଅଧିକାରୀ ଘନଶ୍ୟାମ ସିଂ କହିଛନ୍ତି। ଜଙ୍ଗଲ ମଧ୍ୟରୁ ଦୁର୍ଗନ୍ଧ ଆସିବାରୁ ଧାନଶୋଳ ଗ୍ରାମବାସୀ ଘଟଣାସ୍ଥଳକୁ ଯାଇ ସେଠାରେ ହାତୀର ମୃତଦେହ ପଡିଥିବା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଘଟଣାସ୍ଥଳକୁ ବନ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଯାଇ ତଦନ୍ତ କରୁଥିବା ଜଣାପଡ଼ିଛି।










" ନିଜକୁ ସୁରକ୍ଷିତ ରଖିବା ପାଇଁ ଆବଶ୍ୟକ ସମସ୍ତ ପଦକ୍ଷେପ ଗ୍ରହଣ କରିବ ଭାରତ।
-ରାମନାଥ କୋବିନ୍ଦ, ରାଷ୍ଟ୍ରପତି





ଡିଆରଡିଓର ମିଶନ ଶକ୍ତି ସଫଳ ହେବା ପରେ ଅହମ୍ମଦାବାଦର ସ୍କୁଲ ଛାତ୍ରୀଛାତ୍ର ଜାତୀୟ ପତାକା ଓ ପ୍ଲାକାର୍ଡ ଧରି ଉତ୍ସବ ମନାଉଛନ୍ତି।



ପୋପ୍ ଫ୍ରାନ୍ସିସ୍ ବୁଧବାର ଭାଟିକାନ ସିଟିର ସେଣ୍ଟ ପିଟର୍ସ ସ୍କୋୟାରରେ ଜଣେ ଶିଶୁକୁ ଚୁମ୍ବନ ଦେଉଛନ୍ତି।



ପାକିସ୍ତାନରୁ ୫୦୦ କୋଟି ଟଙ୍କାର ଡ୍ରଗ୍ସ ନେଇ ପୋରବନ୍ଦର ଆସୁଥିବା ୯ ଇରାନୀ ଚାଲାଣକାରୀ ଧରାପଡ଼ିବା ପରେ ବୋଟ୍‌ରେ ନିଆଁ ଲଗାଇଦେଇଛନ୍ତି।

## ସରବ୍‌ଜିତ୍‌ଙ୍କ ଭଉଣୀ ଭାଜପା ଟିକେଟ ଆଶାୟୀ



**ଚଣ୍ଡିଗଡ଼, ୨୭।୩(ଆଇଏଏନ୍‌ଏସ୍):** ପାକିସ୍ତାନ ଜେଲ୍‌ରେ ଥିବାବେଳେ କଏଦୀଙ୍କ ଆକ୍ରମଣର ଶିକାର ହୋଇ ୨୦୧୩ରେ ପ୍ରାଣ ହରାଇଥିବା ସରବ୍‌ଜିତ୍ ସିଂଙ୍କ ଭଉଣୀ ଦଲବୀର କୌର ହରିୟାଣାର ସିର୍ସା ଲୋକ ସଭା ଆସନରୁ ନିର୍ବାଚନ ଲଢ଼ିବା ପାଇଁ ଆଗ୍ରହୀ। ସେ ଭାଜପା ଟିକେଟରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ହରିୟାଣା ରାଜ୍ୟ ସଭାପତି ସୁଭାଷ ବରାଲଙ୍କୁ ସାକ୍ଷାତ କରିଛନ୍ତି। ଦଳ ତାଙ୍କୁ ନିର୍ବାଚନ ଲଢ଼ିବା ପାଇଁ ସୁଯୋଗ ଦେଲେ ସେ ପ୍ରତିଦ୍ୱନ୍ଦ୍ୱିତା କରିବେ ଓ ଜିତିବେ ବୋଲି ଦଲବୀର କହିଛନ୍ତି।

# ଶପଥ ନେଲେ ୮ ଲୋକପାଳ ସଦସ୍ୟ

**ନୂଆଦିଲ୍ଲୀ, ୨୭।୩(ପି.ଟି.)**

ଲୋକପାଳର ନବନିଯୁକ୍ତ ସମସ୍ତ ୮ ସଦସ୍ୟ ବୁଧବାର ଶପଥ ଗ୍ରହଣ କରିଛନ୍ତି। ଲୋକପାଳ ଅଧ୍ୟକ୍ଷ ଜଷ୍ଟିସ୍ ପିନାକୀ ଚନ୍ଦ୍ର ଘୋଷ ସଦସ୍ୟ ଜଷ୍ଟିସ୍ ଦିଲୀପ ବି ଭୋସଲେ, ପ୍ରଦୀପ କୁମାର ମହାନ୍ତି, ଅଭିଲାଷା କୁମାରୀ ଏବଂ ଅଜୟ କୁମାର ତ୍ରିପାଠୀଙ୍କୁ ଶପଥପାଠ କରାଇଥିଲେ। ଏମାନେ ବିଭିନ୍ନ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି। ଏହାବ୍ୟତୀତ ଅଣନ୍ୟାୟପାଳିକା ସଦସ୍ୟ ଭାବେ ସଶସ୍ତ୍ର ସୀମା ବଳର ପୂର୍ବତନ ପ୍ରଥମ ମହିଳା ମୁଖ୍ୟ ଅର୍ଚ୍ଚନା ରାମସୁନ୍ଦରମ୍, ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟ ସଚିବ ଦିନେଶ କୁମାର ଜୈନ, ପୂର୍ବତନ ଆଇଆର୍‌ଏସ ଅଫିସର ମହେନ୍ଦର ସିଂ ଏବଂ ଗୁଜରାଟ କ୍ୟାଡରର ପୂର୍ବତନ ଆଇଏଏସ୍ ଅଫିସର ଇନ୍ଦ୍ରଜିତ ପ୍ରସାଦ ଗୌତମ ମଧ୍ୟ ଲୋକପାଳ ସଦସ୍ୟ ଭାବେ ଶପଥ ନେଇଛନ୍ତି। ଦେଶର ପ୍ରଥମ ଲୋକପାଳ ଜଷ୍ଟିସ୍ ଘୋଷଙ୍କୁ ଗତ ଶନିବାର ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶପଥ ପାଠ କରାଇଥିଲେ। ଶପଥ ଗ୍ରହଣ ପ୍ରକ୍ରିୟା ଶେଷ ସହିତ ଲୋକପାଳର କାର୍ଯ୍ୟକାରିତା ଆରମ୍ଭ ହୋଇଛ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।



ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଲୋକପାଳ ଅଧ୍ୟକ୍ଷ ଜଷ୍ଟିସ୍ ପିନାକୀ ଚନ୍ଦ୍ର ବୋଷଙ୍କ ସହ ଦୁର୍ନୀତି ନିରୋଧୀ ସଂସ୍ଥାର ନବନିଯୁକ୍ତ ସଦସ୍ୟମାନେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟେଁ ଟେଁୟା ସାରୀ**
**ଚିକ୍କଣିଆ ଭଣ୍ଡାରି**
**ଚାହିଁ ଜଳକୀ ବିଟପୀ ନାରୀ**
**ସଖୀ ବଡ଼ ମନ୍ଦ ଏ ।**

ଅହରହ ରାବ କରୁଥିବା ସାରୀକୁ କେହି ଆଦର କରି ନ ଥାନ୍ତି। ଚିକ୍କଣିଆ କଥା କହୁଥିବା ବ୍ୟକ୍ତି କେବେ ବିବିଶ୍ୱାସ ବା ଭରସାଯୋଗ୍ୟ ହୋଇପାରି ନ ଥାନ୍ତି। ସେହିପରି ବ୍ୟଭିଚାରିଣୀ ନାରୀକୁ କେହି ସାଦରେ ଗ୍ରହଣ କରି ନ ଥାନ୍ତି। ଏମାନେ ସମସ୍ତେ ଖରାପ ସ୍ୱଭାବର ହୋଇଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଡେଇଁ ଡେଇଁ ଗଲା ଧଣ୍ଡ**
**ଡାମରା କାଉକୁ ଓଢ଼ଣା ପଡୁଛି**
**ଢମକୁ ହଲାଉ ମୁଣ୍ଡ ।**

ଧଣ୍ଡସାପ ବିଷହୀନ। ଡାମରା କାଉ ଦେଖିଦେଲେ କାଳେ ଖୁମ୍ପି ଦେବ ସେହି ଭୟରେ ସେ ଲୁଚିଯିବାକୁ ଶ୍ରେୟ ମଣିଥାଏ। ଡାମରା କାଉର ଆଢୁଆଳରେ ରହି ବର୍ତ୍ତିଯାଇଥିବା ଧଣ୍ଡସାପ ନିଜକୁ ବଡ଼ ବୋଲି ଦେଖାଇ ହେବାରେ କୌଣସି ଯଥାର୍ଥତା ରହି ନ ଥାଏ ବରଂ ଏହା ତା'ର ନିର୍ବୋଧତା ବୋଲି ବୁଝାପଡ଼ିଥାଏ। ସବଳ ବ୍ୟକ୍ତିର ଅଲକ୍ଷ୍ୟରେ ଦୁର୍ବଳ ବ୍ୟକ୍ତି ନିଜ ଅହଙ୍କାର ପଣିଆ ଦେଖେଇହେବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## 'ମୋଦିଙ୍କୁ ବାହାର ରାସ୍ତା ଦେଖାଅ'



**ଶ୍ରୀନଗର, ୨୭।୩:** ୨୦୧୪ ସାଧାରଣ ନିର୍ବାଚନରେ ଭାଜପା ଦେଇଥିବା ପ୍ରତିଶ୍ରୁତି ଏଯାଏ ପୂରଣ ହୋଇନାହିଁ ତେଣୁ ବିଫଳ ଏନ୍‌ଡିଏ ସରକାର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏଥର ଦେଶବାସୀ ବାହାରର ରାସ୍ତା ଦେଖାଇଦେବା ଉଚିତ ବୋଲି ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ ତଥା ଶ୍ରୀନଗରରୁ ନିର୍ବାଚନ ଲଢୁଥିବା ଫାରୁକ୍ ଅବ୍‌ଦୁଲ୍ଲା କହିଛନ୍ତି। ଦେଶବାସୀ ମୋଦିଙ୍କଠାରୁ ଦରଦାମ ବୃଦ୍ଧି ଓ ବେକାରି ସମସ୍ୟା ନେଇ ଉତ୍ତର ଚାହାନ୍ତି ବୋଲି ଫାରୁକ୍ କହିଛନ୍ତି।

# ଧବଳିକରଙ୍କ ଉପମୁଖ୍ୟମନ୍ତ୍ରୀ ପଦ ଗଲା

**ପଣଜୀ, ୨୭।୩**

**ଗୋଆ ରାଜନୀତି**



ସହଯୋଗୀ ଦଳ ମହାରାଷ୍ଟ୍ରୱାଡି ଗୋମନ୍ତକ ପାର୍ଟି (ଏମ୍‌ଜିପି)ର ଦୁଇ ବିଧାୟକ ମଙ୍ଗଳବାର ବିଳମ୍ବିତ ରାତିରେ ଦଳବଦଳ କରି ଭାଜପାରେ ସାମିଲ ହେବା ପରେ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଉପମୁଖ୍ୟମନ୍ତ୍ରୀ ପଦରୁ ରାମକ୍ରିଷ୍ଣ ସୁଦିନ ଧବଳିକରଙ୍କୁ ବାଦ୍ ଦେଇଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ସୁପାରିସକୁ ରାଜ୍ୟପାଳ ମୃଦୁଳା ସିହ୍ନା ଗ୍ରହଣ କରିଛନ୍ତି। ବୁଧବାର ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଧବଳିକର ଗୋଆ କ୍ୟାବିନେଟରେ ଜଣେ ମନ୍ତ୍ରୀ ଭାବେ ରହିବେ। ଏଥିରେ ଧବଳିକର ପ୍ରତିକ୍ରିୟା ପ୍ରକାଶ କରି ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ପର୍କରେ ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ଜନସାଧାରଣ ସବୁ ଦେଖୁଛନ୍ତି ଓ ସେମାନେ ଏହାର ଜବାବ ଦେବେ ବୋଲି ସେ କହିଛନ୍ତି। ଏମ୍‌ଜିପିର ବିଧାୟକ ମନୋହର ଅଜ୍‌ଗାଓଁଙ୍କର ଏବଂ ଦୀପକ ଫୌସ୍କର ଦଳ ଛାଡି ଭାଜପାରେ ଯୋଗ ଦେଇଛନ୍ତି। ଫଳରେ ୩୬ ବିଧାୟକ ଥିବା ଗୋଆ ବିଧାନସଭାରେ ଭାଜପା ସଦସ୍ୟ ସଂଖ୍ୟା ୧୪ରେ ପହଞ୍ଚିଛି। ପୌସ୍କର ମନ୍ତ୍ରୀ ଭାବେ ଶପଥ ନେଇପାରନ୍ତି ବୋଲି ଜଣାପଡିଛି।

## ଇତିହାସର ଆଇନାରେ
## ମାର୍ଚ୍ଚ ୨୮ର ପ୍ରମୁଖ ଘଟଣା

୧୯୯୩ ମାର୍ଚ୍ଚ ୨୮ରେ ଜିଆଙ୍ଗ ଜେମିନ୍ ପିପୁଲ୍ସ ରିପବ୍ଲିକ୍ ଅଫ ଚାଇନାର ରାଷ୍ଟ୍ରପତି ନିଯୁକ୍ତ ହୋଇଥିଲେ। ସେ ୧୯୮୯ରୁ ୨୦୦୨ ପର୍ଯ୍ୟନ୍ତ ଚାଇନା କମ୍ୟୁନିଷ୍ଟ ପାର୍ଟିର ସାଧାରଣ ସମ୍ପାଦକ ଏବଂ ୧୯୮୯ରୁ ୨୦୦୪ ଏହାର କେନ୍ଦ୍ରୀୟ ମିଲିଟାରୀ କମିଶନ ଅଧ୍ୟକ୍ଷ ରହିଥିଲେ। ସେ ୧୯୯୩ରୁ ୨୦୦୩ ପର୍ଯ୍ୟନ୍ତ ରାଷ୍ଟ୍ରପତି ପଦରେ ରହିଥିଲେ।

୨୦୧୬ ମାର୍ଚ୍ଚ ୨୮ରେ ଲାହୋରସ୍ଥିତ ଗୁଲଶନ୍-ଇ-ଇକ୍‌ବାଲ ପାର୍କରେ ଆତ୍ମଘାତୀ ବିସ୍ଫୋରଣ ହୋଇଥିଲା। ଏଥିରେ ୭୦ ଜୀବନ ଯାଇଥିବାବେଳେ ୩୦୦ ଲୋକ ଆହତ ହୋଇଥିଲେ। ଖ୍ରୀଷ୍ଟିଆନମାନେ ଇଷ୍ଟର ପର୍ବ ପାଳନ କରୁଥିବାବେଳେ ସେମାନଙ୍କୁ ଟାର୍ଗେଟ କରି ଏହି ବିସ୍ଫୋରଣ କରାଯାଇଥିଲା। ପାକିସ୍ତାନୀ ତାଲିବାନୀ ଆତଙ୍କବାଦୀ ସଂଗଠନ ଆକ୍ରମଣ ପାଇଁ ନିଜକୁ ଦାୟୀ କରିଥିଲା।

# ଇସ୍ତଫା ଦେବେ ଥେରେସା

**ଲଣ୍ଡନ, ୨୭।୩**



ପରବର୍ତ୍ତୀ ପର୍ଯ୍ୟାୟ ବ୍ରେକ୍‌ଜିଟ୍ ବୁଝାମଣା ପୂର୍ବରୁ ବ୍ରିଟିଶ ପ୍ରଧାନମନ୍ତ୍ରୀ ଥେରେସା ମେ ଇସ୍ତଫା ଦେବେ ବୋଲି ବୁଧବାର ସୂଚନା ଦେଇଛନ୍ତି। ସେ ଏହି ପଦବୀରେ ପରବର୍ତ୍ତୀ ପର୍ଯ୍ୟାୟ ବୁଝାମଣା ପର୍ଯ୍ୟନ୍ତ ରହିବାକୁ ଚାହୁଁ ନ ଥିବା କଞ୍ଜରଭେଟିଭ୍ ପାର୍ଟି ଏମ୍‌ପିମାନଙ୍କୁ ଜଣାଇଦେଇଛନ୍ତି। ପାର୍ଲାମେଣ୍ଟ ବୈଠକ ପରେ ଜେମ୍‌ସ କାର୍ଟଲିଜ୍ ଖବରଦାତାମାନଙ୍କୁ ଏହି ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ବ୍ରେକ୍‌ଜିଟ୍ ଡିଲ୍‌କୁ ବିରୋଧ କରି ଏମ୍‌ପିମାନେ ଭୋଟ ଦେବା ଥେରେସାଙ୍କ ପାଇଁ ବଡ଼ ଝଟକା ଥିଲା।



ବୁଧବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।
**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପାଗ ଶୁଖିଲା ରହିବା ସହ ଅପରାହ୍ଣରେ ଆକାଶ ଆଂଶିକ ମେଘାଚ୍ଛନ୍ନ ହୋଇପାରେ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୭ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୬ | ୨୧.୦ |
| ଚାନ୍ଦବାଲି | ୩୪.୧ | ୨୪.୫ |
| କଟକ | ୩୬.୨ | ୨୨.୦ |
| ପାରାଦ୍ୱୀପ | ୩୧.୮ | ୨୫.୯ |
| ଭୁବନେଶ୍ୱର | ୩୬.୨ | ୨୪.୬ |
| ଗୋପାଳପୁର | ୩୨.୦ | ୨୬.୩ |
| ପୁରୀ | ୩୨.୦ | ୨୬.୬ |
| ଅନୁଗୋଳ | ୩୬.୭ | ୧୯.୬ |
| ବାରିପଦା | ୩୩.୪ | ୨୧.୮ |
| ଝାରସୁଗୁଡ଼ା | ୩୬.୪ | ୨୧.୫ |
| କେନ୍ଦୁଝର | ୩୩.୨ | ୨୦.୧ |
| ସମ୍ବଲପୁର | ୩୬.୯ | ୨୦.୭ |
| ସୁନ୍ଦରଗଡ଼ | ୩୬.୦ | ୧୯.୫ |
| ହୀରାକୁଦ | ୩୭.୫ | ୨୨.୨ |
| ତାଳଚେର | ୩୭.୬ | ୨୧.୦ |
| ଭବାନୀପାଟଣା | ୩୭.୦ | ୨୩.୫ |
| ବଲାଙ୍ଗୀର | ୩୭.୦ | ୨୧.୨ |
| କୋରାପୁଟ | ୩୫.୮ | ୨୦.୨ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୨୧.୫ |
| ମାଲକାନଗିରି | ୪୦.୫ | ୨୦.୫ |
| ସୋନପୁର | ୩୫.୮ | ୨୧.୨ |
| ଦାରିଙ୍ଗିବାଡ଼ି | ୩୩.୫ | ୧୯.୫ |

ଡିଗ୍ରୀ ସେଲ୍‌ସିୟସ୍

# ଅଧିକ ପ୍ରମାଣ ମାଗିଲା ପାକିସ୍ତାନ

**ଇସ୍‌ଲାମାବାଦ, ୨୭।୩(ପି.ଟି.)**

**ପୁଲ୍‌ୱାମା ଆକ୍ରମଣ**

ପୁଲ୍‌ୱାମା ଆକ୍ରମଣରେ ଜୈଶ୍-ଇ-ମହମ୍ମଦ (ଜେଇଏମ୍)ର ସମ୍ପୃକ୍ତି ନେଇ ପାକିସ୍ତାନ ବୁଧବାର ଭାରତଠାରୁ ଅଧିକ ତଥ୍ୟ ପ୍ରମାଣ ମାଗିଛି। ଇସ୍‌ଲାମାବାଦରେ ଥିବା ଭାରତୀୟ ଉଚ୍ଚାୟୁକ୍ତ ଅଜୟ ବିସାରିଆଙ୍କୁ ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରଣାଳୟକୁ ଡକାଯାଇ ତଥ୍ୟ ପ୍ରମାଣ ଆଦାନପ୍ରଦାନ କରାଯାଇଥିଲା। ଭାରତ ଫେବୃୟାରୀ ୨୭ରେ ଦେଇଥିବା ପ୍ରମାଣର ଅନୁଧ୍ୟାନ କରିବା ପରେ ପାକିସ୍ତାନ କର୍ତ୍ତୃପକ୍ଷ କରିଥିବା ତଦନ୍ତର କେତେକ ତଥ୍ୟ ଉଚ୍ଚାୟୁକ୍ତଙ୍କୁ ପ୍ରଦାନ କରିଛନ୍ତି। ଫେବୃୟାରୀ ୧୪ରେ ହୋଇଥିବା ଏହି ଆତ୍ମଘାତୀ ଆକ୍ରମଣରେ ୪୯ ସିଆରପିଏଫ ଯବାନ ଶହୀଦ ହୋଇଥିଲେ।

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - ୨୦ ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
Mob.: 8676907143, 9348274623

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114, 2nd Lane, PI Colony Bangalore, Karnataka 570001
9407808604
7310568553

JAGANNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କେଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Jagannath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
Address: Baniadiha, Langaleswar, Baniadiha, Baleswar, Odisha-756024
Mob: 9911417134, 9911417461

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠ୍‌କରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କେଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍, ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆସନ୍ତୁ କାମ କରିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

LOAN
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 50,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କେଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍‌ଚର୍
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668
8395864708
SCO- 106, Second Floor, Vishal Tower, Cannaught Place, Delhi.

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କେଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharaloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

# ମୁଖ୍ୟମନ୍ତ୍ରୀଙ୍କୁ ୩ ପ୍ରଶ୍ନ କଲେ ଧର୍ମେନ୍ଦ୍ର

**ନୟାଗଡ଼ ଅଫିସ,୨୭।୩**



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭାଷଣ ଦେଉଛନ୍ତି।

- ନୟାଗଡ଼ରେ ଭାଜପା ସମାବେଶ
- ଅନାବରଣ ହେଲା ହେମେନ୍ଦ୍ରଙ୍କ ପ୍ରତିମୂର୍ତ୍ତି
- ଭାଜପା କ୍ଷମତାକୁ ଆସିବାର ୨ ମାସ ପରେ ଚାଲିବ ଚିନିକଳ

ଭାରତୀୟ ଜନତା ପାର୍ଟି (ଭାଜପା) ବୁଧବାର ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ପ୍ରଚାର ଆରମ୍ଭ କରିଛି। ଜିଲା ସଭାପତି ସନ୍ନ୍ୟାସୀ ନାୟକଙ୍କ ସଭାପତିତ୍ୱରେ ମହୋତ୍ସବ ପଡ଼ିଆଠାରେ ଅନୁଷ୍ଠିତ ଭାଜପାର ବିଜୟ ସଂକଳ୍ପ ସମାବେଶରେ କେନ୍ଦ୍ର ପ୍ରାକୃତିକ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ନୟାଗଡ଼ରେ ନିର୍ବାଚନ ପ୍ରଚାର କରିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୩ଟି ପ୍ରଶ୍ନ କରିଛନ୍ତି।

୧୯୯୮ ମସିହାରେ କୋଇଲା ବିଭାଗର ମନ୍ତ୍ରୀ ଥିବା ବେଳେ ନବୀନ ପଟ୍ଟନାୟକ କିପରି ଗୋଟିଏ ଭୂତ କମ୍ପାନୀକୁ କୋଇଲା ଖନନ କରିବା ପାଇଁ ମଞ୍ଜୁର ଦେଲେ ତାହାର ଜବାବ ମାଗିଛନ୍ତି। ସେହିପରି ସିବିଆଇରେ ହୋଇଥିବା ମାମଲାକୁ ମୁଖ୍ୟମନ୍ତ୍ରୀ ନାମାଙ୍କନ ପତ୍ର ଦାଖଲ କଲାବେଳେ ଆଫିଡାଭିଟ ଜରିଆରେ ସୂଚାଇଛନ୍ତି ନା ନାହିଁ। ୨୫ ନଭେମ୍ବର ୨୦୧୭ରେ ତାଙ୍କୁ ସିବିଆଇ ଜେରା କରିଥିଲା କି ନାହିଁ। ଏହି ୩ଟି ପ୍ରଶ୍ନର ଜବାବ୍ ସେ ଗଣମାଧ୍ୟମ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ମାଗିଛନ୍ତି। କେନ୍ଦ୍ର ସରକାର ଗତ ୫ ବର୍ଷରେ ୨୭ ହଜାର କୋଟି ଟଙ୍କା ରେଳବାଇ କ୍ଷେତ୍ରରେ ପ୍ରଦାନ କରିଥିବାବେଳେ ୧ ଲକ୍ଷ ୩୬ ହଜାର କୋଟି ଟଙ୍କା ରାଜ୍ୟ ସରକାର ଅଟକାଇ ଦେଇଥିବା ନେଇ ଧର୍ମେନ୍ଦ୍ର ଉକ୍ତ ସମାବେଶରେ ପ୍ରକାଶ କରିଥିଲେ। ସେହିପରି କାଳିଆ ଯୋଜନାରେ ଅର୍ଥ ପ୍ରଦାନକୁ ମଞ୍ଜୁରୀ ନ ମିଳିବା ବିଷୟରେ କହିଥିଲେ। କାଳିଆର ବଜେଟ ଏବଂ ତାଲିକା ନିର୍ବାଚନ କମିଶନ ରାଜ୍ୟ ସରକାରଙ୍କୁ ମାଗିଥିଲେ ହେଲେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହା ଦାଖଲ କରାଯାଇ ନ ଥିଲା। ବଜେଟ ଓ ତାଲିକା ଦିଆଯାଇ ନ ଥିବାରୁ ଅନୁମତି ଦିଆଯାଇ ନ ଥିବା ଧର୍ମେନ୍ଦ୍ର ଅଭିଭାଷଣରେ ପ୍ରକାଶ କରିଥିଲେ। ଭାଜପା ରାଜ୍ୟରେ ସରକାର ଗଠନ କଲେ ଜିଲାରେ ବନ୍ଦହୋଇ ପଡ଼ିଥିବା ଏକମାତ୍ର ଶିଳ୍ପ ଚିନିକଳ ଖୋଲିବା ସହିତ ଛବି ବର୍ଦ୍ଧନ ହତ୍ୟାକାରୀଙ୍କୁ ନୟାଗଡ଼ ଜେଲ୍‌କୁ ପଠାଇବୁ ବୋଲି ଧର୍ମେନ୍ଦ୍ର ଦୃଢୋକ୍ତି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରୀ ଲୋକ ସଭା ପ୍ରାର୍ଥୀ ଡ. ସମ୍ବିତ ପାତ୍ର ଯୋଗଦେଇ ପୁରୀ ଲୋକ ସଭା ନିର୍ବାଚନମଣ୍ଡଳୀର ବିକାଶ ପାଇଁ ତାଙ୍କୁ ନୁହେଁ ବରଂ ମୋଦିଙ୍କୁ ଭୋଟ ଦେବା ପାଇଁ ଅନୁରୋଧ କରିଥିଲେ। ଭାଜପା ସରକାର ହେଲେ ୧୫ ଦିନ ପରେ ନଡ଼ିଆ ଭଙ୍ଗାଯାଇ ଚିନିକଳ ଖୋଲାଯିବା ପାଇଁ ଶୁଭ ଦିଆଯିବ। ଏହାର ୨ ମାସ ପରେ ଚିନିକଳ ଖୋଲିବ ବୋଲି ଡ. ପାତ୍ର ପ୍ରତିଶ୍ରୁତି ଦେଇଥିଲେ। ଭାଜପା ପ୍ରଚାର କମିଟିର ଆବାହକ ଡା. ଦାମୋଦର ରାଉତ ଯୋଗ ଦେଇ ବିଜେଡି କାଳିଆ ଯୋଜନାର ପ୍ରଚାର କରୁଥିବାବେଳେ ଉକ୍ତ ଯୋଜନାର ଟଙ୍କା ମନ୍ତ୍ରୀ ଓ ବିଧାୟକଙ୍କ ସମ୍ପର୍କୀୟମାନଙ୍କ ଆକାଉଣ୍ଟକୁ ଯାଉଥିବା ପ୍ରକାଶ କରିଥିଲେ। ରାଜ୍ୟ ସରକାରଙ୍କ ସମେତ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁଙ୍କ ଉପରେ ସେ ବିଷୋଦ୍‌ଗାର କରିଥିଲେ।

କେନ୍ଦ୍ରାପଡ଼ା ଭାଜପା ପ୍ରାର୍ଥୀ ତଥା ଭାଜପାର ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ଯୋଗଦେଇ ନିଜ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିଥିଲେ। ଭାଜପାର ନୟାଗଡ଼ ବିଧାୟକ ପ୍ରାର୍ଥୀ ଇରାନୀ ରାୟ ଯୋଗଦେଇ ନୟାଗଡ଼ର ଉନ୍ନତି ପାଇଁ ତାଙ୍କୁ ଭୋଟ ଦେବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଣପୁର ବିଧାୟକ ପ୍ରାର୍ଥୀ ସୁରମା ପାଢ଼ୀ, ଖଣ୍ଡପଡ଼ା ବିଧାୟକ ପ୍ରାର୍ଥୀ ସିଦ୍ଧାର୍ଥ ଶେଖର ସିଂ, କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, କୃଷକ ମୋର୍ଚ୍ଚାର କୃଷ୍ଣ ଜଗଦେବ ପ୍ରମୁଖ ମଞ୍ଚାସୀନ ଥିଲେ। ଅପରାହ୍ନରେ ରାଜବାଟୀଠାରୁ କର୍ମୀମାନଙ୍କ ମେଳରେ ଅତିଥିମାନେ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସିନ୍ଦୁରିଆ ଛକ ନିକଟକୁ ଯାଇଥିଲେ। ସେଠାରେ କନ୍ଧମାଳ ଏମ୍‌ପି ଥିବା ସ୍ୱର୍ଗତ ହେମେନ୍ଦ୍ର ଚନ୍ଦ୍ର ସିଂଙ୍କ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ନେତା ଲାଲା ମନୋଜ ରାୟ, ମନୋଜ ବେହେରା, ରାଘବ ମଲ୍ଲିକଙ୍କ ସମେତ ଏକାଧିକ କର୍ମୀ ଓ ନେତା ଯୋଗଦେଇଥିଲେ।

# ନିର୍ବାଚନ ଆଚରଣବିଧି ଉଲ୍ଲଂଘନ ଅଭିଯୋଗ

**ଭୁବନେଶ୍ୱର,୨୭।୩(ବ୍ୟୁରୋ)**

- ପେଟ୍ରୋଲ ପମ୍ପ ମାଲିକଙ୍କ ଟଙ୍କା କାରବାରକୁ ନେଇ ସିଇଓଙ୍କୁ ଫେରାଦ ହେଲା ବିଜେଡି
- ସିସିଟିଭି ଲଗାଇବାକୁ ଦାବି

ବରଗଡ଼ ଜିଲାର ମେଲଛାମୁଣ୍ଡା ଗୁଡରପାଲି ଠାରେ ମଙ୍ଗଳବାର ଏକ କାରରୁ ୨ ଲକ୍ଷ ଟଙ୍କା ନଗଦ ଜବତ କରାଯାଇଥିଲା। ଜବତ କାର ମାଲିକ ସଞ୍ଜୀବ ମହାପାତ୍ର ଜଣେ ପେଟ୍ରୋଲ ପମ୍ପ ମାଲିକ। ବିଜେପୁର ଭାଜପା ପ୍ରାର୍ଥୀ ସନତ ଗଡତିଆଙ୍କ ସମର୍ଥକ ଭାବେ ଜଣାଶୁଣା। ପୋଲିସ ହାତରେ ଧରପଡ଼ିବା ପରେ ତାଙ୍କ ପାଖରେ ଏତେ ଟଙ୍କା କାହିଁକି ରଖିଥିଲେ ତାହାର ଜବାବ ଦେଇ ପାରି ନ ଥିଲେ। ତେବେ ତାହା ଭାଜପା ପ୍ରାର୍ଥୀଙ୍କ ପ୍ରଚାର ପାଇଁ ଆସୁଥିବା ସ୍ପଷ୍ଟ ହୋଇଛି। ନିର୍ବାଚନ ବେଳେ ପେଟ୍ରୋଲ ପମ୍ପ ମାଲିକମାନେ ଟଙ୍କା ଗଚ୍ଛିତ କରି ଲୋକଙ୍କୁ ବାଣ୍ଟିବା ଦାୟିତ୍ୱ ନେଇଥିବା ନେଇ ପୂର୍ବରୁ ବିଜୁ ଜନତା ଦଳ ନିର୍ବାଚନ କମିଶନରଙ୍କୁ ସତର୍କ କରାଇଥିଲା। ଏବେ ତାହା ପ୍ରମାଣିତ ହୋଇଛି ବୋଲି ଅଭିଯୋଗ କରି ବିଜେଡିର ଏକ ଟିମ୍ ବୁଧବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାରଙ୍କ ନିକଟରେ ଫେରାଦ ହୋଇଛି।

ଗତ ୧୪ ତାରିଖରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଏ ନେଇ ଦାବିପତ୍ର ଦିଆଯାଇଥିଲା। ନିର୍ବାଚନ ପାଇଁ ଟଙ୍କା ଗଚ୍ଛିତ କରି ରଖିବାର ଦାୟିତ୍ୱ ପେଟ୍ରୋଲ ପମ୍ପ ଓ ଗ୍ୟାସ ଏଜେନ୍ସି ମାଲିକମାନଙ୍କୁ ଦିଆଯାଇଛି। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶରେ ଏହି ଯୋଜନା କରାଯାଇଥିବା ଜଣାଇ ଦିଆଯାଇଥିଲା। ପେଟ୍ରୋଲ ପମ୍ପ ଓ ଗ୍ୟାସ ଏଜେନ୍ସିଗୁଡ଼ିକ ଉପରେ ନଜର ରଖିବା ପାଇଁ ଅନୁରୋଧ କରାଯାଇଥିଲା। ମଙ୍ଗଳବାର ଗୁଡ଼ରପାଲି ଘଟଣା ପରେ ନିର୍ବାଚନ କମିଶନ ଏ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ପୁଣିଥରେ ବିଜେଡି ଅନୁରୋଧ କରିଛି। ସମସ୍ତ ପେଟ୍ରୋଲ ପମ୍ପ ଏବଂ ଗ୍ୟାସ ଏଜେନ୍ସିଗୁଡ଼ିକରେ ୨୪ ଘଣ୍ଟିଆ ଲାଇଭ ସିସିଟିଭି ଫୁଟେଜ ବ୍ୟବସ୍ଥା କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅନୁରୋଧ କରାଯାଇଛି। ଏହି ପ୍ରତିନିଧି ଦଳରେ ଅସୀମ ଅମିତାଭ ଦାସ, ସସ୍ମିତ ପାତ୍ର, ଲେଲିନ ମହାନ୍ତି, ସୁଲୋଚନା ଦାସ ଏବଂ ସୁଲତା ଦେଓ ପ୍ରମୁଖ ସାମିଲ ହୋଇଥିଲେ।

## ଧର୍ମେନ୍ଦ୍ରଙ୍କ ଭାଷଣ ଜଣେ ହତାଶ ରାଜନେତାଙ୍କ ବୟାନ

**ଭୁବନେଶ୍ୱର,୨୭।୩(ବ୍ୟୁରୋ)**

କୋଲ୍ ବ୍ଲକ୍ ଆବଣ୍ଟନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସଂପୃକ୍ତ କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଇଥିବା ବୟାନ ଜଣେ ହତାଶ ରାଜନେତାଙ୍କ ବୟାନ ବୋଲି ବିଜେଡି ଅଭିହିତ କରିଛି। ଦଳର ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି ଯେ, ଓଡ଼ିଶାରେ ଭାଜପା ସଙ୍ଗଠନ ଭୁଶୁଡ଼ି ଯାଉଥିବାରୁ ପ୍ରଧାନ ବିଚଳିତ ହୋଇ ମାନସିକ ଭାରସାମ୍ୟ ହରାଇଛନ୍ତି। ୩୦ରୁ ୪୦ ବର୍ଷ ଧରି ଦଳ ପାଇଁ କାର୍ଯ୍ୟ କରିଥିବା ନେତାମାନେ ଭାଜପା ଛାଡ଼ିବା ଏବଂ ବ୍ୟକ୍ତିଗତ ଭାବେ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଔରଙ୍ଗଜେବ୍ ଆଖ୍ୟା ଦେଇଛନ୍ତି। ୨୧ ବର୍ଷ ତଳର ଏକ ପୁରୁଣା ମାମଲାକୁ ଏଇ ନିର୍ବାଚନ ବେଳରେ ଉଠାଇବା ପଛରେ ଧର୍ମେନ୍ଦ୍ର ପ୍ରଧାନଙ୍କର କୁତ୍ସିତ ରାଜନୈତିକ ଉଦ୍ଦେଶ୍ୟ ନିହିତ ଅଛି। କେନ୍ଦ୍ରମନ୍ତ୍ରୀ ଜାଣିରଖିବା ଦରକାର ଯେ, ନବୀନ ବାବୁ କେନ୍ଦ୍ରରେ ଖଣିମନ୍ତ୍ରୀ ଥିବା ବେଳେ ପ୍ରଧାନମନ୍ତ୍ରୀ ଥିଲେ ଅଟଳ ବିହାରୀ ବାଜପେୟୀ। ଧର୍ମେନ୍ଦ୍ର କ'ଣ କହିବାକୁ ଚାହୁଁଛନ୍ତି ଯେ ଅଟଳଜୀ ଜଣେ ଦୁର୍ନୀତିଗ୍ରସ୍ତ ପ୍ରଧାନମନ୍ତ୍ରୀ ଥିଲେ, ଯେଉଁଥିପାଇଁ ସେ ତାଙ୍କ କ୍ୟାବିନେଟ ସହଯୋଗୀଙ୍କ ଦୁର୍ନୀତିକୁ ସହିଯାଉଥିଲେ। ମଧ୍ୟପ୍ରଦେଶରେ ବହୁ ଚର୍ଚ୍ଚିତ ବ୍ୟାପମ୍ ଦୁର୍ନୀତିରେ ତାଙ୍କର ଭୂମିକା କ'ଣ ତାହାର ଉତ୍ତର ଜାଣିବାକୁ ରାଜ୍ୟବାସୀ ଅପେକ୍ଷା କରିଥିବା ସସ୍ମିତ କହିଛନ୍ତି।

## ବିନାନୁମତିରେ ରାଲି: ପ୍ରକାଶଙ୍କ ନାମରେ ମାମଲା

**କଟକ ଅଫିସ,୨୭।୩**

ବିନା ଅନୁମତିରେ ରାଲି କରିବା ଅଭିଯୋଗରେ ସାଲେପୁର ବିଧାୟକ ତଥା ସାଲେପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଭାଜପା ପ୍ରାର୍ଥୀ ପ୍ରକାଶ ବେହେରାଙ୍କ ବିରୋଧରେ ବୁଧବାର ମାମଲା ରୁଜୁ କରିଛି ଜଗତପୁର ପୋଲିସ। କଟକ ଜିଲାପାଳ ଅରବିନ୍ଦ ଅଗ୍ରୱାଲଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଆଇପିସି ଦଫା ୧୮୮,୩୪ ଏବଂ ଓୟୁପି ଆକ୍ଟ ୯୫ରେ ମାମଲା (୧୨୩/୧୯) ରୁଜୁ କରିଛି। ତେବେ ସେ କ'ଣ ପାଇଁ ବିନା ଅନୁମତିରେ ରାଲି କରିଥିଲେ ତାହାର ଉତ୍ତର ରଖିବା ପାଇଁ ଗୁରୁବାର ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବ ବୋଲି ଜଗତପୁର ଥାନା ଅଧିକାରୀ ପ୍ରଦୀପ୍ତ ନାୟକ ସୂଚନା ଦେଇଛନ୍ତି। ବୁଧବାର ସକାଳେ ପ୍ରକାଶ ସାଲେପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନୃସିଂହବଜାରରୁ ରାଲି ଆରମ୍ଭ କରି ପୀରବଜାର ଦେଇ ଜଗତପୁର ପହଞ୍ଚିଥିଲେ। ରାଲିଲେ ତାଙ୍କ ସହ ଶତାଧିକ ସମର୍ଥକ ସାମିଲ ଥିଲେ। ଏଥିପାଇଁ ଜିଲା ପ୍ରଶାସନ କିମ୍ବା ପୋଲିସଠାରୁ କୌଣସି ଅନୁମତି ନିଆଯାଇ ନ ଥିବା ଅଭିଯୋଗ ହୋଇଥିଲା। ତେବେ ଏ ସଂକ୍ରାନ୍ତରେ ପ୍ରକାଶଙ୍କ ମତାମତ ମିଳିପାରିନି।

## ରାମଚନ୍ଦ୍ରଙ୍କ ହତ୍ୟା ନେଇ ସଙ୍ଗିନ ଅଭିଯୋଗ ଆଣିଲା ଭାଜପା

**ଭୁବନେଶ୍ୱର,୨୭।୩ (ବ୍ୟୁରୋ)**

କେନ୍ଦୁଝର ଜିଲା ଘଷିପୁରାର ପୂର୍ବତନ ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର ବେହେରାଙ୍କୁ ସୋମବାର ବିଳମ୍ବିତ ରାତିରେ ତାଙ୍କ ଘର ସାମ୍ନାରେ ଅତି ବୀଭତ୍ସ ଭାବେ ହତ୍ୟା କରିବା ଦୁର୍ଭାଗ୍ୟଜନକ ଘଟଣା । ଏହି ହତ୍ୟାକାଣ୍ଡରେ ଶାସକ ଦଳ ନେତାଙ୍କ ପୁଅ ଏବଂ କିଛି ବିଜେଡି କର୍ମୀଙ୍କ ସମ୍ପୃକ୍ତି ଥିବା ପୃଥ୍ୱୀରାଜ କୁଅଁର ଅଭିଯୋଗ କରିଛନ୍ତି। ଦଳୀୟ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପୃଥ୍ୱିରାଜ କହିଛନ୍ତି, ତୁରନ୍ତ ଦୋଷୀଙ୍କୁ ଗିରଫ କରାଯାଉ। ହତ୍ୟାପରେ ମ୍ରିୟମାଣ ରାମଚନ୍ଦ୍ରଙ୍କ ଝିଅ ମୀନାରାଣୀ ବେହେରା ପୋଲିସ ଏତଲାରେ ଏହିଭଳି ସଙ୍ଗୀନ ଆରୋପ ଲଗାଇଛନ୍ତି। ତେଣୁ ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଦାବି କରୁଛୁ । ରାମଚନ୍ଦ୍ର ବେହେରା ମଧ୍ୟ ବିଜେଡିର ପ୍ରାର୍ଥୀ ହେବାକୁ ଆଶାୟୀ ଥିଲେ। ଗତ ୨୬ତାରିଖରେ ସେ ବିଜେଡିରେ ବିଦ୍ଧିବଧ ଭାବେ ସାମିଲ ହେବାକୁ ଚାହୁଁଥିଲେ । ତେଣୁ ଏଭଳି ଏକ ହତ୍ୟାକାଣ୍ଡର ସମ୍ପୂର୍ଣ୍ଣ ପର୍ଦାଫାଶ କରିବାକୁ ହେଲେ ସ୍ଥାନୀୟ ବିଜେଡି ନେତାଙ୍କ ପୁଅର ଟେଲିଫୋନ କଲ ଯାଞ୍ଚ କଲେ ସବୁ ସତ କଥା ପଦାକୁ ଆସିବ । ଖୁବ୍‌ଶୀଘ୍ର ନିବାଚନ କମିଶନ ଏବଂ ପୋଲିସ ଡିଜିଙ୍କୁ ଭେଟି ଏ ଘଟଣା ସମ୍ପର୍କରେ ଜଣାଇବେ ବୋଲି ପୃଥ୍ୱିରାଜ କହିଛନ୍ତି ।

## ବେଗୁନିଆ ନିର୍ବାଚନମଣ୍ଡଳୀରେ ବଢ଼ିଲା ଭାଜପା କନ୍ଦଳ

- ଅସନ୍ତୁଷ୍ଟ କର୍ମୀ ସିକୋରେ ପୋଡ଼ିଲେ ଫ୍ଲେକ୍ସ, ବ୍ୟାନର



ଭାଜପାର ବିରୋଧୀ ଗୋଷ୍ଠୀ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।


ପୋଡ଼ି ଦିଆଯାଇଥିବା ବ୍ୟାନର।

**ଖୋର୍ଦ୍ଧା ଅଫିସ,୨୭।୩**

ବିଜେଡିର ମୁଖପାତ୍ର ତଥା ରାଜ୍ୟ ସଭା ସଦସ୍ୟ ପ୍ରଶାନ୍ତ ନନ୍ଦଙ୍କ ପୁଅ ଋଷଭ ଭାଜପାରେ ଯୋଗଦେବା ପରେ ବେଗୁନିଆ ନିର୍ବାଚନମଣ୍ଡଳୀରେ ବିଦ୍ରୋହ ଦେଖାଦେଇଛି। ବୁଧବାର ଅସନ୍ତୁଷ୍ଟ କର୍ମୀ, ସମର୍ଥକମାନେ ସିକୋ ଅଞ୍ଚଳରେ ଭାଜପାର ଫ୍ଲେକ୍ସ, ବ୍ୟାନର ପୋଡ଼ି ପ୍ରତିବାଦ କରିଛନ୍ତି। ସେହି ଫ୍ଲେକ୍ସ, ବ୍ୟାନରରେ ପ୍ରଧାନମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅପରାଜିତା ଷଡ଼ଙ୍ଗୀଙ୍କ ଫଟୋ ଥିଲା। ସେହିପରି ପିଚୁକୁଳି ଦଳୀୟ କାର୍ଯ୍ୟାଳୟଠାରେ ଏକ ସଭା କରି କାର୍ଯ୍ୟକର୍ତ୍ତାମାନେ ଋଷଭ ଫେରିଯାଅ ସ୍ଲୋଗାନ ଦେଇଥିଲେ। ପ୍ରାର୍ଥୀ ପରିବର୍ତ୍ତନ କରା ନ ଗଲେ ସ୍ୱାଧୀନ ପ୍ରାର୍ଥୀ ଦେଇ ଋଷଭଙ୍କୁ ପରାସ୍ତ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିବା ଜଣେ କାର୍ଯ୍ୟକର୍ତ୍ତା କହିଛନ୍ତି। ଏପରି କି କାର୍ଯ୍ୟକର୍ତ୍ତାମାନେ ଖୁବ୍‌ଶୀଘ୍ର ଇସ୍ତଫା ଦେବେ ବୋଲି ସେ ସୂଚନା ଦେଇଛନ୍ତି।

କିଛିଦିନ ତଳେ ଋଷଭଙ୍କୁ ଟିକେଟ ଦିଆଗଲେ ଭାଜପାର କାର୍ଯ୍ୟକର୍ତ୍ତା ସମୂହ ଇସ୍ତଫା ଦେବେ ବୋଲି ବୋଲଗଡ଼ ବ୍ଲକର ପିଚୁକୁଳିଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଘୋଷଣା କରିଥିଲେ। ଏଥିରେ ଦକ୍ଷିଣ ବେଗୁନିଆ ମଣ୍ଡଳ ସଭାପତି ସଞ୍ଜୟ ପ୍ରସାଦ ଛୁଆଳସିଂହ, ପିଚୁକୁଳି ମଣ୍ଡଳ ସଭାପତି ଶଙ୍କର୍ଷଣ ରାଉତ, ପାଞ୍ଚଗଡ ମଣ୍ଡଳ ସଭାପତି ସୌମ୍ୟରଞ୍ଜନ ବଳିଆରସିଂହ, ଜିଲା ଉପସଭାପତି ରୁଦ୍ରନାରାୟଣ ବାହିନୀପତି, ଜିଲା ଓବିସି ମୋର୍ଚ୍ଚାର ସଭାପତି ଯଜ୍ଞେଶ୍ୱର ସୁନ୍ଦରରାୟ, ଉତ୍ତର ବେଗୁନିଆ ମଣ୍ଡଳ ସଭାପତି ଅଜୟ କୁମାର ମାର୍ଥା, ବୋଲଗଡ ମଣ୍ଡଳ ସଭାପତି ଚନ୍ଦ୍ରଭାନୁ ମହାରଥାଙ୍କ ସମେତ ଏକ ଶହରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଚର୍ଚ୍ଚା ଅନୁସାରେ ବେଗୁନିଆ ନିର୍ବାଚନମଣ୍ଡଳୀର ପୁରୁଣା ସଙ୍ଗଠକ ତଥା ଭାଜପାର ରାଜ୍ୟ ସମ୍ପାଦକ ଯତିନ୍ ମହାନ୍ତି ଓ ପ୍ରକାଶ ରଣବିଜୁଳି ଦଳୀୟ ସଙ୍ଗଠନକୁ ବେଗୁନିଆ ନିର୍ବାଚନମଣ୍ଡଳୀରେ ବଞ୍ଚାଇ ରଖିଥିଲେ। ଉଭୟଙ୍କୁ ଅଣଦେଖା କରି ଭାଜପା ପ୍ରାର୍ଥୀ ଭାବେ ଋଷଭଙ୍କ ନାମ ଘୋଷଣା ପରେ ଅସନ୍ତୋଷ, କ୍ଷୋଭ ଓ ପ୍ରତିବାଦ ଜାରି ରହିଛି। ହେଲେ ଉଭୟ ନେତା ମୁହଁ ଖୋଲୁ ନାହାନ୍ତି। ଘଟଣା ସମ୍ପର୍କରେ ଋଷଭ ନନ୍ଦ (୯୪୩୭୮୦୦୦୦୧) ଓ ଯତିନ ମହାନ୍ତି (୯୪୩୮୬୬୬୬୬୬)ଙ୍କୁ ଟେଲି ଯୋଗାଯୋଗ କରାଯାଇଥିଲା। ହେଲେ ଉଭୟ ଫୋନ ଉଠାଇ ନ ଥିଲେ। ସେହିପରି ପ୍ରକାଶ ରଣବିଜୁଳି (୭୯୭୮ ୪୫୩୯୭୮) ମୋବାଇଲ ଫୋନ ସୁଇଚ୍ ଅଫ୍ ଦର୍ଶାଇଥିଲା।

## କଂଗ୍ରେସରେ ଯୋଗଦେଲେ ସୁବାସ

**ଭୁବନେଶ୍ୱର,୨୭।୩ (ବ୍ୟୁରୋ)**

ଜଟଣୀ ନିର୍ବାଚନମଣ୍ଡଳୀର ଭାଜପା ବରିଷ୍ଠ ନେତା ସୁବାସ ପାତ୍ର ତାଙ୍କ ସମର୍ଥକଙ୍କ ସହ ବୁଧବାର କଂଗ୍ରେସରେ ଯୋଗ ଦେଇଛନ୍ତି। କଂଗ୍ରେସ ଭବନଠାରେ ଆୟୋଜିତ ମିଶ୍ରଣ ପର୍ବକାର୍ଯ୍ୟକ୍ରମରେ ପିସିସି ସଭାପତିନିରଞ୍ଜନ ପଟ୍ଟନାୟକ ଏବଂ ଖୋର୍ଦ୍ଧା ଜିଲା କଂଗ୍ରେସ ସଭାପତି ସୁରେଶ କୁମାର ରାଉତରାୟ ସୁବାସ ଏବଂ ତାଙ୍କ ସମର୍ଥକଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ ଓ ଟୋପି ଦେଇ ଦଳକୁ ସ୍ୱାଗତ କରିଥିଲେ। ସୁବାସଙ୍କ ଯୋଗଦାନ ଦଳକୁ ଅଧିକ ସୁଦୃଢ କରିବେ ବୋଲି ନିରଞ୍ଜନ କହିଛନ୍ତି। କଂଗ୍ରେସ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଓ ସୁରେଶ ରାଉତରାୟଙ୍କ ନେତୃତ୍ୱ ପ୍ରତି ଦୃଢ ଆସ୍ଥା ପ୍ରକଟ କରି କଂଗ୍ରେସରେ ଯୋଗ ଦେଇଛନ୍ତି ବୋଲି ସୁବାସ କହିଛନ୍ତି।

## ଭାଜପାରେ ଯୋଗଦେଲେ ବହୁ ବିଜେଡି ନେତା

**ଭୁବନେଶ୍ୱର,୨୭।୩ (ବ୍ୟୁରୋ)**

ଆସ୍କା ଲୋକ ସଭା ଅନ୍ତର୍ଗତ ଖଲିକୋଟ ବିଧାନସଭା ଅଞ୍ଚଳର ଶତାଧିକ ବିଜେଡି କାର୍ଯ୍ୟକର୍ତ୍ତା ବୁଧବାର ଭାଜପାରେ ଯୋଗ ଦେଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ସେମାନେ ଦଳରେ ସାମିଲ ହୋଇଛନ୍ତି । ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି ସମସ୍ତ ନୂତନ ସଦସ୍ୟଙ୍କୁ ଉତ୍ତରୀୟ ଏବଂ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି। ଆସ୍କା ଲୋକ ସଭା ନିର୍ବାଚନମଣ୍ଡଳୀର ଖଲିକୋଟ ବିଧାନସଭା ଅନ୍ତର୍ଗତ କେଶପୁରର ପୂର୍ବତନ ସରପଞ୍ଚ ରମେଶ ପରିଡ଼ା, କନ୍ହେଇପୁରର ସମାଜସେବୀ ପ୍ରଦ୍ୟୁମ୍ନ ସାମନ୍ତରାୟ, ବାଗଲପୁର ପୂର୍ବତନ ସମିତି ସଭ୍ୟ ଅଭିରାମ ସାହୁ ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି।

## ଶତପ୍ରତିଶତ ଉପସ୍ଥାନ ଥିବା ଏମ୍‌ପିଙ୍କ ଟିକେଟ କଟିଲା

**ଭୁବନେଶ୍ୱର,୨୭।୩(ବ୍ୟୁରୋ)**

- ଜୁଏଲଙ୍କ ଉପସ୍ଥାନ ୩୧୨ରୁ ୧
- ସିଦ୍ଧାନ୍ତ, ଜୁଏଲ କୌଣସି ପ୍ରଶ୍ନ ପଚାରିନାହାନ୍ତି

୧୬ଶ ଲୋକ ସଭାରେ ବସିଥିବା ୩୧୨ଟି କାର୍ଯ୍ୟଦିବସରେ ଶତପ୍ରତିଶତ ଯୋଗଦାନ କରିଥିବା ଜଗତ୍‌ସିଂହପୁର ଏମ୍‌ପି କୁଳମଣି ସାମଲଙ୍କ ଟିକେଟ କଟିଯାଇଛି। ସଂଯୋଗବଶତଃ ଯେଉଁଦିନ ତାଙ୍କ ଟିକେଟ କଟିଛି, ସେହି ଦିନ ନ୍ୟାଶନାଲ ଇଲେକ୍ସନ ୱାଚ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ତାଙ୍କ ଶତପ୍ରତିଶତ ଉପସ୍ଥାନ କଥା ଉଲ୍ଲେଖ କରାଯାଇଛି। ଦେଶର ସମସ୍ତ ଲୋକ ସଭା ଏମ୍‌ପିଙ୍କୁ ନେଇ ଆସୋସିଏଶନ୍ ଫର ଡେମୋକ୍ରାଟିକ୍ ରିଫର୍ମ(ଏଡିଆର) ପକ୍ଷରୁ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ସେହିପରି ଓଡ଼ିଶାର ୧୯ ଏମ୍‌ପିଙ୍କ ସମ୍ପର୍କରେ ଏହି ରିପୋର୍ଟରେ ଉଲ୍ଲେଖ ରହିଛି। ଏହି କାର୍ଯ୍ୟକାଳ ସରିବା ପୂର୍ବରୁ ଇସ୍ତଫା ଦେଇଥିବା କେନ୍ଦ୍ରାପଡାର ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଏବଂ ଆସିକା ଏମ୍‌ପି ସ୍ୱର୍ଗତ ଲଡୁକିଶୋର ସ୍ୱାଇଁଙ୍କ ସମ୍ପର୍କରେ ଏହି ରିପୋର୍ଟରେ କୌଣସି ତଥ୍ୟ ଉଲ୍ଲେଖ ନାହିଁ।

ସେହିପରି କେନ୍ଦ୍ରରେ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଥିବା ଜୁଏଲ ଓରାମ ଓ ବ୍ରହ୍ମପୁର ଏମ୍‌ପି କୌଣସି ପ୍ରଶ୍ନ ପଚାରିନାହାନ୍ତି। ସେହିପରି ଜୁଏଲ କେବଳ ୩୧୨ରୁ ଗୋଟିଏ ଦିନ ଭାଗ ନେଇଥିବା ଏଡିଆର ରିପୋର୍ଟରୁ ଜଣାପଡିଛି। ବାଲେଶ୍ୱର ଏମ୍‌ପି ରବୀନ୍ଦ୍ର ଜେନା(୩୦୦), କଟକ ଏମ୍‌ପି ତଥା ବିଜେଡି ସଂସଦୀୟ ଦଳ ନେତା ଭର୍ତ୍ତୃହରି ମହତାବ(୨୯୦) ଏବଂ ବିଜେଡି ମୁଖ୍ୟସଚେତକ ତଥାଗତ ସତପଥୀ (୨୮୫) ଦିନ କାର୍ଯ୍ୟଦିବସରେ ଯୋଗ ଦେଇଛନ୍ତି। ଜୁଏଲଙ୍କୁ ଛାଡିଦେଲେ ମୟୂରଭଞ୍ଜ ଏମ୍‌ପି ରାମଚନ୍ଦ୍ର ହାଁସଦା (୫୯), କୋରାପୁଟ ଏମ୍‌ପି ଝିନ୍ନ ହିକକା (୨୦୬) ଏବଂ ବ୍ରହ୍ମପୁର ଏମ୍‌ପି ସିଦ୍ଧାନ୍ତ ମହାପାତ୍ର (୨୧୩) ଦିନ ଲୋକ ସଭା ବୈଠକରେ ଯୋଗ ଦେଇଛନ୍ତି। ସେହିପରି ସଂସଦୀୟ ଦଳ ନେତା ଭର୍ତ୍ତୃହରି ଓଡ଼ିଆ ଏମ୍‌ପିମାନଙ୍କ ମଧ୍ୟରେ ସର୍ବାଧିକ ୬୦୭ ପ୍ରଶ୍ନ ପଚାରିଛନ୍ତି। ତାଙ୍କ ପଛକୁ ସମ୍ବଲପୁର ଏମ୍‌ପି ନଗେନ୍ଦ୍ର ପ୍ରଧାନ(୫୫୫), ବାଲେଶ୍ୱର ଏମ୍‌ପି ରବୀନ୍ଦ୍ର (୫୧୫) ପ୍ରଶ୍ନ ପଚାରିଛନ୍ତି।

## କଂଗ୍ରେସରେ ଯୋଗଦେଲେ ଅଭିଷେକ


ଅଭିଷେକଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରୁଛନ୍ତି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ।

**ଭୁବନେଶ୍ୱର,୨୭।୩ (ବ୍ୟୁରୋ)**

ବିଜୁ ଛାତ୍ର ଜନତା ଦଳ ଭୁବନେଶ୍ୱର ଜୋନ୍ ଉପସଭାପତି ଅଭିଷେକ ଖୁଣ୍ଟିଆ ତାଙ୍କର ଶତାଧିକ ସମର୍ଥକଙ୍କ ସହ ବୁଧବାର କଂଗ୍ରେସ ଦଳରେ ଯୋଗ ଦେଇଛନ୍ତି। ଏହି ଅବସରରେ ଅଭିଷେକ ଏକ ବିଶାଳ ମୋଟର ସାଇକେଲ ଶୋଭାଯାତ୍ରାରେ ଆସି କଂଗ୍ରେସ ଭବନଠାରେ ପହଞ୍ଚିଥିଲେ। ଏହାପରେ କଂଗ୍ରେସ ଭବନ ପ୍ରାଙ୍ଗଣରେ ଆୟୋଜିତ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଅଭିଷେକ ଓ ତାଙ୍କ ସମର୍ଥକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ। ଅଭିଷେକଙ୍କ ଯୋଗଦାନ ଦଳକୁ ସୁଦୃଢ କରିବ ବୋଲି ନିରଞ୍ଜନ କହିଥିଲେ।

# ବିଜେଡି ପ୍ରାର୍ଥୀ ତାଲିକା: ଝୁଲି ରହିଲା କଟକ

**କଟକ ଅଫିସ, ୨୭।୩**

ଗୁରୁବାରଠାରୁ ତୃତୀୟ ପର୍ଯ୍ୟାୟ ମତଦାନ ନିମନ୍ତେ ନାମାଙ୍କନପତ୍ର ଦାଖଲ ଆରମ୍ଭ ହେଉଛି। ବୁଧବାର ବିଜେଡି ପକ୍ଷରୁ ଆଉ ଏକ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ଏହି ତାଲିକାରେ କଟକ ଜିଲାର ମାହାଙ୍ଗା, ସାଲେପୁର, ଆଠଗଡ଼, ବଡ଼ମ୍ବା, ବାଙ୍କୀ ଓ ଚୌଦ୍ୱାର-କଟକ ବିଧାନସଭା କ୍ଷେତ୍ରଗୁଡ଼ିକ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ହେଲେ କଟକ ଲୋକ ସଭା ଆସନ ସମେତ ଜିଲାର ନିଆଳି, କଟକସଦର ଓ ବାରବାଟୀ-କଟକ ଆସନ ନିମନ୍ତେ ପ୍ରାର୍ଥୀଙ୍କ ନାମ ଘୋଷଣା କରିନି ବିଜେଡି। ପ୍ରାର୍ଥୀ ତାଲିକା ଘୋଷିତ ହୋଇ ନ ଥିବା ଉପରୋକ୍ତ ଆସନଗୁଡ଼ିକରେ ବିଜେଡି ବିଧାୟକମାନେ ୨୦୧୪ରେ ଜିତିଥିଲେ। ସେହିପରି କଟକ ଲୋକ ସଭା ଆସନ ମଧ୍ୟ ବିଜେଡି ଦଖଲରେ ରହିଛି। ବାରବାଟୀ-କଟକରୁ ଦେବାଶିଷ ସାମନ୍ତରାୟ, କଟକ ସଦରରୁ ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ଓ ନିଆଳିରୁ ଡାକ୍ତର ପ୍ରମୋଦ ମଲ୍ଲିକ ବିଧାନସଭାକୁ ପ୍ରତିନିଧିତ୍ୱ କରୁଥିବା ବେଳେ ଲୋକ ସଭା ଆସନରୁ ଭର୍ତ୍ତୃହରି ମହତାବ ପ୍ରତିନିଧିତ୍ୱ କରୁଛନ୍ତି। ତେବେ ଏହି ଆସନଗୁଡ଼ିକୁ ବିଜେଡି ଝୁଲାଇ ରଖିବା ନେଇ ସାଧାରଣରେ ନାନା ଚର୍ଚ୍ଚା ଜୋର ଧରିଛି।

ମୁଖ୍ୟତଃ ଏହି ଆସନଗୁଡ଼ିକ ମଧ୍ୟରୁ ନିଆଳିକୁ ଛାଡ଼ିଦେଲେ ବାକି ୨ଟି ଆସନ କଟକ ଲୋକସଭା ଅଧୀନରେ ଯାଉଛି। ଭାଜପା ପକ୍ଷରୁ କଟକ ଲୋକ ସଭା ଆସନ ନିମନ୍ତେ ପୂର୍ବତନ ଡିଜି ପ୍ରକାଶ ମିଶ୍ରଙ୍କୁ ପ୍ରାର୍ଥୀ କରାଯାଇଛି। ଏହାବାଦ ବାରବାଟୀ-କଟକରୁ ପୂର୍ବତନ ମନ୍ତ୍ରୀ ସମୀର ଦେ ଓ କଟକ ସଦରରୁ ଦଳର ସାଧାରଣ ସମ୍ପାଦକ ଦିଲୀପ ମଲ୍ଲିକଙ୍କୁ ଭାଜପା ପ୍ରାର୍ଥୀ କରିଛି। ଅନ୍ୟପକ୍ଷରେ କଂଗ୍ରେସ କଟକ ଲୋକ ସଭା ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରି ନ ଥିଲେ ମଧ୍ୟ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ ଏକପ୍ରକାର ଚୂଡ଼ାନ୍ତ ବୋଲି ଦଳୀୟ ନେତାମାନେ କହୁଛନ୍ତି। ଗତ ଦୁଇ ନିର୍ବାଚନକୁ ଦେଖିଲେ ବାରବାଟୀ-କଟକ ଓ କଟକ ସଦର ଆସନ ବିଜେଡିର ଭାତହାଣ୍ଡି ଭାବେ ପରିଗଣିତ ହେଉଛି। ତେଣୁ ଲୋକ ସଭାକୁ ଆଖିଆଗରେ ରଖି ଭାଜପା ଓ କଂଗ୍ରେସ ପ୍ରାର୍ଥୀଙ୍କୁ ଚ୍ୟାଲେଞ୍ଜ ଦେବାଭଳି ବିଜେଡି ଏଠାରେ ପ୍ରାର୍ଥୀ ଚୟନ କରିବ ବୋଲି ଆଲୋଚନା ହେଉଛି। ସେହିପରି ନିଆଳିରେ ପ୍ରମୋଦଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି ଦୁଇଦିନ ତଳେ ନବୀନ ନିବାସ ଆଗରେ ପ୍ରମୋଦଙ୍କ ସପକ୍ଷବାଦୀ ଓ ବିପକ୍ଷବାଦୀ ମୁହାଁମୁହିଁ ହୋଇଥିଲେ। ନିଆଳି ଆସନ ଜଗତ୍‌ସିଂହପୁର ଲୋକ ସଭା ଅଧୀନରେ ଯାଉଛି। ଏଭଳି ସ୍ଥିତିରେ ନିଆଳି ଆସନ ପାଇଁ ଦଳ ଏକ ଅଲଗା ଚିନ୍ତା କରୁଥିବା ରାଜନୀତି ମହଲରେ ଆଲୋଚନା ହେଉଛି।

ତେବେ ଏସବୁ ଆସନଗୁଡ଼ିକ ନିମନ୍ତେ ବିଜେଡିରୁ ଅନେକ ଟିକେଟ ଦାବିଦାର ରହିଛନ୍ତି। କଟକ-ବାରବାଟୀ ଆସନ ନିମନ୍ତେ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ସମେତ ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନର ସମ୍ପାଦକ ଆଶୀର୍ବାଦ ବେହେରା, ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ସୁବାସ ସିଂ, ଚଳଚ୍ଚିତ୍ର ଅଭିନେତା ଅରିନ୍ଦମ ରାୟଙ୍କ ସମେତ କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ନାମ ମଧ୍ୟ ଶୁଣାଯାଉଛି। ନିଆଳି ଆସନ ପାଇଁ ବିଧାୟକ ପ୍ରମୋଦ ମଲ୍ଲିକଙ୍କ ସମେତ ଆର୍ତ୍ତତ୍ରାଣ ମଲିକ ଓ କୃଷ୍ଣଚନ୍ଦ୍ର ମଲିକଙ୍କ ନାମ ଶୁଣାଯାଉଛି। ସେହିପରି ସଦର ଆସନ ପାଇଁ ଚନ୍ଦ୍ରସାରଥିଙ୍କ ସମେତ ତାଙ୍କ ମା' ପ୍ରମିଳା ବେହେରା ଓ ସଦର ବ୍ଲକ ଅଧ୍ୟକ୍ଷା ଶ୍ରୀମନ୍ତିନୀ ବେହେରା ଆଶାୟୀ ଅଛନ୍ତି। ଅନ୍ୟପକ୍ଷରେ କଟକ ଲୋକ ସଭା ଆସନକୁ ନେଇ ମଧ୍ୟ ବିଜେଡିରେ ଉତ୍କଣ୍ଠା ବଢିବାରେ ଲାଗିଛି। ଏମ୍‌ପି ପ୍ରାର୍ଥୀ ତାଲିକାରେ ଭର୍ତ୍ତୃହରିଙ୍କ ସମେତ ବିଜେଡିର ରାଜ୍ୟ ସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ନାମ ଚର୍ଚ୍ଚା ହେଉଛି। ତେବେ ଏଠାରେ ବିଜେଡି କାହାକୁ ପ୍ରାର୍ଥୀ କରୁଛି ତାହା ଉପରେ ଏବେ ସମସ୍ତଙ୍କ ନଜର କେନ୍ଦ୍ରୀଭୂତ ହୋଇଛି।

■ କାରଣ ଦର୍ଶାଅ ନୋଟିସ ପ୍ରସଙ୍ଗ

# ଲୋକଙ୍କ ଭଲ ପାଇବାକୁ ଅଟକାଇ ହେବନି: ସମ୍ବିତ୍

ପୁରୀ ଅଫିସ,୨୭।୩

ପୁରୀ ଲୋକ ସଭା ଭାଜପା ପ୍ରାର୍ଥୀ ଡା. ସମ୍ବିତ୍ ପାତ୍ର ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଜିଲାପାଳ ତଥା ଲୋକ ସଭା ନିର୍ବାଚନମଣ୍ଡଳୀର ରିଟର୍ନିଂ ଅଫିସର ଜ୍ୟୋତିପ୍ରକାଶ ଦାସ ମଙ୍ଗଳବାର ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ତେବେ ସମ୍ବିତ୍‌ଙ୍କୁ ନୋଟିସ୍ ଦିଆଯିବା ଘଟଣାକୁ ନେଇ ପୁରୀ ରାଜନୀତି ବେଶ୍ ସରଗରମ ହୋଇଛି। ଏ ସଂକ୍ରାନ୍ତରେ ଗଣମାଧ୍ୟମକୁ ସୂଚନା ଦେବାବେଳେ ସମ୍ବିତ କହିଛନ୍ତି, ଲୋକଙ୍କ ଭଲ ପାଇବାକୁ କେବେ ଅଟକାଇ ହେବନି। କିନ୍ତୁ ଏହାକୁ ନେଇ ବିଜେଡିବାଲା ଡରିଯାଉଥିବା ବେଳେ କଂଗ୍ରେସବାଲା ଚିଡିଯାଉଛନ୍ତି।

ଅନ୍ୟପକ୍ଷରେ ନୋଟିସ ସମ୍ପର୍କରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ କହିଛନ୍ତି, ଭାଜପା ଲୋକ ସଭା ପ୍ରାର୍ଥୀ ସମ୍ବିତ୍ ପାତ୍ର ଗତ ୨୫ ତାରିଖରେ ପୁରୀ ଆସିଥିଲେ।

■ ବିଜେଡିବାଲା ଡରି ଯାଉଛନ୍ତି, କଂଗ୍ରେସବାଲା ଚିଡ଼ିଯାଉଛନ୍ତି
■ ବିରୋଧ ଭୟରେ ସମ୍ବିତ୍ ନିଜେ ଡରିଯାଇଛନ୍ତି: ବିଜେଡି
■ ମହାପ୍ରଭୁ ଗାଳି ସହିବେ, ଗର୍ବ ସହିବେନି: କଂଗ୍ରେସ

ତାଙ୍କ ସହିତ ୧୦୦ରୁ ଊର୍ଦ୍ଧ୍ୱ ବାଇକ୍ ଆରୋହୀ ଥିଲେ। ସମସ୍ତେ ଦଳୀୟ ପତାକା ଧରି ରାଲି ଭଳି ଆସିଥିଲେ। ନିର୍ବାଚନ ଆଚରଣ ବିଧି ବଳବତ୍ତର ଥିବାବେଳେ ଯେ କୌଣସି ରାଜନୈତିକ ଦଳ ହୁଅନ୍ତୁ କିମ୍ବା ପ୍ରାର୍ଥୀ ରାଲି, ଶୋଭାଯାତ୍ରା ପାଇଁ ଜିଲା ନିର୍ବାଚନ ଅଧିକାରୀ ବା ରିଟର୍ନିଂ ଅଫିସରଙ୍କଠାରୁ ଅନୁମତି ନେବା ଦରକାର। କିନ୍ତୁ ସେ ଅନୁମତି ନେଇନାହାନ୍ତି। ଏହାଦ୍ୱାରା ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ ହୋଇଥିବାରୁ ସମ୍ବିତ୍‌ଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇ ୩ ଦିନ ମଧ୍ୟରେ ଉତ୍ତର ରଖିବାକୁ କୁହାଯାଇଛି।

ସମ୍ବିତ୍ କହିଛନ୍ତି, ମୁଁ ଏ ପର୍ଯ୍ୟନ୍ତ ନୋଟିସ ପାଇନାହିଁ। ଗଣମାଧ୍ୟମରେ ଯାହା ଦେଖିଛି। ଯଦି ନୋଟିସ ପାଇବି ନିଶ୍ଚିତ ଏହାର ଉତ୍ତର ଦେବି। କେବେ କୌଣସି ଆଇନ ଭାଙ୍ଗିବାକୁ ଚେଷ୍ଟା କରିନି, ଆଇନକୁ ସବୁବେଳେ ସମ୍ମାନ ଦେଇଆସିଛି। ଏଠାରେ ସ୍ପଷ୍ଟ କରିଦେବାକୁ ଚାହେଁ ଆମେ ରାଲି କରି ନ ଥିଲୁ। ମହାପ୍ରଭୁଙ୍କ ଦର୍ଶନ କରିବାକୁ ଯାଉଥିଲୁ। ଲୋକେ ମୋତେ ଭଲ ପାଆନ୍ତି। ସ୍ୱତଃପ୍ରବୃତ୍ତ ଭାବେ ମୋ ପାଖକୁ ଆସି କିଏ ମାଳ ତ କିଏ ଫୁଲ ଦେଲେ। କେହି ବାଇକ୍‌ରେ ଆସି ତାଙ୍କ ଭଲପାଇବା ଜଣାଇଲେ। ସମସ୍ତଙ୍କୁ ସ୍ୱୀକାର କରିବା ମୋର କର୍ତ୍ତବ୍ୟ, ଯାହା ମୁଁ କରିଛି। କାହାର ସ୍ନେହ ଓ ଭଲ ପାଇବାକୁ କେହି କେବେ ଅଟକାଇ ପାରିବେ ନାହିଁ। ଏଥିରେ ମୁଁ କ'ଣ କରିବି ବୋଲି ପ୍ରଶ୍ନ କରିଥିଲେ ସମ୍ବିତ।

ଏ ସମ୍ପର୍କରେ ପୁରୀ ଜିଲା ନଗର ବିଜେଡି ସଭାପତି ସବ୍ୟସାଚୀ ମହାପାତ୍ର କହିଛନ୍ତି, ବିଜେଡି ବାଲା କାହାକୁ ଡରନ୍ତି ନାହିଁ। ପୁରୀ ନିର୍ବାଚନମଣ୍ଡଳୀ ବିଜେଡିରେ ଅଭେଦ୍ୟ ଦୁର୍ଗ ଭାବେ ରହିଆସିଛି। ବରଂ ସମ୍ବିତ୍ ପାତ୍ର ନିଜେ ଡରି ଯାଇଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ହାତରେ ଧରି ଆସିଥିବାରୁ କାଳେ ଶ୍ରୀକ୍ଷେତ୍ରବାସୀ ତାଙ୍କୁ ବିରୋଧ କରିବେ ସେହି ଭୟରେ ସେ ପୁରୀରେ ଶଙ୍ଖ ଫୁଟିବ ବୋଲି କହିଥିଲେ। ପିସିସି ମୁଖପାତ୍ର ବିନାୟକ ଦାସମହାପାତ୍ର କହିଛନ୍ତି, ଏହାକୁ ନେଇ କଂଗ୍ରେସ ଚିଡିବାର କୌଣସି କାରଣ ନାହିଁ। ମହାପ୍ରଭୁଙ୍କ ପ୍ରତି ସମସ୍ତଙ୍କର ଭକ୍ତି ଭାବ ରହିବା ଦରକାର। କିନ୍ତୁ ମହାପ୍ରଭୁଙ୍କ ବିଗ୍ରହଙ୍କୁ ନେଇ ରାଜନୀତି କରିବା ଠିକ୍ ନୁହେଁ। ଜଗନ୍ନାଥ ଗାଳି ସହିବେ କିନ୍ତୁ ଗର୍ବ ସହିବେ ନାହିଁ। ଭାଜପାର ଆତ୍ମ ଗର୍ବ ବଢିଯାଇଛି। ପୂର୍ବପରି ଏଠାରେ ବିଜେଡି ଏବଂ କଂଗ୍ରେସ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ ଏବଂ ଭାଜପା ତୃତୀୟ ସ୍ଥାନରେ ରହିବ ବୋଲି ସେ କହିଛନ୍ତି।

## ନବୀନ ନିବାସରେ ଭିଡ଼



ନବୀନ ନିବାସରେ ବୁଧବାର ଟିକେଟ୍ ଆଶାୟୀ ଓ ଟିକେଟ୍ ପାଇଥିବା ନେତାଙ୍କ ଭିଡ଼।

# ବିଜେଡିରେ ମିଶିଲେ ସୁବାସ ଚୌହାନ, ସନ୍ତୋଷ ଖଟୁଆ

ଭୁବନେଶ୍ୱର,୨୭।୩(ବ୍ୟୁରୋ)

ବରଗଡ଼ର ଟାଣୁଆ ଭାଜପା ନେତା ସୁବାସ ଚୌହାନ, ନୀଳଗିରିର ସନ୍ତୋଷ ଖଟୁଆ ବୁଧବାର ବିଜେଡିରେ ସାମିଲ ହୋଇଛନ୍ତି। ଉଭୟ ନେତାଙ୍କ ଶତାଧିକ ସମର୍ଥକ ମଧ୍ୟ ବିଜେଡିରେ ସାମିଲ ହୋଇଛନ୍ତି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ନବୀନ ନିବାସରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଉଭୟ ନେତା ନିଜ ନିଜ ଅଞ୍ଚଳରେ ଭାଜପାର ଲୋକପ୍ରିୟ ଏବଂ ଦୃଢ଼ ସଙ୍ଗଠକ ରୂପେ ପରିଚିତ। ଉଭୟଙ୍କ ଯୋଗଦାନ ବିଜେଡିକୁ ଶକ୍ତିଶାଳୀ କରିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଶାବ୍ୟକ୍ତ କରିଛନ୍ତି। ବିଜେଡିରେ ଯୋଗଦାନ ପରେ ସୁବାସ କହିଛନ୍ତି ଯେ, ବର୍ତ୍ତମାନ ଓଡ଼ିଶା ରାଜନୀତିରେ ତାଙ୍କୁ ଦୁଇଟି ଚରିତ୍ର ଦୃଶ୍ୟମାନ ହେଉଛି। ଗୋଟିଏ ହେଉଛି ଧର୍ମରାଜ ଯୁଧିଷ୍ଠିରଙ୍କର ତ ଆଉ ଗୋଟିଏ ହେଉଛି ଅହଂକାରୀ-ଦୁରାଚାରୀ ଦୁର୍ଯ୍ୟୋଧନର। ସେ ନବୀନ ପଟ୍ଟନାୟକଙ୍କୁ ଧର୍ମରାଜ ଯୁଧିଷ୍ଠିରଙ୍କ ରୂପରେ ଦେଖିବାକୁ ପାଇଲେ ଏବଂ ତାଙ୍କ ପକ୍ଷ ନେବାକୁ ସ୍ଥିର କରିଥିବା ସୁବାସ କହିଛନ୍ତି। ସେହିପରି ସୁବାସ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅହଂକାର ଭାଙ୍ଗିବା ପାଇଁ ମୁଁ ଶାନ୍ତ ଓ ସରଳ ସ୍ୱଭାବର ନବୀନବାବୁଙ୍କ ସାଥିରେ ରହି ଗୁଣ୍ଡିଚିମୂଷାର ଭୂମିକା ନିର୍ବାହ କରିବି ବୋଲି ମତ ରଖିଛନ୍ତି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ସୁବାସ ଚୌହାନ ବିଜେଡିରେ ଯୋଗଦେଉଛନ୍ତି।

ସେହିପରି ନୀଳଗିରି ନେତା ସନ୍ତୋଷ କହିଛନ୍ତି ଯେ, ଭାଜପାରେ ଲୋକମାନଙ୍କୁ କାମ କରିବାର ଅଗ୍ରାଧିକାର ଦିଆଯାଏ ନାହିଁ। ଭାଷଣବାଜୀରେ ସରକାର ଚାଲେ ଏବଂ ଭାଷଣରେ ଭାଜପାର ନେତୃବୃନ୍ଦ ବିଶ୍ୱାସ କରନ୍ତି। ଏଭଳି କଥାକୁହା ନେତା ହେଲେ ଜିଲାର ବରିଷ୍ଠ ନେତା ପ୍ରତାପ ଷଡ଼ଙ୍ଗୀ। ତାଙ୍କର କଥା ଗୋଟିଏ ହେଲେ କାମ ଆଉ ଗୋଟିଏ ବୋଲି ଖଟୁଆ କହିଛନ୍ତି। ସେହିପରି ଢେଙ୍କାନାଳ ଜିଲା କଂଗ୍ରେସ ଜୋନ୍-୧ ସଭାପତି ସାଇକାନ୍ତ ପାଣିଗ୍ରାହୀ, ବାଲେଶ୍ୱର ଜିଲା ୧୧ ନଂ ଜିଲା ପରିଷଦ ସଭ୍ୟ ଶୁଭଶ୍ରୀ ସେଠୀ, ୧୨ନଂ ଜିଲା ପରିଷଦ ସଭ୍ୟ ରଞ୍ଜିତା ସିଂହ, ନୀଳଗିରି ବ୍ଲକ ଅଧ୍ୟକ୍ଷ ଜାନକୀ ସିଂହ, ସମିତି ସଭ୍ୟ କୃତ୍ତିବାସ ବେହେରା, କମଳାକାନ୍ତ ରାଉତ, ଗଣେଶ୍ୱର ସିଂହ, ଗୋପୀନାଥ ସିଂହ, ସୁମତି ସିଂହ, କମଳାକାନ୍ତ ସିଂହ, ସରପଞ୍ଚ ମିତାରାଣୀ ସିଂହ, ଚନ୍ଦ୍ରମୋହନ ସିଂହ, ମନୋରଞ୍ଜନ ନାୟକ, ଶକୁନ୍ତଳା ମଲିକ, ମାୟାଧର ମାଧେଇ, ସ୍ନିଗ୍ଧା ମାଧେଇ, ସୁରେନ୍ଦ୍ର ସିଂହ,

### ଅନ୍ୟ ଦଳ ଛାଡ଼ି ବହୁ ନେତା ଶଙ୍ଖ ଧରିଲେ

ଔପଦା ଜୋନ୍-୧ ଭାଜପା ସଭାପତି କାର୍ତ୍ତିକେଶ୍ୱର ପରିଡ଼ା, ଉପସଭାପତି ସଚ୍ଚିନ୍ଦ୍ର ଦାସ, ସାଧାରଣ ସମ୍ପାଦକ ଶଙ୍କର୍ଷଣ ପଣ୍ଡା, ଜୋନ୍-୨ ସଭାପତି ମନୋରଞ୍ଜନ ମହାନ୍ତି, ଉପସଭାପତି ଗୋପୀନାଥ ମହାପାତ୍ର, ନୀଳଗିରି ଜୋନ୍-୧୩ ସଭାପତି ବିଜୟ ଆଚାର୍ଯ୍ୟ, ଉପସଭାପତି ପ୍ରଦୀପ ଦାସ ପ୍ରମୁଖ ବିଜେଡିରେ ସାମିଲ ହୋଇଛନ୍ତି। ସେହିପରି ଢେଙ୍କାନାଳ ଜିଲା କଂଗ୍ରେସର ସମିତି ସଭ୍ୟ ହିମାଂଶୁ ଶେଖର ପୋଥାଳ, ବିଭୂତି ଭୂଷଣ ବେହେରା, ସରପଞ୍ଚ ରଶ୍ମିତା ସେଠୀ, ସନ୍ତୋଷ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

ସେହିପରି କୋରାପୁଟ ଜିଲା ଭାଜପାର ଅନୁସୂଚିତ ଜାତି ମୋର୍ଚ୍ଚା ସାଧାରଣ ସମ୍ପାଦକ ହରି ଖେମୁଣ୍ଡୁ, ଗଞ୍ଜାମ ଜିଲା ଛତ୍ରପୁର ବ୍ଲକର ସିପିଆଇ ନେତା ଏସ୍. ରେଡ୍ଡୀ, ଭାଜପାର ତାରକେଶ୍ୱର ରେଡ୍ଡୀ, ସୁନ୍ଦରଗଡ଼ ଜିଲା ଏସ୍‌ସି ସେଲ୍‌ର ସଭାପତି ମଦନମୋହନ ପାତ୍ର, ଉମ କିଶାନ, ସରପଞ୍ଚ ଡିଲେଶ୍ୱର କିଶାନ ପ୍ରମୁଖ ବିଜେଡିରେ ସାମିଲ ହୋଇଛନ୍ତି।

## ଟିକେଟ ନ ମିଳିବାରୁ ଏମ୍‌ପିଙ୍କ କୁଶପୁତ୍ତଳିକା ଦାହ

ସଇଁତଲା,୨୭।୩ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ବିଜେଡିରେ ବିଦ୍ରୋହ ଘନୀଭୂତ ହେବାରେ ଲାଗିଛି। ଲୋଇସିଂହା ବିଧାୟକ ତଥା ବିଜେଡି ନେତା ଯୋଗେନ୍ଦ୍ର ବେହେରାଙ୍କ ପୁଅ ନିହାର ରଞ୍ଜନ ବେହେରାଙ୍କୁ ଲୋଇସିଂହା ଆସନରୁ ଦଳୀୟ ଟିକେଟ ନ ମିଳିବା ପରେ ତାଙ୍କ ସମର୍ଥକମାନେ ବିଦ୍ରୋହ କରିଛନ୍ତି। ବୁଧବାର ବେହେରାଙ୍କ ଶତାଧିକ ସମର୍ଥକ ବେଲଗାଁଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଟିକେଟ କଟିଯିବାରୁ ନିହାରଙ୍କ ସମର୍ଥକମାନେ ବଲାଙ୍ଗୀର ବିଜେଡି ଏମ୍‌ପି କଳିକେଶଙ୍କ କୁଶପୁତ୍ତଳିକା ଦାହ କରିଥିଲେ।

## ନୟାଗଡ଼ ଜିଲା ପ୍ରଶାସନ ଭାଜପା ହୋର୍ଡିଂ କାଢ଼ିବା ଅଭିଯୋଗ
## ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହେଲା ଭାଜପା

ଭୁବନେଶ୍ୱର, ୨୭।୩(ବ୍ୟୁରୋ)

ନିର୍ବାଚନ କମିଶନଙ୍କ ଗାଇଡଲାଇନ ଅନୁଯାୟୀ ଭାଜପା ଲଗାଇଥିବା ହୋର୍ଡିଂକୁ ଉଦ୍ଦେଶ୍ୟମୂଳକ ଭାବେ ଜିଲା ପ୍ରଶାସନ କାଢିନେବା ସମ୍ପୂର୍ଣ୍ଣ ବେଆଇନ। ଆଇନ ଅନୁଯାୟୀ ଭାଜପା ପକ୍ଷରୁ ନୟାଗଡ଼ଠାରେ ହୋର୍ଡିଂ ଲଗାଯାଇଥିଲା। ବୁଧବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଷ୍ଟ୍ରୀୟ ଉପସଭାପତି ତଥା ରାଷ୍ଟ୍ରୀୟ ପ୍ରବକ୍ତା ବୈଜୟନ୍ତ ପଣ୍ଡା , ଦାମୋଦର ରାଉତଙ୍କ ପୋଷ୍ଟର ଏବଂ ହୋର୍ଡିଂକୁ ଜିଲା ପ୍ରଶାସନ ପକ୍ଷରୁ କଢାଯାଇଛି। ଏହା ସମ୍ପୂର୍ଣ୍ଣ ଆଇନ ବିରୋଧୀ ଦର୍ଶାଇ ତଥ୍ୟ ପ୍ରମାଣ ସହ ରାଜ୍ୟ ଭାଜପା ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବୁଧବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଜିଲାପ୍ରଶାସନ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବାକୁ ଭାଜପା ଦାବି କରିଛି। ସମୀର କହିଛନ୍ତି ଯେ ଜିଲା ପ୍ରଶାସନ ଅସହିଷ୍ଣୁ ହୋଇ ପଡିଛି। ଶାସକ ଦଳର ହୋର୍ଡିଂକୁ ଜିଲା ପ୍ରଶାସନ ସୁରକ୍ଷା ଦେଉଥିବା ବେଳେ ବିରୋଧୀ ଦଳ ପୋଷ୍ଟରକୁ ଚିରି ଦିଆଯାଉଛି। ଜିଲା ପ୍ରଶାସନ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଭାଜପା ଦାବି କରିଛି। ଏହି ପ୍ରତିନିଧି ଦଳରେ ଭାଜପା ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ଏବଂ ଆଇନଜୀବୀ ଜୟନ୍ତ ଜେନା ପ୍ରମୁଖ ସାମିଲ ହୋଇଥିଲେ।

# ନବୀନ, ରାହୁଲଙ୍କୁ ଟାର୍ଗେଟ କଲେ ଶିବରାଜ

ପୁରୀ ଅଫିସ,୨୭।୩

ଓଡ଼ିଶାରେ ୧୯ ବର୍ଷ ଧରି ଶାସନ କ୍ଷମତାରେ ରହିଥିବା ବିଜେଡି ସରକାର ଦୁର୍ନୀତି, ଭ୍ରଷ୍ଟାଚାରରେ ବୁଡ଼ିରହିଛି। ଏଠାରେ ମହିଳା, ଯୁବତୀ ସୁରକ୍ଷିତ ନୁହନ୍ତି। ଭ୍ରଷ୍ଟାଚାରୀଙ୍କୁ ସୁରକ୍ଷା ଯୋଗାଇ ଦିଆଯାଉଛି। କିନ୍ତୁ ଦିନକୁ ଦିନ ମା, ଭଉଣୀଙ୍କ ଉପରେ ନିର୍ଯ୍ୟାତନା, ହିଂସା ବଢୁଛି ବୋଲି କହିଛନ୍ତି ଭାଜପା ରାଷ୍ଟ୍ରୀୟ ଉପସଭାପତି ତଥା ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ।

ବୁଧବାର ପୁରୀ ଲୋକ ସଭା ଭାଜପା ପ୍ରାର୍ଥୀ ସମ୍ବିତ ପାତ୍ରଙ୍କ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରି ଚୌହାନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିଥିଲେ। ଚୌହାନ କହିଥିଲେ, ଓଡ଼ିଶା ସରକାରଙ୍କ ବାସ୍ତବରେ ଚାଷୀଙ୍କ ପ୍ରତି ଦରଦ ନାହିଁ। ଯଦି କୃଷକଙ୍କ ପ୍ରତି ସାମାନ୍ୟତମ ସହାନୁଭୂତି ଥାଆନ୍ତା ତେବେ କାଳିଆ ଯୋଜନା ଏବେ କାହିଁକି, ବହୁ ପୂର୍ବରୁ ଘୋଷଣା କରିପାରିଥାନ୍ତେ। ନିର୍ବାଚନ ପୂର୍ବରୁ କୃଷି, କୃଷକଙ୍କ କଥା ମନେପଡିବା ଏବଂ ଆଚରଣ ବିଧି ଯୋଗୁ ଏହି ଯୋଜନା ଅର୍ଥ ଚାଷୀଙ୍କୁ ନ ମିଳିବା ସରକାରଙ୍କ ଆନ୍ତରିକତା କେତେ ତାହା ଓଡ଼ିଶାବାସୀ ନିଶ୍ଚିତ ବୁଝିପାରୁଥିବେ। ଏତେବର୍ଷ ଶାସନରେ ରହିବା ପରେ ବି ଖୋଦ୍ ମୁଖ୍ୟମନ୍ତ୍ରୀ ଓଡ଼ିଆ କହି ନ ପାରିବା ମୁଁ ବୁଝିପାରୁ ନାହିଁ ବୋଲି କହି ନବୀନଙ୍କୁ ଟାର୍ଗେଟ କରିଥିଲେ ଚୌହାନ। ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ଘଟଣାରେ



ପୁରୀ ଲୋକ ସଭା ଭାଜପା ପ୍ରାର୍ଥୀ ସମ୍ବିତ୍ ପାତ୍ରଙ୍କ କାର୍ଯ୍ୟାଳୟ ଉଦ୍‌ଘାଟନ ଉତ୍ସବରେ ଶିବରାଜ ସିଂ ଚୌହାନ ଉଦ୍‌ବୋଧନ ଦେଉଛନ୍ତି।

■ ଦୁର୍ନୀତି, ଭ୍ରଷ୍ଟାଚାରରେ ବୁଡ଼ିଛି ବିଜେଡି ସରକାର
■ ଏୟାର ଷ୍ଟ୍ରାଇକ୍‌ର ପ୍ରମାଣ ମାଗିବା ଦୁର୍ଭାଗ୍ୟଜନକ

ଓଡ଼ିଶା ଦୁଇ ବୀରପୁତ୍ରଙ୍କୁ ହରାଇଥିଲା। ଶହୀଦ ମନୋଜ ବେହେରାଙ୍କ ଦାଦାଙ୍କୁ ବିଜେଡି ନେତା ଦେବାଶିଷ ସାମନ୍ତରାୟ ଯେଉଁଭଳି ବ୍ୟବହାର କଲେ ତାହା ସମ୍ପୃକ୍ତ ଶହୀଦ ପରିବାର ପ୍ରତି ଅପମାନ। ଏଠାରେ ନବୀନବାବୁ ସରକାର ଚଳାଉ ନାହାନ୍ତି, ଯେଉଁ ବ୍ୟକ୍ତିଙ୍କ ଇସାରାରେ ସରକାର ଚାଲିଛି ତାହା ଓଡ଼ିଶାବାସୀ ହିଁ ଜାଣିଛନ୍ତି। ଏଥର ନିର୍ବାଚନରେ ଓଡ଼ିଶାର ଜନସାଧାରଣ ଏହାର ଠିକ୍ ଜବାବ ଦେବେ। ଓଡ଼ିଶାରେ ନିଶ୍ଚିତ ଭାଜପା ବହୁମତ ହାସଲ କରି ସରକାର ଗଢିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଥିଲେ।

ସେହିଭଳି ଚୌହାନ ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିଥିଲେ। ରାହୁଲ କୃଷି ଋଣ ଛାଡ଼ କରିବେ ବୋଲି ଯାହା ଘୋଷଣା କରୁଛନ୍ତି ଏହାର କିଛି ବାସ୍ତବତା ନାହିଁ। କଂଗ୍ରେସ ଭାରତୀୟ ସେନାଙ୍କ କାର୍ଯ୍ୟଦକ୍ଷତା ଉପରକୁ ପ୍ରଶ୍ନ ଉଠାଇ ଏୟାର ଷ୍ଟ୍ରାଇକ୍‌ର ପ୍ରମାଣ ଖୋଜିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। କେନ୍ଦ୍ରରେ ମୋଦି ସରକାର ଆସିଲା ପରେ ଏକ ନୂଆ ଭାରତର ପରିକଳ୍ପନା କରାଯାଇଛି। ସବୁ କ୍ଷେତ୍ରରେ ଆଜି ଭାରତ ସୁଦୃଢ ଓ ସଶକ୍ତ ହୋଇପାରିଛି। ସବୁଠି ବିକାଶର ଚିହ୍ନ ବାରି ହୋଇପଡୁଛି। ଅନ୍ତର୍ଜାତୀୟ ସ୍ତରରେ ଭାରତର ସୁନାମ ଆସିପାରିଛି। ଭାରତକୁ ଆହୁରି ଆଗକୁ ନେବାକୁ ହେଲେ କେନ୍ଦ୍ରରେ ଏବଂ ଓଡ଼ିଶାରେ ଭାଜପା ସରକାର ଆସିବା ଦରକାର ବୋଲି କହିଥିଲେ ଚୌହାନ।

ଭାଜପାର ପୁରୀ ଲୋକ ସଭା ପ୍ରାର୍ଥୀ ଡା. ସମ୍ବିତ୍ ପାତ୍ର କର୍ମୀମାନଙ୍କୁ ଜାଗ୍ରତ ହେବାକୁ ଆହ୍ୱାନ ଦେଇଥିଲେ। କର୍ମୀମାନେ ଜାଗ୍ରତ ହେଲେ ଏକ ମଜଭୁତ ସରକାର ଆସିବ, ଯେଉଁ ସରକାର ପ୍ରତ୍ୟେକ ଲୋକଙ୍କ ପାଇଁ କାମ କରିବ ବୋଲି କହିଥିଲେ ସମ୍ବିତ୍। ଏହି ଅବସରରେ ବିଜେଡି ଏବଂ କଂଗ୍ରେସର ବହୁ କର୍ମୀ ଭାଜପାରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପୁରୀ ଜିଲା ଭାଜପା ସଭାପତି ପ୍ରଭଞ୍ଜନ ମହାପାତ୍ର ସଭାପତିତ୍ୱ କରିଥିବାବେଳେ ଦଳର ବରିଷ୍ଠ ନେତା କୃଷ୍ଣଚନ୍ଦ୍ର ଜଗଦେବ, ପୃଥ୍ୱୀରାଜ ହରିଚନ୍ଦନ, ସୁରମା ପାଢୀ, କୃଷ୍ଣଚନ୍ଦ୍ର ପଣ୍ଡା, ଓମ୍‌ପ୍ରକାଶ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

# ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନପତ୍ର ଯାଞ୍ଚ ଶେଷ

ଭୁବନେଶ୍ୱର, ୨୭।୩(ବ୍ୟୁରୋ)

ରାଜ୍ୟରେ ଆସନ୍ତା ଏପ୍ରିଲ ୧୧ ଓ ୧୮ ତାରିଖରେ ଦୁଇଟି ପର୍ଯ୍ୟାୟରେ ୯ ଲୋକ ସଭା ଆସନ ଓ ୬୩ ବିଧାନସଭା ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଏହି ଦୁଇ ପର୍ଯ୍ୟାୟ ଲୋକ ସଭା କ୍ଷେତ୍ର ପାଇଁ ୬୫ ଜଣ ଏବଂ ବିଧାନସଭା ପାଇଁ ୪୬୪ ଜଣ ପ୍ରାର୍ଥୀଙ୍କ ନାମାଙ୍କନପତ୍ର କାଏମ ରହିଛି।

ବୁଧବାର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଯାଞ୍ଚ ଶେଷ ହୋଇଛି। ଯାଞ୍ଚ ପରେ ୫ ଲୋକ ସଭା ପାଇଁ ୩୭ ଜଣଙ୍କ ନାମାଙ୍କନ ପତ୍ର କଏମ ରହିଥିବାବେଳେ ୩୫ ବିଧାନସଭା ପାଇଁ ୨୬୧ ଜଣ ପ୍ରାର୍ଥୀଙ୍କର ନାମାଙ୍କନପତ୍ର କାଏମ ରହିଛି। ଏହି ପର୍ଯ୍ୟାୟ ମତଦାନ ପାଇଁ ବିଧାନସଭା ସକାଶେ ୨୯୯ ଜଣ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଯାଞ୍ଚ ପରେ ବିଭିନ୍ନ କାରଣରୁ ୩୮ ଜଣଙ୍କ ପ୍ରାର୍ଥିପତ୍ର ନାକଚ ହୋଇଛି। ସେହିପରି ଲୋକ ସଭା ପାଇଁ ୪୫ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ। ଯାଞ୍ଚ ପରେ ସେଥିରୁ ୮ ଜଣ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ନାକଚ ହୋଇଯାଇଛି।

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନ ପତ୍ରଗୁଡ଼ିକ ୨୮ ବିଧାନସଭା ପାଇଁ ୨୦୩ ଜଣଙ୍କ ନାମାଙ୍କନ ପତ୍ର କାଏମ ରହିଥିବାବେଳେ ୪ ଲୋକ ସଭା ଆସନ ପାଇଁ ୨୮ ଜଣ ପ୍ରାର୍ଥୀଙ୍କ ନାମାଙ୍କନପତ୍ର କାଏମ ରହିଛି।

ପ୍ରଥମ ପର୍ଯ୍ୟାୟ ଅର୍ଥାତ୍ ଆସନ୍ତା ଏପ୍ରିଲ ୧୧ ତାରିଖରେ ୪ଟି ଲୋକ ସଭା କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ବ୍ରହ୍ମପୁର ଓ ୨୮ ବିଧାନସଭା ଆସନ ଲାଗି ନାମାଙ୍କନ ପତ୍ର ଦାଖଲ ହେବ। କଳାହାଣ୍ଡି ଲୋକ ସଭା ନିର୍ବାଚନ ମଣ୍ଡଳୀ ସମେତ ନୂଆପଡ଼ା, ଖରିଆର, ଲାଞ୍ଜିଗଡ଼, ଜୁନାଗଡ଼, ଧର୍ମଗଡ଼, ଭବାନୀପାଟଣା ଓ ନର୍ଲା ବିଧାନସଭା ଆସନରେ ନିର୍ବାଚନ ଅନୁଷ୍ଠିତ ହେବ। ସେହିପରି ନବରଙ୍ଗପୁର ଲୋକ ସଭା ଆସନ ସହିତ ଉମରକୋଟ, ଝରିଗାଁ, ନବରଙ୍ଗପୁର, ଡାବୁଗାଁ, କୋଟପାଡ଼, ମାଲକାନଗିରି, ଚିତ୍ରକୋଣ୍ଡା ବିଧାନସଭା, ବ୍ରହ୍ମପୁର ଲୋକ ସଭା ଆସନ ସହ ଛତ୍ରପୁର, ଗୋପାଳପୁର, ବ୍ରହ୍ମପୁର, ଦିଗପହଣ୍ଡି, ଚିକିଟି, ମୋହନା, ପାରଳାଖେମୁଣ୍ଡି ଏବଂ କୋରାପୁଟ ଲୋକ ସଭା ଆସନ ସମେତ ଗୁଣପୁର, ବିଷମକଟକ, ରାୟଗଡ଼ା, ଲକ୍ଷ୍ମୀପୁର, ଜୟପୁର, କୋରାପୁଟ ଏବଂ ପଟାଙ୍ଗୀ ବିଧାନସଭା ଆସନରେ ନିର୍ବାଚନ ଅନୁଷ୍ଠିତ ହେବ।

■ ୩୫ ବିଧାନସଭା ପାଇଁ ୨୬୧, ୫ ଲୋକ ସଭା ନିମନ୍ତେ ୩୭ ପ୍ରାର୍ଥିପତ୍ର କାଏମ
■ ଦୁଇଟି ପର୍ଯ୍ୟାୟରେ ଲୋକ ସଭା ପାଇଁ ୬୫, ବିଧାନସଭା ପାଇଁ ୪୬୪ ପ୍ରାର୍ଥିପତ୍ର କାଏମ

ସେହିପରି ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ୍ ଏପ୍ରିଲ ୧୮ ତାରିଖରେ ବରଗଡ଼(ସାଧାରଣ ବର୍ଗ) ଲୋକ ସଭା ଆସନ ସମେତ ପଦ୍ମପୁର, ବିଜେପୁର, ବରଗଡ଼, ଅତାବିରା, ଭଟ୍ଲି, ବ୍ରଜରାଜନଗର, ଝାରସୁଗୁଡ଼ା ବିଧାନସଭା ଏବଂ ସୁନ୍ଦରଗଡ଼(ଏସ୍‌ଟି) ଲୋକ ସଭା ଆସନ ସହିତ ତଳସରା, ସୁନ୍ଦରଗଡ଼, ବୀରମିତ୍ରପୁର, ରଘୁନାଥପାଲି, ରାଉରକେଲା, ରାଜଗାଙ୍ଗପୁର, ବଣାଇ ବିଧାନସଭା ଆସନ ଲାଗି ନିର୍ବାଚନ ଅନୁଷ୍ଠିତ ହେବ। ସେହିପରି ବଲାଙ୍ଗୀର(ସାଧାରଣ ବର୍ଗ) ଲୋକ ସଭା ଆସନ ସହିତ ବୀରମହାରାଜପୁର, ସୋନପୁର, ଲୋଇସିଂହା, ପାଟଣାଗଡ଼, ବଲାଙ୍ଗୀର, ଟିଟିଲାଗଡ଼ ଓ କଣ୍ଟାବାଞ୍ଜି ବିଧାନସଭା ଆସନ ଏବଂ କନ୍ଧମାଳ(ସାଧାରଣ ବର୍ଗ) ଲୋକ ସଭା ଆସନ ସହିତ ବାଲିଗୁଡା, ଜି. ଉଦୟଗିରି, ଫୁଲବାଣୀ, କଣ୍ଟାମାଳ, ବୌଦ୍ଧ, ଦଶପଲ୍ଲା ଏବଂ ଭଞ୍ଜନଗର ବିଧାନସଭା ନିର୍ବାଚନ ଏବଂ ଆସ୍କା (ସାଧାରଣ ବର୍ଗ)ଲୋକ ସଭା ଆସନ ସହିତ ଏହା ଅନ୍ତର୍ଗତ ପୋଲସରା, କବିସୂର୍ଯ୍ୟନଗର, ଖଲିକୋଟ, ଆସ୍କା, ସୋରଡ଼ା, ସାନଖେମୁଣ୍ଡି ଏବଂ ହିଞ୍ଜିଳି ବିଧାନସଭା ଲାଗି ନିର୍ବାଚନ ଅନୁଷ୍ଠିତ ହେବ। ଆସନ୍ତା ୨୮ ତାରିଖରେ ତୃତୀୟ ପର୍ଯ୍ୟାୟ ଓ ଏପ୍ରିଲ ୨ ତାରିଖରେ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ସକାଶେ ବିଜ୍ଞପ୍ତି ପ୍ରକାଶ କରାଯିବ।

## ସଂକ୍ଷେପରେ

### ଏପ୍ରିଲ ୧ରେ ଓଡ଼ିଶା ଆସିବେ ଶାହ

ବଦଳିଲା ମୋଦିଙ୍କ କାର୍ଯ୍ୟସୂଚୀ, ୨ରେ ଆସିବେ କଳାହାଣ୍ଡି

**ଭୁବନେଶ୍ୱର,୨୭।୩ (ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୯ ଏବଂ ଏପ୍ରିଲ ୧ରେ ଓଡ଼ିଶା ଗସ୍ତରେ ଆସିବେ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଥିଲା। ୨୯ରେ ମୋଦି କୋରାପୁଟ ଜିଲା ଜୟପୁରଠାରେ ହେବାକୁ ଥିବା ସାଧାରଣ ସଭାରେ ଯୋଗଦେବେ। ମୋଦି ଏପ୍ରିଲ ୧ରେ କଳାହାଣ୍ଡି ଆସିଥାଆନ୍ତେ। ମାତ୍ର ପ୍ରଧାନମନ୍ତ୍ରୀ ୧ ପରିବର୍ତ୍ତେ ୨ରେ ଆସିବେ ବୋଲି ଭାଜପା ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି। ଭାଜପା ରାଷ୍ଟ୍ରୀୟ ସଭାପତି ଅମିତ ଶାହ ଆସନ୍ତା ୧ରେ ଓଡ଼ିଶା ଗସ୍ତରେ ଆସୁଛନ୍ତି। ସେ ସେଦିନ ପାରଳାଖେମୁଣ୍ଡି ଏବଂ ଉମରକୋଟଠାରେ ଆୟୋଜିତ ସାଧାରଣ ସଭାରେ ସେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ଗୋଲକ କହିଛନ୍ତି।

### ଓଡ଼ିଆ ଆଇପିଏସ୍ ଅଫିସର ବାରାଣସୀ ପାଇଁ ପୋଲିସ ପର୍ଯ୍ୟବେକ୍ଷକ



**ନୂଆଦିଲ୍ଲୀ,୨୭।୩:** ନିର୍ବାଚନ କମିଶନ ଓଡ଼ିଶାର ଆଇପିଏସ୍ ଅଫିସର ଲଳିତ ଦାସଙ୍କୁ ବାରାଣସୀ ପାଇଁ ସ୍ୱତନ୍ତ୍ର କେନ୍ଦ୍ରୀୟ ପୋଲିସ ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛନ୍ତି। ସେ ଏହି ପଦବୀରେ ଏପ୍ରିଲ୍ ୨୯ରୁ ମେ ୧୮ ପର୍ଯ୍ୟନ୍ତ ରହି ନିର୍ବାଚନ ମଣ୍ଡଳୀ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଆସନରୁ ପ୍ରାର୍ଥୀ ହୋଇଛନ୍ତି। ୧୯୯୨ ବ୍ୟାଚ୍‌ର ଏହି ଅଫିସର ଏବେ ଓଡ଼ିଶା ରାଜ୍ୟ ପୋଲିସ ଗୃହନିର୍ମାଣ ଓ କଲ୍ୟାଣ ନିଗମ ଲିଃର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଅଛନ୍ତି।

### କାରରୁ ୩ ଲକ୍ଷ ୨୦ହଜାର ଟଙ୍କା ଜବତ

**କୁଆଁରମୁଣ୍ଡା, ୨୭।୩(ଡି.ଏନ.ଏ.):** ସାଧାରଣ ନିର୍ବାଚନରେ ବ୍ୟାପକ ଅର୍ଥ କାରବାର ନିମନ୍ତେ ବିଭିନ୍ନ ରାଜନୈତିକ ଦଳ ହୁଅନ୍ତୁ ଅବା ବ୍ୟକ୍ତିବିଶେଷ ବିଭିନ୍ନ ଉପାୟରେ ଫନ୍ଦିଫିକର କରୁଛନ୍ତି। ଏହାକୁ ତଦାରଖ କରିବା ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ରାଜ୍ୟଗୁଡିକରେ ନିର୍ବାଚନ ସର୍ଭେଲାନ୍‌ସ ଟିମ୍ ଗଠନ କରାଯାଇଛି। ଏହି ଟିମ୍ ବୁଧବାର ଅପରାହ୍ନରେ ବୀରମିତ୍ରପୁର ନିର୍ବାଚନମଣ୍ଡଳୀର କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ଲାସେ ନିକଟରେ ଗାଡି ଯାଞ୍ଚ କରିଥିଲେ। ଏହି ସମୟରେ ଏକ କାରରୁ ୩ଲକ୍ଷ ୨୦ ହଜାର ୯ଶହ ୬୦ଟଙ୍କା ଜବତ କରିଛି। ଝାଡଖଣ୍ଡର ଅନସାରୀ ନାମକ ଜନୈକ ବ୍ୟକ୍ତି ଏହି ଟଙ୍କା ଧରି ସମ୍ବଲପୁର ଅଭିମୁଖେ ଯାଉଥିବା ସୂଚନା ଦେଇଥିଲେ। ନିର୍ବାଚନ ସମୟରେ ଏତେ ପରିମାଣର ଟଙ୍କା କେଉଁ ଉଦ୍ଦେଶ୍ୟରେ ନିଆଯାଉଛି ବୋଲି ପ୍ରଶ୍ନର ଠିକ୍ ଉତ୍ତର ଦେଇ ପାରି ନ ଥିଲେ। ଫଳରେ ଉକ୍ତ ଟଙ୍କାକୁ ନିର୍ବାଚନ ସର୍ଭେଲାନ୍ସ ଟିମ୍ ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ ନିକଟକୁ ଟ୍ରେଜେରି ଚାଲାଣ କରିଥିବା ସୂଚନା ମିଳିଛି।

### କଂଗ୍ରେସ ଛାଡ଼ିଲେ ଚଣ୍ଡୀପ୍ରସାଦ ସିଂହ

**ପୁରୀ ଅଫିସ,୨୭।୩:** ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସ ଦଳ ଛାଡ଼ିଛନ୍ତି ପିସିସି ସମ୍ପାଦକ ଚଣ୍ଡୀପ୍ରସାଦ ସିଂହ। ସେ ତାଙ୍କ ଇସ୍ତଫାପତ୍ର ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ପାଖକୁ ପଠାଇ ଦେଇଛନ୍ତି। ସେ ପିସିସି ସମ୍ପାଦକ ପଦବୀ ସହ କଂଗ୍ରେସ ଦଳର ପ୍ରାଥମିକ ସଦସ୍ୟ ପଦରୁ ମଧ ଇସ୍ତଫା ପ୍ରଦାନ କରିଥିବା ଏଥିରେ ଦର୍ଶାଇଛନ୍ତି। ଦୀର୍ଘ ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ଦଳର ଜଣେ ନିଷ୍ଠାପର କର୍ମୀ ଭାବେ ସେବା କରିବା ପରେ ତାଙ୍କୁ ଦଳରେ ଯେଉଁଭଳି ସମ୍ମାନ ମିଳିବା କଥା ତାହା ମିଳିଲା ନାହିଁ। ୨୦୦୪ ଓ ୨୦୦୯ ନିର୍ବାଚନରେ ପୁରୀ ନିର୍ବାଚନମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ହେବାକୁ ସେ ଆଶା ରଖିଥିଲେ। ହେଲେ ତାଙ୍କୁ ନିରାଶ ହେବାକୁ ପଡିଥିଲା।

■ ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ

# ଭାଜପାରେ ବିଦ୍ରୋହ, ଗଡ଼ ରକ୍ଷା ପାଇଁ ଉଦ୍ୟମ

**ଘନଶ୍ୟାମ ଭୋଇ**
**ନୂଆପଡ଼ା ଅଫିସ,୨୭।୩**

ନବେ ଦଶକରୁ ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ଓ ଭାଜପା ମଧ୍ୟରେ ବାରମ୍ୱାର ଲୁଚକାଳି ଖେଳ ଚାଲିଥିଲା। ଏବେ କିନ୍ତୁ ତାହା ଭିନ୍ନ ମୋଡ଼ ନେଉଛି। ଏଥର ଭାଜପାରେ ବିଦ୍ରୋହ ଆରମ୍ଭ ହୋଇଛି। ଟିକେଟ ବଣ୍ଟନକୁ ନେଇ ଦଳର ବରିଷ୍ଠ କର୍ମକର୍ତ୍ତା ଇସ୍ତଫା ଦେଇ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିବାରୁ ଅସନ୍ତୋଷ ପଦାରେ ପଡିଛି। ଏହା ଉଭୟ ବିଜେଡି ଓ କଂଗ୍ରେସ ପ୍ରାର୍ଥୀ ପାଇଁ ଫାଇଦା ହେବ ବୋଲି ଏଠାରେ ଚର୍ଚ୍ଚା ଜୋର ଧରିଛି।

୨୦୦୪ ଓ ୨୦୦୯ ନିର୍ବାଚନରେ ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବିଜେଡିର ରାଜେନ୍ଦ୍ର ଢୋଲକିଆ ଏଥର ବି ଟିକେଟ ପାଇ ମଇଦାନକୁ ଆସିଛନ୍ତି।



ଘାସିରାମ ମାଝି



ରାଜେନ୍ଦ୍ର ଢୋଲକିଆ



ହୋମସିଂ ମାଝି



ଯଦୁମଣି ପାଣିଗ୍ରାହୀ

ଗତ ଥର ସେ ତାଙ୍କର ପୁରୁଣା ପ୍ରତିଦ୍ୱନ୍ଦ୍ୱୀ ଭାଜପାର ବସନ୍ତ ପଣ୍ଡାଙ୍କଠାରୁ ପରାସ୍ତ ହୋଇଥିଲେ। ଏଥର ସେ ବିଜେଡିର ବିଭିନ୍ନ ଜନହିତକାରୀ ଯୋଜନାକୁ ପାଥେୟ କରି ନିର୍ବାଚନୀ ରଣାଙ୍ଗନକୁ ଓହ୍ଲାଇଛନ୍ତି ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି। ଅନ୍ୟପଟେ କଂଗ୍ରେସର ଘାସିରାମ ମାଝି ଜଣେ ଆଦିବାସୀ ନେତା। ଛତିଶଗଡି ପ୍ରଭାବ ସହ କଂଗ୍ରେସର ଭୋଟବ୍ୟାଙ୍କକୁ ନେଇ ସେ ଏଥର ନିର୍ବାଚନ ଲଢୁଥିବା କହିଛନ୍ତି। ଏଭଳି ସ୍ଥିତିରେ ଗତଥରର ବିଜୟୀ ତଥା ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କୁ କେମିତି ଟକ୍କର ଦିଆଯିବ ସେ ନେଇ ଏହି ଦୁଇନେତା ଗଣିତ କଷୁଥିଲେ। ହେଲେ ବସନ୍ତ କଳାହାଣ୍ଡି ଏମ୍‌ପି ପ୍ରାର୍ଥୀ ହେବା ପରେ ଦଳର ଜଣେ ନୂଆ ମୁହଁ ହୋମସିଂ ମାଝିଙ୍କୁ ଏଠାରେ ଥଇଥାନ କରାଯାଇଛି। ସେ ବି ଜଣେ ଆଦିବାସୀ ନେତା। ସେ କେତେ ପ୍ରତିଶତ ଆଦିବାସୀ ଭୋଟ ଅକ୍ତିଆର କରିବେ ସେ ନେଇ ରାଜନୈତିକ ସମୀକ୍ଷକମାନେ ଅପେକ୍ଷା କରିଛନ୍ତି। କଂଗ୍ରେସ ପ୍ରାର୍ଥୀ ଘାସିରାମଙ୍କ ପକେଟ ଭୋଟ ଭାଗ କରିବାରେ ହୋମସିଂ କେତେ ସଫଳ ହେଉଛନ୍ତି ତାକୁ ଭାଜପା ହିସାବ କରୁଛି। ହୋମସିଂ ମଧ୍ୟ ଚାକିରି ଜୀବନରେ ଜଣେ ଦକ୍ଷ ଅଧିକାରୀ ଭାବେ ଜଣାଶୁଣା ଥିଲେ। ସେ ଏକ ରାଜନୈତିକ ପରିବାରରୁ ଆସିଥିବାରୁ ଠିକ୍ ଗୋଟିଚାଳନା କରିପାରିବେ ବୋଲି ଦମ୍ଭ ରଖିଛନ୍ତି। ହେଲେ ଭାଜପା ପାଇଁ ଦୀର୍ଘ ୩୦ ବର୍ଷ ଧରି କାମ କରିଥିବା ପୂର୍ବତନ ଜିଲା ସଭାପତି ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯଦୁମଣି ପାଣିଗ୍ରାହୀ ତାଙ୍କ ପାଇଁ ଅଡୁଆ ସାଜିଛନ୍ତି। ଟିକେଟ୍ ଦୌଡ଼ରେ ପରାସ୍ତ ହେବା ପରେ ଯଦୁମଣି ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ଏପରି ପଦକ୍ଷେପ ନେଇ ସେ କେବଳ ନିଜ ଅସନ୍ତୋଷ ଜଣାଇଛନ୍ତି। ଦୀର୍ଘଦିନ ଦଳରେ ରହି କାମ କରିବା ପରେ ଜଣେ ନବାଗତଙ୍କୁ ଟିକେଟ ମିଳିବାକୁ ସେ ସହଜେ ହଜମ କରିପାରିନାହାନ୍ତି। ବହୁ ଦଳୀୟ ନେତା ଓ କର୍ମୀ ତାଙ୍କୁ ସମର୍ଥନ କରୁଥିବା ଦେଖିବାକୁ ମିଳିଛି। ନୂଆପଡା ବ୍ଲକର ଉପରୋକ୍ତ ତିନି ନେତାଙ୍କୁ ଟିକେଟ୍ ମିଳିଥିବା ବେଳେ କୋମନା ବ୍ଲକରୁ କେବଳ ଯଦୁମଣି ପ୍ରାର୍ଥୀ ହୋଇଛନ୍ତି। ଏଭଳି ସ୍ଥିତିରୁ ବିଜେଡି ଏବଂ କଂଗ୍ରେସ କେତେ ସଫଳତା ପାଇବେ ତାହା ଆଗାମୀ ଦିନରେ ଜଣାପଡିବ ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି। ଭାଜପା ଟିକେଟ ବଣ୍ଟନରେ ଠିକ ଗଣିତ କରି ନ ଥିବାରୁ ଏଭଳି ସ୍ଥିତି ଉପୁଜିଛି ବୋଲି ସାଧାରଣ ଲୋକଙ୍କ ଭିତରେ ବି ଚର୍ଚ୍ଚା ଜୋର ଧରିଛି। ଏଥି ସହିତ ଏହି ଆସନ ପାଇଁ ମୋଟ ୯ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଗୁରୁବାର ପ୍ରାର୍ଥିପତ୍ର ପ୍ରତ୍ୟାହାର ହେବ। ଏହା ପରେ ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିବ ବୋଲି ମତପ୍ରକାଶ ପାଇଛି।

# ପୁଣି ଝୁଲିଲା ବିଜେଡିର ୪ ପ୍ରାର୍ଥୀ ତାଲିକା

■ କଂଗ୍ରେସର ୩, ଭାଜପାର ଗୋଟିଏ ଘୋଷଣା ହୋଇନି

**ପୁରୀ ଅଫିସ,୨୭।୩**

ପୁରୀ ଜିଲାର ୬ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପୁରୀ, ସତ୍ୟବାଦୀ, ବ୍ରହ୍ମଗିରି, ପିପିଲି, ନିମାପଡ଼ା ଓ କାକଟପୁରରେ ବିଜେଡି କାହାକୁ ପ୍ରାର୍ଥୀ କରିବ, କାହାର ଲୋକପ୍ରିୟତା ଅଛି ଓ କିଏ ଏଥର ନିର୍ବାଚନରେ ସଫଳ ହେବେ ଏମିତି ଆଶଙ୍କା ଭିତରେ ଥିଲେ ଦଳର ପ୍ରମୁଖ ନେତୃତ୍ୱ। ହେଲେ ବୁଧବାର ଦଳ ପକ୍ଷରୁ ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ଏଥିରେ ପୁରୀ ଲୋକ ସଭା ପ୍ରାର୍ଥୀ, ବ୍ରହ୍ମଗିରି ଏବଂ ସତ୍ୟବାଦୀ ବିଧାନସଭା ଲାଗି ପ୍ରାର୍ଥୀଙ୍କ ନାଁ ଘୋଷଣା ହୋଇଛି। ହେଲେ ଏବେ ବି ଆହୁରି ୪ ନିର୍ବାଚନମଣ୍ଡଳୀରେ କିଏ ପ୍ରାର୍ଥୀ ହେବ ତାହା ସ୍ପଷ୍ଟ ହୋଇନାହିଁ। ଏଥିଯୋଗୁ ପୁଣି ବିଜେଡିର ୪ ପ୍ରାର୍ଥୀ ତାଲିକା ଝୁଲିରହିଲା ବୋଲି ଚର୍ଚ୍ଚା ଚାଲିଛି।

ପ୍ରାର୍ଥୀଙ୍କ ନାଁ ଘୋଷଣା କ୍ଷେତ୍ରରେ ଭାଜପା ଆଗରେ ରହିଛି। ଭାଜପା ଲୋକ ସଭା ପ୍ରାର୍ଥୀ ଏବଂ ୫ ବିଧାନସଭା ପ୍ରାର୍ଥୀ ତାଲିକା ଘୋଷଣା କରିସାରିଛି। କେବଳ

**ପୁରୀ ଜିଲା ନିର୍ବାଚନମଣ୍ଡଳୀ**

ପୁରୀ ନିର୍ବାଚନମଣ୍ଡଳୀ ଲାଗି ପ୍ରାର୍ଥୀ ଚୂଡ଼ାନ୍ତ କରାଯାଇନାହିଁ। ଏନେଇ ଖୁବ୍‌ଶୀଘ୍ର ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ ବୋଲି ଦଳୀୟ ନେତୃତ୍ୱ କହୁଛନ୍ତି। ସେହିପରି କଂଗ୍ରେସର ଲୋକ ସଭା ପ୍ରାର୍ଥୀ କିଏ ହେବେ ସେନେଇ ସସ୍‌ପେନ୍ସ ଲାଗି ରହିଥିବାବେଳେ ୩ ନିର୍ବାଚନମଣ୍ଡଳୀର ପ୍ରାର୍ଥୀ ଚୂଡ଼ାନ୍ତ କରାଯାଇଛି। ଏବେ ବି ପୁରୀ, ନିମାପଡ଼ା ଏବଂ ପିପିଲିରୁ କିଏ ପ୍ରାର୍ଥୀ ହେବ ତାହାକୁ ନେଇ ଭୋଟର ସନ୍ଦେହରେ ଅଛନ୍ତି। ଅନ୍ୟପକ୍ଷରେ ବିଜେଡି ବୁଧବାର ଲୋକ ସଭା ପ୍ରାର୍ଥୀ ଭାବେ ପିନାକୀ ମିଶ୍ରଙ୍କ ନାଁ ଘୋଷଣା କରିଛି। ହେଲେ ୬ ବିଧାନସଭା କ୍ଷେତ୍ର ମଧ୍ୟରୁ କେବଳ ବ୍ରହ୍ମଗିରିରୁ ସଞ୍ଜୟ ଦାସବର୍ମା ଏବଂ ସତ୍ୟବାଦୀରୁ ଉମାକାନ୍ତ ସାମନ୍ତରାୟଙ୍କ ନାଁରେ ମୋହର ମାରିଛନ୍ତି ଦଳ ମୁଖିଆ। ଆହୁରି ୪ ନିର୍ବାଚନମଣ୍ଡଳୀ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇ ନ ଥିବା ନେଇ ଏବେ ନାନା ଆଲୋଚନା ଆରମ୍ଭ ହୋଇଯାଇଛି।

ଗୁରୁବାରଠାରୁ ତୃତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ବିଜ୍ଞପ୍ତି ପ୍ରକାଶ ପାଇବା ସହ ନାମାଙ୍କନପତ୍ର ଦାଖଲ ଆରମ୍ଭ ହେଉଛି। ପୁରୀ ଲୋକ ସଭା ଏବଂ ଏହା ଅଧୀନ ୪ ବିଧାନସଭା କ୍ଷେତ୍ରର ଭୋଟ ଗ୍ରହଣ ତୃତୀୟ ପର୍ଯ୍ୟାୟରେ ରହିଥିବାରୁ ବିଜେଡି ସମସ୍ତ ପ୍ରାର୍ଥୀଙ୍କ ନାମ ଏକାଥରକେ ଘୋଷଣା କରିପାରେ ବୋଲି ଅନୁମାନ ଲଗାଇଥିଲେ ଭୋଟର। ହେଲେ ସେମିତି କିଛି ହୋଇନି। ଲୋକ ସଭା ପ୍ରାର୍ଥୀ ଏବଂ ୨ ବିଧାନସଭା କ୍ଷେତ୍ରର ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ପୁରୀ, କାକଟପୁର, ପିପିଲି ଓ ନିମାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା ହୋଇନାହିଁ। ଉପରୋକ୍ତ ସ୍ଥାନରେ କିଛି ଅସନ୍ତୋଷ ଯୋଗୁ ପ୍ରାର୍ଥୀ ତାଲିକା ଝୁଲି ରହିଥିବା ଚର୍ଚ୍ଚା ହେଉଛି। ସେହିପରି କଂଗ୍ରେସ ଏବଂ ଭାଜପା ପକ୍ଷରୁ ମଧ ଯେଉଁ ଆସନ ଖାଲି ରହିଛି ସେଠାରେ ବି ଏକାଧିକ ଆଶାୟୀ ଏବଂ ଅସନ୍ତୋଷ ରହିଥିବାରୁ ପ୍ରାର୍ଥୀ ବାଛିବାରେ ନେତୃତ୍ୱମାନେ ଅସୁବିଧାରେ ପଡୁଥିବା ଶୁଣିବାକୁ ମିଳୁଛି।

**ସ୍ୱାଧୀନ ପ୍ରାର୍ଥୀ ହୋଇପାରନ୍ତି ଜୟନ୍ତ**

ପୁରୀ ଜିଲାର ପ୍ରାୟ ସବୁ ନିର୍ବାଚନମଣ୍ଡଳୀରେ ପ୍ରତ୍ୟେକ ଦଳରେ କିଛି ନା କିଛି ଅସନ୍ତୋଷ ରହିଛି। ଏକାଧିକ ଆଶାୟୀ ଥିବାରୁ ଏଭଳି ମତାନ୍ତର ଦେଖିବାକୁ ମିଳିଛି। କିନ୍ତୁ ସତ୍ୟବାଦୀରେ ବିଜେଡି କନ୍ଦଳ ଦାଣ୍ଡରେ ପଡ଼ି ହାଟରେ ଗଡ଼ିଥିଲା। ପୁରୀର ପୂର୍ବତନ ନଗରପାଳ ଜୟନ୍ତ କୁମାର ଷଡ଼ଙ୍ଗୀ ବିଜେଡିରୁ ପ୍ରାର୍ଥୀ ହେବାକୁ ଆଶା ରଖି ବିଭିନ୍ନ ସ୍ଥାନରେ ସଭା ସମିତି କରୁଥିଲେ। ଅନ୍ୟପକ୍ଷରେ ଉମାକାନ୍ତ ସାମନ୍ତରାୟ ମଧ ସାଙ୍ଗଠନିକ ସ୍ଥିତିକୁ ସୁଦୃଢ଼ କରିବାରେ ଲାଗିଥିଲେ। ବୁଧବାର ଦଳ ଉମାକାନ୍ତଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରିବା ପରେ ଜୟନ୍ତ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବେ ବୋଲି ସମ୍ଭାବନା ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ଜୟନ୍ତଙ୍କୁ ପଚାରିବାରେ ସେ କହିଛନ୍ତି ଯେ, ମୁଁ ନିର୍ବାଚନ ଲଢ଼ିବା ପାଇଁ ପ୍ରସ୍ତୁତ ଅଛି। ସତ୍ୟବାଦୀ ନିର୍ବାଚନମଣ୍ଡଳୀବାସୀ ଚାହିଁଲେ ମୁଁ ପ୍ରତିଦ୍ୱନ୍ଦ୍ୱିତା କରିବି।

ଭାଜପା, କଂଗ୍ରେସ ଆଣିଲେ ଅଭିଯୋଗ

# ସତ୍ୟପାଠରେ କଳିକେଶ ଦେଇଛନ୍ତି ମିଥ୍ୟା ତଥ୍ୟ

**ବଲାଙ୍ଗୀର ଅଫିସ,୨୭।୩**

ବଲାଙ୍ଗୀର ଲୋକ ସଭା ନିର୍ବାଚନ ପାଇଁ ମଙ୍ଗଳବାର ପ୍ରାର୍ଥିପତ୍ର ଦାଖଲ ଶେଷ ହୋଇଥିଲା। ଲୋକ ସଭା ଆସନରେ ୮ଜଣ ପ୍ରାର୍ଥୀ ସେମାନଙ୍କ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ବିଜେଡିରୁ କଳିକେଶ ନାରାୟଣ ସିଂଦେଓ, ଭାଜପାରୁ ସଙ୍ଗୀତା କୁମାରୀ ସିଂଦେଓ ଏବଂ କଂଗ୍ରେସରୁ ସମରେନ୍ଦ୍ର ମିଶ୍ର ପ୍ରାର୍ଥୀ ହୋଇଛନ୍ତି। ବୁଧବାର ପ୍ରାର୍ଥିପତ୍ର ଯାଞ୍ଚ ବେଳେ ଭାଜପା ଓ କଂଗ୍ରେସ ପ୍ରତିନିଧିମାନେ ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିଜେଡି ଲୋକ ସଭା ପ୍ରାର୍ଥୀ କଳିକେଶଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଭାଜପା ପକ୍ଷରୁ କଳିକେଶଙ୍କ ଭୋଟର ପରିଚୟ ପତ୍ରରେ ଭୁବନେଶ୍ୱର ଓ ବଲାଙ୍ଗୀରରେ ଦୁଇଟି ସ୍ଥାନରେ ନାମ ରହିଥିବା ଦର୍ଶାଇ ତାଙ୍କ ପ୍ରାର୍ଥିପତ୍ର ରଦ୍ଦ କରିବାକୁ ଅଭିଯୋଗ କରିଥିଲେ। ବଲାଙ୍ଗୀର ପେଲେସ୍‌ଲାଇନ୍‌ଠାରେ କଳିକେଶଙ୍କ ଭୋଟର ପରିଚୟପତ୍ରରେ ନାମ ରହିଥିବା ବେଳେ ଭୁବନେଶ୍ୱର ଗୋପବନ୍ଧୁନଗର ରାଜଭବନ ଅଞ୍ଚଳରେ ମଧ ଭୋଟର ପରିଚୟ ପତ୍ରରେ ନାମ ରହିଥିବା ଦର୍ଶାଇ ୨ଟି ଭୋଟର ପରିଚୟ ପତ୍ରର ନକଲ ନିବାଚନ ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ଭାଜପା ଜିଲା ସଭାପତି ଭକ୍ତବନ୍ଧୁ ନାଏକ ଏଭଳି ଅଭିଯୋଗ କରି ବିଜେଡି ପ୍ରାର୍ଥୀଙ୍କ ୨ଟି ସ୍ଥାନରେ ଭୋଟର ପରିଚୟ ପତ୍ରରେ ନାମ କରଣ କିଭଳି ରହିଛି ବୋଲି ପ୍ରଶ୍ନ କରି ତାଙ୍କ ସତ୍ୟପାଠରେ ଏହା ଦର୍ଶାଇ ନ ଥିବା କହିଛନ୍ତି। ଅନ୍ୟପକ୍ଷେ କଂଗ୍ରେସ ପ୍ରତିନିଧି ବିଜେଡି ପ୍ରାର୍ଥୀ କଳିକେଶ ଦାଖଲ କରିଥିବା ସତ୍ୟପାଠରେ ମିଥ୍ୟା ତଥ୍ୟ

**ଅଭିଯୋଗ ଖଣ୍ଡନ କଲେ କଳିକେଶ**

ଦେଇଥିବା ଅଭିଯୋଗ କରିଛନ୍ତି। କଂଗ୍ରେସ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର, ଆଇନ୍‌ଜୀବୀ ପ୍ରହ୍ଲାଦ ଅଗ୍ରୱାଲ ଓ ଅରବିନ୍ଦାକ୍ଷ ପୂଜାରୀ ରିଟର୍ନିଂ ଅଫିସର ଏବଂ ଜିଲାପାଳ ଅରିନ୍ଦମ ଡାକୁଆଙ୍କ ନିକଟରେ ଅଭିଯୋଗପତ୍ର ପ୍ରଦାନ କରିଥିଲେ। କଳିକେଶ ପ୍ରଦାନ କରିଥିବା ସତ୍ୟପାଠରେ ତାଙ୍କର କୌଣସି କୃଷି ଜମି ନ ଥିବା ଦର୍ଶାଇବା ସହ ଅନେକ ଗୁଡିଏ ତଥ୍ୟ ଦେଇନାହାନ୍ତି। ତାଙ୍କ ପିତା ଅନଙ୍ଗ ଉଦୟ ସିଂଦେଓ ଗତ ରାଜ୍ୟସଭା ନିର୍ବାଚନ ସମୟରେ ତାଙ୍କର ପୈତୃକ ଜମି ୭୨.୬୬ ଏକର ଜମି ରହିଥିବା ଦର୍ଶାଇଥିବାବେଳେ କଳିକେଶ ତାଙ୍କର ଜମି ନାହିଁ ବୋଲି ଦର୍ଶାଇ ଭୁଲ ତଥ୍ୟ ଦେଇଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଉକ୍ତ ସତ୍ୟପାଠରେ ଏକାଧିକ ତଥ୍ୟ ଦେଇ ନ ଥିବା ଅଭିଯୋଗ କରି ବିଜେଡି ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ନାକଚ୍ କରିବାକୁ ଦାବି କରିଥିଲେ। ଏଭଳି ଅଭିଯୋଗପତ୍ରକୁ ନିର୍ବାଚନ ରିଟର୍ନିଂ ଅଫିସର ତଥା ଜିଲାପାଳ ଡାକୁଆ ଗ୍ରହଣ କରିଥିଲେ ମଧ ବିଜେଡି ପ୍ରାର୍ଥୀପତ୍ରକୁ ନାକଚ୍ କରି ନ ଥିବା ଜଣାପଡିଛି। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ବଲାଙ୍ଗୀର ଲୋକ ସଭା ଆସନରେ ନିର୍ବାଚନ ଲଢ଼ିବାକୁ ପ୍ରାର୍ଥିପତ୍ର ଦାଖଲ କରିଥିବା ୮ ଜଣଙ୍କ ନାମାଙ୍କନ କାଏମ ରହିଥିବା ସୂଚନା ଦିଆଯାଇଛି। ଏନେଇ ବିଜେଡି ପ୍ରାର୍ଥୀ କଳିକେଶଙ୍କୁ ପଚରାଯିବାରୁ କଂଗ୍ରେସ ଓ ଭାଜପାର ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି।

■ ସାନଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀ

# ସମସ୍ତ ପ୍ରାର୍ଥିପତ୍ର କାଏମ, ତୀବ୍ର ହେବ ପ୍ରତିଦ୍ୱନ୍ଦ୍ୱିତା

**ବ୍ରହ୍ମପୁର ଅଫିସ,୨୭।୩**

ଗଞ୍ଜାମ ଜିଲା ସାନଖେମୁଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ମୋଟ ୫ ପ୍ରାର୍ଥିପତ୍ର ଦାଖଲ ହୋଇଥିଲା। ସମସ୍ତ ପ୍ରାର୍ଥିପତ୍ର ଯାଞ୍ଚ ପରେ କାଏମ୍ ରହିଥିବା ରିଟର୍ନିଂ ଅଫିସର୍‌ଙ୍କଠାରୁ ସୂଚନା ମିଳିଛି। ଗତ ୧୯ତାରିଖରେ ପ୍ରାର୍ଥିପତ୍ର ଦାଖଲ ଆରମ୍ଭ ହୋଇ ୨୬ତାରିଖରେ ଶେଷ ହୋଇଥିଲା। ଏଥିରୁ ୨୫ତାରିଖରେ ବିଜେଡ଼ି ତରଫରୁ ବିଧାୟିକା ନନ୍ଦିନୀ ଦେବୀ ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ କଂଗ୍ରେସରୁ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଜେନା, ଭାଜପାରୁ ବିଜୟ କୁମାର ସ୍ୱାଇଁ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ୨୬ତାରିଖରେ ବହୁଜନ ସମାଜ ପାର୍ଟି ତରଫରୁ ଗରିବ ନାଏକ ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ବୁଧବାର ପ୍ରାର୍ଥିପତ୍ର ଯାଞ୍ଚ କରାଯାଇଥିଲା। ସମସ୍ତ ପ୍ରାର୍ଥିପତ୍ର କାଏମ୍ ରହିଛି। ଶୁକ୍ରବାର ପ୍ରାର୍ଥୀପତ୍ର ପ୍ରତ୍ୟାହାର ତାରିଖ ରହିଛି।

ସୂଚନାଯୋଗ୍ୟ, ୨୦୧୪ ନିର୍ବାଚନରେ ଏହି ନିର୍ବାଚନ ମଣ୍ଡଳୀରେ ମୋଟ ୧ ଲକ୍ଷ ୯୬ ହଜାର ୨୪୮ଭୋଟର୍ ରହିଥିଲେ। ସେଥିରୁ ୧ ଲକ୍ଷ ୩୧ ହଜାର ୧୬୪ ଭୋଟ୍ ଦେଇଥିଲେ। ବିଜେଡି ତରଫରୁ ପ୍ରାର୍ଥୀ ହୋଇଥିବା ଧରାକୋଟ ରାଣୀ ନନ୍ଦିନୀ ଦେବୀ ମୋଟ ୬୧ହଜାର ୭୭୩ ଭୋଟ୍ ପାଇଥିଲେ। ଅର୍ଥାତ୍ ସେ ୪୭.୧ପ୍ରତିଶତ ପାଇଥିଲେ। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା କଂଗ୍ରେସର ରମେଶ ଚନ୍ଦ୍ର ଜେନା ପାଇଥିଲେ ୪୦.୮୩ପ୍ରତିଶତ ଭୋଟ୍ ଅର୍ଥାତ୍ ୫୩ହଜାର ୫୫୧ଖଣ୍ଡ ଭୋଟ୍। ଉଭୟଙ୍କ ମଧ୍ୟରେ ମାତ୍ର ୮ ହଜାର ୨୨୨ଖଣ୍ଡ ଭୋଟ୍‌ର ବ୍ୟବଧାନ ରହିଥିଲା। ଭାଜପା ପ୍ରାର୍ଥୀ ବୀରକିଶୋର ଦେବ



ନନ୍ଦିନୀ ଦେବୀ



ରମେଶ ଚନ୍ଦ୍ର ଜେନା



ବିଜୟ କୁମାର ସ୍ୱାଇଁ

**୨୦୧୪ ନିର୍ବାଚନ ଫଳାଫଳ**

**ମୋଟ ମତଦାନ:୧,୩୧,୧୬୪**

| ନନ୍ଦିନୀ ଦେବୀ | ରମେଶ ଚନ୍ଦ୍ର ଜେନା | ବୀରକିଶୋର ଦେବ |
|---|---|---|
| ୬୧,୭୭୩ | ୫୩,୫୫୧ | ୬,୦୫୩ |

ମାତ୍ର ୬ ହଜାର ୫୩ ଭୋଟ୍ ପାଇଥିଲେ। ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ)ର ଅନ୍ତର୍ଯ୍ୟାମୀ ସ୍ୱାଇଁ ୪ ହଜାର ୯୩୩, ବହୁଜନ ସମାଜ ପାର୍ଟି(ବିଏସ୍‌ପି)ର ଶିଶିର ଚରଣ ମିଶ୍ର ଏକ ହଜାର ୩୪୭, ଆମ୍ ଆଦ୍‌ମୀ ପାର୍ଟି(ଏଏପି)ର କେ. ରମେଶ କୁମାର ଦୋରା ୧୨୩୨ ଏବଂ ନୋଟାରେ ପଡ଼ିଥିଲା ୨୨୭୫ ଭୋଟ୍।

ଏହା ପୂର୍ବ ନିର୍ବାଚନ ଅର୍ଥାତ୍ ୨୦୦୯ରେ ଏହି ନିର୍ବାଚନ ମଣ୍ଡଳୀରେ ୧ ଲକ୍ଷ ୨୭୮ ଭୋଟର୍ ସେମାନଙ୍କ ମତଦାନ କରିଥିଲେ। ସେଥିରୁ ୫୦ ହଜାର ୪୮୭ଖଣ୍ଡ ଭୋଟ୍ ପାଇ ରମେଶ ଚନ୍ଦ୍ର ବିଜୟୀ ହୋଇଥିଲେ। ମୋଟ ମତଦାନର ତାଙ୍କୁ ୫୦.୩୫ପ୍ରତିଶତ ଭୋଟ୍ ମିଳିଥିଲା। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ଭାଜପାର କିଶୋର ଚନ୍ଦ୍ର ସିଂଦେଓ ୨୬ ହଜାର୮୯୪ଖଣ୍ଡ ଭୋଟ୍ ଅର୍ଥାତ୍ ୨୬.୮୨ପ୍ରତିଶତ ଭୋଟ୍ ପାଇ ପରାସ୍ତ ହୋଇଥିଲେ। ସେହି ନିର୍ବାଚନରେ ବିଜେଡି ଏବଂ ସିପିଆଇ ମଧ୍ୟରେ ମେଣ୍ଟ ହୋଇଥିଲା। ମେଣ୍ଟ ତରଫରୁ ପ୍ରାର୍ଥୀ ହୋଇଥିଲେ ସିପିଆଇର ଏନ୍. ନାରାୟଣ ରେଡ୍ଡୀ। ତାଙ୍କୁ ମାତ୍ର ୧୫ ହଜାର୨୩ ଖଣ୍ଡ ଅର୍ଥାତ୍ ମାତ୍ର ୧୪.୯୮ପ୍ରତିଶତ ଭୋଟ୍ ମିଳିଥିଲା।

ତେବେ ଚଳିତ ଥର ନିର୍ବାଚନ କିନ୍ତୁ ଗତ ଦୁଇଟି ନିର୍ବାଚନଠାରୁ ସମ୍ପୂର୍ଣ୍ଣ ଭିନ୍ନ ହେବ ବୋଲି ଅଞ୍ଚଳରେ ଆଲୋଚନା ହେଉଛି। କାରଣ ୨୦୧୪ରେ ଜିତିଥିବା ନନ୍ଦନୀ ଦେବୀଙ୍କୁ ବିଜେଡ଼ି ପୁଣି ଥରେ ଚଳିତ ଥର ମଧ୍ୟ ଟିକେଟ୍ ଦେଇଛି। ନନ୍ଦିନୀଙ୍କୁ ଏଥର କଡା ମୁକାବିଲାର ସମ୍ମୁଖୀନ ହେବାକୁ ପଡିପାରେ ବୋଲି ଆଲୋଚନା ହେଉଛି। ହେଲେ ଗତ ୫ ବର୍ଷ ଭିତରେ ନିର୍ବାଚନ ମଣ୍ଡଳୀରେ ଉନ୍ନୟନ କାର୍ଯ୍ୟ ବଢ଼ିଛି। ନବୀନ ପଟ୍ଟନାୟକଙ୍କ ସୁଶାସନ ଏବଂ ନିର୍ବାଚନ ମଣ୍ଡଳୀରେ ଉନ୍ନୟନ କାର୍ଯ୍ୟ ଯୋଗୁ ସେ ଜିତିବା ନିଶ୍ଚିତ ବୋଲି ନନ୍ଦିନୀ ଦେବୀ ପ୍ରକାଶ କରିଛନ୍ତି।

ଅନ୍ୟପଟେ ୨୦୦୯ରେ ଜିତିବା ପରେ ୨୦୧୪ରେ ପରାସ୍ତ ହୋଇଥିବା କଂଗ୍ରେସର ରମେଶ ଚନ୍ଦ୍ର ଜେନା ପୁଣି ଥରେ ଚଳିତ ଥର କଂଗ୍ରେସ ଟିକେଟ୍‌ରୁ ଲଢୁଛନ୍ତି। ୨୦୦୯ ମସିହା ତୁଳନାରେ ୨୦୧୪ ରେ ରମେଶଙ୍କୁ ୯.୫୨ପ୍ରତିଶତ କମ୍ ଭୋଟ୍ ମିଳିଥିଲା। ଫଳରେ ସେ ପରାସ୍ତ ହୋଇଥିଲେ। ଚଳିତ ଥର ଭୋଟ୍ ପ୍ରତିଶତ ବଢ଼ାଇବା ପାଇଁ ରମେଶ ଜୋର୍‌ଦାର ପ୍ରଚାର ଚଳାଇଛନ୍ତି। ନିଜ ସମର୍ଥକଙ୍କ ସହ ନିର୍ବାଚନ ମଣ୍ଡଳୀରେ କ୍ରମାଗତ ଭାବେ ବୁଲୁଛନ୍ତି। ତାଙ୍କ କହିବାନୁଯାୟୀ, ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ସମସ୍ୟା ଅନେକ। ଚାଷୀ ଠାରୁ ଶ୍ରମିକ, ଶିକ୍ଷାଠାରୁ ସ୍ୱାସ୍ଥ୍ୟ ଏବଂ ନିଯୁକ୍ତି, ସବୁକ୍ଷେତ୍ରରେ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ବିଫଳ ହୋଇଛନ୍ତି। ସରକାରଙ୍କ ବିରୋଧରେ ଜନମତ ସୃଷ୍ଟି ହୋଇଛି। ଏଣୁ ସେ ବିପୁଳ ଭୋଟ୍ ବ୍ୟବଧାନରେ ବିଜୟୀ ହେବେ ବୋଲି ପ୍ରକାଶ କରିଛନ୍ତି।

ଅପରପକ୍ଷେ ଭାଜପକୁ ୨୦୦୯ରେ ୨୬.୮୨ପ୍ରତିଶତ, ୨୦୧୪ରେ ୪.୬୧ପ୍ରତିଶତ ଭୋଟ୍ ଭାଜପା ପ୍ରାର୍ଥୀଙ୍କୁ ମିଳିଥିଲା। ଅର୍ଥାତ୍ ଗତ ଥର ତୁଳନାରେ ୨୨.୨୧ପ୍ରତିଶତ ଭୋଟ୍ କମିଥିଲା। ଚଳିତ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ବିଜୟ ସ୍ୱାଇଁ ଏହି ଗଣିତକୁ ଭଲଭାବେ ବୁଝିଛନ୍ତି। ଏଣୁ ସେ ମଧ୍ୟ ଭୋଟ୍ ପ୍ରତିଶତ ବଢ଼ାଇବା ପାଇଁ ଉଦ୍ୟମ କରୁଛନ୍ତି। କେନ୍ଦ୍ରର ମୋଦି ସରକାରଙ୍କ ସଫଳତା ଏବଂ ନବୀନ ପଟ୍ଟନାୟକଙ୍କ ସରକାରର ବିଫଳତାକୁ ନେଇ ସେ ଭୋଟର୍‌ଙ୍କ ପାଖକୁ ଯିବେ। ବିଜୟ ପାଇଁ ଆଶାବାଦୀ ଥିବା ବିଜୟ ପ୍ରକାଶ କରିଛନ୍ତି।

# ପିସିସି ସମ୍ପାଦକଙ୍କୁ ମରଣାନ୍ତକ ଆକ୍ରମଣ

**ଭୁବନେଶ୍ୱର, ୨୭।୩(ବ୍ୟୁରୋ)**

ପ୍ରଦେଶ କଂଗ୍ରେସ କମିଟିର ରାଜ୍ୟ ସମ୍ପାଦକ ଅନିଲ କୁମାର ବେଉରାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ନୟାପଲ୍ଲୀ ଥାନା ଅନ୍ତର୍ଗତ ୟୁନିଟ୍-୮ କଲ୍ୟାଣ ମଣ୍ଡପ ନିକଟରେ କେତେଜଣ ଦୁର୍ବୃତ୍ତ ତାଙ୍କୁ କାର୍‌ରୁ ଭିଡିଆଣି ନିହୁକ ମାଡ଼ ମାରି ସୁନା ଚେନ୍ ଲୁଟି ନେଇଛନ୍ତି। ସେମାନେ ପଥର ଓ ଲୁହାରଡ୍‌ରେ ଆକ୍ରମଣ କରିବାରୁ ଅନିଲଙ୍କ ମୁଣ୍ଡ ଓ ଶରୀରରେ ଗଭୀର ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ପୋଲିସ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିବାରୁ ୩ଟି ଷ୍ଟିଚ୍ ପଡ଼ିଛି। ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଆକ୍ରମଣକାରୀଙ୍କ ମଧ୍ୟରୁ ଜଣଙ୍କୁ ପୋଲିସ ଚିହ୍ନଟ କରିଛି। ଅଭିଯୁକ୍ତମାନଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଚାଲିଥିବା ସୂଚନା ମିଳିଛି।

ପୋଲିସ ସୂଚନା ମୁତାବକ, ଅନିଲ କଟକ ସଦର ଥାନାଞ୍ଚଳରେ ରୁହନ୍ତି। ସେ ଜଣେ ସହଯୋଗୀଙ୍କୁ ଧରି ପୂର୍ବାହ୍ନ ୧୦ଟାରେ ଭୁବନେଶ୍ୱର ଆସିଥିଲେ। କାର୍ଯ୍ୟ ସାରି ଅପରାହ୍ନ ପ୍ରାୟ ୨ଟାରେ କାର୍‌ରେ କଟକ ଅଭିମୁଖେ ବାହାରିଥିଲେ। ୟୁନିଟ୍-୮ କଲ୍ୟାଣ ମଣ୍ଡପ ନିକଟରେ କେତେଜଣ ଯୁବକ ତାଙ୍କ କାର୍‌କୁ ଅଟକାଇ ଘେରିଯାଇଥିଲେ। ସାଇଡ୍ କାହିଁକି ମାଗିଲ ବୋଲି କହି ତାଙ୍କୁ କାରରୁ ଓହ୍ଲାଇବାକୁ



ଅନିଲ କୁମାର ବେଉରା

କହିଥିଲେ। ଏହାପରେ ହଠାତ ଦୁଇ ଯୁବକ କାର୍ ଡୋର ଖୋଲି ତାଙ୍କ ଶାର୍ଟ କଲରକୁ ଧରି ବାହାରକୁ ଭିଡି ଆଣିଥିଲେ। ଦୁଇ ଜଣ ଯୁବକ ତାଙ୍କ ବେକକୁ ପଛପଟୁ ଚାପି ଧରିଥିବାବେଳେ ଆଉ ଦୁଇ ଜଣ ତାଙ୍କୁ ନିହୁକ ମାଡ଼ ମାରିଥିଲେ। ପଥର ଓ ଲୁହା ରଡରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଏଥିସହ ତାଙ୍କ ବେକରୁ ୩୦ ଗ୍ରାମ ଓଜନରଏକ ସୁନା ଚେନ ନେଇ ଫେରାର ହୋଇଯାଇଥିଲେ। ତେବେ ଅନିଲଙ୍କ ସହ ଥିବା ସହଯୋଗୀ ଜଣକ ଭୟରେ ଦୌଡ଼ି ପଳାଇବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ସେ କିଛି ଦୂରରେ ରହି ଆକ୍ରମଣକାରୀଙ୍କ ମଧ୍ୟରୁ ଜଣଙ୍କ ଫଟୋକୁ ମୋବାଇଲ୍ ଫୋନ୍‌ରେ ଉଠାଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଅନିଲଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲା। ତେବେ ରାଜନୈତିକ ନା ଲୁଟ୍ ଉଦ୍ଦେଶ୍ୟରେ ଏହି ଆକ୍ରମଣ ହୋଇଛି ତାହାର ଖୋଳତାଡ଼ କରୁଛି ପୋଲିସ।



ମନକୁ ଯଦି କାମରେ ନ ଲଗାଇବ, ସେଥିରେ କଳଙ୍କି ଲାଗି ଶେଷରେ ଅକାମି ହୋଇଯିବ।
- ହର୍ବଟ ସାଇମନ୍ସ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଏନ୍‌ଡିଆର୍‌ଏଫ, ଓଡ୍ରାଫ ଏବଂ ଅନ୍ୟାନ୍ୟ ଅଂଶୀଦାରଙ୍କ ସହଯୋଗରେ ମେଗା ମକ୍‌ଡ୍ରିଲ, ଏସପ୍ଲାନେଡ୍ ୱାନ ମଲ୍, ପୂର୍ବାହ୍ନ ୯ଟା ୩୦।
- ଆଚାର୍ଯ୍ୟ ବିହାରସ୍ଥିତ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ପକ୍ଷରୁ ଦକ୍ଷତାମୂଳକ ତାଲିମ ଶିବିର, କ୍ୟାମ୍ପସର କନଫରେନ୍ସ ହଲ, ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ୩୦।
- ଏନ୍‌ଏପିଏମ୍, ଭିଭିଜେଭିଏ, ଆଇଏନ୍‌ଏସ୍‌ଏଏଫ୍ ପକ୍ଷରୁ ଆଲୋଚନାଚକ୍ର, ଲୋହିଆ ଏକାଡେମୀ, ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା।
- ବାଣୀବିହାରସ୍ଥିତ ୟୁନିଭରସିଟି ହାଇସ୍କୁଲର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ, ସ୍କୁଲ ପରିସର, ଅପରାହ୍ନ ୫ଟା।
- ଶେଲ୍‌ଟର ଫାଉଣ୍ଡେଶନ ପକ୍ଷରୁ ରାଜ୍ୟସ୍ତରୀୟ ଶିଶୁଙ୍କର କଳା ପ୍ରଦର୍ଶନୀ ଉଦ୍‌ଘାଟନ ଉତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।

**କଟକ**

- ବୈଶ୍ୟ ତିଲି ଜାତୀୟ ସମିତି ପକ୍ଷରୁ କ୍ୟାରମ ପ୍ରତିଯୋଗିତା, ଡଗରାପଡ଼ା, କ୍ଷୋନୀରୋଡ, କଟକ ଦୁର୍ଗାମଣ୍ଡପ, ପୂର୍ବାହ୍ନ ୧୧ଟା।

**ପୁରୀ**

- ଶ୍ରୀ ଶ୍ରୀ ସତ୍ୟ ନାରାୟଣ ସମିତିର 'ବାଦିପାଲା', ଦୋଳବେଦୀ, ଲକ୍ଷ୍ମୀ ବଜାର, ସନ୍ଧ୍ୟା ୭ଟା।

# ମୁକ୍ତ ହେଲେ ଆପଣାର ହେବ ନାଟକ

**ଖୋର୍ଦ୍ଧା ଅଫିସ,୨୭।୩**

ପେସାଦାର ରଙ୍ଗମଞ୍ଚ ନ ଥିଲେ ବି ଯେକୌଣସି ସ୍ଥାନରେ ନାଟକର ମଞ୍ଚାୟନ ସମ୍ଭବ ହୋଇପାରେ। ଏଣୁ ନାଟକ ଆଧୁନିକତା ମଧ୍ୟରେ ବଞ୍ଚି ପାରିଛି। ସିନେମା, ଟିଭି ସହ ପ୍ରତିଦ୍ୱନ୍ଦ୍ୱିତା କରି ନ ପାରିଲେ ବି ନାଟକ ହାରି ଯାଇନି। ସମୟ ସହ ତାଳ ଦେଇ ନାଟକ ବଦଳି ଚାଲିଛି। କିନ୍ତୁ କଳାକାରମାନେ ମାନସିକତାରେ ପରିବର୍ତ୍ତନ ଆଣି ପାରୁନାହାନ୍ତି। ଅନ୍ୟପକ୍ଷରେ ମୁକ୍ତ ହେଲେ ଆପଣାର ହେବ ନାଟକ। ମଞ୍ଚାୟନରେ ପ୍ରତିଫଳିତ ହୁଏ ନାଟକର ସଫଳତା। ନାଟ୍ୟ ଦିବସ ଅବସରରେ ଖୋର୍ଦ୍ଧା ଜିଲା ସଦର ମହକୁମା ବାଜପୁରସ୍ଥିତ ନାଟ୍ୟ ଚେତନାର ନାଟ୍ୟ ଗ୍ରାମଠାରେ ଚାଲିଥିବା କର୍ମଶାଳାରେ ଜାତୀୟସ୍ତରୀୟ ନାଟ୍ୟ କଳାକାରମାନେ ଏହି ମତ ଦେଇଛନ୍ତି।

### ମରୁ ମରୁ ବଞ୍ଚିଛି ମଞ୍ଚ ନାଟକ



ନାଟକ ହେଉଛି ମଞ୍ଚକଳା। ଲେଖା ସରିଲେ ନାଟକ ଶେଷ ହୁଏନା। ନାଟକର ସଫଳତା ମଞ୍ଚାସ୍ଥରେ ଜଣାପଡେ। ଏକକ ମଞ୍ଚ ନାଟକ ୧୯୭୫ରୁ ୮୦ ମସିହା ଭିତରେ ବହୁ ଉତ୍କର୍ଷତାରେ ପହଞ୍ଚିଥିଲା। ଓଡ଼ିଶାରେ ପାଖାପାଖି ୩୦୦ ନାଟ୍ୟ ଦଳ କ୍ରମାଗତ ଭାବେ ନାଟକ ମଞ୍ଚସ୍ଥ କରୁଥିଲେ। ୧୯୮୦ରେ ଟେଲିଭିଜନ ଓଡ଼ିଶାକୁ ଆସିବା ପରେ ଧୀରେ ଧୀରେ ମଞ୍ଚ ନାଟକରୁ ଲୋକ ଦୂରେଇଗଲେ। ସେହି ଅନୁସାରେ ଖୋର୍ଦ୍ଧାରେ ୮ରୁ ୧୦ଟି ନାଟ୍ୟ ଅନୁଷ୍ଠାନ ପ୍ରତିବର୍ଷ ନାଟକ ମଞ୍ଚସ୍ଥ କରୁଥିଲେ। କିନ୍ତୁ ବର୍ତ୍ତମାନ ଆନ୍ଦୋଳନ ଅନୁଷ୍ଠାନକୁ ଛାଡି ଦେଲେ ଅନ୍ୟ ସମସ୍ତ ଅନୁଷ୍ଠାନ ନୀରବ ହୋଇ ଯାଇଛନ୍ତି। ଆର୍ଥିକ ବୋଝ, ପ୍ରୋତ୍ସାହନର ଅଭାବ, ନାଟକ ପ୍ରତି ଦର୍ଶକଙ୍କର ବିମୁଖତା ଏହାର ପ୍ରମୁଖ କାରଣ।

- ସନ୍ତୋଷ ମହାନ୍ତି, ଆନ୍ଦୋଳନ ନାଟ୍ୟ ଅନୁଷ୍ଠାନର ନିର୍ଦ୍ଦେଶକ

### କଥିତ ଭାଷାରେ ନାଟକ ଲୋକପ୍ରିୟ



ଭଲ ନାଟକ ପାଇଁ ଚିନ୍ତନ କରାଯିବାର ସମୟ ଆସିଛି। କଥିତ ଭାଷାରେ ନାଟକ ଲୋକପ୍ରିୟ ହୋଇଥାଏ। ଗାଁର କଳାକାର, ବିଶେଷ କରି ପାହାଡ଼ୀ ଆଦିବାସୀ କଳାକାର ସହରୀ କଳାକାର ଅପେକ୍ଷା ବେଶି ପରିପକ୍ୱ। କଳାର ସୃଷ୍ଟି ଯେଉଁ ପ୍ରକୃତିରୁ, ସେହି ପ୍ରକୃତି ସହ ଆଦିବାସୀ କଳାକାର ବଞ୍ଚି ସଂଗ୍ରାମ କରୁଛନ୍ତି। ଝରଣାଟିଏ ଝରିଯିବା ପରି ଆଦିବାସୀ କଳାକାର ଜନ୍ମ ପରେ ଝରିଯିବା, ବାଧା ବନ୍ଧନ ନମାନି ଆପଣେଇବା ଶିଖିଛି। ଏଣୁ ଭାରତର ପାହାଡିଆ ଆଦିବାସୀ ଅଞ୍ଚଳରୁ କଳାକାରମାନେ ଆଗେଇ ଆସିବା ଉଚିତ୍। ଗର୍ବରେ କହୁଛି ମୁଁ ମଧ୍ୟପ୍ରଦେଶର ଜଣେ ଆଦିବାସୀ ଯୁବକ।

- ଶିବ ପ୍ରସାଦ ଗୌଣ୍ଡ, ନାଟ୍ୟ ଅଭିନେତା, ମଧ୍ୟପ୍ରଦେଶ

### ନକଲ ଠିକ୍ ନୁହେଁ



ଯୁବ ପିଢ଼ି ଆମ ସମାଜର ଭବିଷ୍ୟତ। ହେଲେ ସେମାନେ ସିନେମା, ଟିଭିର ପ୍ରସାରଣରେ ଏତେ ପ୍ରଭାବିତ ଯେ ନକଲି ଅଭିନେତ୍ରୀଅଭିନେତା ପରି ଦେଖାଯିବାକୁ ପ୍ରତିଯୋଗିତା କରୁଛନ୍ତି। ଯେଉଁମାନେ କଳାକାର ହେବାକୁ ଚାହାନ୍ତି ସେମାନେ ପରିଚିତ ସିନେ ଟିଭି ତାରକାମାନଙ୍କ ରଙ୍ଗ, ଢଙ୍ଗ ଓ ଆଚରଣକୁ ଅନୁକରଣ କରିଥାନ୍ତି। ତେଣୁ ଯୁବ ପିଢ଼ି ନକଲି ପଛରେ ନ ଗୋଡାଇ ଅସଲି କଳାକାର ହେବାକୁ ଚେଷ୍ଟା କରନ୍ତୁ। ଯାହାକୁ ନକଲ କରୁଛ ସେମାନେ କାହାକୁ ନକଲ କରୁଥିବାର ଜାଣିଛ ବା ଦେଖିଛ କି।

- ସୁବୋଧ ପଟ୍ଟନାୟକ, ନାଟ୍ୟ ନିର୍ଦ୍ଦେଶକ

### ଉତ୍କଳୀୟ ପରମ୍ପରାକୁ ଅଣଦେଖା



ଉତ୍କର୍ଷ କଳାର ଦେଶ ଉତ୍କଳ। ଯାହା ଏବେ ଓଡ଼ିଶା ରୂପେ ପରିଚିତ। ଏଠାରେ ଥିବା ଲୋକ ନାଟ୍ୟ ପରମ୍ପରା ଦେଖିବାକୁ ଜାତୀୟ ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ପ୍ରତିବର୍ଷ ଶିକ୍ଷାଯାତ୍ରାରେ ପଠାଯାଏ। ନୃତ୍ୟ କ୍ଷେତ୍ରରେ ଓଡ଼ିଶୀ ଓ ଛଉ ବିଶ୍ୱରେ ପରିଚିତ କଳା। ତେବେ ଆମେ ଉତ୍କଳୀୟ ପରମ୍ପରାକୁ ଅଣଦେଖା କରି ଅନ୍ୟର କଳା ପଛରେ ଧାଉଁଛେ। ଏଣୁ ଅନ୍ୟ ପଛରେ ନ ଧାଇଁ ଉତ୍କଳୀୟ ପରମ୍ପରାକୁ ଅଭ୍ୟାସ କଲେ ଏହା ବିଶ୍ୱକୁ ହଲଚଲ କରିବ। ଝାଡଖଣ୍ଡର ଅଧିବାସୀ ହେଲେ ବି ମୁଁ ଓଡ଼ିଆରେ କଥା କହି ଗର୍ବ ଅନୁଭବ କରେ।

- ଶଶଧର ଆଚାର୍ଯ୍ୟ, ନାଟ୍ୟ ବିଶାରଦ, ନୂଆଦିଲ୍ଲୀ



ନାଟ୍ୟଧାରା ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ବୁଧବାର ପରିବେଷିତ ନାଟ୍ୟଚେତନାର ନାଟକ 'ନୂଆ'ର ଏକ ଦୃଶ୍ୟ।




ଓଡ଼ିଶା ନାଟ୍ୟ ଦିବସ ଅବସରରେ ଭୁବନେଶ୍ୱର ବୁଦ୍ଧ ମନ୍ଦିରରୁ ରବୀନ୍ଦ୍ର ମଣ୍ଡପ ଅଭିମୁଖେ ବାହାରିଥିବା ନାଟ୍ୟ ପଦାଯାତ୍ରା।

# ନାଲ୍‌କୋ ଟାଉନ୍‌ଶିପ୍‌ରେ ଶ୍ରୀଜଗନ୍ନାଥ ମହୋତ୍ସବ

**ଭୁବନେଶ୍ୱର,୨୭।୩**

ଅନୁଗୋଳସ୍ଥିତ ନାଲ୍‌କୋ ଟାଉନ୍‌ଶିପ୍ ଜଗନ୍ନାଥ ମନ୍ଦିରର ବାର୍ଷିକ ଉତ୍ସବ ଅବସରରେ ଶ୍ରୀ ଜଗନ୍ନାଥ ମହୋତ୍ସବ ପାଳନ ହେଉଛି। ପୁରୀ ଗଜପତି ମହାରାଜା ଶ୍ରୀ ଦିବ୍ୟ ସିଂହଦେବ ଏହି ଉତ୍ସବକୁ ଉଦ୍‌ଘାଟନ କରିଛନ୍ତି। ଭୌତିକ ସଫଳତା ସହ ଆଧ୍ୟାତ୍ମିକ ସଫଳତା ଉପରେ କାର୍ଯ୍ୟକ୍ରମରେ ଗଜପତି ମହାରାଜା ଗୁରୁତ୍ୱାରୋପ କରିଥିଲେ। ନାଲ୍‌କୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦ ଜଗନ୍ନାଥ ସଂସ୍କୃତିର ମହତ୍ତ୍ୱ ସମ୍ପର୍କରେ ଏଥିରେ ଉଲ୍ଲେଖ କରିଥିଲେ। ଆଚାର୍ଯ୍ୟ ଚିନ୍ମୟ ମିଶନ୍‌ର ସ୍ୱାମୀ ମାଧବାନନ୍ଦ ସରସ୍ୱତୀ ମହାରାଜ ଉତ୍ସବର ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଜଗନ୍ନାଥ ସଂସ୍କୃତି ପରିଷଦର ସଭାପତି ଗୋପୀନାଥ ମହାନ୍ତି, ଉପସଭାପତି ପୀତବାସ ରାଉତରାୟ,ମହନ୍ତ ରାମକୃଷ୍ଣ ଦାସ ମହାରାଜ, ନାଲ୍‌କୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏସ୍ ଅଣ୍ଡ୍ ପି) ରାଜକିଶୋର ମିଶ୍ର ଏବଂ ମହାପ୍ରବନ୍ଧକ (ସ୍ମେଲ୍ଟର୍) ମନସା ପ୍ରସାଦ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

## ■ ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ପାଳିତ

# ଆକର୍ଷଣ ସାଜିଲା ନାଟ୍ୟ ପଦଯାତ୍ରା

**ଭୁବନେଶ୍ୱର,୨୭।୩(ବ୍ୟୁରୋ)**

ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ବୁଧବାର ବିଶ୍ୱ ନାଟ୍ୟ ଦିବସ ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଏବଂ ନାଟ୍ୟ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ଏହି ପଦଯାତ୍ରା ଭୁବନେଶ୍ୱର ହାଉସିଂବୋର୍ଡ କଲୋନୀ ଛକରୁ ବାହାରି ରବୀନ୍ଦ୍ର ମଣ୍ଡପ ପର୍ଯ୍ୟନ୍ତ ଯାଇଥିଲା। ଏହାପରେ ରବୀନ୍ଦ୍ର ମଣ୍ଡପଠାରେ ଏକ ନାଟ୍ୟ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା। ଏଥିରେ ବକ୍ତା ଭାବେ ନ୍ୟାଶନାଲ ସ୍କୁଲ ଅଫ୍ ଡ୍ରାମାର ଶଶଧର ଆଚାର୍ଯ୍ୟ, ନାଟ୍ୟବିତ୍ ତଥା ଅଭିନେତା ଅଜିତ୍ ଦାସ, ଓଡ଼ିଶା ନାଟ୍ୟ ସଂଘ ସମ୍ପାଦକ ଲାଲା ବୀରେନ୍ ରାୟ, ସଭାପତି ହରେନ୍ ସାହୁ ଓ ଧୀର ମଲ୍ଲିକ ଯୋଗଦେଇ ଓଡ଼ିଆ ନାଟକର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ ବିଶ୍ୱାଳ, ଶୁଭକାନ୍ତ ପଟ୍ଟନାୟକ, ନିରଞ୍ଜନ ସାହୁ, ପ୍ରଶାନ୍ତ ମହାପାତ୍ର, ପ୍ରକାଶ ମହାରଣା, ଶିବଶଙ୍କର ତ୍ରିପାଠୀ, ଶତ୍ରୁଘ୍ନ ସାମଲ, ଡ. ଗୌରାଙ୍ଗ ରାଉତ, ଦର୍ପନାରାୟଣ ସେଠୀ, ଅଭିନ୍ନ ରାଉତରାୟ, ଦ୍ୱୀପନିତ ରାଉତ, ସୁବୋଧ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନାଟ୍ୟ କ୍ଷୁଦ୍ରାଙ୍କ ମଞ୍ଚସ୍ଥ ହୋଇଥିଲା। ନାଟ୍ୟ ଚେତନା ପକ୍ଷରୁ ପରିବେଷିତ ନାଟକ ଉପସ୍ଥିତ ଦର୍ଶକଙ୍କ ଦ୍ୱାରା ବିଶେଷ ଆଦୃତ ହୋଇଥିଲା।

# ସ୍କାଉଟ୍ ଆଣ୍ଡ ଗାଇଡ୍‌ର ରାଜ୍ୟସ୍ତରୀୟ ପୁରସ୍କାର ବିତରଣ ଉତ୍ସବ

**ଭୁବନେଶ୍ୱର,୨୭।୩(ବ୍ୟୁରୋ)**

ଭାରତ ସ୍କାଉଟ୍ ଆଣ୍ଡ୍ ଗାଇଡ୍ ରାଜ୍ୟ ଶାଖା ପକ୍ଷରୁ ବୁଧବାର ରାଜଭବନଠାରେ ରାଜ୍ୟସ୍ତରୀୟ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଧିକ ସଂଖ୍ୟାରେ ସ୍କାଉଟ୍ ଗାଇଡ୍ ପଞ୍ଜୀକରଣ ଲାଗି ଗଞ୍ଜାମ, ବାଲେଶ୍ୱର, କଟକ, ଯାଜପୁର ଓ ଜଗତ୍‌ସିଂହପୁର ଜିଲାକୁ ପୁରସ୍କୃତ କରିଥିଲେ। ଜିଲା ସ୍କାଉଟ୍ ଗାଇଡ୍ ସମାବେଶ ପାଇଁ କେନ୍ଦୁଝର, ଗଜପତି, ଗଞ୍ଜାମ ଓ ପୁରୀ ଜିଲାକୁ ପୁରସ୍କୃତ କରାଯାଇଥିଲା। କବ୍ ବୁଲ୍‌ବୁଲ୍ କାର୍ଯ୍ୟକ୍ରମର ପ୍ରସାରଣ ପାଇଁ ବରଗଡ଼ ଓ ବାଲେଶ୍ୱର ଜିଲା ଶିକ୍ଷାଧିକାରୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ନୂଆପଡ଼ା ଜିଲା ସମ୍ପାଦକ ମହେଶ ଦଣ୍ଡସେନାଙ୍କୁ ରାଜ୍ୟପାଳ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ। ସେହିପରି ନିୟମିତ କାର୍ଯ୍ୟକ୍ରମ ଆୟୋଜନ ପାଇଁ ବଲାଙ୍ଗୀର ଜିଲା ଶିକ୍ଷାଧିକାରୀଙ୍କୁ ପୁରସ୍କୃତ କରିଥିଲେ। ଏହାସହ ସୁନ୍ଦରଗଡ଼ ଜିଲା ବରଗାଁ ଶିଳ୍ପ ତାଲିମ କେନ୍ଦ୍ର ଜାତୀୟସ୍ତରୀୟ ଜନଜାତି ଓ ଗ୍ରାମୀଣ ରୋଭର/ରେଞ୍ଜର ହର୍ଷୋତ୍ସବକୁ ଆୟୋଜନ କରିବା ସଙ୍ଗେ ଜାତୀୟସ୍ତରରେ ଲକ୍ଷ୍ମୀ ମଜୁମ୍‌ଦାର ପୁରସ୍କାର ଲାଭ କରିଥିବାରୁ ଏହି କେନ୍ଦ୍ରର ପ୍ରତିଷ୍ଠାତା ସମ୍ପାଦକ ରାମଚନ୍ଦ୍ର ନାୟକଙ୍କୁ ପୁରସ୍କୃତ କରାଯାଇଥିଲା। ନିରନ୍ତର ଭାବେ ସ୍କାଉଟ୍ ଗାଇଡ୍ କାର୍ଯ୍ୟକ୍ରମରେ ନିଜକୁ ଉତ୍ସର୍ଗ କରିଥିବାରୁ ରାଜ୍ୟର ବରିଷ୍ଠ ସ୍କାଉଟ୍ ତାଲିମଦାତା କଳାହାଣ୍ଡି ଜିଲାର ତ୍ରିନାଥ ଠାକୁର ଓ ରାଜ୍ୟ ସ୍କାଉଟ୍ ସଙ୍ଗଠନ କମିଶନର ପ୍ରାଣକୃଷ୍ଣ ବେହେରାଙ୍କୁ ରାଜ୍ୟପାଳ 'ଦୀର୍ଘକାଳୀନ ସେବା ପଦକ' ପ୍ରଦାନ କରିଥିଲେ। ଏତଦ୍‌ବ୍ୟତୀତ ସ୍କାଉଟିଂ ଗାଇଡିଂ କ୍ଷେତ୍ରରେ ପ୍ରଶଂସନୀୟ କାର୍ଯ୍ୟ ସମ୍ପାଦନ ନିମନ୍ତେ ଗଜପତି ଜିଲା ସ୍କାଉଟ୍ ମାଷ୍ଟର ସଞ୍ଜୟ କୁମାର ପାତ୍ର, କେନ୍ଦୁଝର ଜିଲା ସ୍କାଉଟ୍ ଶିକ୍ଷକ ଦେବୀଦାସ ପଣ୍ଡା, କନ୍ଧମାଳ ଜିଲା ଜନଜାତି ବିଭାଗର ସ୍କାଉଟ୍ ମାଷ୍ଟର କୃଷ୍ଣଚନ୍ଦ୍ର ଗୌଡ଼, ଢେଙ୍କାନାଳ ଜିଲା ରୋଭର ଲିଡର ପ୍ରଭାତ କୁମାର ଜେନା, ଗଞ୍ଜାମ ଜିଲା କେନ୍ଦୁପଦରର ରୋଭର ଲିଡର ସୁଶାନ୍ତ କୁମାର ବେହେରା, ପୁରୀ ଜିଲା ଗାଇଡ୍ କ୍ୟାପ୍‌ଟେନ ମୀନାକ୍ଷୀ ମିଶ୍ର, କେନ୍ଦ୍ରାପଡ଼ାର ଗାଇଡ୍ କ୍ୟାପ୍‌ଟେନ ହରପ୍ରିୟା କର ଓ ବାଲେଶ୍ୱର ଜିଲା ଫ୍ଲକ ଲିଡର ଭକ୍ତିମୟୀ ମହାନ୍ତି ରାଜ୍ୟପାଳଙ୍କଠାରୁ ସେବା ପଦକ ଗ୍ରହଣ କରିଥିଲେ। ରାଜ୍ୟ ଗାଇଡ୍ ସଙ୍ଗଠନ ତଥା ତାଲିମ କମିଶନର ଅନାମିକା ଦାସଙ୍କ ସଂଯୋଜନାରେ ଏହି ସମ୍ବର୍ଦ୍ଧନା ପର୍ବ ଆୟୋଜିତ ହୋଇଥିଲା। ପରେ ସ୍କାଉଟ୍ ଓ ଗାଇଡ୍‌ମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।



ପୁରସ୍କାର ପ୍ରଦାନ ଉତ୍ସବରେ ସ୍କାଉଟ୍ ଓ ଗାଇଡ୍‌ମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ସ୍ୱରୂପ



ଅଞ୍ଜଳି



ଗୁନା



ପିଣ୍ଟୁ



ରଞ୍ଜିତ



ସ୍ମିତା



ରଶ୍ମିରଞ୍ଜନ



ଐଶ୍ୱର୍ଯ୍ୟା



ବିଶ୍ୱରଞ୍ଜନ



ଯିଏ ସର୍ବଦା ସତ୍ୟକଥା କହନ୍ତି, ଯାହାଙ୍କ ହୃଦୟରେ ଶାନ୍ତି ବିରାଜମାନ କରିଛି, ଅନ୍ୟପ୍ରତି ଦୟା ଦେଖାଇବା ପାଇଁ ଯାହାଙ୍କ ହସ୍ତ ପ୍ରଶସ୍ତ, ଦୋଷୀକୁ ଯିଏ କ୍ଷମା ପ୍ରଦାନ କରନ୍ତି ଓ ଦୁଃଖୀ ଦରିଦ୍ରଙ୍କୁ ଅନୁଦାନ କରି ସର୍ବଦା ସନ୍ତୋଷ ଲାଭ କରନ୍ତି, ସେ ହିଁ ସବୁ ପଦବାଚ୍ୟ ଅଟନ୍ତି।
- ମହାପୁରୁଷ ଅଚ୍ୟୁତାନନ୍ଦ



## ସଂକ୍ଷେପରେ

### ସଡ଼କ ଦୁର୍ଘଟଣା: ଜଣେ ମୃତ, ୩ ଗୁରୁତର

ଚୌଦ୍ୱାର,୨୭।୩(ଡି.ଏନ୍.ଏ.): ୫୫ନଂ. ଜାତୀୟ ରାଜପଥର ଚୌଦ୍ୱାର ଗାନ୍ଧୀଛକ ନିକଟସ୍ଥ ରେଳ ଫାଟକ ନିକଟରେ ବୁଧବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ଜଣ ଗୁରୁତର ହୋଇଛନ୍ତି। ତେବେ ମୃତକଙ୍କ ପରିଚୟ ମିଳିପାରି ନାହିଁ। ସମସ୍ତ ଗୁରୁତରଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ୩ଜଣ ଯୁବକ ଏକ ବାଇକ୍‌ରେ କଳିଙ୍ଗ ଛକ ପଟୁ ଗାନ୍ଧୀଛକ ପଟକୁ ଯାଉଥିଲେ। ଶିଶୁ ମନ୍ଦିର ଗଡ଼ା ରାସ୍ତାରେ ଆସୁଥିବା ଏକ ବାଇକ୍ ରାଜପଥ ଉପରକୁ ହଠାତ୍ ଉଠି ଆସିବାରୁ ଉଭୟ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଦୁଇଟି ବାଇକ୍‌ରେ ଥିବା ୫ଜଣ ରାସ୍ତା ଉପରେ ପଡ଼ି ଯାଇଥିଲେ। ଏହି ସମୟରେ ଗାନ୍ଧୀଛକ ପଟୁ ଆସୁଥିବା ପ୍ରଚାର କରୁଥିବା ଏକ ଗାଡି(ଏମ୍‌ଏଚ୍ ୦୪ଜିଆର ୫୧୫୮) ରାସ୍ତାରେ ପଡ଼ିଥିବା ଜଣେ ବାଇକ୍ ଆରୋହୀଙ୍କ ପେଟ ଉପରେ ଚଢ଼ି ଯାଇଥିଲା। ଖବରପାଇ ଚୌଦ୍ୱାର ଥାନା ପୋଲିସ ପହଞ୍ଚି ଆମ୍ବୁଲାନ୍ସରେ ୪ ଗୁରୁତରଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ମେଡ଼ିକାଲକୁ ପଠାଇଥିଲେ। ସେଠାରେ ଡାକ୍ତର ଜଣଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପ୍ରଚାର କରୁଥିବା ଗାଡିକୁ ଜବତ କରିବା ସହ ତଦନ୍ତ ଚଳାଇଛି।

### ମାଡ଼ ମାରି ଲୁଟିନେଲେ ୪୦ ହଜାର ଟଙ୍କା

ଭୁବନେଶ୍ୱର, ୨୭।୩(ବ୍ୟୁରୋ): କମିଶନରେଟ୍ ପୋଲିସ ପକ୍ଷରୁ ୨୪ ଘଣ୍ଟିଆ ପାଟ୍ରୋଲିଂ ବ୍ୟବସ୍ଥା ସତ୍ତ୍ୱେ ଦୁର୍ବୃତ୍ତମାନେ ଦିନଦ୍ୱିପ୍ରହରରେ ଲୁଟ୍ କରୁଛନ୍ତି। ଏଭଳି ଏକ ଘଟଣା ବୁଧବାର ନୟାପଲ୍ଲୀ ଥାନା ଅନ୍ତର୍ଗତ ଜୟଦେବବିହାର ଫ୍ଲାଏ ଓଭର ବ୍ରିଜ ଉପରେ ଘଟିଛି। ଦୁର୍ବୃତ୍ତମାନେ ଅଜରୁଲ ଖାନ ନାମକ ଜଣେ ମିସ୍ତ୍ରିଙ୍କୁ ଆକ୍ରମଣ କରି ୪୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଝାରପଡା ଅଞ୍ଚଳର ଅଜରୁଲ ଜୟଦେବ ବିହାର ଛକରେ ଥିବା ଗୋଲ୍ଡେନ ରେଷ୍ଟୁରାଣ୍ଟରେ ଫର୍ଣ୍ଣିଚର କାମ କରିଥିଲେ। ବକେୟା ମଜୁରି ବାବଦ ୩୦ ହଜାର ଟଙ୍କା ନେବାକୁ ଆସିଥିଲେ। ମାଲିକ ଟଙ୍କା ଦେବାକୁ ବିଳମ୍ବ କରିବାରୁ ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପରେ ଥାନାରେ ଏହାର ସମାଧାନ ହେବାରୁ ମାଲିକ ବାକି ଥିବା ୩୦ ହଜାର ଟଙ୍କା ଦେଇଥିଲେ। ଅପରାହ୍ନ ୪ଟାରେ ଅଜରୁଲ ଫେରିବା ବେଳକୁ ଜୟଦେବବିହାର ବ୍ରିଜ ଉପରେ କେତେଜଣ ଯୁବକ ତାଙ୍କୁ ମାଡ ମାରି ବ୍ୟାଗ ଛଡାଇ ନେଇଥିଲେ। ସେ ମଜୁରି ବାବଦ ଆଣିଥିବା ୩୦ ହଜାର ସହ ପାଖରେ ଥିବା ୧୦ ହଜାର ଟଙ୍କାକୁ ଦୁର୍ବୃତ୍ତମାନେ ନେଇ ଫେରାର ହୋଇଯାଇଥିଲେ। ଅଜରୁଲ ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ବକେୟା ଟଙ୍କା ଦେଇଥିବା ବ୍ୟକ୍ତି ଲୁଟ୍‌ରେ ସାମିଲ ଅଛନ୍ତି। ପୋଲିସ ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି।

### ଛଣଗିରିରେ ସଂଖ୍ୟାଲଘୁ, ହିନ୍ଦୁ ବିବାଦ

ଖୋର୍ଦ୍ଧା ଅଫିସ/ନିରାକାରପୁର, ୨୭।୩(ଡି.ଏନ.ଏ.): ଜଙ୍କିଆ ଥାନାର ଛଣଗିରିରେ ମଙ୍ଗଳବାର ପଞ୍ଚୁଦୋଳ ମେଳଣର ପଟୁଆରକୁ ନେଇ ସଂଖ୍ୟାଲଘୁ ଓ ହିନ୍ଦୁଙ୍କ ମଧ୍ୟରେ ବିବାଦ ଉପୁଜିଥିଲା। ଉଭୟଙ୍କ ମଧ୍ୟରେ ବାଦାନୁବାଦ ଯୋଗୁ ଉତ୍ତେଜନା ଦେଖାଦେଇଥିଲା। ଏ ସମ୍ପର୍କରେ ହିନ୍ଦୁମାନେ ଜଙ୍କିଆ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ବୁଧବାର ଉଭୟ ସମ୍ପ୍ରଦାୟର ଲୋକଙ୍କ ସହ ଖୋର୍ଦ୍ଧା ଏସ୍‌ଡିପିଓ, ଜଙ୍କିଆ ଥାନା ଆଇଆଇସି , ଭଦ୍ରଲୋକଙ୍କ ଉପସ୍ଥିତିରେ ବିବାଦର ସମାଧାନ ହୋଇଛି। ମଙ୍ଗଳବାର ରାତିରେ ହିନ୍ଦୁମାନଙ୍କର ପଞ୍ଚୁଦୋଳ ମେଳଣର ଶୋଭାଯାତ୍ରା ଯାଉଥିଲା। ଏହି ସମୟରେ କେତେଜଣ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକ ଡିଜେ ଆଣି ତା' ଭିତରେ ଭର୍ତ୍ତି କରି ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି କରିଥିଲେ। ଏହି ଘଟଣାରେ ପୋଲିସ ଗଣ୍ଡଗୋଳ ଜାଗାରେ ପହଞ୍ଚିବା ବେଳକୁ ଘଟଣାସ୍ଥଳରେ ଡିଜେ ମେଶିନ ନ ଥିଲା। ଜଣେ ସଂଖ୍ୟାଲଘୁ ଯୁବକ ପୋଲିସକୁ ଗାଳିଗୁଲଜ କରିବା ସହ ଖରାପ ବ୍ୟବହାର ଦେଖାଇଥିଲେ। ପୋଲିସ ଉକ୍ତ ଯୁବକଙ୍କୁ ଅଟକ ରଖିଥିଲା।

# ଏପ୍ରିଲ ସୁଦ୍ଧା ଡେଷ୍ଟିଚ୍ୟୁଟ ଫ୍ରି ହେବ ଏସ୍‌ସିବି ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ

- ୧୦ ଜଣ ଅସହାୟ ରୋଗୀଙ୍କୁ ପୁରୀ ପଠାଗଲା
- ରାସ୍ତାକଡ଼ରୁ ଆସିଥିଲେ, ସ୍ୱୟଂସମ୍ପୂର୍ଣ୍ଣ ହୋଇ ଫେରିଲେ

କଟକ ଅଫିସ, ୨୭।୩

ଏପ୍ରିଲ ମାସ ସୁଦ୍ଧା ଏସ୍‌ସିବି ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଡେଷ୍ଟିଚ୍ୟୁଟ ଫ୍ରି ହେବ। ଏଥିପାଇଁ କାର୍ଯ୍ୟକ୍ରମ ଜୋରଦାର କରାଯାଇଛି। ବୁଧବାର ୧୦ ଜଣ ଅସହାୟ ମହିଳା ରୋଗୀଙ୍କୁ ପୁରୀର ଆଭା ସାମାଜିକ ସଙ୍ଗଠନକୁ ପଠାଯାଇଛି। ତିନୋଟି ପର୍ଯ୍ୟାୟରେ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରୁ ମୋଟ୍ ୩୬ ଜଣ ରୋଗୀଙ୍କୁ ବିଭିନ୍ନ ସାମାଜିକ ସଂଗଠନରେ ଥଇଥାନ କରାଯାଇଥିବା ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଡା. ସାରଦା ପ୍ରସନ୍ନ ସ୍ୱାଇଁ କହିଛନ୍ତି। ସୂଚନାଥାଉ କି, ଏସ୍‌ସିବି ମାନସିକ ରୋଗ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ୧୫୦ ଶଯ୍ୟା ବିଶିଷ୍ଟ। ସେଥିମଧ୍ୟରେ ମହିଳା ରୋଗୀଙ୍କ ପାଇଁ ୪୦, ପୁରୁଷ ରୋଗୀଙ୍କ ପାଇଁ ୬୦, ଶିଶୁ କିଶୋର ରୋଗୀଙ୍କ ପାଇଁ ୨୦ ଓ ନିଶା ନିବାରଣ ରୋଗୀଙ୍କ ପାଇଁ ୩୦ଟି ଶଯ୍ୟା ରହିଛି। ମାତ୍ର ୧୫୦ ବେଡ୍ ବିଶିଷ୍ଟ ଏହି ପ୍ରତିଷ୍ଠାନରେ ବର୍ଷାଧିକ କାଳ ୧୦୦ରୁ ଊର୍ଦ୍ଧ୍ୱ ଅସହାୟ ରୋଗୀ ଭର୍ତ୍ତି ହୋଇ ରହିଥିଲେ। ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଏକପ୍ରକାର ଡେଷ୍ଟିଚ୍ୟୁଟ ହୋମ୍‌ରେ ପରିଣତ ହୋଇଥିଲା। ମୁଖ୍ୟତଃ ମହିଳା ୱାର୍ଡରେ ବଳାତ୍କାର ପୀଡ଼ିତା, ରାସ୍ତାକଡ଼ରେ ବୁଲୁଥିବା ଅସହାୟ ମହିଳାଙ୍କ ଭିଡ଼ ରହୁଥିଲା। ଏହି ରୋଗୀମାନଙ୍କ ମଧ୍ୟରୁ ଅଧିକାଂଶ ଆରୋଗ୍ୟ ହୋଇଥିଲେ। ଯେହେତୁ ସେମାନଙ୍କର ଘର ଠିକଣା ନ ଥିଲା ତେଣୁ ସେମାନେ ଏକପ୍ରକାର ସ୍ଥାୟୀ ଅନ୍ତେବାସୀ ପାଲଟିଥିଲେ। କିଏ ୩ ବର୍ଷ ତ କିଏ ୫ ବର୍ଷ ଧରି ଏହି ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ପଡ଼ି ରହିଥିଲେ। ପ୍ରଫେସର ସ୍ୱାଇଁଙ୍କ ପ୍ରଚେଷ୍ଟା କ୍ରମେ ଆରୋଗ୍ୟ ଲାଭ କରିଥିବା ଅସହାୟମାନଙ୍କୁ ଥଇଥାନ ବ୍ୟବସ୍ଥା କରାଯାଇଥିଲା। ସ୍ୱାସ୍ଥ୍ୟ ସଚିବଙ୍କ ସହିତ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇ ଏହି ରୋଗୀମାନଙ୍କ ଥଇଥାନ ନିମନ୍ତେ ଆଇନଗତ ବ୍ୟବସ୍ଥା ଗ୍ରହଣ କରାଯାଇ ଏବେ ଥଇଥାନ ପ୍ରକ୍ରିୟା ଜାରି ରହିଛି। ଗତ ନଭେମ୍ବର ୯ ତାରିଖରେ ୫ ଜଣ ରୋଗୀଙ୍କୁ ପ୍ରଥମ ପର୍ଯ୍ୟାୟରେ ସେବକ ସାମାଜିକ ଅନୁଷ୍ଠାନକୁ ପଠାଯାଇଥିବାବେଳେ ଚଳିତ ମାସ ୧୧ ତାରିଖରେ ୨୨ ଜଣଙ୍କୁ ଭୁବନେଶ୍ୱରସ୍ଥିତ ମିଶନ ଆସ୍ରା ଏବଂ ବୁଧବାର ୧୦ ଜଣ ରୋଗୀଙ୍କୁ ପୁରୀର ଆଭା ସାମାଜିକ ସଙ୍ଗଠନକୁ ପଠାଯାଇଥିବା ସ୍ୱାଇଁ ସୂଚନା ଦେଇଛନ୍ତି। ଉଦାହରଣ ଦେଇ ପ୍ରଫେସର ସ୍ୱାଇଁ କହିଛନ୍ତି, ୬ ମାସ ତଳେ ଜଗତ୍‌ସିଂହପୁର ଜିଲାପାଳ ଜଣେ ଅସହାୟ ମହିଳାଙ୍କୁ ଏଠାକୁ ପଠାଇଥିଲେ। ମହିଳାଙ୍କୁ ଚିକିତ୍ସା କରାଯାଇ ଆରୋଗ୍ୟ କରାଯିବା ପରେ ସେ ଉକ୍ତ ୱାର୍ଡରେ ଅନ୍ୟ ରୋଗୀମାନଙ୍କ ସେବା ଶୁଶ୍ରୂଷା କରିଥିଲେ। ସେହିପରି ୩ ବର୍ଷ ତଳେ ପୁରୀରୁ ଉଦ୍ଧାର ହୋଇ ଆସିଥିବା ଜଣେ ମହିଳାଙ୍କୁ ଚିକିତ୍ସା କରାଯାଇ ଆରୋଗ୍ୟ କରାଯିବା ପରେ ସେ ଏବେ ଶିଶୁ କିଶୋର ୱାର୍ଡରେ ନିୟୋଜିତ ଅଛନ୍ତି। ତେଣୁ ଏହି ଅସହାୟ ରୋଗୀମାନେ ଆଭା ସାମାଜିକ ସଂଗଠନରେ ଅନ୍ୟ ଅସହାୟମାନଙ୍କ ସେବା ଶୁଶ୍ରୂଷା କରି ଏକ ନୂଆ ଜୀବନ ଆରମ୍ଭ କରିପାରିବେ ବୋଲି ସ୍ୱାଇଁ ସୂଚନା ଦେଇଛନ୍ତି।



କଟକ ବାଲିଯାତ୍ରା ପଡ଼ିଆରେ ହେବାକୁ ଥିବା ବୈଶାଖୀ ବାଣିଜ୍ୟ ମେଳା ପାଇଁ ଆସି ପହଞ୍ଚିଥିବା ଦୋଳି ସରଞ୍ଜାମ।

## ବମିଖାଲ ଓଭରବ୍ରିଜ୍ ସମସ୍ୟା
# ସମାଧାନ ବାଟ ଖୋଜୁଛି ଟ୍ରାଫିକ୍ ପୋଲିସ



ଟ୍ରାଫିକ୍ ପୋଲିସ ଓ ପୂର୍ତ୍ତ ଅଧିକାରୀ ଓଭରବ୍ରିଜ୍ ଉପରେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

କଟକରୋଡ୍,୨୭।୩(ଡି.ଏନ୍.ଏ.)

ବହୁ ବାଦ ବିବାଦ ପରେ ବମିଖାଲଠାରେ ନିର୍ମାଣ ହୋଇଥିଲା ରେଲୱେ ଓଭରବ୍ରିଜ। କିନ୍ତୁ ଏବେ ବି ଏହି ବ୍ରିଜକୁ ନେଇ ଜନସାଧାରଣ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି। ନୂତନ ବ୍ରିଜର ନିର୍ମାଣ ଶୈଳୀକୁ ନେଇ ସାଧାରଣ ଲୋକେ ନ ଜାଣିପାରି ଉଭୟ ଦିଗରେ ଯିବାଆସିବା କରିବାରୁ କମିଶନରେଟ ପୋଲିସ ପ୍ରତି ଚିନ୍ତାର କାରଣ ପାଲଟିଛି। ତେଣୁ ଏ ଦିଗରେ ସମାଧାନର ବାଟ ଖୋଜୁଛି ଟ୍ରାଫିକ ପୋଲିସ।

ସୂଚନା ଅନୁଯାୟୀ, ବୁଧବାର ପୂର୍ବାହ୍ନରୁ ପ୍ରାୟ ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ ଟ୍ରାଫିକ ଡିସିପି ବିଜୟ କୁମାର ସାହୁ, ଏସିପି କିଶୋର କୁମାର ପାଣିଗ୍ରାହୀ ଓ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ-୪ ପ୍ରମୋଦ ନାୟକ ବମିଖାଲ ଓଭରବ୍ରିଜ ଉପରେ ଦୀର୍ଘ ସମୟକାଳ ଦୁର୍ଘଟଣାର କାରଣ ବାବଦରେ ଅନୁଧ୍ୟାନ ପାଇଁ ଯାଇଥିଲେ। ମୁଖ୍ୟତଃ ଏହି ବ୍ରିଜ କେବଳ କଳ୍ପନା ଛକରୁ ଶହୀଦ ନଗର ଏବଂ ଶହୀଦ ନଗରରୁ ରସୁଲଗଡ ଯିବା ପାଇଁ ନିୟମ ରହିଛି। କିନ୍ତୁ ଏହି ବ୍ରିଜ ଉପରେ ଅଧିକାଂଶ ଲୋକେ ରଙ୍ଗ ସାଇଡ୍‌ରେ ଯିବାଆସିବା କରୁଥିବାରୁ ଦୁର୍ଘଟଣା ଘଟୁଛି। ତେଣୁ ବୁଧବାର ରଙ୍ଗରେ ଯାଉଥିବା ଦୁଇଚକିଆ ଯାନବାହନକୁ ଅଟକାଇ ପ୍ରାୟ ୨୫ଜଣ ବ୍ୟକ୍ତିଙ୍କଠାରୁ ଜରିମାନା ବାବଦରେ ୫ହଜାର ଟଙ୍କା ଆଦାୟ କରାଯାଇଥିବା ଟ୍ରାଫିକ ଏସିପି ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଏହି ଚେକିଂ ସମୟରେ ଲୋକେ ଠିକ ଭାବେ ରାସ୍ତା ଜାଣି ପାରୁ ନଥିବା ନେଇ ଅଧିକାରୀଙ୍କୁ କହିବାସହ ଅସନ୍ତୋଷ ପ୍ରକାଶ କରିଥିଲେ। ଏପରି କି ବିଭିନ୍ନ ସ୍ଥାନରେ ପୂର୍ତ୍ତ ବିଭାଗ ପକ୍ଷରୁ କେବଳ ସାଇନେଜ ଲଗାଯାଇ ଟ୍ରାଫିକ ସିଗନାଲ ବାବଦରେ ଅବଗତ କରାଯାଇଥିବା ବେଳେ ଏହା ୱାନ ୱେ ଟ୍ରାଫିକ ରାସ୍ତା ବୋଲି ଲେଖା ଯାଇ ନଥିବାରୁ ଲୋକେ ଦ୍ୱନ୍ଦ୍ୱରେ ପଡୁଛନ୍ତି। ଏ ନେଇ ଡିସିପି ସାହୁ କୁହନ୍ତି, ବ୍ରିଜ ନିର୍ମାଣ ସମୟରେ ଟ୍ରାଫିକ ପରିଚାଳନା ଗତ ତ୍ରୁଟି ନେଇ ଅନେକ ସମୟରେ ଆମକୁ ଲୋକେ ଅଭିଯୋଗ କରୁଛନ୍ତି। ନିର୍ମାଣ ବେଳେ କୌଣସି ଟ୍ରାଫିକ ଏକ୍ସପର୍ଟ କିମ୍ବା ସ୍ଥାନୀୟ ଜନସାଧାରଣଙ୍କ ମତ ପୂର୍ତ୍ତ ବିଭାଗ ନ ନେବା ଯୋଗୁ ଏଭଳି ଘଟଣା ଘଟୁଛି। ନିର୍ବାହୀ ଯନ୍ତ୍ରୀ ନାୟକଙ୍କ କହିବା ଅନୁଯାୟୀ, ୧୫ଦିନ ଟ୍ରାଫିକ ବିଭାଗ ସେଠାରେ କର୍ମଚାରୀ ମୁତୟନ କଲେ ସମସ୍ୟା ସମାଧାନ ହେବା ସହ ଲୋକେ ସଚେତନ ହୋଇପାରିବେ। ପ୍ରକାଶ ଯେ, ଗତ ୧୮ତାରିଖରେ ଟ୍ରାଫିକ ବିଭାଗର ଅନେକ ବରିଷ୍ଠ ଅଧିକାରୀ ଓଭରବ୍ରିଜ ବୁଲି ଦେଖିବା ସହ ସମାଧାନ ପାଇ ବାଟ ଖୋଜି ଫେରିଥିଲେ।

# ପୂର୍ବତନ ପୋଲିସ ଏଆଇଜିଙ୍କୁ ଜେଲ୍‌ଦଣ୍ଡ

- ଆପରାଧିକ ଷଡ଼ଯନ୍ତ୍ର, ଠକେଇ ମାମଲାରେ ରାୟ

କଟକ ଅଫିସ, ୨୭।୩

ରାଜ୍ୟ ପୋଲିସ ମୁଖ୍ୟାଳୟର ପୂର୍ବତନ ଏଆଇଜି ତଥା ଅବସରପ୍ରାପ୍ତ ଆଇପିଏସ୍ ଅଫିସର ବୈଦ୍ୟନାଥ ଜେନାଙ୍କୁ ଜେଲ୍ ଓ ଜରିମାନା ଦଣ୍ଡାଦେଶ ହୋଇଛି। କଟକ ଅତିରିକ୍ତ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଅଭିଯୁକ୍ତ ଜେନାଙ୍କୁ ୨ ବର୍ଷ ଜେଲ୍ ଓ ୧୦ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟେ ଅଭିଯୁକ୍ତଙ୍କୁ ଅଧିକ ୪ ମାସ ଜେଲ୍ ଦଣ୍ଡାଦେଶ ହୋଇଛି। ମାମଲାର ବିବରଣୀ ଅନୁଯାୟୀ, ଆପରାଧିକ ଷଡ଼ଯନ୍ତ୍ର ଓ ଠକେଇ ଆଦି ଦଫାରେ ବୈଦ୍ୟନାଥଙ୍କ ବିରୋଧରେ କଟକ ଭିଜିଲାନ୍ସ ଥାନାରେ ମାମଲା(ନଂ.୨୩/୧୯୯୧) ରୁଜୁ ହୋଇଥିଲା। ବୈଦ୍ୟନାଥଙ୍କ ଜାଲିଆତି କାମ ପାଇଁ ସରକାର କ୍ଷତି ସହିଥିବା ଭିଜିଲାନ୍ସ ତଦନ୍ତରୁ ଜଣାପଡ଼ିଥିଲା। ଭିଜିଲାନ୍ସ ପକ୍ଷରୁ ସ୍ୱତନ୍ତ୍ର ପିପି ରାକେଶ ସାହୁ ମାମଲା ପରିଚାଳନା କରୁଥିଲେ। ସୂଚନାଥାଉ କି, ୨୦୧୧ ଡିସେମ୍ବର ୧୭ ତାରିଖରେ ଜେନାଙ୍କୁ କଟକ ଭିଜିଲାନ୍ସ ଥାନା କେସ୍ ନଂ. ୩୯/୧୯୯୦ରେ ଭିଜିଲାନ୍ସ ସ୍ୱତନ୍ତ୍ର ଅଦାଲତ ପକ୍ଷରୁ ଦଣ୍ଡିତ କରାଯାଇଥିଲା। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଜେନାଙ୍କ ବିରୋଧରେ ଦଣ୍ଡବିଧାନ କରାଯାଇଥିଲା। ଏପରି କି ଜେନା ଠୁଳ କରିଥିବା ଆୟ ବହିର୍ଭୂତ ସମ୍ପତ୍ତିକୁ ୨୦୧୨ ଡିସେମ୍ବର ୨୮ ତାରିଖରେ ବାଜ୍ୟାପ୍ତି କରାଯାଇଥିଲା।

# ବିଦ୍ୟୁତ୍ ଆଘାତରେ ଜଣେ ମୃତ

ବ୍ରହ୍ମଗିର,୨୭।୩(ଡି.ଏନ୍.ଏ.)

ବ୍ରହ୍ମଗିରି ଥାନା ଅନ୍ତର୍ଗତ ଅଣତିରିଶ ଗ୍ରାମରେ ବୁଧବାର ବିଦ୍ୟୁତ୍ ଆଘାତରେ ଜଣଙ୍କର ମୃତ୍ୟୁ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ସୁରେନ୍ଦ୍ର ସାହୁ(୬୫)। ସୂଚନା ଅନୁଯାୟୀ, ସୁରେନ୍ଦ୍ର ଘରେ ବିଦ୍ୟୁତ୍ ବଲ ଲଗାଉଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ରେବଣାନୂଆଗାଁ ଓ ପରେ ପୁରୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



ପୁରୀ ଶରଧାବାଲିଠାରେ ଚାଲିଥିବା ପୁରୀ ପୁସ୍ତକ ମେଳା ମଞ୍ଚରେ ବୁଧବାର ମ୍ୟାଜିସିଆନ ବଣ୍ଟି ମ୍ୟାଜିକ୍ ଶୋ ଦେଖାଉଛନ୍ତି।

# ସିକ୍ୟୁରିଟି ଗାର୍ଡଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଭୁବନେଶ୍ୱର, ୨୭।୩(ବ୍ୟୁରୋ)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ସମେଇଗାଡିଆରେ ରହୁଥିବା ଜଣେ ସିକ୍ୟୁରିଟି ଗାର୍ଡଙ୍କ ଝୁଲନ୍ତା ମୃତଦେହକୁ ବୁଧବାର ସନ୍ଦେହଜନକ ଅବସ୍ଥାରେ ପୋଲିସ ତାଙ୍କ ଭଡ଼ାଘରୁ ଉଦ୍ଧାର କରିଛି। ସେ ହେଲେ ପୁରୀ ଜିଲା ବ୍ରହ୍ମଗିରି ଥାନା ଅନ୍ତର୍ଗତ ଲମ୍ବିକଳ ଅଞ୍ଚଳର ଡମ୍ବରୁଧର ପାଇକାରୟଙ୍କ ପୁଅ ଲିଟୁ(୨୭)। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇବା ସହ ୨୫/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ମୁତାବକ, ଲିଟୁ ସିଗ୍‌ନାଲ ସିକ୍ୟୁରିଟି ସଂସ୍ଥାରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରନ୍ତି। ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଥିବା ଏକ ଘରୋଇ କମ୍ପାନୀରେ ନିୟୋଜିତ ଥିଲେ। ମଙ୍ଗଳବାର ନାଇଟ୍ ଡ୍ୟୁଟି ସାରି ସକାଳେ ଭଡା ଘରକୁ ଫେରିଥିଲେ। ତାଙ୍କ ସହ ରହୁଥିବା ଦୁଇ ସହକର୍ମୀ ଡ୍ୟୁଟିରେ ଚାଲିଯାଇଥିବାବେଳେ ଲିଟୁ ଏକାକୀ ରୁମ୍‌ରେ ଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟାରେ ଜଣେ ସହକର୍ମୀ ରୁମ୍‌ରେ ପହଞ୍ଚି କବାଟ ବନ୍ଦ ଥିବା ଦେଖି ଡାକିଥିଲେ ମଧ୍ୟ ଲିଟୁ ଶୁଣି ନ ଥିଲେ। ଲିଟୁ ଫ୍ୟାନ୍‌ରେ ଝୁଲୁଥିବା ସେ ଝରକା ବାଟେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ପରିବାର ଲୋକଙ୍କୁ ଖବର ଦେଇଥିଲା।

# ତୁଳସୀ ନାରୀଶକ୍ତି, ଶଙ୍ଖ ଶୁଦ୍ଧ ଜୀବନଧାରାର ପ୍ରତୀକ

ଭୁବନେଶ୍ୱର,୨୭।୩(ବ୍ୟୁରୋ)

'ସଂସ୍କୃତି ଚର୍ଚ୍ଚା'

ଓଡ଼ିଶା ଏବଂ ଓଡ଼ିଆମାନଙ୍କ ସଂସ୍କୃତିରେ ତୁଳସୀ ଓ ଶିପର ଯଥେଷ୍ଟ ଗୁରୁତ୍ୱ ରହିଛି। ତୁଳସୀ ଓ ଶିପର ବ୍ୟବହାର ସହିତ ବିଜ୍ଞାନସମ୍ମତ ଯୁକ୍ତି ଏବଂ ଧାର୍ମିକ ପରମ୍ପରା ସଂଯୋଜିତ ହୋଇ ରହିଛି। ସମାଜରେ ମଣିଷଙ୍କ ଜୀବନଚର୍ଯ୍ୟାଠାରୁ ଆରମ୍ଭ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନୀତି ନିର୍ଘଣ୍ଟରେ ତୁଳସୀର ବ୍ୟବହାର ସାଂସ୍କୃତିକ, ଧାର୍ମିକ ଓ ବୈଜ୍ଞାନିକ ତାତ୍ପର୍ଯ୍ୟକୁ ପ୍ରମାଣିତ କରିଆସିଛି। ତୁଳସୀ ସେବନ ଫଳରେ ଆମ ଶରୀର ଜୀବାଣୁମୁକ୍ତ ହେବା ସହ ଆୟୁଷ ପ୍ରାପ୍ତିରେ ଏହା ସହାୟକ ହୋଇଥାଏ ବୋଲି ବିଶିଷ୍ଟ ଜ୍ୟୋତିର୍ବିଦ ତଥା ବାସ୍ତୁଶାସ୍ତ୍ର ବିଶେଷଜ୍ଞ ଡ. ମନୋଜ କୁମାର ଲେଙ୍କା କହିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ରାଜ୍ୟ ଅଭିଲେଖାଗାର ଆନୁକୂଲ୍ୟରେ ବୁଧବାର 'ସଂସ୍କୃତି ଚର୍ଚ୍ଚା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ. ଲେଙ୍କା ଅତିଥି ଭାବେ ଯୋଗଦେଇ 'ଉତ୍କଳୀୟ ସଂସ୍କୃତିରେ ତୁଳସୀ ଓ ଶିପର ମାହାତ୍ମ୍ୟ' ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ।

ଏହି ଅବସରରେ ସେ କହିଥିଲେ, ଆମ ପୁରାଣରେ ତୁଳସୀର ଗୁରୁତ୍ୱ ସର୍ବାଧିକ। ତୁଳସୀ ଆମ ସାଂସ୍କୃତିକ ପରମ୍ପରାକୁ ଏଯାବତ୍ ଉଜ୍ଜ୍ୱଳ ରଖିଆସିଛି। ଏହି ମର୍ମରେ ସେ 'ଜଳନ୍ଧର ବଧ' ଉପାଖ୍ୟାନର ଦୃଷ୍ଟାନ୍ତ ଦେଇ ତୁଳସୀଙ୍କ ସତୀତ୍ୱ ଓ ନାରୀତ୍ୱର ପରାକାଷ୍ଠା ଉପରେ ଗୁରୁତ୍ୱାରୋପ କରିଥିଲେ। ତୁଳସୀ ବ୍ୟବହାରରେ ଦେବତାଙ୍କ ଭୋଗ 'ପ୍ରସାଦ'ରେ ପରିଣତ ହୋଇଥାଏ। ସେହିପରି ଶିପ ବା ଶଙ୍ଖର ବ୍ୟବହାର ଅତ୍ୟନ୍ତ ଜୀବନଦାୟୀ ତଥା ଉପକାରୀ ବୋଲି ଡ. ଲେଙ୍କା ବିଭିନ୍ନ ଦୃଷ୍ଟାନ୍ତ ମାଧ୍ୟମରେ ବୁଝାଇଥିଲେ। ଉଭୟ ତୁଳସୀ ଓ ଶିପ ଆମ ଜନଜୀବନକୁ ପ୍ରଭାବିତ କରିବା ସହ ଧାର୍ମିକ ପରମ୍ପରାରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛନ୍ତି। ତୁଳସୀ ନାରୀଶକ୍ତି ଓ ଶଙ୍ଖ ଶୁଦ୍ଧ ଜୀବନଧାରାର ପ୍ରତୀକ ଭାବେ ସ୍ୱୀକୃତି ପାଇଛନ୍ତି ବୋଲି ସେ କହିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ 'ସଂସ୍କୃତି ଚର୍ଚ୍ଚା'ର ଆଭିମୁଖ୍ୟ କ୍ରମେ ବ୍ୟାପକ ହେଉଥିବା ଦର୍ଶାଇ ଏହାର ବୌଦ୍ଧିକ ଅବଦାନ ଉପରେ ଆଲୋକପାତ କରିଥିଲେ। ଅଭିଲେଖାଗାର ଅଧୀକ୍ଷକ ଶୁଚିସ୍ମିତା ମନ୍ତ୍ରୀ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ଡ. ଲେଙ୍କାଙ୍କୁ ପୁଷ୍ପବୃକ୍ଷ ଓ ଉପଢ଼ୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।



ସଂସ୍କୃତି ଚର୍ଚ୍ଚାରେ ଯୋଗ ଦେଇଥିବା ବକ୍ତାମାନେ।

## ତୁଳସୀ ଗାର୍ଡେନ ପ୍ରୋଜେକ୍ଟ ଫ୍ଲାଟ୍ ଠକେଇ ମାମଲା
# ପୁଅ ପରେ ଜେଲ୍ ଗଲେ ବାପା ଗଗନବିହାରୀ

- ୫ କୋଟି ଠକେଇରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ
- ଅନ୍ୟ ଦୁଇ ସଂସ୍ଥାର ନିର୍ଦ୍ଦେଶକ ଅଛନ୍ତି ଗଗନ

ଭୁବନେଶ୍ୱର,୨୭।୩ (ବ୍ୟୁରୋ)

ତୁଳସୀ ଗାର୍ଡେନ ପ୍ରୋଜେକ୍ଟରେ ସୁଲଭ ମୂଲ୍ୟରେ ଫ୍ଲାଟ୍ ଯୋଗାଇ ଦେବା ଆଳରେ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଆଉଜଣଙ୍କୁ ଗିରଫ କରିଛି। ସେ ହେଲେ ବଳଦେବଜୀଉ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପ୍ରାଇଭେଟ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଦୁର୍ଗାପ୍ରସାଦ ମିଶ୍ରଙ୍କ ବାପା ଗଗନ ବିହାରୀ ମିଶ୍ର। ଗଗନ ହେଉଛନ୍ତି ତୁଳସୀ ସ୍ପାଇସେସ୍ ଆଣ୍ଡ୍ ଫୁଡ୍ ପ୍ରାଇଭେଟ୍ ଲିମିଟେଡ୍ ଓ ତୁଳସୀ ଫ୍ଲୋର ମିଲ୍ସର ନିର୍ଦ୍ଦେଶକ। ବୁଧବାର ତାଙ୍କୁ କଟକ ଓପିଆଇଡି କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏହି ଠକେଇ ଘଟଣାର ମୁଖ୍ୟ ଅଭିଯୁକ୍ତ ଦୁର୍ଗାପ୍ରସାଦଙ୍କୁ ଗତବର୍ଷ ଇଓଡବ୍ଲ୍ୟୁ ଗିରଫ କରିଥିଲା। ସେବେଠାରୁ ସେ ଜେଲରେ ରହିଥିବାବେଳେ ଏବେ ବାପା ଗଗନଙ୍କୁ ଜେଲ୍ ଯିବାକୁ ପଡିଛି।

ସୂଚନା ମୁତାବକ, ବଳଦେବୀଉ ଇନଫ୍ରାଷ୍ଟ୍ରକ୍‌ଚର ପ୍ରାଇଭେଟ ଲିମିଟେଡ୍ ଚୌଦ୍ୱାର ମଙ୍ଗୁଳିଠାରେ ତୁଳସୀ ଗାର୍ଡେନ ଆପାର୍ଟମେଣ୍ଟ ପ୍ରୋଜେକ୍ଟ ଆରମ୍ଭ କରିଥିଲା। ଏହି ପ୍ରୋଜେକ୍ଟରେ ଫ୍ଲାଟ୍ ଦେବାକୁ କହି ପ୍ରାୟ ୨୦୦ଜଣଙ୍କଠାରୁ ଟଙ୍କା ସଂଗ୍ରହ କରାଯାଇଥିଲା। ପରବର୍ତ୍ତୀ ସମୟରେ ଉକ୍ତ ସଂସ୍ଥା ଆଉ ଧରାଛୁଆଁ ଦେଇ ନ ଥିଲା। ଠକେଇର ଶିକାର ହୋଇଥିବା ପ୍ରିୟବ୍ରତ ପରିଡା ୨୦୧୮ ଜାନୁୟାରୀରେ କ୍ରାଇମବ୍ରାଞ୍ଚରେ ଅଭିଯୋଗ କରିଥିଲେ। ଏ ନେଇ ଇଓଡବ୍ଲୁ ୩/୧୮ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଫେରାର ଥିବା ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ଦୁର୍ଗାପ୍ରସାଦଙ୍କୁ ଗିରଫ କରିବା ପରେ ଠକେଇ ଗୁମର ଫିଟିଥିଲା। ତଦନ୍ତବେଳେ ଜଣାପଡିଥିଲା ଯେ, ଦୁର୍ଗାପ୍ରସାଦ ଲୋକଙ୍କଠାରୁ ସଂଗ୍ରହ କରିଥିବା ଅର୍ଥରୁ ୨ କୋଟି ୯୨ ଲକ୍ଷ ଟଙ୍କା ତୁଳସୀ ସ୍ପାଇସେସ୍ ଆଣ୍ଡ୍ ଫୁଡ୍ ପ୍ରାଇଭେଟ ଲିମିଟେଡ୍ କମ୍ପାନୀରେ ଲଗାଇଥିଲେ। ସେହପରି ୯ ଲକ୍ଷ ୭୭ ହଜାର ଟଙ୍କା ତୁଳସୀ ଫ୍ଲୋର ମିଲ୍ସକୁ ପ୍ରଦାନ କରିଥିଲେ। ତେଣୁ ଏହି ଠକେଇ ଘଟଣାରେ ଉଭୟ ସଂସ୍ଥାର ନିର୍ଦ୍ଦେଶକ ତଥା ମୁଖ୍ୟ ଅଭିଯୁକ୍ତ ଦୁର୍ଗାପ୍ରସାଦଙ୍କ ବାପା ଗଗନ ବିହାରୀ ମିଶ୍ର ପ୍ରମୁଖ ଭୂମିକା ନେଇଥିବା ତଦନ୍ତରୁ ଜଣାପଡିଥିଲା। ତେବେ ଠକେଇରେ ସଂପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଥିବା ଇଓଡବ୍ଲ୍ୟୁ ପକ୍ଷରୁ ସୂଚନା ଦିଆଯାଇଛି।



ଯିଏ ଗାତ ଖୋଳେ, ତାକୁ ସେହି
ଗାତରେ ହିଁ ପଡ଼ିବାକୁ ହୋଇଥାଏ।
-ଯିଶୁ



## ସଂକ୍ଷେପରେ

### ଆଜି ମହାପ୍ରଭୁଙ୍କ ବନକଲାଗି
## ୪ ଘଣ୍ଟା ବନ୍ଦ ରହିବ ଦର୍ଶନ

**ପୁରୀ ଅଫିସ, ୨୭।୩:** ଗୁରୁବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ । ଏଥିପାଇଁ ଅପରାହ୍ନ ପ୍ରାୟ ୪ଟାରୁ ରାତି ୮ଟା ପର୍ଯ୍ୟନ୍ତ ୪ ଘଣ୍ଟା ଶ୍ରଦ୍ଧାଳୁଙ୍କ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି । ତାଙ୍କ ସୂଚନା ମୁତାବକ, ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଶ୍ରୀମନ୍ଦିରର ଜୟବିଜୟ ଦ୍ୱାର ବନ୍ଦ ହେବ । ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତ ମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧନରେ ଶ୍ରୀବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାର କରାଯିବ । ଏହି ନୀତି ସରିବା ପରେ ପୁଣି ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ।

## ଆହୁରି ବଢ଼ିବ ତାତି
### ମାଲକାନଗିରିରେ ପାରଦ ୪୦.୫ ଡିଗ୍ରୀ

**ଭୁବନେଶ୍ୱର, ୨୭।୩(ବ୍ୟୁରୋ):** ରାଜ୍ୟରେ ଆହୁରି ତାତି ବଢ଼ିବ । ପାରଦ ୪୧ ଡିଗ୍ରୀ ଟପିଯିବ। ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡ଼ିଶାରେ ଅସମ୍ଭାଳ ହେବ ତାତି । ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ମଧ ପାରଦ ୪୦ ଡିଗ୍ରୀକୁ ଛୁଇଁବା ସମ୍ଭାବନା ରହିଛି। ୩୧ ତାରିଖରେ ତାତି କମିବ। ଉପକୂଳ ଏବଂ ଦକ୍ଷିଣ ଓଡ଼ିଶାର ଅନେକ ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ ,କେନ୍ଦୁଝର, କନ୍ଧମାଳ, ଗଞ୍ଜାମ, କୋରାପୁଟ , କଳାହାଣ୍ଡି ଏବଂ ରାୟଗଡ଼ା ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲକା ବର୍ଷା ହେବାର ସମ୍ଭାବନା ରହିଛି। ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବୁଧବାର ମାଲକାନଗିରିରେ ରାଜ୍ୟର ସର୍ବାଧିକ ତାପମାତ୍ରା ୪୦.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ତାଳଚେର ୩୭.୬, ହୀରାକୁଦ ୩୭.୫, ଭବାନୀପାଟଣା ୩୭, ବଲାଙ୍ଗୀର ୩୭ ଏବଂ ସମ୍ବଲପୁରରେ ସର୍ବାଧିକ ୩୬.୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

## 'ଜନଜାତିଙ୍କ ଭକ୍ତି ଓ ସମର୍ପଣ ଭାବ ଅନନ୍ୟ'

**ପୁରୀ ଅଫିସ,୨୭।୩ :** ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ସାହିତ୍ୟ ବିଭାଗ ପକ୍ଷରୁ ଦୁଇଦିନ ଧରି ଚାଲିଥିବା ଜନଜାତି ତତ୍ତ୍ୱ ଆଧାରିତ ଜାତୀୟସ୍ତରୀୟ ଆଲୋଚନା ଚକ୍ର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ସଂସ୍କୃତ ଗବେଷକ ପ୍ରତିଭା ମଞ୍ଜରୀ ରଥ ଯୋଗଦେଇ ବୈଦିକ ସାହିତ୍ୟର ପ୍ରଭାବରେ ଜନଜାତି ସଭ୍ୟତାର ବିକାଶ ହୋଇଥିବା ପ୍ରକାଶ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ସଚ୍ଚିଦାନନ୍ଦ ମହାପାତ୍ର ଜନଜାତିର ମାତୃପ୍ରୀତି ଉଚ୍ଚକୋଟୀର ବୋଲି କହିଥିଲେ। ସଂସ୍କୃତ ସାହିତ୍ୟର ପ୍ରବକ୍ତା ପଣ୍ଡିତ ପ୍ରମୋଦ ଚନ୍ଦ୍ର ମିଶ୍ର ରାମାୟଣର ଶବରୀ ଉପଖ୍ୟାନ ସମ୍ପର୍କରେ ଆଲୋକପାତ କରି ଜନଜାତିଙ୍କ ଭକ୍ତି ଓ ସମର୍ପଣ ଭାବ ଅନନ୍ୟ ବୋଲି କହିଥିଲେ। ଲୋକଭାଷା ପ୍ରଚାର ସମିତିର ମହାସଚିବ ଡ. ସଦାନନ୍ଦ ଦୀକ୍ଷିତ ଜନଜାତିଙ୍କ ଉତ୍ଥାନରେ ସଂସ୍କୃତର ବିଶେଷ ପ୍ରଭାବ ରହିଥିବା ପ୍ରକାଶ କରିଥିଲେ। ଡ. ମଧୁସୂଦନ ମିଶ୍ର, ପଣ୍ଡିତ ସୂର୍ଯ୍ୟମଣି ରଥ, ପ୍ରଫେସର କମଳେଶ ମିଶ୍ର, ପ୍ରଭାତ ରଞ୍ଜନ ମହାପାତ୍ର, ପ୍ୟାରୀମୋହନ ପଟ୍ଟନାୟକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ବିଭିନ୍ନ କଲେଜରୁ ଆସିଥିବା ଅଧାପିକା ଅଧାପକମାନେ ଶୋଧପତ୍ର ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମକୁ ଡ. ବସନ୍ତ କୁମାର ମିଶ୍ର, ନୀଳାମ୍ବର ବାଘ, ଅଧାପକ ଦେବାଶିଷ ତ୍ରିପାଠୀ ପରିଚାଳନା କରିଥିଲେ। ସ୍ମୃତିରଞ୍ଜନ ବେହେରା, ଦୀପ୍ତିରଞ୍ଜନ ଆଚାର୍ଯ୍ୟ, ଭାସ୍କର ଚନ୍ଦ୍ର ବିଶ୍ୱାଳ, ସଞ୍ଜିତ ନାୟକ, କ୍ରିଷ୍ଣାରାଣୀ ରାଉତ, ଲୋପାମୁଦ୍ରା ସାହୁ ସହଯୋଗ କରିଥିଲେ।

## ବିଜେଡି ସରକାର ସମୟରେ ଉନ୍ନତି ହୋଇନାହିଁ

**ପିପିଲି, ୨୭।୩(ଡି.ଏନ୍.ଏ.):** ବିଜେଡି ସରକାରଙ୍କ ସମୟରେ ପିପିଲି ନିର୍ବାଚନମଣ୍ଡଳୀରେ ଉନ୍ନତି ହୋଇନାହିଁ। ବୁଧବାର ପିପିଲି-ଡେଲାଙ୍ଗ ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ସାତଶଙ୍ଖଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଭାଜପା ବିଧାୟକ ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକ ଯୋଗଦେଇ ଏହା କହିଛନ୍ତି। ୨୦୧୯ରେ ଏମିତି ଜନବସତି ଅଛି ସେଠାକୁ ଯାତାୟାତ କରିବା ପାଇଁ ପକ୍କା ରାସ୍ତା ନାହିଁ। ନିର୍ବାଚନମଣ୍ଡଳୀରେ ଆଜି ପର୍ଯ୍ୟନ୍ତ ଉଚ୍ଚମାନର ଶିକ୍ଷାନୁଷ୍ଠାନ ଖୋଲାଯାଇପାରି ନାହିଁ। ଡାକ୍ତରଖାନାରେ ଡାକ୍ତରଙ୍କ ଅଭାବ ଥିବାରୁ ରୋଗୀମାନେ ଭୁବନେଶ୍ୱର ଯିବାକୁ ପଡୁଛି। ଏହି ନିର୍ବାଚନମଣ୍ଡଳୀରେ ବିଭିନ୍ନ ସମସ୍ୟା ଥିବାରୁ ଏଠାକାର ଜନସାଧାରଣ ପରିବର୍ତ୍ତନ ଚାହୁଁଥିବା କହିଥିଲେ। ଏହି ସମ୍ମିଳନୀରେ ଜିଲା ଉପସଭାପତି ଜନ୍ମେଜୟ ଜେନା, କୃଷକ ମୋର୍ଚ୍ଚା ସଭାପତି ଅଜୟ ପ୍ରଧାନ, ବରିଷ୍ଠ ନେତା ଡା. ନବକିଶୋର ରାଉତ ଉପସ୍ଥିତ ଥିଲେ।

# ଚୋରି ର୍‍ୟାକେଟ୍ ଠାବ, ୪ ଗିରଫ

**ପୁରୀ ଅଫିସ,୨୭।୩**

ଗତ କିଛିଦିନ ଧରି କ୍ରମାଗତ ଭାବେ ସହରର ବିଭିନ୍ନ ସ୍ଥାନରୁ ଚୋରି ଅଭିଯୋଗ ନେଇ ପୋଲିସର ମୁଣ୍ଡବ୍ୟଥା ବଢ଼ିଯାଇଥିଲା। ଏକ ର୍‍ୟାକେଟ ବିଭିନ୍ନ ବନ୍ଦ ଘରକୁ ଟାର୍ଗେଟ୍ କରି ବିଳମ୍ବିତ ରାତିରେ କଳାକନା ବୁଲାଉଥିଲେ। ଏଭଳି ଏକ ର୍‍ୟାକେଟର ୪ଜଣ ଟାଉନ ପୋଲିସ ହାତରେ ଧରାପଡ଼ିଛନ୍ତି। ବୁଧବାର ପୋଲିସ ସେମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ ରମାକାନ୍ତ ବେହେରା, ପହିଲି ବେହେରା, ରାଜା ନାୟକ ଓ ରାହୁଲ ନାୟକ। ଏମାନଙ୍କଠାରୁ ୨ଟି ଲାପଟପ, ଗୋଟିଏ ଟିଭି ଓ ୨ଟି ମୋବାଇଲ ଫୋନ୍ ଜବତ କରାଯାଇଥିବା ସିଟି ଡିଏସ୍‌ପି ସୁଧାକର ସାହୁ ଟାଉନ ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।



ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ସୁଧାକର ସାହୁ ସୂଚନା ଦେଉଛନ୍ତି।

ଗତ ଦୁଇ ମାସ ଧରି ଏହି ର୍‍ୟାକେଟର ମୁଖ୍ୟ ରମାକାନ୍ତ ଓ ତାଙ୍କ ସାଥୀମାନେ ପ୍ରଥମେ ଦିନରେ ବିଭିନ୍ନ ସ୍ଥାନ ବୁଲି ବନ୍ଦ ଘର ଉପରେ ନଜର ରଖୁଥିଲେ। ସୁଯୋଗ ଉଣ୍ଡି ବିଳମ୍ବିତ ରାତିରେ ଘରେ ପଶି ଲୁଟ୍‌ପାଟ କରୁଥିଲେ। ଗିରଫ ଅଭିଯୁକ୍ତଙ୍କ ବିରୋଧରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ଏମାନେ ଏସ୍‌ସିଏସ୍ କଲେଜ ସ୍ୱରାଜ ହଷ୍ଟେଲରୁ ଲାପଟପ୍, ଏସ୍‌ସିଏସ୍ ଷ୍ଟାଫ କ୍ୱାର୍ଟର, ପିଡବ୍ଲ୍ୟୁଡି କଲୋନୀରୁ ବିଭିନ୍ନ ସମୟରେ ଚୋରି କରିଥିଲେ ବୋଲି ଡିଏସ୍‌ପି ସାହୁ କହିଛନ୍ତି। ଏମାନଙ୍କ ସହିତ ଅନ୍ୟ କାହାର ସଂପୃକ୍ତି ରହିଛି ସେନେଇ ତଦନ୍ତ ଜାରି ରହିଥିବା ସେ ପ୍ରକାଶ କରିଛନ୍ତି। ଏହି ଅବସରରେ ଟାଉନ ଥାନା ଅଧିକାରୀ ଦେବୀ ପ୍ରସାଦ ପାତ୍ର ଉପସ୍ଥିତ ଥିଲେ।

# ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗ

**ପୁରୀ ଅଫିସ,୨୭।୩**

ଅଧିକ ଯୌତୁକ ଦାବିରେ ସ୍ତ୍ରୀଙ୍କୁ ହତ୍ୟା କରିଥିବା ଅଭିଯୋଗରେ ସ୍ୱାମୀଙ୍କୁ ଅଟକ ରଖିଛି ସମୁଦ୍ରକୂଳ ଥାନା ପୋଲିସ। ଏନେଇ ଅଭିଯୁକ୍ତଙ୍କୁ ଅଧିକ ପଚରାଉଚରା କରାଯାଉଛି।

ସୂଚନା ଅନୁଯାୟୀ, ବାଲିସାହିର ରାଜକିଶୋର ସାହୁଙ୍କ ଝିଅ କୌଶଲ୍ୟା ୨୦୧୮ ଜୁଲାଇରେ ରେଣୁକା ଗଳିର ଶାନ୍ତି ସ୍ୱରୂପ ଦାସଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ କନ୍ୟା ଘର ପକ୍ଷରୁ ଯୌତୁକ ଦିଆଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ଅଧିକ ଯୌତୁକ ଦାବି କରି ଝିଅକୁ ଶାଶୁଘର ଲୋକେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଏପରିକି ଝିଅର ଶରୀର ଅସୁସ୍ଥ ଥିବା ସତ୍ତ୍ୱେ ତାଙ୍କୁ ଔଷଧ ତ ଦୂରର କଥା ଖାଇବାକୁ ମଧ ଦେଉ ନ ଥିଲେ ବୋଲି କୌଶଲ୍ୟାଙ୍କ ବାପା ରାଜକିଶୋର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କୌଶଲ୍ୟାଙ୍କ ଦେହ ଭୀଷଣ ଖରାପ ହେବାରୁ ତାଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ସ୍ୱାମୀ ଘର ଲୋକେ ତାଙ୍କ ଚିକିତ୍ସାରେ କୌଣସି ସହଯୋଗ କରି ନ ଥିଲେ। ଫଳରେ ଚିକିତ୍ସାଧୀନ ଅବସ୍ଥାରେ ଝିଅର ମୃତ୍ୟୁ ଘଟିଥିଲା। ତାଙ୍କୁ ମାରିବା ଲାଗି ଶାନ୍ତିସ୍ୱରୂପ ଯୋଜନାବଦ୍ଧ ଭାବେ ଷଡ଼ଯନ୍ତ୍ର କରିଥିଲେ ବୋଲି ଏତଲାରେ ଦର୍ଶାଯାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ପ୍ରକୃତ ତଥ୍ୟ ଜଣାପଡ଼ିବ ବୋଲି ଥାନାଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି କହିଛନ୍ତି।



ଜାପାନ୍‌ରେ ଅନୁଷ୍ଠିତ ଅନ୍ତର୍ଜାତୀୟ ବାଲୁକା କଳା ପ୍ରତିଯୋଗିତାରେ ସ୍ଥାନ ପାଇଥିବା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ କଳାକୃତି।

### ଅନ୍ତର୍ଜାତୀୟ ବାଲୁକା କଳା ପ୍ରଦର୍ଶନୀ
## ମନ ଜିଣୁଛି ସୁଦର୍ଶନଙ୍କ କୋଣାର୍କ ଚକ୍ର

**ପୁରୀ ଅଫିସ,୨୭।୩**

ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଜାପାନରେ ଅନୁଷ୍ଠିତ ଅନ୍ତର୍ଜାତୀୟ ବାଲୁକା କଳା ପ୍ରଦର୍ଶନୀରେ ଅଂଶଗ୍ରହଣ କରିଛନ୍ତି । ଏଥିରେ ସେ ପ୍ରସିଦ୍ଧ କୋଣାର୍କ ମନ୍ଦିର ଚକର ଏକ ବାଲୁକା କୃତି ତିଆରି କରିଛନ୍ତି, ଯାହା ବେଶ୍ ଆକର୍ଷଣୀୟ ହୋଇପାରିଛି। ଜାପାନର ଏକ ସ୍ୟାଣ୍ଡ ମ୍ୟୁଜିୟମ୍‌ରେ ଏହି ପ୍ରଦର୍ଶନୀ ଚାଲିଥିବା ବେଳେ ସୁଦର୍ଶନଙ୍କ ବାଲୁକା କୃତି ଦେଖିବାକୁ ଲୋକଙ୍କ ଭିଡ଼ ଜମୁଛି । ଉକ୍ତ ପ୍ରଦର୍ଶନୀରେ ବିଶ୍ୱର ବିଭିନ୍ନ ରାଷ୍ଟ୍ରରୁ ୨୧ଜଣ ବାଲୁକା ଶିଳ୍ପୀ ଭାଗ ନେଇଛନ୍ତି ।

# ସରସ୍ୱତୀ ଶିଶୁମନ୍ଦିରରେ ଅନିୟମିତତା ଅଭିଯୋଗ

**ସାକ୍ଷୀଗୋପାଳ,୨୭।୩(ଡି.ଏନ୍.ଏ.)**

ସାକ୍ଷୀଗୋପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଛି। ପରିଚାଳନା କମିଟିର କେତେଜଣ କର୍ମକର୍ତ୍ତା, ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀଙ୍କ ବେଆଇନ କାର୍ଯ୍ୟ ବିରୋଧରେ ଏହି ଅଭିଯୋଗ ହୋଇଛି। କମିଟିର ସମ୍ପାଦକ ଶ୍ରୀପତି ମହାପାତ୍ର, ଉପସଭାପତି ଭିକାରୀ ସେନାପତି ଓ ସଦସ୍ୟ ମୋହନ ଚରଣ ପଣ୍ଡା ଖବରଦାତା ସମ୍ମିଳନୀ ଡାକି ଅଭିଯୋଗ କରିବା ପରେ ଏବେ ସମ୍ପାଦକ ସୋସିଆଲ ମିଡିଆରେ ଅଭିଭାବକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଛାତ୍ରୀଛାତ୍ରଙ୍କ ଆଡମିଶନ, ପଢ଼ିବା ନିମନ୍ତେ ଆଦାୟ କରାଯାଉଥିବା ମାସିକ ଫି'ର ବାଟମାରଣା, ସରକାରଙ୍କ ଶିକ୍ଷାନୀତି ଅନୁଯାୟୀ ୨୫ ଭାଗ ଗରିବ ଛାତ୍ରୀଛାତ୍ରଙ୍କୁ ବିନାମୂଲ୍ୟରେ ଶିକ୍ଷାଦାନ କରିବାରେ ବ୍ୟତିକ୍ରମ, ସିସି ଟିଭି ଓ କମ୍ପ୍ୟୁଟର କିଣାରେ ଦୁର୍ନୀତି, ଅଣ ତାଲିମପ୍ରାପ୍ତ ଶିକ୍ଷକ ନିଯୁକ୍ତି, ନିୟମିତ ପରିଚାଳନା ପରିଷଦ ବୈଠକ ନ ଡାକିବା, କାର୍ଯ୍ୟାଳୟର ଜନୈକ କର୍ମଚାରୀଙ୍କ ପାଖରେ ଲକ୍ଷାଧିକ ଟଙ୍କା ରହିଥିବା ଅଡିଟ ରିପୋର୍ଟରେ ରହିଥିଲେ ମଧ ଆଦାୟ କରା ନ ଯିବା ଆଦି ଅଭିଯୋଗ ଶିକ୍ଷା ବିକାଶ ସମିତିକୁ ଜଣାଇଲେ ମଧ କିଛି ସୁଫଳ ମିଳୁନଥିବା ସମ୍ପାଦକ କହିଛନ୍ତି। ଅଭିଯୋଗର ତଦନ୍ତ କରିବା ସହିତ ଅଭିଭାବକମାନେ ଦେଉଥିବା ଫି'ର ସଦୁପଯୋଗ କରିବା ଦିଗରେ ଆଗଭର ହେବାକୁ ସେ ସୋସିଆଲ ମିଡିଆ ମାଧ୍ୟମରେ ଜଣାଇଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ବଡଜେନା କୁହନ୍ତି, ଶିକ୍ଷାଦାନ କାର୍ଯ୍ୟର ସେ ତଦାରଖ କରୁଥିବା କହିଥିବା ବେଳେ ସମ୍ପାଦକ ଓ ସଦସ୍ୟମାନଙ୍କ ଅଭିଯୋଗ ସମ୍ପର୍କରେ ପରିଚାଳନା କମିଟି ଉତ୍ତର ଦେବ ବୋଲି କହିଥିଲେ।

# ତାଳପତ୍ର ଶିଳ୍ପୀଙ୍କୁ ସେବକ ମାନ୍ୟତା ଦାବି

**ପୁରୀ ଅଫିସ,୨୭।୩**

ଶ୍ରୀମନ୍ଦିର ସେବାରେ ସିଦ୍ଧ ମହାବୀରପାଟଣାସ୍ଥିତ ଚମାର ସାହିର ତାଳପତ୍ର ଶିଳ୍ପୀଙ୍କୁ ପଞ୍ଜୀକୃତ କରିବା ଲାଗି ବୁଧବାର ଶତାଧିକ ତାଳପତ୍ର ଶିଳ୍ପୀ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ସିଦ୍ଧମହାବୀର ପାଟଣା ଚମାର ସାହିର ୪୦ଜଣ ପରିବାର ତାଳପତ୍ର ଶିଳ୍ପୀ ଭାବେ କାର୍ଯ୍ୟ କରୁଛନ୍ତି। ଦୀର୍ଘ ବର୍ଷ ଧରି ସେମାନେ ବଂଶାନୁକ୍ରମିକ ଭାବେ ଖଜା ଓ ଶୁଖିଲା ଭୋଗ ଲାଗି ତାଳପତ୍ର ପ୍ରସ୍ତୁତି ଭୋଗେଇ, ନବକଳେବର ସମୟରେ ଦାରୁ ବିଗ୍ରହଙ୍କ ନିମନ୍ତେ ଦାରୁତାଟ ନିର୍ମାଣ କରି ଆସୁଛନ୍ତି। ଧିରେ ଧିରେ ତାଳଗଛ ଲୋପ ପାଇବାକୁ ବସିଛି। ତଥାପି ବହୁ କଷ୍ଟ ସ୍ୱୀକାର କରି ତାଳପତ୍ର ପ୍ରସ୍ତୁତ ଭୋଗେଇ ଶ୍ରୀମନ୍ଦିରକୁ ନେବାବେଳେ ଆମଠାରୁ ମାହାସୁଲ ଆଦାୟ କରାଯାଉଛି। ପୌର ସଂସ୍ଥା ମଧ ଇଜାରା ଆଦାୟ କରୁଛି। ଆମ ସେବାକୁ ଶ୍ରୀମନ୍ଦିର ସେବକ ପରିସରଭୁକ୍ତ କରାଯାଉ। ସରକାରୀ ଜମି ଓ ଜଙ୍ଗଲରେ ଥିବା ତାଳଗଛ କାଟିବା ନିଷେଧ, ଭୋଗେଇ ବିକ୍ରି ଯିବାବେଳେ ଶ୍ରୀମନ୍ଦିର ଏବଂ ରାସ୍ତାରେ ମାହାସୁଲ ଆଦାୟ ବନ୍ଦ ହେଉ। ତାଳଗଛ ଚଢ଼ିବା ଲାଗି ଅତ୍ୟାଧୁନିକ ଯନ୍ତ୍ର ଯୋଗାଇ ଦିଆଯାଉ। ଚଢ଼ାଳୀଙ୍କ ସୁରକ୍ଷା ଦୃଷ୍ଟିରୁ ୫ଲକ୍ଷ ଜୀବନ ବୀମା, ଶିଳ୍ପୀମାନଙ୍କୁ କୁଶଳୀ କାରିଗର ମାନ୍ୟତା ପ୍ରଦାନ ଲାଗି ମଧ ଦାବି କରାଯାଇଛି। ତାଳପତ୍ର ଶିଳ୍ପୀଙ୍କ ପକ୍ଷରୁ ଲୋକନାଥ ବେହେରା, ହୃଷିକେଶ ବେହେରା, ବୈକୁଣ୍ଠ ବେହେରା, ଭାଗିରଥି ବେହେରା, ଶଙ୍କର ବେହେରା, ମିଟୁ ବେହେରା, ବିଦ୍ୟାଧର ବେହେରା ପ୍ରମୁଖ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି।

## ଶ୍ରୀରାମ ନବମୀ ତିଥିକୁ ନେଇ ଦ୍ୱନ୍ଦ୍ୱ

**ପୁରୀ ଅଫିସ,୨୭।୩**

ଶ୍ରୀରାମ ନବମୀ ଏକ ସର୍ବଭାରତୀୟ ପର୍ବ ହେଲେ ଶ୍ରୀରାମ ନବମୀ ତିଥିକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି ବୋଲି ପଞ୍ଜିକା ସମୀକ୍ଷକ ହରିଶଙ୍କର ମିଶ୍ର ବୁଧବାର ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି। ଏଥିରେ ମିଶ୍ର ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟରେ ପ୍ରକାଶିତ ପ୍ରାୟ ସବୁ ପଞ୍ଜିକାରେ ଆସନ୍ତା ଏପ୍ରିଲ ୧୩ରେ ସ୍ମାର୍ତ୍ତ ମତେ ଏହା ପାଳନୀୟ ଦର୍ଶାଯାଇଛି। ୨୦୧୯-୨୦ ମସିହା ପଞ୍ଜିକାର ପ୍ରଥମ ଦିନ ଅର୍ଥାତ୍ ଏପ୍ରିଲ ୧୪ରେ ଶ୍ରୀମନ୍ଦିରରେ ଶ୍ରୀରାମ ନବମୀ ପାଳନୀୟ ବୋଲି ରାଧାରମଣ ପ୍ରେସ୍ ପଞ୍ଜିକାରେ ରହିଛି, ଯାହା ରାଜ୍ୟବାସୀଙ୍କୁ ଦ୍ୱନ୍ଦ୍ୱରେ ପକାଇବ। ରାଧାରମଣ ପ୍ରେସ୍‌ର ସତ୍ତ୍ୱାଧିକାରୀ ସୁବ୍ରତ ଗରାବଡୁ କହିଛନ୍ତି, ଏପ୍ରିଲ ୧୩ରେ ସ୍ମାର୍ତ୍ତସମ୍ମତ ଶ୍ରୀରାମ ନବମୀ ବୋଲି ରାଧା ରମଣ ପଞ୍ଜିକାରେ ଉଲ୍ଲେଖ ରହିଛି। ବୈଷ୍ଣବ ମତେ ଏପ୍ରିଲ ୧୪ରେ ଶ୍ରୀରାମ ନବମୀ ଏବଂ ଏହା ଶ୍ରୀମନ୍ଦିରରେ ପାଳନୀୟ ବୋଲି ଦର୍ଶାଯାଇଛି। ତେଣୁ କେହି ଦ୍ୱନ୍ଦ୍ୱରେ ପଡିବେ ନାହିଁ ।

# ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନରେ ବ୍ୟାଖ୍ୟାନମାଳା

**ପୁରୀ ଅଫିସ,୨୭।୩**

ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନର ସଦାଶିବ ପରିସର ସମ୍ମିଳନୀ କକ୍ଷରେ ବୁଧବାର ଏକ ଜାତୀୟସ୍ତରୀୟ ବ୍ୟାଖ୍ୟାନମାଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂସ୍ଥାନ ଅଧକ୍ଷ ପ୍ରଫେସର ହରେକୃଷ୍ଣ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏସ୍‌ସିଏସ କଲେଜର ପୂର୍ବତନ ଅଧକ୍ଷ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତ ଯୋଗଦେଇ ଇତିହାସର ପ୍ରାଚୀନତା, ନବୀନତା ଓ ଯୁଗୋପଯୋଗୀ ଉପରେ ଗୁରୁତ୍ୱ ଦେଇଥିଲେ। ଓଡ଼ିଶାର ମାଦଳା ପାଞ୍ଜି ପ୍ରାଚୀନତା ଉପରେ ମତ ପ୍ରକାଶ କରିଥିଲେ। ଶିକ୍ଷାବିତ୍ ଡ. ଦିଲୀପ କୁମାର ରଣା. ପ୍ରଫେସର ଭାଗୀରଥି ନନ୍ଦ, ପୂର୍ବତନ ପ୍ରଶାସକ ବିଜୟ କୁମାର ନନ୍ଦ, ବିଶ୍ୱନାଥ ସାମନ୍ତରାୟ ଓ ସାମାଜିକ କର୍ମୀ ଚକ୍ରଧର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧାପକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ଅଧାପକ ବିଶ୍ୱନାଥ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ନୃତ୍ୟଶିଳ୍ପୀ ନନ୍ଦିତା ବାନାର୍ଜୀ ଓ ତାଙ୍କ ସାଥୀ ନୃତ୍ୟ ପରିବେଷଣ କରିଥିଲେ। ଏହି ଆଲୋଚନା ଚକ୍ରରେ ବିଭିନ୍ନ ରାଜ୍ୟର ଅଧାପକମାନେ ଉପସ୍ଥିତ ଥିଲେ।

# ଜଙ୍କିଆ ପଞ୍ଚୁଦୋଳ ମେଳଣ

**କଣାସ,୨୭।୩(ଡି.ଏନ୍.ଏ.)**

ଜଙ୍କିଆ ପଞ୍ଚୁଦୋଳ ମେଳଣ ବୁଧବାରଠାରୁ ଆରମ୍ଭ ହୋଇଛି। ଏହି ମେଳଣରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିବା ସହ ଠାକୁରଙ୍କୁ ଦର୍ଶନ କରିଥିବା ପରିଚାଳନା କମିଟି ସଭାପତି ଅସୀତ୍ ନରେନ୍ଦ୍ର କହିଛନ୍ତି। ମେଳଣର ମୁଖ୍ୟ ଆକର୍ଷଣ ହେଉଛନ୍ତି ଇନ୍ଦ୍ରେଶ୍ୱର ଦେବ। ବୁଧବାର ସକାଳୁ ଠାକୁର ବ୍ରହ୍ମଗିରି ବ୍ଲକର ଓଲ ଗ୍ରାମରୁ ବାହାରିବା ପରେ ଆଳିଶ ଛକଠାରୁ ଶୁକଳ ଦେଇ ନୂଆ ଜଗନ୍ନାଥ ସଡକର ଉଭୟ ପାର୍ଶ୍ୱରେ ଥିବା ବିଭିନ୍ନ ଗ୍ରାମ ଓ ଛକରେ ଚାଚେରି ଭୋଗ ଖାଇଥିଲେ। ବିଭିନ୍ନ ଛକ, ଗାଁ ଓ ମେଳଣ ପଡିଆରେ ଭକ୍ତମାନେ ଠାକୁରଙ୍କୁ ଦର୍ଶନ କରିଥିଲେ। ରାସ୍ତାରେ ଆସିବାବେଳେ ପାହାଡା ପକାଇ ଠାକୁରଙ୍କୁ ବରଣ କରି ଭୋଗନୈବେଦ୍ୟ ଅର୍ପଣ କରିଥିଲେ। ବିଜିପୁର, ନନ୍ଦିଗୋଦା, ଦଶହରାପଦା ବରୁଣଛକ ଓ ବେଣାଗାଁ ଦେଇ ଗଡସାହି ଛକଠାରେ ପହଞ୍ଚି ଥିଲେ। ସେଠାରୁ ମର୍ଦ୍ଧାପଲ୍ଲୀ ଗ୍ରାମରେ ପହଞ୍ଚିଲା ପରେ ଠାକୁରଙ୍କୁ ଶୋଭାଯାତ୍ରାରେ ଜଙ୍କିଆ ଗ୍ରାମ ପରିକ୍ରମା କରାଇ ଆସ୍ଥାନ ମଣ୍ଡପକୁ ପାଛୋଟି ନିଆଯାଇଥିଲା। ଆସିଥିବା ହଜାର ହଜାର ଭକ୍ତ, ମାନସିକ ଧାରୀ ଦୋଳ ମଣ୍ଡପରେ ଠାକୁରଙ୍କୁ ଭୋଗ ନୈବେଦ୍ୟ ସମର୍ପଣ କରି ଫଗୁ ଲାଗି କରିଥିଲେ। ସ୍ଥାନାଧିପତି ନୀଳକଣ୍ଠେଶ୍ୱର ଦେବ ସଭାପତି ନନ୍ଦ ଠାକୁରଙ୍କ ସହିତ ଗ୍ରାମର ଭଗବତ ବାସୁଦେବ ନିଜ ନିଜ ଆସନରେ ବିଜେ କରିଥିଲେ। ଏହି ମେଳଣରେ ପ୍ରାୟ ୩୨ଟି ଦୋଳ ବିମାନ ଯୋଗ ଦେଇଥିଲେ। ଭକ୍ତି, ବିଶ୍ୱାସ ଓ ଶ୍ରଦ୍ଧାର ମେଳଣରେ ହରି-ହର ଭେଟ ଏକ ସ୍ୱତନ୍ତ୍ର ଆକର୍ଷଣ ସୃଷ୍ଟି କରିଥିଲା।

## ସରକାରୀ କାର୍ଯ୍ୟାଳୟରେ ବାକି ପଡିଛି ବିଦ୍ୟୁତ୍ ବିଲ୍

**କଣାସ,୨୭।୩(ଡି.ଏନ୍.ଏ.)**

ସରକାରୀ କାର୍ଯ୍ୟାଳୟଗୁଡ଼ିକ ବର୍ଷାଧିକ ସମୟ ଧରି ବିଦ୍ୟୁତ୍ ବିଲ ଦେଉ ନ ଥିବା ଫେଡକୋ ପକ୍ଷରୁ ଅଭିଯୋଗ ହେଉଛି। ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟରେ ମାସିକ କୋଟି କୋଟି ଟଙ୍କା ଉନ୍ନୟନ ବିଲ ପେମେଣ୍ଟ ହେଉଥିବା ବେଳେ ବିଦ୍ୟୁତ୍ ବିଲ ୨ଲକ୍ଷ ୩୮ହଜାର ଟଙ୍କା ବର୍ଷେ ହେଲା ପଇଠ କରାଯାଇନାହିଁ । ସେହିପରି ଡେଲାଙ୍ଗ ଫେଡକୋ ଉପଖଣ୍ଡ ଅଧୀନସ୍ଥ କଣାସ ଗ୍ରାମ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ୨ଲକ୍ଷ ୩୪ ହଜାର ଟଙ୍କା ବାକି ରଖିଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏହା ଉପରେ ଗୁରୁତ୍ୱ ଦେବା ସହ ସମସ୍ତ ସରକାରୀ ଓ ବ୍ୟବସାୟୀ ପ୍ରତିଷ୍ଠାନ ଖୁବଶୀଘ୍ର ବକେୟା ବିଦ୍ୟୁତ୍ ବିଲ୍ ପଇଠ ନ କଲେ ମାର୍ଚ୍ଚ ୩୧ ସନ୍ଧ୍ୟାରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯିବ ବୋଲି ଫେଡ୍‌କୋ ଉପଖଣ୍ଡ ଅଧିକାରୀ ରଣଜିତ କୁମାର ମହାରାଜ କହିଛନ୍ତି।




ବୁଧବାର ବିଶ୍ୱ ନାଟ୍ୟ ଦିବସ ଅବସରରେ ପୁରୀ ଆର୍ଟିଷ୍ଟ ଆସୋସିଏଶନ୍ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

# ଶ୍ରୀମନ୍ଦିର କାର୍ଯ୍ୟାଳୟ ଘେରିଲେ ଠିକା କର୍ମଚାରୀ

**ପୁରୀ ଅଫିସ,୨୭।୩**

୮ଦଫା ଦାବି ନେଇ ଶ୍ରୀମନ୍ଦିର ଭକ୍ତ ନିବାସ କର୍ମଚାରୀ ସଂଘ ପକ୍ଷରୁ ବୁଧବାର ଶ୍ରୀମନ୍ଦିର କାର୍ଯ୍ୟାଳୟ ଘେରାଉ କରାଯିବା ସହ ମୁଖ୍ୟ ପ୍ରଶାସକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସରକାରଙ୍କ ଘୋଷଣା ଅନୁଯାୟୀ ମଜୁରି ଓ ନିୟମିତ କର୍ମଚାରୀ ମାନ୍ୟତା ଦେବାକୁ ମୁଖ୍ୟତଃ ଦାବି ହୋଇଛି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ନୀଳାଚଳ ଭକ୍ତ ନିବାସ ଓ ଗୁଣ୍ଡିଚା ଭକ୍ତ ନିବାସରେ ଜୟ କମଳ କାଟେରିଂ ସର୍ଭିସ ଠିକାଦାର ସଂସ୍ଥା ଅଧୀନରେ ଚୁକ୍ତିଭିତ୍ତିକ ବିଭିନ୍ନ ପଦବୀରେ (ଆଉଟ ସୋର୍ସିଂ) ଏକାଧିକ କର୍ମଚାରୀ ନିୟୋଜିତ ଅଛନ୍ତି। ସମ୍ପୃକ୍ତ ସଂସ୍ଥା ଶ୍ରମ ଆଇନକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରୁଛନ୍ତି। ସରକାରଙ୍କ ଧାର୍ଯ୍ୟ ମଜୁରିଠାରୁ କମ୍ ଦରମା ଦେଉଛନ୍ତି। ଇପିଏଫ, ଇଏସ୍‌ଆଇ ସୁବିଧା ପ୍ରଦାନ କରୁନାହାନ୍ତି। କର୍ମଚାରୀଙ୍କୁ ବର୍ଗୀକରଣ କରି ମଜୁରି ନିର୍ଦ୍ଧାରଣ କରାଯାଇନାହିଁ। ବର୍ଷକୁ ଦୁଇହଳ ପୋଷାକ ସହ ବୋନସ ଦିଆଯାଉନାହିଁ। ଗତ ଜାନୁୟାରୀ ୭ ତାରିଖରେ ଏ ନେଇ ସଂଘ ପକ୍ଷରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ଏବଂ ଜିଲା ଶ୍ରମ ବିଭାଗକୁ ଅବଗତ କରାଯାଇଥିଲା। ମାତ୍ର କୌଣସି ପଦକ୍ଷେପ ନିଆଯାଇନାହିଁ।




ଠିକା କର୍ମଚାରୀମାନେ ଶ୍ରୀମନ୍ଦିର କାର୍ଯ୍ୟାଳୟ ଘେରାଉ କରିଛନ୍ତି।

ସରକାରଙ୍କ ଘୋଷଣା ମୁତାବକ ଅଣକୁଶଳୀଙ୍କୁ ୨୮୦, ଅର୍ଦ୍ଧକୁଶଳୀଙ୍କୁ ୩୨୦, କୁଶଳୀଙ୍କୁ ୩୭୦ ଏବଂ ଉଚ୍ଚ କୁଶଳୀଙ୍କୁ ୪୨୦ ଟଙ୍କା ପ୍ରଦାନ କରାଯାଉ। ୨୦୧୬ରୁ ବର୍ଦ୍ଧିତ ହାରରେ ବକେୟା, ପ୍ରତିମାସରେ ପେ ସ୍ଲିପ୍ ଦିଆଯାଉ। ଇପିଏଫ ଓ ଇଏସଆଇ ସମ୍ପୂର୍ଣ୍ଣ ଭାବେ ଜମା କରାଯାଉ। ସମାନ କାମକୁ ସମାନ ଦରମା ସହ ସରକାରୀ ଛୁଟି ଦିନରେ ଛୁଟି ମଞ୍ଜୁରୀ, ଆଉଟ୍ ସୋର୍ସିଂ ବନ୍ଦ କରି କର୍ମଚାରୀଙ୍କୁ ଶ୍ରୀଜଗନ୍ନାଥ ମନ୍ଦିରରେ ନିୟମିତ କର୍ମଚାରୀର ମାନ୍ୟତା ଏବଂ ଇପିଏଫ, ଇଏସଆଇ ଠକି ନେଇଥିବା ପୂର୍ବତନ ଓ ବର୍ତ୍ତମାନ ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଦାବିପତ୍ରରେ ଉଲ୍ଲେଖ ରହିଛି।

# ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ
## ବିଜେଡିରେ ଯୋଗଦେଲେ ଶତାଧିକ କଂଗ୍ରେସ, ଭାଜପା କର୍ମୀ

**ଗୋପ,୨୭।୩(ଡି.ଏନ୍.ଏ.)**

ଗୋପଲକ୍ଷ୍ମୀ ବଜାରଠାରେ ବୁଧବାର ବିଜେଡି ପକ୍ଷରୁ ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ କେନ୍ଦ୍ର ସରକାର ଓଡ଼ିଶା ପ୍ରତି ଅବହେଳା ପ୍ରଦର୍ଶନ କରୁଥିବାବେଳେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପାହ୍ୟା ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା କହିଥିଲେ। ଏହି ଅବସରରେ ଗଣେଶ୍ୱରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରହଲ୍ଲାଦ ସ୍ୱାଇଁଙ୍କ ନେତୃତ୍ୱରେ ପୋଇତରା ଗ୍ରାମର ଭରତ ସ୍ୱାଇଁ, କାଳନ୍ଦି ନାଥ, ରାଜକିଶୋର ସ୍ୱାଇଁ, ଶତ୍ରୁଘ୍ନ ସ୍ୱାଇଁ, କାର୍ତ୍ତିକ ବେହେରାଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ପରିବାର ବିଜେଡିରେ ସାମିଲ ହୋଇଥିଲେ। ସେହିପରି ଅଣ୍ଡରାଇଛାପୁର ପଞ୍ଚାୟତ ବଡ଼ମଠ ଗ୍ରାମର ରମେଶ ବେହେରା, ଦୀନବନ୍ଧୁ ଭୋଇ, ପ୍ରକାଶ ଭୋଇ, ବାଦଲ କାଣ୍ଡି, ମନୋଜ ଭୋଇଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନିମାପଡ଼ା ବିଜୁ ଜନତା ଦଳ ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ପ୍ରଶାନ୍ତ ସ୍ୱାଇଁ, ସାଧୁଚରଣ ପ୍ରଧାନ, ରବୀନ୍ଦ୍ର ନାୟକ, ରମଣ ପଟ୍ଟନାୟକ, ସ୍ୱାଧୀନ ଜେନା, ଦେବବ୍ରତ ସାହୁ, କରୁଣାକର ସାହୁ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ।



ଯିଏ ତୁମ ଆସିବା ବାଟରେ କଣ୍ଟା ପକାଇଛି, ତୁମେ ତାଙ୍କ ଆସିବା ବାଟରେ ଫୁଲ ବିଛାଅ।
- ସନ୍ଥ କବୀର ଦାସ



## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ଦୋକାନ, ୩ ବଖରା ପୋଡିଗଲା



ଜଟଣୀ ୨୭।୩(ଡି.ଏନ.ଏ.): ଜଟଣୀ ନିକଟବର୍ତ୍ତୀ ଟାଙ୍ଗୀ ଭଁସର ଗ୍ରାମରେ ବୁଧବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି ଗୋଟିଏ ଦୋକାନ ଓ ଅନ୍ୟଜଣଙ୍କର ତିନିବଖରା ଘର ପୋଡ଼ିଯାଇଛି। ରମେଶ ଚନ୍ଦ୍ର ସାହୁଙ୍କ ଜଳଖିଆ ଦୋକାନ ଓ ଗନ୍ଧର୍ବରାଜ ମହାନ୍ତିଙ୍କ ୩ ବଖରା ଚାଳ ପୋଡ଼ିଯାଇଛି। ଏଥିରେ ଦୁଇଲକ୍ଷରୁ ଅଧିକ ଟଙ୍କାର ଧାନ, ଚାଉଳ, ଆସବାସପତ୍ର ପୋଡିଯାଇଥିବା ଜଣାପଡିଛି। ଜଟଣୀରୁ ଦମକଳ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଡେଲାଙ୍ଗ ତହସିଲର ହରିରାପୁର ପଞ୍ଚାୟତ ଅଧୀନରେ ଏହି ଗ୍ରାମଟି ଆସୁଥିବାରୁ ସମ୍ପୃକ୍ତ ସର୍କଲର ଆର୍‌ଆଇ ଘଟଣାସ୍ଥଳ ପରିଦର୍ଶନ କରି ଫେରି ଯାଇଛନ୍ତି।

### ଦଳିତଙ୍କୁ ଆକ୍ରମଣ ଓ ଜାତିଆଣ ଆକ୍ଷେପ

### ଏତଲା ନ ରଖିବାରୁ ଏସ୍‌ଡିପିଓଙ୍କୁ ଫେରାଦ

ଖୋର୍ଦ୍ଧା ଅଫିସ,୨୭।୩:ବାଙ୍କୋଇ ରାମଚନ୍ଦ୍ରପୁର ଗାଁରେ ଦୁଃଶାସନ ନାୟକଙ୍କ ପୁଅଙ୍କୁ ଆକ୍ରମଣ ଓ ଜାତିଆଣ ଆକ୍ଷେପ ଘଟଣାରେ ବୋଲଗଡ ଥାନା ପୋଲିସ ଏତଲା ନ ରଖିବା ପ୍ରତିବାଦରେ ବୁଧବାର ଦଳିତ ପରିବାର ପକ୍ଷରୁ ଖୋର୍ଦ୍ଧା ଏସ୍‌ଡିପିଓଙ୍କୁ ଭେଟି ଫେରାଦ ହୋଇଥିଲେ। ଅନ୍ୟପକ୍ଷେ ଏହି ପରିବାର ଖୋର୍ଦ୍ଧା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅପେକ୍ଷାରତ ଥିଲେ ମଧ ତାଙ୍କୁ ଭେଟି ପାରି ନ ଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଥାନାରେ ମକଦ୍ଦମା ହୋଇଥିବା କୁହାଯାଇଛି। ଏଠାରେ ଦଳିତ ପରିବାର ବିଭିନ୍ନ ସମୟରେ ଆକ୍ରମଣର ଶିକାର ହେଉଥିବାରୁ ସୁରକ୍ଷା ଯୋଗାଇ ଦେବାକୁ ନିବେଦନ କରାଯାଇଛି।

### ମେଳଣ ଦେଖି ଫେରୁଥିବାବେଳେ ଦୁର୍ଘଟଣା

### ଜଣେ ମୃତ, ୨ ଗୁରୁତର

ପାତ୍ରପଡା,୨୭।୩ (ଡି.ଏନ.ଏ.) ଜଟଣୀ ହରିରାଜପୁର ମେଳଣର ଜମାଣ ଦେଖି ମଙ୍ଗଳବାର ବିଳମ୍ବିତ ରାତିରେ ଫେରୁଥିବା ୩ ସାଙ୍ଗ ବରମୁଣ୍ଡା ଓଭରବ୍ରିଜ୍ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ବାଲିପାଟଣା ଥାନା ନୂଆଗାଁ ଅଞ୍ଚଳର ନରେନ୍ଦ୍ର ବେହେରା(୨୭)। ଆହତ ଦ୍ୱୟ ହେଲେ ଲକ୍ଷ୍ମୀକାନ୍ତ ସେନାପତି ଓ ମାନସ ସାହୁ। ରାତିରେ ୩ ସାଙ୍ଗ ଏକ ବାଇକ୍ ଯୋଗେ ଗାଁରୁ ହରିରାଜପୁର ମେଳଣର ଜମାଣ ଉତ୍ସବ ଦେଖିବାକୁ ଆସିଥିଲେ। ଜମାଣ ସରିବା ପରେ ଭୋରୁ ଫେରୁଥିବାବେଳେ ବରମୁଣ୍ଡା ଓଭରବ୍ରିଜ ନିକଟରେ ବାଇକ୍ ପଛପଟୁ ଏକ ଅଜଣା ଗାଡି ଧକ୍କା ଦେଇଥିଲା। ଫଳରେ ୩ ଯୁବକ ବାଇକ୍‌ରୁ ଛିଟିକି ପଡି ଗୁରୁତର ହୋଇଥିଲେ। ଖବର ପାଇ ପୋଲିସ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ସେଠାରେ ନରେନ୍ଦ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖଣ୍ଡଗିରି ଥାନା ପୋଲିସ ଏ ନେଇ ନଂ. ୧୭୦/୧୯ରେ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

### ସପ୍ନେଶ୍ୱର ମହାଦେବଙ୍କ ୨୮ତମ ଜନ୍ମବାର୍ଷିକ

ବାରଙ୍ଗ,୨୭।୩(ଡି.ଏନ୍.ଏ.)- ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ କେନ୍ଦୁପାଟଣା ଗ୍ରାମର ଆରାଧ ବାବା ସପ୍ନେଶ୍ୱର ମହାଦେବଙ୍କ ୨୮ତମ ଜନ୍ମବାର୍ଷିକ ମହୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସକାଳ ୧୧ଟାରେ ମନ୍ଦିରରେ ପୂଜାର୍ଚ୍ଚନା ସରିବାପରେ ଅପରାହ୍ନ ୩ଟାରୁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। ସନ୍ଧ୍ୟାରୁ ଭଜନ, ସଂକୀର୍ତ୍ତନ ଓ ଭଜନ ସମାରୋହ ହେବାସହ ଆତସବାଜି ଶବ୍ଦରେ ଗାଁ ଝଲସି ଉଠିଥିଲା। ଏହି ମହୋତ୍ସବରେ ଆଖପାଖ ଗ୍ରାମର ନିମନ୍ତ୍ରିତ ବହୁ ମୁରବୀଙ୍କ ସମେତ ରାଜନୈତିକ ବ୍ୟକ୍ତିମାନେ ଯୋଗଦେଇ ବାବା ସପ୍ନେଶ୍ୱର ମହାଦେବଙ୍କ ଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମକୁ କେନ୍ଦୁପାଟଣା ଗ୍ରାମବାସୀ ପରିଚାଳନା କରିଥିଲେ।

## ରାତି ଅଧରେ ଗାଁରେ ବୁଲିଲେ ଅପରିଚିତ ମହିଳା

# ମହିଳା ଷ୍ଟାଫ୍ ନ ଥିବା କହି ଶୋଇଲା ପୋଲିସ

ପୁରୁଣା ଭୁବନେଶ୍ୱର, ୨୭।୩(ଡି.ଏନ.ଏ.)

ସାଧାରଣ ନିର୍ବାଚନ ଆଗମନରେ ପୋଲିସର ନିଷ୍କ୍ରିୟତା ଏବେଠୁ ଜନସାଧାରଣଙ୍କୁ ଭୟଭୀତ କରିଛି। ତେଣୁ ସୁରକ୍ଷା ଦେବା ପଛ କଥା କୌଣସି ଅପ୍ରତିକର ଘଟଣାସ୍ଥଳରେ ପୋଲିସକୁ ଖବର ଦେଲେ ମଧ ପହଞ୍ଚିବା ଅସମ୍ଭବ ହେଉଛି। ଯେଉଁ ଘଟଣାରେ ଉପରି ମିଳିବାର ସୁଯୋଗ ଥାଏ ସେଠାରେ ରାତି ଅଧରେ ପହଞ୍ଚିବା ଦେଖାଦେଇଥାଏ। ସରକାର ମହିଳମାନଙ୍କ ସୁରକ୍ଷା ଏବଂ ଉନ୍ନତି ଦିଗରେ ବିଭିନ୍ନ ଯୋଜନା କରୁଛନ୍ତି। ହେଲେ ମଙ୍ଗଳବାର ରାତିରେ ଏକ ଘଟଣାରୁ ମହିଳାଙ୍କୁ ସୁରକ୍ଷା ପ୍ରତି କେତେ ଧ୍ୟାନ ଦିଆଯାଉଛି ତାହା ସହଜରେ ଅନୁମେୟ।

ମିଳିଥିବା ଖବର ମୁତାବକ, ରାଜଧାନୀ ଉପକଣ୍ଠ ଉତ୍ତର ଫାଣ୍ଡି ଅଧୀନ ମଗଲପୁର ଅଞ୍ଚଳରେ ମଙ୍ଗଳବାର ବିଳମ୍ବିତ ରାତିରେ ଜନୈକ ଅପରିଚିତ ମହିଳା ବ୍ୟାଗ ଖଣ୍ଡେ ଧରି ନୀରବରେ ଘୁରି ବୁଲୁଥିଲେ। କେହି କିଛି ପଚାରିଲେ କୌଣସି ଉତ୍ତର ନ ଦେଇ ସିଧାସଳଖ ଚାଲୁଥିଲେ। ଏଭଳି ଏକ ଘଟଣା ଗ୍ରାମବାସୀଙ୍କୁ ଚକିତ କରିଥିଲା। ତେବେ ରାତି ୧୧ଟାରେ ଉତ୍ତରା ଫାଣ୍ଡି ପୋଲିସକୁ ଗାଁଲୋକେ ଯୋଗାଯୋଗ କରିଥିଲେ। ପିଲା ଚୋରି କିମ୍ବା ଅନ୍ୟ କିଛି ଆପରାଧିକ ଘଟଣା ନ ଘଟିବା ପାଇଁ ଗ୍ରାମବାସୀ ପୋଲିସକୁ ବାରମ୍ବାର ଫୋନ କରିଥିଲେ। ହେଲେ ଫାଣ୍ଡିରେ ମହିଳା ପୋଲିସ ଷ୍ଟାଫ ନ ଥିବା କହି ନିଜ ଉପରୁ ଦୋଷ ଖସାଇ ପୋଲିସ ଚୁପ୍ ହୋଇ ବସି ରହିଥିଲା। ରାତି ୨ଟା ସୁଦ୍ଧା ମହିଳା ଜଣଙ୍କୁ ଗ୍ରାମବାସୀ ଜଗି ରହିଥିଲେ ହେଁ ବୁଧବାର ସକାଳୁ ତାଙ୍କର ପତା ମିଳି ନ ଥିଲା। ଏ ନେଇ ଉତ୍ତରା ଫାଣ୍ଡି ପୋଲିସ ଇନଚାର୍ଜ ଅଶୋକ ଗୋଚ୍ଛାୟତଙ୍କୁ ପଚାରିବାରୁ ଫାଣ୍ଡିରେ ମହିଳା ସେଲ କିମ୍ବା ମହିଳା ଷ୍ଟାପ ନାହାନ୍ତି। ରାତି ଅଧରେ ମହିଳାଙ୍କୁ ରଖିବା ସମ୍ଭବପର ନୁହଁ। ତେଣୁ ଫୋନ ଉଠାଇ ନ ଥିଲେ। ମହିଳା ଜଣଙ୍କ ପିଲା ଚୋର ହୋଇ ନ ଥିବ ବରଂ ମାନସିକ ବିକାର ରୋଗୀ ହୋଇ ପାରିଥାଏ। ଯଦି ଗାଁଲୋକେ ବୁଧବାର ବିଳମ୍ବିତ ରାତିରେ ମହିଳା ଜଣକ ଘୁରି ବୁଲିବା ଦେଖିଲେ ତୁରନ୍ତ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ।



ଗ୍ରାମବାସୀ ଅଟକାଇଥିବା ଅଜଣା ମହିଳା ।

# ଡିକିଭାଙ୍ଗି ସୁନା ଗହଣା ଲୁଟ୍

ବାଲକାଟୀ,୨୭।୩(ଡି.ଏନ୍.ଏ.)

ବାଲକାଟୀ ଫାଣ୍ଡି ଅନ୍ତର୍ଗତ ବାଲକାଟୀରେ ମଙ୍ଗଳବାର ରାତିରେ ଜଣେ ଗହଣା ବ୍ୟବସାୟୀଙ୍କର ଡିକି ଭାଙ୍ଗି ସୁନାଗହଣା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଗ୍ରାମରେ ପଞ୍ଚୁଦୋଳ ମେଳଣ ଉତ୍ସବ ସହ ସାପ୍ତାହିକ ହାଟ ଥିବାରୁ ବଜାର ବେଶ ଭିଡ଼ ଥିଲା। ଏହି ସମୟରେ ବଜାରର ଗହଣା ବ୍ୟବସାୟୀ ସନ୍ତୋଷ କୁମାର ମହାପାତ୍ର ନିଜ ଦୋକାନରୁ ୧୦୦ଗ୍ରାମ ସୁନା ବାଇକ ଡିକିରେ ରଖି ଦୋକାନ ଶଟର ପକାଉଥିଲେ। ଶଟର ପକାଇବାର କିଛି ସେକେଣ୍ଡ ମଧ୍ୟରେ କେତେଜଣ ଦୁର୍ବୃତ୍ତ ଡିକି ଭାଙ୍ଗି ସୁନା ଲୁଟି ନେଇଯାଇଥିଲେ। ଖବରପାଇ ବାଲକାଟୀ ଫାଣ୍ଡି ଅଧିକାରୀ ଦେବେନ୍ଦ୍ର ସାହୁ ପହଞ୍ଚି ତନାଘନ କରିଥିଲେ। ଏ ସମ୍ପର୍କରେ ସନ୍ତୋଷ ବୁଧବାର ବାଲିଅନ୍ତା ଥାନାରେ ଅଭିଯୋଗ କରିବାରୁ ପୋଲିସ ନଂ ୮୧/୧୯ରେ ମାମଲା ରୁଜୁ କରିଛି। ଏ ନେଇ ଫାଣ୍ଡି ଅଧିକାରୀ ସାହୁ କୁହନ୍ତି, ଚୋରି ମଙ୍ଗଳବାର ହୋଇଥିବାବେଳେ ଦୋକାନୀ ମାଲିକ ବୁଧବାର ଅଭିଯୋଗ କରିଛନ୍ତି। ପୁଣି ଦୋକାନୀ ଯେଉଁ ପରିମାଣରେ ଲୁଟ ହୋଇଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି, ତାହାର ବିଲ୍ ଦେଖାଇ ପାରୁନାହାନ୍ତି। ଯାହା ସନ୍ଦେହ ସୃଷ୍ଟି କରୁଛି। ତଥାପି ସାମ୍ନା ଦୋକାନର ସିସିଟିଭି ଫୁଟେଜରୁ ତଥ୍ୟକୁ ଆଧାର କରି ତଦନ୍ତ ଚଳାଇଛୁ ବୋଲି କହିଛନ୍ତି।

# ସିରିଜ୍ ଦୁର୍ଘଟଣା: ୫ ଆହତ

ଖୋର୍ଦ୍ଧା ଅଫିସ,୨୭।୩

କୋଲକାତା-ମାଡ୍ରାସ ୧୬ ନଂ. ଜାତୀୟ ରାଜପଥର ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ତିନୋଟି ଟ୍ରକ ପରସ୍ପର ସହ ଧକ୍କା ହୋଇଥିଲା। ପ୍ରଥମେ ଏକ ଟ୍ରକ କାରକୁ ଧକ୍କା ଦେଇଥିଲା। ଏଥିରେ କାରଟି ଭାଙ୍ଗିରୁଜି ଯାଇଛି। ଅନ୍ୟପକ୍ଷେ ୩ଟି ଟ୍ରକର ଚାଳକଙ୍କ ସମେତ ହେଲପରଙ୍କୁ ମିଶାଇ ମୋଟ ୫ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ଖୋର୍ଦ୍ଧା ଅଗ୍ନିଶମ ବିଭାଗ ଓ ଖୋର୍ଦ୍ଧା ଆଦର୍ଶ ଥାନା ପକ୍ଷରୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଆଦର୍ଶ ଥାନା ପକ୍ଷରୁ ଗାଡିଗୁଡିକ ଜବତ କରାଯାଇଥିବା ବେଳେ ଆହତଙ୍କ ପରିଚୟ ଜଣାପଡିନି। ସମସ୍ତେ ତେଲୁଗୁ ଭାଷାରେ କଥାବାର୍ତ୍ତା ହେଉଥିଲେ।

# ଗୋଟିଏ ରାତିରେ ୫ ଘରୁ ଚୋରି

ନିରାକାରପୁର, ୨୭।୩(ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଧୀନ ଡିଆ ପଞ୍ଚାୟତସ୍ଥ କାଶୀପୁର ଗ୍ରାମର ୫ ଘରୁ ମଙ୍ଗଳବାର ରାତିରେ ସିରିଜ୍ ଚୋରି ହୋଇଛି । ଘଟଣାରୁ ପ୍ରକାଶ, କୁମ୍ଭାରପଡାର ବାସନ୍ତୀ ପ୍ରଧାନ ଓ ତାଙ୍କ ପୁଅ ଶୋଇଥିବାବେଳେ ଦୁର୍ବୃତ୍ତମାନେ ଘରେ ପଶି ଟଙ୍କା ଲୁଟି ନେଇଛନ୍ତି। ସୂଚନାଯୋଗ୍ୟ କି, ସ୍ୱାମୀଙ୍କ ମୃତ୍ୟୁ ପରେ ପିଲାଙ୍କ ପାଠପଢ଼ା ଓ ପରିବାରର ଋଣ ଶୁଝିବା ପାଇଁ ବାସନ୍ତୀ ଏକ ଘରୋଇ ଫାଇନାନ୍ସ କମ୍ପାନୀରୁ ୩୫ ହଜାର ଟଙ୍କା କରଜ କରି ଘରେ ରଖିଥିଲେ । ଦୁର୍ବୃତ୍ତମାନେ ଟଙ୍କା ଥିବା ବାକ୍ସଟିକୁ ଚୋରିକରି ସେଥିରୁ ସମସ୍ତ ଟଙ୍କା ଲୁଟି ନେଇ ବଳକା ଲୁଗାପଟା ବାଡିରେ ଫୋପାଡ଼ି ଦେଇ ଫେରାର୍ ହୋଇଯାଇଥିଲେ। ସେମାନେ ଭୋରୁ ଉଠିବା ପରେ ଏହା ଦେଖିବାକୁ ପାଇଥିଲେ। ସେହିପରି ଗୁଲିଆ ପ୍ରଧାନଙ୍କ କଂସାବାସନ ଚୋରି ହୋଇଯାଇଛି।



ଚୋରି ପରେ ଫୋପାଡ଼ି ଦିଆଯାଇଥିବା ଲୁଗାପଟା

ଏହାଛଡା କାଶୀପୁର ହରିଜନ ସାହିର ରମ୍ଭା ନାୟକ(୭୦)ଙ୍କ ଝିଅ ଦେଇଥିବା ୫ହଜାର ଟଙ୍କା, ଦୁଇ ହଳ ସୁନା କାନ ଫୁଲ ଏବଂ ଏହି ଗ୍ରାମ ମଝିସାହିର ହରିଣ ବେହେରା ଓ ଗଜେନ୍ଦ୍ର ପାଇକରାୟଙ୍କ ଘରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଖବର ପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲା। ତେବେ ସ୍ଥାନୀୟ ପୋଲିସ ପକ୍ଷରୁ ପାଟ୍ରୋଲିଂ ଅଭାବ ଯୋଗୁ ବାରମ୍ବାର ଚୋରି, ଡକାୟତି ଭଳି ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧିପାଉଥିବା ନେଇ ଜନ ଅସନ୍ତୋଷ ଦେଖାଦେଇଛି। ଏ ଘଟଣା ନେଇ ନିରାକାରପୁର ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ କହିଛନ୍ତି, ଖବର ପାଇ ଆମେ ଘଟଣାସ୍ଥଳର ଅନୁସନ୍ଧାନ(ସ୍ୱଟ୍ ଭିଜନ୍) କରି ଫେରିଛୁ। ତେବେ ଏ ନେଇ କୌଣସି ଅଭିଯୋଗ ହୋଇନାହିଁ ବୋଲି ସେ ସୂଚନା ଦେଇଛନ୍ତି।

## 'ଓଡ଼ିଶାରେ ଦର୍ଶନ ଶିକ୍ଷାର ଇତିହାସ' ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,୨୭।୩(ବ୍ୟୁରୋ)

ବର୍ତ୍ତମାନ ସମୟରେ ବିଜ୍ଞାନର ଅଗ୍ରଗତି ହେତୁ ମେଧାବୀ ଛାତ୍ରୀଛାତ୍ର ଆଉ ପୂର୍ବପରି ଦର୍ଶନଶାସ୍ତ୍ର ପ୍ରତି ଆକର୍ଷିତ ହେଉନାହାନ୍ତି। ହେଲେ ବିଜ୍ଞାନ ସହ ଦର୍ଶନର ସମନ୍ୱୟ ନ ଘଟିଲେ, ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ସମ୍ଭବ ନୁହେଁ ବୋଲି 'ଓଡ଼ିଶାରେ ଦର୍ଶନ ଶିକ୍ଷାର ଇତିହାସ' ପୁସ୍ତକ ଉନ୍ମୋଚନ ଉତ୍ସବରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ସଭାକକ୍ଷରେ ବୁଧବାର ଅନୁଷ୍ଠିତ ଉତ୍ସବରେ ରାଜ୍ୟ ସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ। ବଶିଷ୍ଠ ବିଚାର ମଞ୍ଚ ପକ୍ଷରୁ ସଂଯୋଜକ ଦୀପକ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୂର୍ବତନ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଡ. ପ୍ରଫୁଲ୍ଲ କୁମାର ରଥ ଓ ବିଶିଷ୍ଟ ଦର୍ଶନଶାସ୍ତ୍ରବିତ୍ ଧନେଶ୍ୱର ସାହୁ ପୁସ୍ତକର ସମୀକ୍ଷା କରିଥିଲେ। ଲେଖକ ଡ. ନାରାୟଣ ମହାନ୍ତି ୧୮୬୮ ମସିହାଠାରୁ ୧୯୮୨ ମସିହା ପର୍ଯ୍ୟନ୍ତ ଦର୍ଶନ ଶିକ୍ଷାର ଇତିବୃତ୍ତ ପୁସ୍ତକରେ ସ୍ଥାନିତ କରିଥିବା କରିଥିଲେ। ଡ. ଶଚୀନ୍ଦ୍ର ରାଉଳ ପ୍ରାରମ୍ଭିକ ସୂଚନା ଓ ଡ. ବନଜ କୁମାର ବିଶ୍ୱାଳ ଅତିଥି ପରିଚୟ ଦେଇଥିଲେ। ସାମାଜିକ କର୍ମୀ ଶେଖ୍ ଫିରଦୌଷ ଅଲ୍ଲୀ ଓ ପ୍ରାଧ୍ୟାପକ ତୁଷାରକାନ୍ତ ପଟ୍ଟନାୟକ ପୁସ୍ତକ ରଚନାର ପୃଷ୍ଠଭୂମି ବର୍ଣ୍ଣନା କରିଥିବା ବେଳେ ଡ. ପବିତ୍ର କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ବେଗୁନିଆ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ



ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥି ।

ବେଗୁନିଆ,୨୭।୩ (ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ସଦର ମହକୁମାରେ ଥିବା ପଞ୍ଚାୟତ ସମିତି ପ୍ରାଥମିକ ବିଦ୍ୟାଳୟର ବୁଧବାର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଉଦଘାଟକ ଭାବେ ଶିକ୍ଷାବିତ୍ ପଣ୍ଡିତ ନୀଳକଣ୍ଠ ରଥଶର୍ମା ଯୋଗ ଦେଇଥିଲେ। ବିଦ୍ୟାଳୟଗୁଡିକରେ ଶିକ୍ଷା ସାଙ୍ଗକୁ ବିଭିନ୍ନ ପ୍ରତିଯୋଗିତା ହିଁ ପିଲାମାନଙ୍କ ମନୋବଳକୁ ସୁଦୃଢ କରିଥାଏ ବୋଲି ଅତିଥିମାନେ ମତ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ଶ୍ରୀକାନ୍ତ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲଛମନ ପରିଡା ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଶିକ୍ଷାବିତ୍ ରାଜକିଶୋର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବେଣୁଧର ପଣ୍ଡା, ଦିଲୀପ କୁମାର ମହାପାତ୍ର, ସିଆରସିସି ଗୋଲକ କୁମାର ସାହୁ, ମିଳିତ ଶିକ୍ଷକ ସଂଘର ଉପଦେଷ୍ଟା ବସନ୍ତ କୁମାର ପ୍ରହରାଜ ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତି ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ସୁଜାତା ସାହୁ ଧନ୍ୟବାଦ ଦେଇଥିଲେ। ସନ୍ଧ୍ୟାରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଚିଲିକା କଂଗ୍ରେସର ଜନଜାଗରଣ ସଭା

ଟାଙ୍ଗୀ(ଖୋର୍ଦ୍ଧା),୨୭।୩(ଡି.ଏନ.ଏ.)

ଚଣ୍ଡେଶ୍ୱର ଗ୍ରାମ ପଞ୍ଚାୟତସ୍ଥିତ ଚଣ୍ଡୀହରଦେବଙ୍କ ମନ୍ଦିର ନିକଟ ପଡିଆରେ ବୁଧବାର ଅପରାହ୍ନରେ ଚିଲିକା କଂଗ୍ରେସ ପକ୍ଷରୁ ଜନଜାଗରଣ ସଭା ଅନୁଷ୍ଠିତ ହୋଇଯାଇଛି। ଚିଲିକା କଂଗ୍ରେସ ସଂଗଠକ ତଥା ଆଶାୟୀ ପ୍ରାର୍ଥୀ ପ୍ରଦୀପ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ବହୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ଏଆଇସିସି ସଭାପତି ରାହୁଲ ଗାନ୍ଧୀଙ୍କ ଦ୍ୱାରା ଗରିବଙ୍କୁ ଆର୍ଥିକ ସହାୟତା, କୃଷକଙ୍କୁ ଋଣଛାଡ, ଧାନର ସର୍ବନିମ୍ନ ଦର, ମହିଳାଙ୍କୁ ସୁରକ୍ଷା ଓ ବେକାରିଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ସେ ଉଦ୍‌ବୋଧନ ଦେଇଥିଲେ। ବ୍ଲକ କଂଗ୍ରେସ ସଭାପତି ଉଗ୍ରସେନ ବିଶ୍ୱାଳ, ବାଣପୁର ଏନ୍ଏସି ସଭାପତି ବିଜୟ ରଥ, ସେବାଦଳ ଅଧକ୍ଷ ଭିକାରୀ ପ୍ରଧାନ, ଯୁବ କଂଗ୍ରେସ ସଭାପତି ସୁଶାନ୍ତ କୁମାର ସ୍ୱାଇଁ, ଉର୍ମିଳା ମହାପାତ୍ର, ତନ୍ମୟୀ ନାୟକ, ଟିଙ୍କିନା ଖଟେଇ, ରୋହିଣୀ ବେହେରା, ଲକ୍ଷ୍ମୀପ୍ରିୟା ରଣା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ବିଭିନ୍ନ ସ୍ଥାନରେ ପଞ୍ଚୁଦୋଳ ମେଳଣ

ଖୋର୍ଦ୍ଧା ଅଫିସ/ ବାଲୁଗାଁ,୨୭।୩(ଡି.ଏନ୍.ଏ.)

ବାଣପୁରର ପଞ୍ଚୁଦୋଳ ଯାତ୍ରା ସ୍ଥାନୀୟ ଐତିହାସିକ ପଲଟଣ ପଡିଆଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଠାରେ ୮୧ ବିମାନରେ ୧୮୨ ବିଗ୍ରହଙ୍କ ମହାମେଳଣ ଉତ୍ସବ ପରେ ମେଲାଣି ନେଇଛନ୍ତି। ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ପଞ୍ଚୁଦୋଳ ଯାତ୍ରା ଶେଷ ହୋଇଛି ।

ମଙ୍ଗଳବାର ମଧ୍ୟରାତ୍ରିରେ ଉତ୍ସବର ସ୍ଥାନାଧିପତି ଶ୍ରୀଚରଣ ଚକାଦେବଙ୍କ ନିମନ୍ତ୍ରଣକ୍ରମେ ବାଣପୁରର ଅଧିଷ୍ଠାତ୍ରୀ ମା' ଭଗବତୀ, ରଙ୍କନାଥ ଦେବ ଓ ବାଲୁଗାଁର ଶ୍ରୀଉମାମହେଶ୍ୱର ଦେବ ପ୍ରଥମେ ପାଟ ପଟୁଆର ସହ ସୁସଜ୍ଜିତ ଦୋଳ ବିମାନ ଯୋଗେ ମେଳଣ ପଡିଆରେ ପହଞ୍ଚି ଆସନ ଅଳଙ୍କୃତ କରିଥିଲେ। ପରେ ଭେଟେଶ୍ୱରର ଭେଟିନାଥ ଦେବ, ଗାଲୁଆର ଗୁପ୍ତେଶ୍ୱର ଦେବ, ସାନହନ୍ତୁଆଡର ରଘୁନାଥ ଦେବ, ଏକଡାଳିଆର ସୋମନାଥ ଦେବ, ବୋରି ଗାଁର ରାଧାମୋହନ ଦେବ, ଇଞ୍ଜନପୁରର ରାମେଶ୍ୱର ଦେବ, ଭୀମପୁରର କନକଦୁର୍ଗା ସମେତ ବିଗ୍ରହ ବୃଷଭ, ସିଂହ, ଗରୁଡ, ହନୁମାନ ଓ ଚଉଦୋଳ ପ୍ରଭୃତି ୮୧ ଦୋଳ ବିମାନରେ ମେଳଣ ପଡିଆକୁ ବିଜେ କରିଥିଲେ। ଠାକୁରଙ୍କ ଆଗମନ ଶୋଭାଯାତ୍ରାରେ ବାଜା, ରୋଷଣୀ ପଟୁଆର, ଆତସବାଜି, ଶଙ୍ଖ ଘଣ୍ଟା ଓ କାହାଳୀ ନାଦରେ ପଞ୍ଚୁଦୋଳ ପଡିଆ ପ୍ରକମ୍ପିତ ହୋଇଥିଲା। ଏହି ଅବସରରେ ବୁଧବାର ଭୋରରୁ ଶୋଭାଯାତ୍ରା, ଆତସବାଜି ଓ ସୁନ୍ଦର ଦୋଳ ବିମାନ ଆଦି କ୍ଷେତ୍ରରେ ଉତ୍କୃଷ୍ଟ ବିବେଚିତ କମିଟିଗୁଡିକୁ ପୁରସ୍କୃତ କରାଯାଇଥିଲା। ମଙ୍ଗଳବାର ତୁଳସୀ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ପଞ୍ଚଦୋଳ ଯାତ୍ରାର ମୁଖପତ୍ର 'ମିଳନୀ' ଉନ୍ମୋଚନ କରାଯାଇଥିଲା। ଏଥିସହ ବିଶିଷ୍ଟ ଶିଶୁ ସାହିତ୍ୟିକ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ରନାଥ ପ୍ରଧାନଙ୍କ ରଚିତ ମା' ଭଗବତୀଙ୍କ କଥା ଓ ଗାଥା ଏବଂ ପ୍ରଧାନଙ୍କ ଆତ୍ମଜୀବନୀକୁ ତହସିଲଦାର ସୁଷମା ବାରିକ ଉନ୍ମୋଚନ କରିଥିଲେ। ପଞ୍ଚୁଦୋଳ କମିଟି ଉପଦେଷ୍ଟା କେଦାରେଶ୍ୱର ନନ୍ଦ, ପ୍ରଫେସର ନଳିନୀକାନ୍ତ ପଟ୍ଟନାୟକ, ଐତିହାସିକ ସତ୍ୟବାଦୀ ବଳିଆରସିଂହ ପ୍ରମୁଖ ଉପସ୍ଥିତ ଥିଲେ। ବୁଧବାର ସକାଳ ୯ଟାରୁ ଅପରାହ୍ନ ଯାଏ ଠାକୁରଙ୍କ ନିକଟରେ ଭୋଗ ଲାଗି ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଲାଗି ରହିଥିଲା। ବହୁ ମାନସିକଧାରୀ ମାଆବାପା ପିଲାଙ୍କ ମୁଣ୍ଡନ କରିଥିଲେ। ସନ୍ଧ୍ୟାରେ ମେଳଣ ଦର୍ଶନ ପାଇଁ ଭିଡ ଜମିଥିଲା। ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।



ବାଣପୁର ପଲଟଣ ପଡିଆରେ ଅନୁଷ୍ଠିତ ପଞ୍ଚୁଦୋଳ ଯାତ୍ରା ।



ବୋଲଗଡଠାରେ ଅନୁଷ୍ଠିତ ଦୋଳ ମେଳଣ ।

**ବୋଲଗଡ଼,(ଡି.ଏନ.ଏ.)**-ବୋଲଗଡ଼ ବ୍ଲକ ବାଙ୍କୋଇ ଓ ପିଚୁକୁଲିଠାରେ ବୁଧବାର ପଞ୍ଚୁଦୋଳ ମେଳଣ ଅନୁଷ୍ଠିତ ହୋଇଯାଇଛି। ସୋମବାର ରାତିରୁ ଆରମ୍ଭ ହୋଇଥିବା ବାଙ୍କୋଇ ଗ୍ରାମସ୍ଥିତ ପ୍ରସିଦ୍ଧ ଶୈବପୀଠ ଶ୍ରୀତାରେଶ୍ୱରଦେବଙ୍କ ପଞ୍ଚୁଦୋଳ ମେଳଣ ଦୀର୍ଘବର୍ଷ ଧରି ଆୟୋଜିତ ହୋଇ ଆସୁଛି। ରାଜଠାକୁର ଭାବେ ପରିଚିତ ଶ୍ରୀତାରେଶ୍ୱରଦେବଙ୍କୁ ସେବାସୀମାନେ ଛତ୍ରୀ, ତ୍ରାସ, ଆଲଟ, ଚାମର, କାହାଳି, ମଶାଲ ସହ ସୁସଜ୍ଜିତ ବିମାନରେ ମନ୍ଦିରରୁ ପଞ୍ଚୁଦୋଳ ଯାତ୍ରା ପଡିଆକୁ ନିମନ୍ତ୍ରିତ କରି ଉର୍ଦ୍ଧିଷ୍ଟ ପିଣ୍ଡି ଚଉଦୋଳରେ ବିଜେ କରାଇଥିଲେ। ଆୟୋଜକ କମିଟି ପକ୍ଷରୁ ଆମନ୍ତ୍ରିତ ୪୧ ଦୋଳ ଠାକୁର ବିଜେ କରିଥିଲେ। ନିଖିଳ ଉତ୍କଳ ଓଡ଼ିଶୀ ସଂକୀର୍ତ୍ତନ ଶାଖା-୩ ପକ୍ଷରୁ ତାରେଶ୍ୱରଦେବ ସଂକୀର୍ତ୍ତନ ମଣ୍ଡଳ ନାମ କୀର୍ତ୍ତନ କରିଥିଲେ। ମେଳଣ ପରେ ଠାକୁରମାନେ ଚଉଦୋଳରେ ବାହୁଡିଥିଲେ। ସେହିପରି ପିଚୁକୁଲିଠାରେ ଗ୍ରାମର ଆରାଧ ଦେବତା ଶ୍ରୀନୀଳକଣ୍ଠେଶ୍ୱରଦେବଙ୍କ ପଞ୍ଚୁଦୋଳ ଯାତ୍ରା ମଙ୍ଗଳବାର ରାତିରୁ ଆରମ୍ଭ ହୋଇଛି। ବିରାଟ ପଟୁଆରରେ ରାଜଠାକୁର ଶ୍ରୀନୀଳକଣ୍ଠେଶ୍ୱର ଦେବ ଗ୍ରାମର ପଞ୍ଚୁଦୋଳ ପଡିଆକୁ ବିଜେ କରିଥିଲେ। ପରେ ଏଠାକୁ ଆମନ୍ତ୍ରିତ ଠାକୁରମାନେ ୨୫ଟି ଦୋଳ ବିମାନରେ ଦୋଳଯାତ୍ରା ପଡିଆକୁ ବିଜେ କରିଥିଲେ। ଏଠାରେ ଗୁରୁବାର ମେଳଣ ଅନୁଷ୍ଠିତ ହେବ।

**ବାଲକାଟୀ,(ଡି.ଏନ.ଏ.)**-ରାଜଧାନୀ ଉପକଣ୍ଠ ବାଲକାଟୀଠାରେ ଐତିହାସିକ ପଞ୍ଚୁଦୋଳ ମେଳଣ ବୁଧବାରଠାରୁ ଆରମ୍ଭ ହୋଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ଜମାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମେଳଣ ଉତ୍ସବର ଥାନପତି ଶ୍ରୀସ୍ୱପ୍ନେଶ୍ୱର ମହାଦେବଙ୍କ ନିମନ୍ତ୍ରଣ କ୍ରମେ ଆଖପାଖ ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ଦୋଳ ବିମାନ ଏଥିରେ ଯୋଗ ଦେଇଥିଲେ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ଡିଜେ, ସମ୍ବଲପୁରୀ ବାଦ୍ୟ ଓ ଘୋଡାନାଚ ସହ ରଙ୍ଗବେରଙ୍ଗର ଆଲୋକମାଳାର ତାଳେତାଳେ ଦୋଳ ବିମାନଗୁଡ଼ିକ ଡିପୋଟି ସାହି, ଶୁଣ୍ଡିସାହି, ରଙ୍ଗଣି ସାହି ବାଲକାଟୀ ବଜାର ଦେଇ ଶୋଭାଯାତ୍ରାରେ ଆସି ମେଳଣ ପଡ଼ିଆରେ ପହଞ୍ଚିଥିଲେ। ଏହି ମେଳଣର ଏକ ସ୍ୱତନ୍ତ୍ରତା ରହିଆସିଛି। ଜଟଣୀର ହରିରାଜପୁର ମେଳଣ ଆତସବାଜି ପାଇଁ, ବଳଙ୍ଗାର ମେଳଣ ଦୋଳ ଓ ଭୋଗ ପାଇଁ ପ୍ରସିଦ୍ଧି ଲାଭ କରିଥିବାବେଳେ ବାଲକାଟୀର ମେଳଣ ଫଗୁ ଖେଳ ନିମନ୍ତେ ପ୍ରସିଦ୍ଧି ଲାଭ କରିଛି। ମେଳଣର ଥାନପତି ଶ୍ରୀସ୍ୱପ୍ନେଶ୍ୱର ମହାଦେବ, ଦୋଳଗୋବିନ୍ଦ ଚନ୍ଦ୍ରଶେଖର ଏବଂ ଶ୍ରୀମଦନମୋହନଙ୍କ ସମେତ ସ୍ଥାନୀୟ ଅଞ୍ଚଳରୁ ଆସିଥିବା ୫୦ରୁ ଊର୍ଦ୍ଧ୍ୱ ଦୋଳ ବିମାନ ମେଳଣ ପଡ଼ିଆରେ ଏକତ୍ରିତ ହେବା ପରେ ନିଜ ମଣ୍ଡପରେ ବିରାଜମାନ ହୋଇଥିଲେ। ସ୍ଥାନୀୟ ପଞ୍ଚାୟତ ପକ୍ଷରୁ ନିଶୁଳ୍କ ଯାତ୍ରା ପରିବେଶିତ ହେବ। ମେଳଣ ଅବସରରେ ଦୋଳି ସହ ବିଭିନ୍ନ ପ୍ରକାର ଦୋକାନ ଖୋଲିଛି। ଗୁରୁବାର ରାତି ୧୦ଟାରେ ମେଳଣ ପଡ଼ିଆରେ ଠାକୁରମାନଙ୍କ ହରିହର ଭେଟ ହେବ। ଏଥିସହ ସ୍ଥାନୀୟ କଲେଜ ପଡ଼ିଆରେ ଆତସବାଜି କାର୍ଯ୍ୟକ୍ରମ ହେବ। ହରିହର ଭେଟ ପରେ ନିମନ୍ତ୍ରିତ ଦୋଳମାନଙ୍କୁ ପଞ୍ଚାୟତ ପକ୍ଷରୁ ସମ୍ମାନିତ କରାଯାଇ ମେଳଣ ଉତ୍ସବ ସମ୍ପନ୍ନ ହେବ। ଶାନ୍ତିଶୃଙ୍ଖଳାର ସହ ମେଳଣ ଉତ୍ସବ ସମ୍ପନ୍ନ ହେବା ନିମନ୍ତେ ବାଲିଅନ୍ତା ଥାନା ପକ୍ଷରୁ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଛି।

## ବାକି ଟଙ୍କା ମାଗିବାରୁ ମାରପିଟ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ

ବୋଲଗଡ଼,୨୭।୩(ଡି.ଏନ.ଏ.)

ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ଅନ୍ତର୍ଗତ ଦୁର୍ଗା ବଜାରଠାରେ ଜଣେ ଦୋକାନୀ ବାକି ଟଙ୍କା ମାଗିବାରୁ ତାଙ୍କୁ ମାର୍‌ପିଟ କରାଯାଇଥିବା ଅଭିଯୋଗ ହୋଇଛି। ବୁଧବାର ଏ ନେଇ ବାଙ୍କୋଇ ଥାନାରେ ପୃଥକ ପୃଥକ ଭାବେ ଦୁଇଟି ମାମଲା ରୁଜୁ ହୋଇଛି। ଥାନା ଆଇଆଇସି ସେଖ ଆକବର ଅଲ୍ଲୀଙ୍କଠାରୁ ପ୍ରକାଶ ଯେ, ବାଙ୍କୋଇ ଦୁର୍ଗାବଜାରଠାରେ ଟୁକୁନା ପରମଗୁରୁ ଏକ ଟିଭି ମରାମତି ଦୋକାନ କରିଛନ୍ତି। ସେହି ଗ୍ରାମର ମନୋଜ ନାଏକ ତାଙ୍କ ଟିଭି ମରାମତି କରିବାକୁ ଟୁକୁନାଙ୍କୁ ଦେଇଥିଲେ। ତେବେ ମଙ୍ଗଳବାର ମନୋଜ ଟିଭି ଦୋକାନକୁ ଯାଇଥିଲେ। ଏହି ସମୟରେ ମନୋଜ ପୂର୍ବରୁ ବାକିରେ ଏକ ରିମୋଟ୍ ନେଇଥିବା କହି ଟୁକୁନା ବାକି ଟଙ୍କା ମାଗିଥିଲେ। କିନ୍ତୁ ରିମୋଟ୍ ଖରାପ ପଡିଲା କହି ମନୋଜ ବାକି ଟଙ୍କା ଫେରାଇବେ ନାହିଁ ବୋଲି କହିଥିଲେ । ଏଥିନେଇ ଯୁକ୍ତିତର୍କ ହେବା ପରେ ମନୋଜ ଟୁକୁନାଙ୍କୁ ମାଡ଼ ମାରି ନାକ ଫଟାଇ ଦେଇଥିବା ଅଭିଯୋଗ ହୋଇଛି । ଅପରପକ୍ଷରେ ମନୋଜଙ୍କ ମାଆ ସଞ୍ଜୁ ମଧ ପାଲଟା ଅଭିଯୋଗ କରିଛନ୍ତି । ସଞ୍ଜୁ କହିଛନ୍ତି ଯେ, ଜାତିଆଣ ଆକ୍ଷେପ କରି ତାଙ୍କ ପୁଅ ଓ ପରିବାରକୁ ଆକ୍ରମଣ କରାଯାଇଛି। ଟୁକୁନାଙ୍କ ଅଭିଯୋଗ କ୍ରମେ ପୋଲିସ କେସ୍ ନଂ ୩୮/୧୯ ଏବଂ ସଞ୍ଜୁଙ୍କ ଅଭିଯୋଗକୁ ନେଇ କେସ୍ ନଂ ୩୯ /୧୯ରେ ତଦନ୍ତ ଆରମ୍ଭ କରିଛି।



କରୀନା

## ଆଇ ଆମ୍ ସରି

ସୁଶାନ୍ତ ସିଂ ରାଜପୁତ ଏବଂ ସାରା ଅଲ୍ଲୀ ଖାଁଙ୍କ ଭିତରେ ପୂରା ଦମ୍‌ରେ ଇଲୁ ଇଲୁ ଚାଲିଛି ବୋଲି ଆଲୋଚନା ହେଉଛି। ହେଲେ ଏଭଳି କଥାକୁ ଦୁହେଁ ମାନିବାକୁ ନାରାଜ। 'ଆମେ ଦୁହେଁ ବନ୍ଧୁ' ବୋଲି ସଫେଇ ଦେଉଛନ୍ତି। ନିକଟରେ ଦୁହିଁଙ୍କ ଭିତରେ କୁଆଡ଼େ ମନାନ୍ତର ହୋଇଥିଲା। ଆଉ ଅଭିମାନୀ ସାରାଙ୍କୁ ବୁଝାଇବାକୁ ସୁଶାନ୍ତ ଲାଗି ପଡ଼ିଥିଲେ। ଶେଷରେ ନିଜ ପଟରୁ ସୁଶାନ୍ତ 'ଆଇ ଆମ୍ ସରି' କହିବା ପରେ ସାରାଙ୍କ ମୁହଁରେ ହସର ଝଲକ ଦେଖିବାକୁ ମିଳିଥିଲା। ହେଲେ କ'ଣ ପାଇଁ ସାରା ଅଭିମାନ କରିଥିଲେ ଜାଣିବେନି? ସୁଶାନ୍ତ ନିକଟରେ ନିଜ ସୋସିଆଲ ମିଡିଆରେ ଦୁହିଁଙ୍କର ଏକ ଫଟୋ ପୋଷ୍ଟ କରିଥିଲେ। ହେଲେ ଆଉ ଏକ ଭଲ ଫଟୋ ପୋଷ୍ଟ କରିବାକୁ ସାରା ଚାହୁଁଥିଲେ। ବାସ୍, ଏଇଥିପାଇଁ ସେ ଟିକେ ଅଭିମାନ କରିଥିଲେ। ଶେଷରେ ସୁଶାନ୍ତ ତାଙ୍କୁ ମନାଇବାରେ ସକ୍ଷମ ହୋଇଥିଲେ।



ସୁଶାନ୍ତ

## କଷ୍ଟ୍ୟୁମ ଦାମ୍ ଦେଢ଼ କୋଟି

ଗୋଟିଏ କଷ୍ଟ୍ୟୁମର ଦାମ ଦେଢ଼ କୋଟି! ହୁଏତ କେତେକେ ଏହାକୁ ସହଜରେ ହଜମ କରି ନ ପାରନ୍ତି। ହେଲେ କଥାଟି ସତ। 'ହିରୋଇନ୍' ସିନେମାର ନାୟିକା କରୀନା ଏଭଳି ଏକ ଦାମୀ କଷ୍ଟ୍ୟୁମ ପିନ୍ଧିଥିଲେ, ଯାହାକୁ ନେଇ ସେତେବେଳେ ବେଶ୍ ଆଲୋଚନା ହୋଇଥିଲା। କେବଳ ସେତିକି ନୁହେଁ, ଏହି ଫିଲ୍ମରେ ସେ ୧୩୦ ହଳ କଷ୍ଟ୍ୟୁମ ପିନ୍ଧିଥିଲେ, ଯାହାକୁ ଏକ ରେକର୍ଡ ଭାବରେ ଗ୍ରହଣ କରାଯାଇଛି। ଏଥିରୁ କେତେଗୁଡ଼ିଏ କଷ୍ଟ୍ୟୁମ ବିଦେଶରୁ କିଣାଯାଇଥିଲା। ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଇଥିଲେ ମଧୁର ଭଣ୍ଡାରକର।

## ତଥାପି ରାଗିଛନ୍ତି ସଲମାନ

ସଲମାନ ଏବଂ ରଣବୀର କପୁରଙ୍କ ମଧ୍ୟରେ ସମ୍ପର୍କ କେତେ ତିକ୍ତ ତାହା ନ କହିବା ଭଲ। ସଲମାନଙ୍କ ସହ ବ୍ରେକ୍ ଅପ୍ ପରେ ରଣବୀରଙ୍କ ସହ ସମ୍ପର୍କ ଯୋଡ଼ିଥିଲେ କ୍ୟାଟ୍ରିନା। ସେତେବେଳଠାରୁ ଦୁହିଁଙ୍କ ଭିତରେ ସମ୍ପର୍କ ଖଟା ହୋଇଯାଇଥିଲା। ଶୁଣିବାକୁ ମିଳୁଛି ଯେ ଏବେ ମଧ୍ୟ ସଲମାନ-ରଣବୀର ସମ୍ପର୍କ ପୂର୍ବପରି ରହିଛି। ଏ ସମ୍ପର୍କରେ ସଫେଇ ଦେଇ ରଣବୀର କହନ୍ତି, 'ମୋତେ ଏଭଳି ପ୍ରଶ୍ନ ନ ପଚାରିଲେ ଭଲ ହେବ।' ସେପଟେ ଏ ନେଇ କିଛି କହିବାକୁ ନାରାଜ ସଲମାନ। ଏବେ ତ ଆଲିୟାଙ୍କ ସହ ପ୍ରେମରେ ମସଗୁଲ୍ ରଣବୀର। ତେବେ ସଲମାନଙ୍କ ରାଗ କେବେ ଥଣ୍ଡା ହେଉଛି ତାହା ଦେଖିବାକୁ ବାକି ରହିଲା।

## ରଜନୀଙ୍କ ହାଫ ସେଞ୍ଚୁରି

ସଂଳାପକାର ତଥା ଗୀତିକାର ଡ. ରଜନୀ ରଞ୍ଜନ। ନିକଟରେ ସେ ଓଲିଉଡ୍‌ରେ ଆଉ ଏକ ମାଇଲଷ୍ଟୋନ ଅତିକ୍ରମ କରିଛନ୍ତି। ୫୦ଟି ଓଡ଼ିଆ ସିନେମାର ସଂଳାପ ରଚନା କରି ସେ ନିଜ ସଫଳତା ଇତିହାସରେ ଯୋଡ଼ିଛନ୍ତି ଆଉ ଏକ ଫର୍ଦ୍ଦ। ଆଉ ଏହି ହାଫ୍ ସେଞ୍ଚୁରି ଚଳଚ୍ଚିତ୍ରଟି ହେଲା 'ଚାମ୍ପିୟନ'। ପେସା ଅଧ୍ୟାପନା ହୋଇଥିଲେ



ମଧ୍ୟ ଏ ପର୍ଯ୍ୟନ୍ତ ସେ ସଂଳାପ ଲେଖିବାରେ ବେଶ୍ ସକ୍ରିୟ ଅଛନ୍ତି। 'ମୋ ଭାଇ ଜଗା'ରୁ ଆରମ୍ଭ ହୋଇଥିଲା ତାଙ୍କର ସଂଳାପକାର କ୍ୟାରିୟର। ଆଉ ତା'ପରେ ସେ 'ନନ୍ଦିନୀ ଆଇ ଲଭ୍ ୟୁ', 'ପ୍ରେମ୍ ରୋଗୀ', 'ଡ୍ରିମ୍ ଗାର୍ଲ', 'ମିତରେ ମିତ', 'ଲଭ୍ ଡଟ୍ କମ୍', 'ଲୋଫର', 'ସଞ୍ଜୁ ଆଉ ସଞ୍ଜନା', 'ମୁଁ ପ୍ରେମୀ ମୁଁ ପାଗଳ', 'ଗୁଡ୍‌ବୟ', 'ହେଲା ମତେ ପ୍ରେମ ଜର', 'ପିଲାଟା ବିଗିଡ଼ି ଗଲା', 'ଜୟ ଜଗନ୍ନାଥ', 'ଝିଅଟା ବିଗିଡ଼ି ଗଲା', 'ବାଏ ବାଏ ଦୁବାଇ', 'ଫୋର ଇଡିୟଟ୍‌ସ', 'ଯୋଗୀ', 'ତୁ ମୋ ସୁନା ଚଢ଼େଇ', 'ପ୍ରେମ ପାଇଁ ମହାଭାରତ' ପରି ଚଳଚ୍ଚିତ୍ରର ସଂଳାପ ରଚନା କରି ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଛନ୍ତି। 'ସଂଳାପ ରଚନା କରିବା ସମୟରେ ମୁଁ ଦର୍ଶକଙ୍କ ମାନସିକତାକୁ ସବୁବେଳେ ଗୁରୁତ୍ୱ ଦେଇଥାଏ। ଅନ୍ୟପକ୍ଷରେ ମୁଁ ରଚନା କରିଥିବା ସଂଳାପରେ ସମାଜ ପାଇଁ ଅନେକ ବାର୍ତ୍ତା ଦେବାକୁ ଚେଷ୍ଟା କରିଛି ଏବଂ କରୁଥିବି ମଧ୍ୟ ବୋଲି କହନ୍ତି ରଜନୀ। ଏହାବ୍ୟତୀତ ସେ 'ସଂଘର୍ଷ', 'ବୋଉ', 'ବାହୁଡ଼ିବେ ମୋ ଜଗା ବଳିଆ' ପରି କେତୋଟି ଚଳଚ୍ଚିତ୍ରର କେବଳ ଗୀତ ରଚନା କରିଛନ୍ତି। ତାଙ୍କ ଚର୍ଚ୍ଚିତ ଗୀତଗୁଡ଼ିକ ମଧ୍ୟରେ ରହିଛି 'ମଲ୍ଲି ଫୁଲ ତିନ୍ ତିନ୍‌ଟା (ବାହୁଡ଼ିବେ ମୋ ଜଗା ବଳିଆ), ଜୀବନର ମାନେ ଯଦି ଜିଇବା ହୁଏ (ହସିବ ପୁଣି ମୋ ସୁନା ସଂସାର) ଏବଂ ଟିକିନି ଚମେଲି ମୁଁ (ସପନର ନାୟିକା)।

## ନୂଆ ଯୋଜନା

ଖଳନାୟକ ଅଂଶୁମାନ ସାମନ୍ତରାୟ। ଖୁବ୍‌ଶୀଘ୍ର ସେ ଏକ ଭିନ୍ନ ଚରିତ୍ରରେ ଦର୍ଶକଙ୍କ ସାମନାକୁ ଆସିବାକୁ ଯାଉଛନ୍ତି। ଏଥିପାଇଁ ସେ ଏକ କାହାଣୀ ମଧ୍ୟ ପରିକଳ୍ପନା କରିଛନ୍ତି। ଖାସ୍ କଥା ହେଲା, ଏହି ସିନେମାରେ କେବଳ ସେ ନିଜେ ନୁହେଁ, ପତ୍ନୀ ରୋଜାଲିନା ସାହୁ ଏବଂ ଝିଅ ସାଲଭି ଶ୍ୱେତଲିନା ଗେଷ୍ଟ ଆପିଏରେନ୍ସରେ ଦେଖାଦେବେ। ନିଜର ଏଭଳି ଆଭିମୁଖ୍ୟ ସମ୍ପର୍କରେ ଅଂଶୁମାନ କହନ୍ତି, 'ଥରେ ରାସ୍ତାରେ ଯାଉଥିବା ସମୟରେ ଏଭଳି ଏକ ଘଟଣା ଘଟିଲା, ଯାହା ମୋତେ ବେଶ୍ ପ୍ରଭାବିତ କରିଥିଲା। ତା'ସହ ଏପରି ଏକ କାହାଣୀର ସମ୍ୟକ୍ ସୂଚନା ମୋ ମନକୁ ଆସିଥିଲା। ବାସ୍, ତା'ପରେ ତାହାକୁ ଏକ ଭଲ କାହାଣୀର ରୂପ ଦେଇଛି। ଏପରି କାହାଣୀକୁ ନେଇ ଜଣେ ପ୍ରଯୋଜକ ଓଡ଼ିଆ ସିନେମାଟିଏ ନିର୍ମାଣ କରିବାକୁ ସମ୍ମତି ଜଣାଇଛନ୍ତି। ଖାସ୍ କଥା ହେଲା, ଏଥିରେ ଏକ ଛୋଟ ଭୂମିକାରେ ମୋ ପତ୍ନୀ ଏବଂ ଝିଅ ଅଭିନୟ କରିବାକୁ ଯାଉଛନ୍ତି। ବାବା ରାଜକିଶୋର ସାହୁ ଏବଂ ମା' ଡା. ନିରୂପମା ସାମନ୍ତରାୟଙ୍କ ପ୍ରେରଣା ମୋତେ ଆଜି ଏ ସ୍ଥାନରେ ପହଞ୍ଚାଇଛି।' ଓଡ଼ିଆ ସିନେମା 'ସାଥୀ ତୁ ଫେରିଆ'ରେ ସେ ଡନ୍ ଭୂମିକାରେ ଅଭିନୟ କରିଥିଲେ। ରିଲିଜ ଅପେକ୍ଷାରେ ଥିବା 'ତୁ ମୋର ନିହାତି ଦରକାର'ର ମୁଖ୍ୟ ଖଳନାୟକ ଭୂମିକାରେ ଅଭିନୟ କରୁଛନ୍ତି ଅଂଶୁମାନ।



ଅଂଶୁମାନଙ୍କ ସହ ଝିଅ ସାଲ୍‌ଭି ଏବଂ ପତ୍ନୀ ରୋଜାଲିନା।

ନୂଆ ସିନେମା

## ରଙ୍ଗ ବରଷିଲା ଟୁପୁରୁ ଟୁପୁରୁ

ପ୍ରେମ ପରି ମହାନ୍ ଶବ୍ଦ ଯେ ଦିନେ ଶତ୍ରୁତାର ମୁଖ୍ୟ କାରଣ ପାଲଟିବ ତାହା କେବେ କଳ୍ପନା କରି ନ ଥିଲେ ଚନ୍ଦ୍ରଶେଖର ଆଉ ବିଜୟିନୀ। ସମୟ ତା' ବାଟରେ ଗଡ଼ିଚାଲେ। ଚନ୍ଦ୍ରଶେଖରଙ୍କ ପୁଅ ଆଦର୍ଶ ଏବଂ ବିଜୟିନୀଙ୍କ ଝିଆରୀ ଦିଶା ବାନ୍ଧି ହୋଇଯାଆନ୍ତି ପ୍ରେମ ଫାଶରେ। ହେଲେ ଏଭଳି ପ୍ରେମରେ ପୁଣି ପୂର୍ବ ଶତ୍ରୁତା କଣ୍ଟା ହୋଇ ଠିଆ ହୁଏ କି? ପ୍ରେମ ପାଇଁ ପ୍ରେମୀ ଯୁଗଳ କ'ଣ ଘରଲୋକଙ୍କୁ ଏଡ଼ାଇ ଦିଅନ୍ତି? ଏପରି ଅନେକ ପ୍ରଶ୍ନର ଉତ୍ତର ରହିଛି ନୂଆ ଓଡ଼ିଆ ସିନେମା 'ମେଘ ବରଷିଲା ଟୁପୁରୁ ଟୁପୁରୁ'ରେ। ଏଭଳି ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ରଚନା କରିବା ସହ ଚିତ୍ରନାଟ୍ୟ, ସଂଳାପ ଲେଖିଛନ୍ତି ଜିତେନ୍ଦ୍ର ନାଥ ମହାପାତ୍ର। କେବଳ ସେତିକି ନୁହେଁ, ଚିତ୍ରଟିର ନିର୍ଦ୍ଦେଶନା ଦାୟିତ୍ୱ ମଧ୍ୟ ନିଜେ ତୁଲାଇଛନ୍ତି। ଖାସ୍ କଥା ହେଲା ନୂଆ ଯୋଡ଼ି ତାପସ-ସୁଶ୍ରୀ ରଥଙ୍କୁ ଏଥିରେ ବ୍ରେକ୍ ଦେଇଛନ୍ତି ନିର୍ଦ୍ଦେଶକ। ଶୀର୍ଷାନନ୍ଦ ଦାସ କାନୁନ୍‌ଗୋ ଏବଂ ଶ୍ରୀକାନ୍ତ ଗୌତମଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅମରେନ୍ଦ୍ର ମହାନ୍ତି। କଣ୍ଠଦାନ କରିଛନ୍ତି ସତ୍ୟଜିତ୍, ଶୁଭମ୍, ଶଶାଙ୍କ, ଦୀପ୍ତିରେଖା, ନଳିତା ଭଞ୍ଜ, ଅନ୍ତରା ଚକ୍ରବର୍ତ୍ତୀ ଓ ଚାମେଲି ମହାପାତ୍ର। ତାପସ-ସୁଶ୍ରୀଙ୍କ ବ୍ୟତୀତ ମିହିର ଦାସ, ଅପରାଜିତା, ଅଶ୍ରୁମୋଚନ ମହାନ୍ତି, କିଶୋର ଖଣ୍ଡୁଆଳ, ସରୋଜ ଦାସ, ବିଜୁ ବଡ଼ଜେନା, ହର ରଥ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।



ତାପସ-ସୁଶ୍ରୀ

## କଥା ଚିତ୍ରର କଥା...



ଦିଲ୍ଲୀପ ହାଲି

ଓଡ଼ିଆ ଚଳଚ୍ଚିତ୍ରର ସାମଗ୍ରିକ ଉନ୍ନତି ପାଇଁ ପ୍ରଯୋଜକ, ବିତରକ, କଳାକାର, ଟେକ୍ନିସିଆନ୍‌ମାନଙ୍କର ଏକ ବୈଠକ ନିକଟରେ ଭୁବନେଶ୍ୱର ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ସିନେମା କିପରି ପୂର୍ବପରି ଲୋକାଦୃତ ହୋଇପାରିବ ସେ ନେଇ ଉଦ୍ୟମ ପ୍ରଶଂସାଯୋଗ୍ୟ। ହେଲେ ତା' ଭିତରେ ଅନେକ ଅସମାଧିତ ପ୍ରଶ୍ନ ରହିଯାଉଛି। ୧୯୯୯ ମହାବାତ୍ୟା ପରଠାରୁ ଓଡ଼ିଆ ସିନେମାର ଅବସ୍ଥା କ୍ରମଶଃ ରୁଗ୍‌ଣ ହେବାରେ ଲାଗିଲା। ଏକଦା ଓଡ଼ିଆ ସିନେମାର ପ୍ରମୁଖ ଅଙ୍ଗ ପାଲଟିଥିଲା କଳିଙ୍ଗ ଷ୍ଟୁଡିଓ। ମହାବାତ୍ୟା ପରେ ଏହାର ଅବସ୍ଥା ଶୋଚନୀୟ ହୋଇପଡ଼ିଥିଲା। ଏହା ପୁଣି ଥରେ ନୂଆ ରୂପ ନେଉ ବୋଲି ସମସ୍ତେ କହୁଛନ୍ତି। ହେଲେ ଆଂଶିକ ପୁନରୁଦ୍ଧାର କାମ କେବେ ସମ୍ପୂର୍ଣ୍ଣ ହେବ ତାହା ବିଚାରଯୋଗ୍ୟ। ଏଥିପାଇଁ ଆନ୍ତରିକତାର ଆବଶ୍ୟକତା ରହିଛି। ଏହା ପୁଣି ଥରେ ସମ୍ପୂର୍ଣ୍ଣ ଭାବରେ କାର୍ଯ୍ୟକ୍ଷମ ହେଲେ ତାହା ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ।

ଆଉ ଏକ କଥା ହେଲା ମନକୁ ଛୁଇଁଲା ଭଳି ଓଡ଼ିଆ ସିନେମା ନିର୍ମାଣ କରିବା। ଆମ ରାଜ୍ୟର ପ୍ରଯୋଜକମାନେ ଏକାଠି ହେଲେ ତାହା ଭଲ ସିନେମାଟିଏ ନିର୍ମାଣ କରିବାକୁ ନୂଆ ବାଟ ଦେଖାଇବ। କିନ୍ତୁ ସେମାନଙ୍କର ଏପରି ଏକାଠି ମନୋଭାବ ଦୀର୍ଘସ୍ଥାୟୀ ହେବା ଦରକାର। ଯଦି ସେଥିରେ ମନୋମାଳିନ୍ୟ ରହିଲା ତେବେ ସବୁ ଯୋଜନା ପାଣି ଫାଟି ଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଚଳଚ୍ଚିତ୍ର ଶିଳ୍ପ ପାଇଁ ଆମେ ସଂଘବଦ୍ଧ ଭାବେ ଯଦି ଗୁରୁତ୍ୱ ଦେଇ ଗୋଟିଏ ସଭା ପରେ ନୀରବତା ମଧ୍ୟରେ ରହିଯିବା ତାହାହେଲେ ଫଳଶୂନ୍ୟ ହୋଇଯିବ।

ଏବେ ଓଡ଼ିଆ ସିନେମାରେ ଉତ୍ତରା ଯୁଗ ଚାଲିଛି। ପୁଣି କେତେକ ସିନେମାର ବଜେଟ ଏକ କୋଟି ପର୍ଯ୍ୟନ୍ତ ପହଞ୍ଚୁଛି। ଯେହେତୁ ଚଳଚ୍ଚିତ୍ର ନିର୍ମାଣରେ ଅନେକ ତ୍ରୁଟି ରହିଯାଉଛି ତେଣୁ ଚଳଚ୍ଚିତ୍ରଗୁଡ଼ିକରୁ ରିଟର୍ନ ଯାହା ହେଉଛି ତାହା ନ କହିବା ଭଲ। ସିନେମାଟିଏ ନିର୍ମାଣ କରିବା ସମୟରେ ସବୁ ଦିଗ ପ୍ରତି ଦୃଷ୍ଟି ନ ଦେଇ କେବଳ ବ୍ୟୟ ବହୁଳ ଚଳଚ୍ଚିତ୍ର ବୋଲି କହିଲେ କିଛି ଲାଭ ନାହିଁ। ଦର୍ଶକଙ୍କୁ ଏପରି ଚମତ୍କତା ଦେଖାଇବା ଦ୍ୱାରା ଅନେକ ପ୍ରଯୋଜକଙ୍କ ଆଶା କେବଳ ଆଶାରେ ହିଁ ରହିଯାଉଛି। ପ୍ରଯୋଜକମାନଙ୍କ ପାଇଁ ନୀତି ଯାହା ହୋଇଛି ସେଇ ତୁଳନାରେ ୩୦ଟି ଜିଲାରେ ୩୦୦ ପ୍ରେକ୍ଷାଳୟ ପ୍ରାଥମିକ ସ୍ତରରେ କରାଗଲେ ପ୍ରଯୋଜନା ସଂସ୍ଥାଗୁଡ଼ିକ ଖର୍ଚ୍ଚ ତୁଳନାରେ କେତେକାଂଶରେ ମୂଳଜମା ପାଇଲେ, ଆଶ୍ୱସ୍ତି ଅନୁଭବ କରନ୍ତେ। ଆଉ ଏକ କଥା, ଓଡ଼ିଶାରେ ପେସାଦାର ପ୍ରଯୋଜନା ସଂସ୍ଥା ଚଳଚ୍ଚିତ୍ର ନିର୍ମାଣରୁ ସମ୍ପୂର୍ଣ୍ଣ ଭାବେ ନୀରବତା ଅବଲମ୍ବନ କରୁଛନ୍ତି। ଓଡ଼ିଆ ଚଳଚ୍ଚିତ୍ର ସମାଜରେ ଅଳନ୍ଧୁ ପ୍ରଯୋଜକମାନେ ଅକସ୍ମାତ ଆସି ଅଜବ ନାମକରଣ ଦେଇ ନିର୍ମାଣ କରିଥିବା ବିଚିତ୍ର ଚଳଚ୍ଚିତ୍ରକୁ ଦର୍ଶକମାନେ ଦର୍ଶନ କରିବାକୁ କୁଣ୍ଠିତ ହେଉଛି। ଫଳରେ ଦିନେ ଦୁଇଦିନ ମଧ୍ୟରେ ଚଳଚ୍ଚିତ୍ରଟି ପ୍ରେକ୍ଷାଳୟରୁ ହଟାଇ ଦିଆଯାଉଛି।

> "ଓଡ଼ିଶାରେ ପେସାଦାର ପ୍ରଯୋଜନା ସଂସ୍ଥା ଚଳଚ୍ଚିତ୍ର ନିର୍ମାଣରୁ ସମ୍ପୂର୍ଣ୍ଣ ଭାବେ ନୀରବତା ଅବଲମ୍ବନ କରୁଛନ୍ତି। ଓଡ଼ିଆ ଚଳଚ୍ଚିତ୍ର ସମାଜରେ ଅଳନ୍ଧୁ ପ୍ରଯୋଜକମାନେ ଅକସ୍ମାତ ଆସି ଅଜବ ନାମକରଣ ଦେଇ ନିର୍ମାଣ କରିଥିବା ବିଚିତ୍ର ଚଳଚ୍ଚିତ୍ରକୁ ଦର୍ଶକମାନେ ଦର୍ଶନ କରିବାକୁ କୁଣ୍ଠିତ ହେଉଛନ୍ତି। ଫଳରେ ଦିନେ ଦୁଇଦିନ ମଧ୍ୟରେ ଚଳଚ୍ଚିତ୍ରଟି ପ୍ରେକ୍ଷାଳୟରୁ ହଟାଇ ଦିଆଯାଉଛି।"

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୦୪ରେ ଓଡ଼ିଆ ପ୍ରଯୋଜକମାନଙ୍କୁ ପ୍ରମୋଦକର ସମ୍ପୂର୍ଣ୍ଣ ମୁକ୍ତ କରିଥିଲେ। ରାଜ୍ୟ ସରକାରଙ୍କ ନୂଆ ଚଳଚ୍ଚିତ୍ର ନୀତି ଆଗାମୀ ଦିନରେ କାର୍ଯ୍ୟକାରୀ ହେଲେ ପ୍ରଯୋଜନା କ୍ଷେତ୍ରଟି ସୁଦୃଢ଼ ହେବ। ଅନେକ ଉତ୍ସାହୀ ପ୍ରଯୋଜକ ଚଳଚ୍ଚିତ୍ର ନିର୍ମାଣ ନିମନ୍ତେ ଆଗଭର ହେବେ।

ନିର୍ଦ୍ଦେଶନା କ୍ଷେତ୍ରରେ ଆବଶ୍ୟକ ଜ୍ଞାନ ନ ଥିବା ନିର୍ଦ୍ଦେଶକମାନଙ୍କ ପ୍ରତି ପ୍ରଯୋଜକମାନେ ଆସ୍ଥା ପ୍ରକଟ କରିବା କେତେଦୂର ଠିକ୍ ତାହା ସେମାନେ ନିଜେ ହୃଦୟଙ୍ଗମ କରିବା ଦରକାର। ନିଜ ନାମ ପଛରେ ନିର୍ଦ୍ଦେଶକ କିମ୍ବା ପ୍ରଯୋଜକ ଲେଖିଦେଲେ ଜଣେ ଏହି ଆସନ ପାଇଁ ଯୋଗ୍ୟ ହୋଇଯାଏନା। ଏ ବିଷୟରେ ଭଲ ଭାବରେ ଜ୍ଞାନ ଅର୍ଜନ କରି ଚଳଚ୍ଚିତ୍ରଟି ନିର୍ମାଣ କଲେ ତାହା ଦର୍ଶକଙ୍କୁ ପ୍ରଭାବିତ କରିବ। ମିଛକଥାରେ ପଡ଼ି ସର୍ବହରା ଅପେକ୍ଷା ଅନ୍ୟତ୍ର ବ୍ୟବସାୟରେ ଅର୍ଥ ବିନିଯୋଗ କଲେ ବରଂ ଲାଭ ହେବ। ଓଡ଼ିଆ ଚଳଚ୍ଚିତ୍ରର ସାମଗ୍ରିକ ବିକାଶ ଦିଗରେ ଯତ୍ନବାନ ପାଇଁ ଚଳଚ୍ଚିତ୍ର ନୀତି ହିଁ ଶ୍ରେୟସ୍କର।

– ବଡ଼ଗଡ଼, ଭୁବନେଶ୍ୱର-୧୮
ମୋ : ୯୮୬୧୦୦୯୨୫୨

## ପାଞ୍ଚ ବର୍ଷ ପରେ...

ଶ୍ରଦ୍ଧା କପୁର ବାହା ହେବେ- ଏହାକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ପ୍ରେମିକ ରୋହନ ଶ୍ରେଷ୍ଠାଙ୍କୁ ସେ ଖୁବ୍‌ଶୀଘ୍ର ବାହା ହେଉଛନ୍ତି ବୋଲି ଆଲୋଚନା ହେଉଛି। ହେଲେ ଏକଥା ପଛରେ କେତେ ସତ୍ୟତା ଅଛି ତାହା ଜାଣିବେନି ? ଏପରି ମ୍ୟାରେଜ ଆଲୋଚନାକୁ ନେଇ ଶେଷରେ ମୁହଁ ଖୋଲିଛନ୍ତି ଶ୍ରଦ୍ଧାଙ୍କ ପାପା ଶକ୍ତି କପୁର। ସେ କହିଛନ୍ତି ଯେ, ଶ୍ରଦ୍ଧା ଏବେ ବାହା ହେବାର ଆଦୌ ଯୋଜନା ନାହିଁ। ପାଞ୍ଚବର୍ଷ ପରେ ଏକଥା ଚିନ୍ତା କରାଯିବ। ଏବେ ସେ ନିଜ କ୍ୟାରିୟର ପ୍ରତି ଅଧିକ ଧ୍ୟାନ ଦେଉଛନ୍ତି। କିନ୍ତୁ ମୁଁ ଏକଥାକୁ ନେଇ ନିଶ୍ଚିତ ଯେ ଶ୍ରଦ୍ଧା ମୋ ବିନା ଅନୁମତିରେ ବିବାହ କରିବ ନାହିଁ।' ରୋହନ୍ ପେସାରେ ଜଣେ ଫଟୋଗ୍ରାଫର। ଏହି ଯୋଡିକୁ ଏବେ ରେଷ୍ଟୁରାଣ୍ଟଠାରୁ ଆରମ୍ଭ କରି କଫି ପବ୍ ପର୍ଯ୍ୟନ୍ତ ଦେଖିବାକୁ ମିଳୁଛି। ତେବେ ଦୁହେଁ କେବେ ମ୍ୟାରେଜ କରିବେ ତାହା ଜାଣିବାକୁ ଆମକୁ କେବଳ ଅପେକ୍ଷା ହିଁ କରିବାକୁ ପଡିବ।



ଶ୍ରଦ୍ଧା

Dollar 68.88 (2)

| Sensex | Nifty | Gold | Silver |
|---|---|---|---|
| ↓ 100.53 38,132.88 | ↓ 38.20 11,445.05 | ↓ `110 33,060.00 | ↑ `20 39,120.00 |

## ସଂକ୍ଷେପରେ

### ୧୦୦୮ କୋଟିରେ ମାଲ୍ୟାଙ୍କ ଶେୟାର ବିକ୍ରି

ମୁମ୍ବାଇ,୨୭-୩: ଋଣ ଅସୁଲ ପ୍ରାଧିକରଣ(ବେଙ୍ଗାଲୁରୁ) ବୁଧବାର ପଳାତକ ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କ ୟୁନାଇଟେଡ ବ୍ରିଓରିଜ ହୋଲ୍ଡିଂସରେ ଥିବା ଶେୟାର ବିକ୍ରି କରି ୧୦୦୮ କୋଟି ଟଙ୍କା ହାସଲ କରିଛନ୍ତି। ଏହି କମ୍ପାନୀରେ ମାଲ୍ୟାଙ୍କ ୭୪ ଲକ୍ଷ ୪ ହଜାର ୯୩୨ ଶେୟାର ରହିଛି। ସୂଚନାଥାଉ କି, ପ୍ରିଭେନ୍ସନ ଅଫ୍ ମନି ଲଣ୍ଡରିଂ(ପିଏମ୍ଏଲ୍ଏ) ଅଦାଲତ ମଙ୍ଗଳବାର ମାଲ୍ୟାଙ୍କ ଶେୟାର ବିକ୍ରି କରିବାକୁ ଅନୁମତି ଦେଇଥିଲେ। ୟୁନାଇଟେଡ ବ୍ରିଓରିଜ ହୋଲ୍ଡିଂସ ଶେୟାର ବିକ୍ରି ଉପରେ କଟକଣା ଲଗାଇବାକୁ ଆବେଦନ କରିଥିଲା ଯାହାକୁ ଅଦାଲତ ଖାରଜ କରିଦେଇଥିଲେ। ଚଳିତ ମାସରେ ଋଣ ଅସୁଲ ପ୍ରାଧିକରଣ କୋର୍ଟ ଦ୍ୱାରା ନିଯୁକ୍ତ ଲିକ୍ୱିଡେଟରଙ୍କୁ ଶେୟାର ହସ୍ତାନ୍ତର କରିଥିଲେ। ମାଲ୍ୟାଙ୍କ ବିରୋଧରେ ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଉକ୍ତ ଶେୟାରକୁ ଜବତ କରିଥିଲା।

### ମାରୁତି ସୁଜୁକି ସିଇଓ ଭାବେ ପୁନଃ ଅବସ୍ଥାପିତ ହେଲେ କେନିଚି ଆୟୁକାୱା



ନୂଆଦିଲ୍ଲୀ,୨୭-୩
ପ୍ରମୁଖ କାର ନିର୍ମାତା କମ୍ପାନୀ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡର ଏମଡି ତଥା ସିଇଓ ଭାବେ କେନିଚି ଆୟୁକାୱା ପୁନଃ ଅବସ୍ଥାପିତ ହୋଇଛନ୍ତି। ଏପ୍ରିଲ ପହିଲା ଠାରୁ ଆଗାମୀ ୩ ବର୍ଷ ଲାଗି ତାଙ୍କୁ ଏହି ପଦବୀରେ ନିଯୁକ୍ତ କରାଯାଇଛି। ବୁଧବାର ବସିଥିବା ବୋର୍ଡ ବୈଠକରେ ଏଭଳି ନିଷ୍ପତ୍ତି ହୋଇଥିବା କମ୍ପାନୀ ବମ୍ବେ ଷ୍ଟକ ଏକ୍ସଚେଞ୍ଜକୁ ଦେଇଥିବା ଫାଇଲିଂରେ ସୂଚନା ଦେଇଛି। ଏମ୍ଡି ତଥା ସିଇଓ ଭାବେ କାର୍ଯ୍ୟ କରିବାରେ ଏହା କେନିଚିଙ୍କର ତୃତୀୟ ପାଳି। ୨୦୧୩ରେ ସେ କମ୍ପାନୀର ମୁଖ୍ୟ ପଦବୀରେ କାର୍ଯ୍ୟ ଆରମ୍ଭ କରିଥିଲେ। ସେହିଭଳି ଟୟୋଟା କିର୍ଲୋସ୍କାର ମୋଟର୍ସ ମାରୁତି ସୁଜୁକିର କମ୍ପାକ୍ଟ ଏସ୍ୟୁଭି ଭିଟାରା ବ୍ରିଜା ୨୦୨୨ ପ୍ରାରମ୍ଭରୁ ଉତ୍ପାଦନ ପ୍ରସ୍ତାବକୁ କମ୍ପାନୀର ବୋର୍ଡ ମଞ୍ଜୁରୀ ମିଳିଛି। ଏହା ଉଭୟ ମାରୁତି ସୁଜୁକି ଏବଂ ଟୟୋଟା ସେଲସ ନେଟୱାର୍କରେ ବିକ୍ରି ହେବ।

### ଏନ୍ଆଇଏନ୍ଏଲ୍‌ରେ ରେକର୍ଡ ଉତ୍ପାଦନ

ଭୁବନେଶ୍ୱର,୨୭-୩
ନୀଳାଚଳ ଇସ୍ପାତ ନିଗମ ଲିମିଟେଡ଼(ଏନ୍ଆଇଏନ୍ଏଲ) ଚଳିତ ଆର୍ଥିକ ବର୍ଷ ମାର୍ଚ୍ଚ ୧୬ ସୁଦ୍ଧା ସର୍ବୋଚ୍ଚ ବାର୍ଷିକ ଉତ୍ପାଦନ କରିଛି। ଏହି ସମୟରେ କମ୍ପାନୀ ୧୧୨୫୭୭୦ ଟନ ସିଣ୍ଟର୍ ଉତ୍ପାଦନ କରିବାକୁ ସକ୍ଷମ ହୋଇଛି। ଏହା ପୂର୍ବରୁ ୧୧୨୪୩୦୦ ଟନ ସିଣ୍ଟର ଉତ୍ପାଦନ ଥିଲା। ମାର୍ଚ୍ଚ ମାସ ସୁଦ୍ଧା ୭୨୦୮୦୩ ଟନ ହଟ ମେଟାଲ ଉତ୍ପାଦନ କରିଛି। ଏନ୍ଆଇଏନ୍ଏଲ୍‌ର ଉପାଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଶଶୀ ଶେଖର ମହାନ୍ତି କହିଛନ୍ତି, ଭବିଷ୍ୟତରେ କମ୍ପାନୀର ଉତ୍ପାଦନ ଆହୁରି ଉନ୍ନତି ହେବ। ନିଜ ବ୍ରାଣ୍ଡର ଟିଏମ୍ଟି ଏବଂ ଓ୍ୱାୟାର ରଡ଼ ଉତ୍ପାଦନ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। କମ୍ପାନୀର ନିଜସ୍ୱ ଖଣି ମଧ୍ୟ ଅତିଶୀଘ୍ର କାର୍ଯ୍ୟକାରୀ ହେବାର ସମ୍ଭାବନା ଅଛି। ବ୍ଲାଷ୍ଟ ଫର୍ନେସର କ୍ୟାପିଟାଲ କାର୍ଯ୍ୟ କଳାପରେ ହଟ ମେଟାଲ ଉତ୍ପାଦନରେ ଉନ୍ନତି ହୋଇଛି।

■ପାଇଲଟଙ୍କୁ ଏୟାର ଇଣ୍ଡିଆର ନିର୍ଦ୍ଦେଶ

### ଡ୍ୟୁଟି ବେଳେ ସ୍ୱତନ୍ତ୍ର ଖାଦ୍ୟ ମାଗନି

ନୂଆଦିଲ୍ଲୀ,୨୭-୩: ବିମାନ ଯାତ୍ରା ବେଳେ ସ୍ୱତନ୍ତ୍ର ଖାଦ୍ୟ ନ ମାଗିବାକୁ ଏୟାର ଇଣ୍ଡିଆ ନିଜର ପାଇଲଟମାନଙ୍କୁ ନିର୍ଦ୍ଦେଶ ଦେଇଛି। କମ୍ପାନୀ ପକ୍ଷରୁ ନିର୍ଦ୍ଧାରିତ ଭୋଜନ ସାରଣୀ ପାଳନ କରିବାକୁ ସେମାନଙ୍କୁ କୁହାଯାଇଛି। ଏୟାର ଇଣ୍ଡିଆ ନିର୍ଦ୍ଦେଶକ(ପରିଚାଳନା) ଅମିତାଭ ସିଂହ ବୁଧବାର ଇ-ମେଲ୍ ଯୋଗେ ପାଇଲଟମାନଙ୍କୁ ନିୟମ ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି ଯେ, ପାଇଲଟମାନେ କେବଳ ମେଡିକାଲ କାରଣରୁ ସ୍ୱତନ୍ତ୍ର ଖାଦ୍ୟ ମଗାଇପାରିବେ, କିନ୍ତୁ ତାହା ମଧ୍ୟ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ହେବ। ନିଜ ନାମ ଗୋପନ ରଖି ଜଣେ ଅଧିକାରୀ କହିଛନ୍ତି ଯେ, ବିମାନ ଉଡ଼ାଣ ବେଳେ ପାଇଲଟମାନେ ବର୍ଗର ଓ ସୁପ୍ ଭଳି ସ୍ୱତନ୍ତ୍ର ଖାଦ୍ୟ ମଗାଉଛନ୍ତି ବୋଲି ଅଭିଯୋଗ ହୋଇଛି। ଏହି କାରଣରୁ ଏୟାର ଇଣ୍ଡିଆର ଖାଦ୍ୟ ଖର୍ଚ୍ଚ ବଢ଼ୁଛି ଏବଂ ଖାଦ୍ୟ ପରିଚାଳନା ମଧ୍ୟ ପ୍ରଭାବିତ ହେଉଛି।

---

" ବଜାରକୁ ଆସିଥିବା ନୂଆ ବୁଲେଟ ଟ୍ରାଏଲ୍ସ ୩୫୦ ଏବଂ ୫୦୦ ବାଇକ ଉତ୍ସାହୀଙ୍କ ଦ୍ୱାରା ଆଦୃତ ହେବା ନେଇ ଆଶାବାଦୀ ।

–ମାର୍କ ୱେଲ୍ସ, ଗ୍ଲୋବାଲ ପ୍ରଡକ୍ଟ ହେଡ୍, ରୟାଲ ଏନଫିଲ୍ଡ



" କୃଷକଙ୍କୁ ସେମାନଙ୍କ ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟ ପ୍ରଦାନ ଲାଗି ବିଭିନ୍ନ ପଦକ୍ଷେପ ନେବାର ଆବଶ୍ୟକତା ରହିଛି।

–ଅମିତାଭ କାନ୍ତ, ନୀତି ଆୟୋଗ ସିଇଓ



# ଲକ୍ଷ୍ୟଠାରୁ ବହୁ ଦୂରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା

ନୂଆଦିଲ୍ଲୀ,୨୭-୩



ପ୍ରତିଶ୍ରୁତି ପୂରଣରେ ବିଫଳ ହୋଇଛି ପ୍ରଧାନମନ୍ତ୍ରୀ ଆବାସ ଯୋଜନା। ଏହା ଏତେ ଧିମା ଗତିରେ ଆଗୋଉଛି ଯେ, ଲକ୍ଷ୍ୟପୂରଣ ଦୂରର କଥା, ଏହା ଲକ୍ଷ୍ୟଠାରୁ ବହୁ ଦୂରରେ ରହିଛି। ୨୦୨୨ ସୁଦ୍ଧା ସମସ୍ତଙ୍କୁ ଘର ଦେବାର ସ୍ୱପ୍ନ ଦେଖୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲକ୍ଷ୍ୟ ପୂରଣ ହେବା ନେଇ ଏବେ ସନ୍ଦେହ ଉପୁଜିଲାଣି।

ରିଏଲ ଇଷ୍ଟେଟ ପରାମର୍ଶଦାତା କମ୍ପାନୀ ଏନରିକର ରିପୋର୍ଟ ଅନୁଯାୟୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍ଏୱାଇ) ଅଧୀନରେ ଘର ନିର୍ମାଣ ଧିମାଗତିରେ ଚାଲିଛି। ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ରିପୋର୍ଟ ଅନୁସାରେ ପିଏମ୍ଏୱାଇ ଅନ୍ତର୍ଗତରେ ମଞ୍ଜୁର ୭୯ ଲକ୍ଷ ଘର ମଧ୍ୟରୁ ମାତ୍ର ୩୯ ପ୍ରତିଶତ ନିର୍ମାଣ ହୋଇପାରିଛି। ମଞ୍ଜୁରୀପ୍ରାପ୍ତ ଘର ମଧ୍ୟରୁ ୨୦% ନିର୍ମାଣ ସରିଛି ଓ ୧୯%ରେ ଲୋକେ ବସବାସ ଆରମ୍ଭ କରିଛନ୍ତି। ରିପୋର୍ଟରେ କୁହାଯାଇଛି ଯେ, କେନ୍ଦ୍ର ସରକାର ମଞ୍ଜୁର କରିଥିବା ପ୍ରକଳ୍ପ ପାଇଁ ମାତ୍ର ୩୩% ଅର୍ଥ ପ୍ରଦାନ କରିଛନ୍ତି। ରିପୋର୍ଟ ଅନୁସାରେ ଦେଶରେ ୭ ବଡ଼ ସହରରେ ନୂଆ ଘର ଯୋଗାଣ ଗତ ୫ ବର୍ଷରେ ୬୪% ହ୍ରାସ ପାଇଛି। ୨୦୧୪ରେ ଯେଉଁଠି ୫.୪୫ ଲକ୍ଷ ହାଉସିଂ ୟୁନିଟ ବିକ୍ରି ହୋଇଥିଲା ୨୦୧୮ରେ ଏହା ଖସି ଆସି ୧.୯୫ ଲକ୍ଷ ୟୁନିଟରେ ପହଞ୍ଚିଛି। କେବଳ ଏତିକି ନୁହେଁ ଘର ବିକ୍ରି ମଧ୍ୟ ଗତ ୫ ବର୍ଷରେ ୨୮% ହ୍ରାସ ପାଇଛି। ୨୦୧୪ରେ ୩.୪୩ ଲକ୍ଷ ଘର ବିକ୍ରି ହୋଇଥିବା ବେଳେ ଗତ ବର୍ଷ ମାତ୍ର ୨.୪୮ ଲକ୍ଷ ବିକ୍ରି ହୋଇଛି। ଅନ୍ୟପକ୍ଷରେ ବ୍ରୋକରେଜ କମ୍ପାନୀ ଏନରକ ରିପୋର୍ଟ ଅନୁଯାୟୀ ଦେଶର ୭ ପ୍ରମୁଖ ସହରରେ ଗତ ୫ ବର୍ଷରେ ଘର ଦାମ୍ ୭ ପ୍ରତିଶତ ବଢ଼ିଛି। ଅନ୍ୟପକ୍ଷରେ ଏହି ସମୟରେ ଚାହିଦା ୨୮% କମିଛି। ଫଳରେ ଏହି ଅବଧିରେ ଘର ଯୋଗାଣ ୬୪% କମିଥିବା ଦେଖାଯାଇଛି। ତେବେ ଏନରକ୍ ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଅନୁଜ ପୁରୀଙ୍କ କହିବାନୁଯାୟୀ, ଭାରତୀୟ ରିଏଲ ଇଷ୍ଟେଟ ସେକ୍ଟର ନିଜର ଛବି ସୁଧାରିବା ଲାଗି ଅନେକ ପଦକ୍ଷେପ ନେଇଛି। ପରିସଂଖ୍ୟାନ ଅନୁଯାୟୀ, ମୁଦ୍ରାସ୍ଫୀତିକୁ ସାମିଲ କଲେ ଜଣାପଡୁଛି ଯେ, ବାସ୍ତବରେ ଘର ଦାମ କମିଛି। ଦିଲ୍ଲୀ-ଏନସିଆର୍, ମୁମ୍ବାଇ ମହାନଗର କ୍ଷେତ୍ର, ଚେନ୍ନାଇ, କୋଲକାତା, ବେଙ୍ଗାଲୁରୁ, ହାଇଦ୍ରାବାଦ ଓ ପୁଣେ ସହରକୁ ସର୍ଭେରେ ସାମିଲ କରାଯାଇଥିଲା।

■କେନ୍ଦ୍ର ଅର୍ଥମନ୍ତ୍ରିତ୍ୱ ନେଇ କଳ୍ପନାଜଳ୍ପନା

# ଦାୟିତ୍ୱ ମିଳିଲେ ଭାରତ ଫେରିବାକୁ ପ୍ରସ୍ତୁତ: ରାଜନ

ନୂଆଦିଲ୍ଲୀ,୨୭-୩



ଏନ୍‌ଡିଏ ସରକାରରେ ରିଜର୍ଭ ବ୍ୟାଙ୍କର ଗଭର୍ନର ଭାବେ ଦ୍ୱିତୀୟ ଥର ସୁଯୋଗ ନ ପାଇ ଆମେରିକା ଫେରିଥିବା ରଘୁରାମ ରାଜନ ପୁନର୍ବାର ଭାରତ ଫେରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଦାୟିତ୍ୱ ମିଳିଲେ ସେ ଭାରତ ଫେରିବାକୁ ପ୍ରସ୍ତୁତ ଅଛନ୍ତି। ସାଧାରଣ ନିର୍ବାଚନରେ ବିରୋଧୀ ଦଳ ନେତୃତ୍ୱାଧୀନ ମେଣ୍ଟ କ୍ଷମତାକୁ ଫେରିଲେ ରାଜନଙ୍କୁ କେନ୍ଦ୍ର ଅର୍ଥମନ୍ତ୍ରୀ ଭାବେ ଅବସ୍ଥାପିତ କରାଯିବ ବୋଲି ଆଲୋଚନା ହେଉଥିବା ବେଳେ ତାଙ୍କର ଏତାଦୃଶ ବୟାନ ବିଶେଷ ଗୁରୁତ୍ୱ ବହନ କରୁଛି। ଏନେଇ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ରାଜନଙ୍କୁ ସଙ୍କେତ ମଧ୍ୟ ଦିଆଯାଇଛି। ବର୍ତ୍ତମାନ ସିକାଗୋ ୟୁନିଭର୍ସିଟି ଅଧୀନ ବୁଥ୍ ସ୍କୁଲ୍ ଅଫ୍ ବିଜନେସରେ ଫାଇନାନ୍ସ ପ୍ରଫେସର ଦାୟିତ୍ୱ ତୁଲାଉଥିବା ରାଜନ କହିଛନ୍ତି ଯେ, ନିଜର ବର୍ତ୍ତମାନର ଦାୟିତ୍ୱରେ ସେ ଖୁସି। କିନ୍ତୁ ନୂଆ ସୁଯୋଗ ମିଳିଲେ ଏଥିପାଇଁ ସେ ପ୍ରସ୍ତୁତ ଅଛନ୍ତି। ଉଲ୍ଲେଖଥାଉ କି, ୨୦୧୬ ସେପ୍ଟେମ୍ବରରେ ଆର୍‌ବିଆଇ ଗଭର୍ନର ପଦ ଛାଡ଼ିଥିଲେ। ଏନ୍‌ଡିଏ ସରକାର ତାଙ୍କ କାର୍ଯ୍ୟକାଳକୁ ଆଉ ବଢ଼ାଇ ନ ଥିଲେ। ସୁଧ ହାର ଓ ବୟାନକୁ ନେଇ ସରକାର ଓ ରାଜନଙ୍କ ମଧ୍ୟରେ ତୀବ୍ର ମତଭେଦ ଥିଲା।

## ଚାଷୀଙ୍କୁ ସବ୍‌ସିଡି ଦେବାରେ ଭାରତ ବହୁ ପଛରେ

ନୂଆଦିଲ୍ଲୀ,୨୭-୩

ଭାରତୀୟ ଚାଷୀଙ୍କ ଅପେକ୍ଷା ପାଶ୍ଚାତ୍ୟ ଦେଶରେ ବହୁ ବିଲିୟନ ସବ୍‌ସିଡି ଦିଆଯାଉଛି। ଏହା ଆଉ କେହି ନୁହେଁ କେନ୍ଦ୍ର ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ବାଣିଜ୍ୟ ସଚିବ ଅନୁପ ୱଧାୱନ କହିଛନ୍ତି ଯେ, ଭାରତ ପ୍ରତି ଚାଷୀଙ୍କୁ ବାର୍ଷିକ ୨୫୦ ଡଲାର ସବ୍‌ସିଡି ଦେଉଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ, ସବ୍‌ସିଡି ଦେବାକୁ ନେଇ ସମସ୍ୟା ହେଉଛି। କାରଣ ଏହା ବ୍ୟବସ୍ଥିତ ନୁହେଁ। ଏହି ମାମଲାରେ ଭାରତକୁ ଅନ୍ୟ ଦେଶରୁ ଶିକ୍ଷାଲାଭ କରିବାକୁ ହେବ।

ୱଧାୱନ କହିଛନ୍ତି ଯେ, ୟୁରୋପୀୟ ସଂଘ(ଇୟୁ) ଏବଂ ଆମେରିକା ସହିତ ବିକଶିତ ଦେଶଗୁଡ଼ିକ ବିଶ୍ୱ ବାଣିଜ୍ୟ ସଂଗଠନ(ଡବ୍ଲ୍ୟୁଟିଓ)ରେ ଭାରତ ବିରୋଧରେ ସବ୍‌ସିଡିକୁ ନେଇ ଅଭିଯୋଗ କରୁଛନ୍ତି। ଭାରତ ନିଜର ଚାଷୀଙ୍କୁ ଅଧିକ ସବ୍‌ସିଡି ଦେଉଛି ବୋଲି ସେମାନେ କହୁଛନ୍ତି। ତେବେ ଡବ୍ଲ୍ୟୁଟିଓ ଦ୍ୱାରା ଧାର୍ଯ୍ୟ ୧୦% ଠାରୁ କମ୍ ସବ୍‌ସିଡି ଚାଷୀଙ୍କୁ ଦିଆଯାଉଛି ବୋଲି ଭାରତ ବାରମ୍ବାର କହିଆସୁଛି। ରପ୍ତାନି ସବ୍‌ସିଡି ମାମଲାରେ ଭାରତକୁ ଆମେରିକା ଡବ୍ଲ୍ୟୁଟିଓ ବିବାଦ ସମାଧାନ ମଞ୍ଚକୁ ଟାଣିଛି। ଏକ ସମାରୋହରେ ଯୋଗ ଦେଇ ୱଧାୱନ କହିଛନ୍ତି ଯେ, ଆମେରିକା ସମେତ ଇୟୁ ଦେଶଗୁଡ଼ିକ ନିଜ ଚାଷୀଙ୍କୁ ଭାରି ମାତ୍ରାରେ ସବ୍‌ସିଡି ଦେଉଛନ୍ତି, ଅଥଚ ଚତୁରତାର ସହ ଏହାକୁ ଡବ୍ଲ୍ୟୁଟିଓ ମାନଦଣ୍ଡ ଅନୁଯାୟୀ ବୋଲି ଦର୍ଶାଉଛନ୍ତି।

## ୫୫ କୋଟିରେ ବିକ୍ରି ହେଲା ନୀରବ ମୋଦିଙ୍କ ପେଣ୍ଟିଂ



ମୁମ୍ବାଇ,୨୭-୩

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ରୁ ପ୍ରାୟ ସାଢ଼େ ୧୩ ହଜାର କୋଟି ଠକି ଲଣ୍ଡନ ପଳାଇଥିବା ହୀରା ବ୍ୟବସାୟୀ ନୀରବ ମୋଦିଙ୍କ ୬୮ ପେଣ୍ଟିଂର କଲେକ୍ସନକୁ ନିଲାମୀ ମାଧ୍ୟମରେ ବିକ୍ରି କରାଯାଇ ପ୍ରାୟ ୫୫ କୋଟି ଟଙ୍କା ସଂଗ୍ରହ କରାଯାଇଛି। ବିଖ୍ୟାତ ଚିତ୍ରକର ରାଜା ରବି ବର୍ମାଙ୍କ ଏକ ପେଣ୍ଟିଂ ସର୍ବାଧିକ ୧୪ କୋଟି ଟଙ୍କାରେ ବିକ୍ରି ହୋଇଛି। ଏହାବ୍ୟତୀତ ଏଫ୍.ଏନ୍. ସୁଜାଙ୍କ ପେଣ୍ଟିଂ ବିକ୍ରିରୁ ମିଳିଛି ୯୦ ଲକ୍ଷ ଟଙ୍କା। ଏହାଛଡ଼ା ଯୋଗେନ ଚୌଧୁରୀଙ୍କ ୪୬ ଲକ୍ଷ, ଭୁପେନ ଖାଖରଙ୍କ ୩୫ ଲକ୍ଷ ଏବଂ କେ.କେ.ହେବରଙ୍କ ପେଣ୍ଟିଂ ୪୦ ଲକ୍ଷ ଟଙ୍କାରେ ବିକ୍ରି ହୋଇଛି। ୯୫ କୋଟି ଟଙ୍କାର ବକେୟା ଟିକସ ଆଦାୟ ଲାଗି ଆୟକର ବିଭାଗ ପକ୍ଷରୁ ଏହି ନିଲାମ ଆହ୍ୱାନ କରାଯାଇଥିଲା।

## ଜିଡିପି ଅନୁପାତରେ ନଗଦ କମିଛି

ମୁମ୍ବାଇ,୨୭-୩

**ବିମୁଦ୍ରୀକରଣ ପରେ**

ବିମୁଦ୍ରୀକରଣ ପରେ ଗତ ଦୁଇବର୍ଷ ଭିତରେ ମୋଟ ଘରୋଇ ଉତ୍ପାଦ(ଜିଡିପି) ଅନୁପାତରେ ପ୍ରଚଳନରେ ଥିବା ନଗଦ ଟଙ୍କା ପୂର୍ବାପେକ୍ଷା ୧% ହ୍ରାସ ପାଇ ୧୦.୪୮%ରେ ପହଞ୍ଚିଛି। କେନ୍ଦ୍ର ସରକାର କଳାଧନ ଉପରେ କଟକଣା ଲଗାଇବାକୁ ଯାଇ ୨୦୧୬ ନଭେମ୍ବର ୮ରେ ବିମୁଦ୍ରୀକରଣ ଲାଗୁ କରି ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍‌କୁ ଅଚଳ କରିଦେଇଥିଲେ। ଜଣେ ଅଧିକାରୀ କହିଛନ୍ତି ଯେ, ୨୦୧୬ରେ ପ୍ରଚଳନରେ ଥିବା ନଗଦର ପରିମାଣ ୧୧.୫୫% ଥିଲା, ଯାହାକି ଦୁଇବର୍ଷ ପରେ ହ୍ରାସ ପାଇ ୧୦.୪୮% ହୋଇଛି। ଏଥିରୁ ଜଣାପଡିଛି ଯେ, ଅର୍ଥ ବ୍ୟବସ୍ଥାରେ ପ୍ରଚଳନରେ ଥିବା ମୁଦ୍ରା ହ୍ରାସ ପାଇଛି। ବିମୁଦ୍ରୀକରଣ ପରେ ନିର୍ଦ୍ଧାରିତ ସମୟରେ ବ୍ୟାଙ୍କରେ ୧୫.୩୧ ଲକ୍ଷ କୋଟି ଟଙ୍କା ମୂଲ୍ୟର ନୋଟ ଜମା ହୋଇଥିଲା। ୨୦୧୬ ନଭେମ୍ବର ୮ରେ ୯୯.୩% ଅର୍ଥାତ୍ ୧୫.୪୧ ଲକ୍ଷ କୋଟି ଟଙ୍କାର ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ପ୍ରଚଳନରେ ଥିଲା। ନଗଦ ଆଧାରିତ ଅର୍ଥନୀତିକୁ ହ୍ରାସ କରି ଡିଜିଟାଲ ଦେୟକୁ ପ୍ରୋତ୍ସାହିତ କରିବା ବିମୁଦ୍ରୀକରଣର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ୨୦୧୬ ନଭେମ୍ବର ୪ରେ ୧୭.୭୪ ଲକ୍ଷ କୋଟି ଟଙ୍କାର ନୋଟ ପ୍ରଚଳନରେ ଥିଲା, ଯାହାକି ୨୦୧୯ ମାର୍ଚ୍ଚ ୨୨ସୁଦ୍ଧା ବୃଦ୍ଧି ପାଇ ୨୧.୨୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଯାଇଛି। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଜାରି ସର୍କୁଲାର ଅନୁଯାୟୀ, ବିମୁଦ୍ରୀକରଣ ଲାଗୁ କରାଯାଇ ନ ଥିଲେ ମାର୍ଚ୍ଚ ୨୦୧୯ ସୁଦ୍ଧା ୨୪.୫୫ ଲକ୍ଷ କୋଟି ଟଙ୍କା ପ୍ରଚଳନରେ ରହିଥାନ୍ତା। ବର୍ତ୍ତମାନ ପ୍ରଚଳନରେ ଥିବା ନୋଟ୍ ସଂଖ୍ୟାଠାରୁ ଏହା ୩ ଲକ୍ଷ କୋଟି ଟଙ୍କା ଅଧିକ ହୋଇଥାନ୍ତା। ଡିଜିଟାଲ ନେଣଦେଣ ସମ୍ପର୍କରେ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ ଯେ, ୨୦୧୬ ଅକ୍ଟୋବରରେ ୭୧.୧୯ କୋଟି ଟଙ୍କାର ଡିଜିଟାଲ ନେଣଦେଣ ହେଉଥିବା ବେଳେ ଦୁଇବର୍ଷ ପରେ ଅକ୍ଟୋବର,୨୦୧୮ ସୁଦ୍ଧା ଏହା ବଢ଼ି ୨୧୦.୩୨ କୋଟି ଟଙ୍କାରେ ପହଞ୍ଚିଯାଇଛି। ନେଣଦେଣ ମୂଲ୍ୟ ଏହି ଅବଧିରେ ୮୭.୬୮ ଲକ୍ଷ କୋଟି ଟଙ୍କାରୁ ବଢ଼ି ୧୩୫.୯୭ କୋଟି ଟଙ୍କା ହୋଇଛି।

## ତଦନ୍ତ ଟିମ୍‌ର ଲଣ୍ଡନ ଯାତ୍ରା

ନୂଆଦିଲ୍ଲୀ,୨୭-୩

**ନୀରବ ମୋଦି ମାମଲା**

ଆସନ୍ତା ଶୁକ୍ରବାର ଲଣ୍ଡନର ୱେଷ୍ଟମିନ୍‌ଷ୍ଟର କୋର୍ଟରେ ନୀରବ ମୋଦି ମାମଲାର ଶୁଣାଣି ହେବ। ସେହିଦିନ ତାଙ୍କର ଜାମିନ ଆବେଦନର ମଧ୍ୟ ଶୁଣାଣି ହେବାକୁ ଯାଉଛି। ଏହି ମାମଲାରେ ସ୍ଥାନୀୟ ସରକାରୀ ଓକିଲଙ୍କୁ ସହାୟତା କରିବା ଉଦ୍ଦେଶ୍ୟରେ ସିବିଆଇ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ଏକ ଯୁଗ୍ମ ଦଳ ଲଣ୍ଡନ ଉଦ୍ଦେଶ୍ୟରେ ଯାତ୍ରାରମ୍ଭ କରିଛନ୍ତି। ଉଭୟ ଏଜେନ୍ସିର ଯୁଗ୍ମ ନିର୍ଦ୍ଦେଶକ ସ୍ତରୀୟ ଅଧିକାରୀଙ୍କ ନେତୃତ୍ୱରେ ଏହି ଦଳ ଯାଇଛନ୍ତି। ଇଡ଼ି ପକ୍ଷରୁ ନୀରବଙ୍କ ବିରୋଧରେ ଦାଖଲ କରାଯାଇଥିବା ସଦ୍ୟତମ ଚାର୍ଜଶିଟ୍ ଓ ତାଙ୍କ ସ୍ତ୍ରୀ ଆମି ମୋଦିଙ୍କ ବିରୋଧରେ ଜାରି କରାଯାଇଥିବା ଏନ୍‌ବିଡବ୍ଲ୍ୟୁ ସଂକ୍ରାନ୍ତୀୟ କାଗଜପତ୍ର ଲଣ୍ଡନ କୋର୍ଟରେ ଦାଖଲ କରାଯିବ ବୋଲି ଜଣାପଡିଛି। ଏହାଛଡ଼ା ଭାରତୀୟ ଯାଞ୍ଚ ଦଳ କ୍ରାଉନ ପ୍ରୋସିକ୍ୟୁସନ ସର୍ଭିସର ଅଧିକାରୀ ଓ ଅନ୍ୟମାନଙ୍କୁ ଭେଟିବେ। ବର୍ତ୍ତମାନ ନୀରବ ଲଣ୍ଡନ ଜେଲ୍‌ରେ ବନ୍ଦୀ ଜୀବନଯାପନ କରୁଛନ୍ତି।

## ଏୟାରପୋର୍ଟ ବ୍ୟବସାୟରେ ଟାଟା

ନୂଆଦିଲ୍ଲୀ,୨୭-୩

ଟାଟା ଗ୍ରୁପ୍ ଏୟାରପୋର୍ଟ ବ୍ୟବସାୟରେ ପ୍ରବେଶ କରି ଜିଏମ୍ଆର୍ ଏୟାରପୋର୍ଟସ ଲିମିଟେଡରେ ନିବେଶ କରିବାକୁ ଯାଉଛି। ଟାଟା, ସିଙ୍ଗାପୁରର ସୋଭେରନ ୱେଲ୍‌ଥ ଫଣ୍ଡର ୟୁନିଟ ଜିଆଇସି ଏବଂ ଏସ୍ଏସ୍‌ଜି କ୍ୟାପିଟାଲ ମ୍ୟାନେଜମେଣ୍ଟକୁ ନେଇ ଗଠିତ କନ୍‌ସୋର୍ଟିୟମ ଏଥିରେ ୮ ହଜାର କୋଟି ଟଙ୍କା ନିବେଶ କରିବେ। ଜିଏମ୍ଆର୍ ଏୟାରପୋର୍ଟର ମୂଳ କମ୍ପାନୀ ଜିଏମ୍ଆର୍ ଇନଫ୍ରାଷ୍ଟ୍ରକ୍‌ଚର ଲିମିଟେଡ ବୁଧବାର ଏ ସମ୍ପର୍କରେ ଷ୍ଟକ୍ ମାର୍କେଟକୁ ସୂଚନା ଦେଇଛି। ନିବେଶ ପ୍ରସ୍ତାବ ଅନୁଯାୟୀ, ଏହି କନସୋର୍ଟିୟମ ୧୦୦୦ କୋଟି ଟଙ୍କା ଜିଏମ୍ଆର୍ ଏୟାରପୋର୍ଟସରେ ନିବେଶ କରିବେ। ଅବଶିଷ୍ଟ ୭ ହଜାର କୋଟି ଟଙ୍କା ବଦଳରେ ଜିଏମ୍ଆର ଏୟାରପୋର୍ଟର ଶେୟାର କିଣାଯିବ। ଏହାପରେ ଟାଟାକୁ ଜିଏମ୍ଆର୍ ଏୟାରପୋର୍ଟ୍ସର ୨୦% , ଜିଆଇସିକୁ ୧୫% ଓ ଏସ୍ଏସ୍‌ଜିକୁ ୧୦% ଶେୟାର ମିଳିବ। ଜିଏମ୍ଆର୍ ଏୟାରପୋର୍ଟ୍ସର ମୂଲ୍ୟ ୧୮୦ ବିଲିୟନ ଟଙ୍କା ହିସାବରେ ଧାର୍ଯ୍ୟ କରାଯାଇ ଏହି ଡିଲ୍ ହୋଇଛି। ସୂଚନାଥାଉ କି, ଏସିଆର ୬ଷ୍ଠ ସର୍ବବୃହତ୍ ବିମାନ ବନ୍ଦର କୁହାଯାଉଥିବା ଦିଲ୍ଲୀ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟର ପରିଚାଳନା ଭାର ଜିଏମ୍ଆର୍ ହାତରେ ରହିଛି। ହାଇଦ୍ରାବାଦ ଓ ଫିଲିପାଇନ୍ସର କେବୁ ସହରରେ ଥିବା ବିମାନବନ୍ଦରକୁ ଜିଏମ୍ଆର୍ ଏୟାରପୋର୍ଟ ଅପରେଟ କରୁଛି।

---

## ଅର୍ଥର ଅର୍ଥ



Rupkumar Pradhan
CERTIFIED FINANCIAL PLANNER^CM
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

# ରୋଜଗାର ଆରମ୍ଭରୁ ନିଅନ୍ତୁ ଆଜୀବନ ବୀମା ସୁରକ୍ଷା

**▸ ମୋର ବୟସ ୩୨ ବର୍ଷ , ୧ ବର୍ଷର ଝିଅଟିଏ ଅଛି। ୩ ଲକ୍ଷ-ଟଙ୍କାର ଜୀବନ ବୀମା ପଲିସି ଅଲଗା ଅଲଗା କମ୍ପାନୀର ଅଛି । ମୁଁ ଚାକିରି କରିଥିବା କମ୍ପାନୀ ପ୍ରଦତ୍ତ ୧୦ ଲକ୍ଷ-ଟଙ୍କାର ଟର୍ମ ପ୍ଲାନ ଅଛି । ମୁଁ ଭାବୁଛି ଏଲ୍ଆଇସିର 'ଜୀବନ ଆନନ୍ଦ' ପଲିସି କିଣିବା ଭଲ ହେବ । କିନ୍ତୁ ମୋ ସାଙ୍ଗ କହୁଛି ଟର୍ମ ପ୍ଲାନ କିଣିବା ଉଚିତ ହେବ । ଏ କ୍ଷେତ୍ରରେ କେଉଁ ପଲିସି କିଣିବା ମୋ ପାଇଁ ଠିକ୍ ହେବ ?**

**– ଅମରେନ୍ଦ୍ର ଶତପଥୀ**

■ ପ୍ରାୟତଃ ଅଧିକାଂଶ ଭାରତୀୟ ଭାବନ୍ତି ଯେ ସେମାନେ ଯଥେଷ୍ଟ ଜୀବନ ବୀମା ସୁରକ୍ଷା ପଲିସି କିଣିଛନ୍ତି । କିନ୍ତୁ ବାସ୍ତବ କ୍ଷେତ୍ରରେ ଏହା ଏକ ଭ୍ରାନ୍ତ ଧାରଣା । ଜୀବନ ବୀମା ସୁରକ୍ଷାର ଆବଶ୍ୟକତା କେତେ ରହିଛି ? ଜୀବନ ବୀମା ସୁରକ୍ଷା ନିଜ କ୍ଷେତ୍ରରେ ଯଥେଷ୍ଟ କି ? ଏଭଳି ପ୍ରସଙ୍ଗକୁ ଭଲ ଭାବେ ସମୀକ୍ଷା ଓ ହିସାବ କରିବା ପରେ ହିଁ ପ୍ରକୃତ ଜୀବନ ବୀମା ସୁରକ୍ଷାର ମହତ୍ତ୍ୱ କ'ଣ ତାହା ଜଣା ପଡିଥାଏ । ଜୀବନ ବୀମା ସୁରକ୍ଷା କଥା ବିଚାରକୁ ନେଲେ ଜଣା ପଡିବ ଯେ, ଆପଣଙ୍କ କମ୍ପାନୀ ପ୍ରଦାନ କରୁଥିବା ଟର୍ମ ପ୍ଲାନର ସୁବିଧା ଠାରୁ ଆଜୀବନ ଜୀବନ ବୀମା ସୁରକ୍ଷା ପଲିସି ଅଧିକ ଗୁରୁତ୍ୱ ରଖିଥାଏ । କମ୍ପାନୀରେ କାମ କରୁଥିବା ପର୍ଯ୍ୟନ୍ତ ଟର୍ମ ପ୍ଲାନର ଜୀବନ ବୀମା ସୁରକ୍ଷା ମିଳିବ। କିନ୍ତୁ କମ୍ପାନୀ ପରିବର୍ତ୍ତନ କିମ୍ବା ଚାକିରି ଛାଡିବା ପରେ ଆଉ ଜୀବନ ବୀମା ସୁରକ୍ଷା ସୁବିଧା ମିଳି ନ ଥାଏ । ଏହାକୁ ଧ୍ୟାନରେ ରଖି ନିଜର ଜୀବନ ବୀମା ସୁରକ୍ଷା ଓ କମ୍ପାନୀ ପ୍ରଦତ୍ତ ଜୀବନ ବୀମା ସୁରକ୍ଷାକୁ ଅଲଗା କରିବା ଉଚିତ ହେବ । ଏହାକୁ ଭଲ ଭାବେ ବିଚାର କରିବା ବୁଦ୍ଧିମାନର କାର୍ଯ୍ୟ। କମ୍ପାନୀ ଦେଉଥିବା ଜୀବନ ବୀମା ସୁରକ୍ଷାକୁ ଏକ ବୋନସ୍ ଉପହାର ହିସାବରେ ଦେଖନ୍ତୁ। ଏହାକୁ ବୁଝିବାର ଆବଶ୍ୟକତା ରହିଛି। ପରିବାରର ଆର୍ଥିକ ସୁରକ୍ଷା ନିଶ୍ଚିତ କରିବା ଦିଗରେ କମ୍ପାନୀର ଟର୍ମ ପ୍ଲାନ ମୁଖ୍ୟ ବୀମା ସୁରକ୍ଷା ପଲିସି ବୋଲି କେବେ ବି ଭାବନ୍ତୁ ନାହିଁ । କାରଣ କମ୍ପାନୀ ଚାକିରି ଛାଡିବା ପରେ ଏହି ଜୀବନ ବୀମା ସୁରକ୍ଷା ଆଉ ରହିବ ନାହିଁ ।

ରୋଜଗାର ଆରମ୍ଭ କରିବା ସମୟରୁ ହିଁ ଏକ ଆଜୀବନ ଜୀବନ ବୀମା ସୁରକ୍ଷା କିଣିନେବା ବୁଦ୍ଧିମାନର କାର୍ଯ୍ୟ। ଭାରତୀୟ ଜୀବନ ବୀମା ନିଗମ(ଏଲ୍ଆଇସି)ର 'ଜୀବନ ଆନନ୍ଦ' ଏକ ସୁବିଧା ପଲିସି । ଏହା ଆଜୀବନ ଜୀବନ ବୀମା ସୁରକ୍ଷା ସହ ପଲିସିର ପ୍ରିମିୟମ ଟର୍ମ ଶେଷ ପରେ ଏକ ପରିପକ୍ୱ ରାଶି ପାଇବାରେ ସହାୟତା କରିଥାଏ। ଯେତେ କମ୍ ବୟସରୁ ପଲିସିଟି କିଣିବେ ଆପଣଙ୍କ ପାଇଁ ପ୍ରିମିୟମ କମ୍ ରହିବ । ପଲିସି ନେବା ସମୟରେ ଯଦି ସୁସ୍ଥ ଅଛନ୍ତି ତେବେ ପ୍ରିମିୟମ ରାଶି କମ୍ ସହ ଆଜୀବନ ସୁରକ୍ଷା ପାଇଁ ଗ୍ୟାରେଣ୍ଟି ହୋଇ ପାରିବ । ଏହି ପଲିସି ପରିବାରର ଆର୍ଥିକ ସୁରକ୍ଷା ସୁନିଶ୍ଚିତ କରିବା ସହ ଆୟ-କର ମୁକ୍ତ ପରିପକ୍ୱ ରାଶି, ପଲିସି ଉପରେ ଋଣ କରିବା ଭଳି ଅନେକ ସୁବିଧା ଦେବ ।

ଟର୍ମ ପଲିସି (ଖାଣ୍ଟି ଜୀବନ ବୀମା ପଲିସି)- ଯଦି ପଲିସି ଟର୍ମ ଭିତରେ ଆପଣଙ୍କ ଅକାଳ ମୃତ୍ୟୁ ଘଟେ ପରିବାରକୁ ଆର୍ଥିକ ସୁରକ୍ଷା ପ୍ରଦାନ ଦିଗରେ ଏହା କାର୍ଯ୍ୟ କରିଥାଏ। ଏହା ବ୍ୟତୀତ ଅନ୍ୟ କିଛି ସୁବିଧା ଏଥିରେ ମିଳି ନ ଥାଏ। ଅବସର ଗ୍ରହଣ କରିଥିବା ଅନେକ ବ୍ୟକ୍ତି ଟର୍ମ ପ୍ଲାନର ଅବଧି ଶେଷ ହେବା ପରେ ଅସନ୍ତୋଷ ପ୍ରକାଶ କରନ୍ତି। କାରଣ ଏତେ ଦିନ ପ୍ରିମିୟମ ଦେବା ପରେ ବି ଆଜୀବନ ବୀମା ସୁରକ୍ଷା ମିଳେ ନାହିଁ । କମ୍ପାନୀରୁ ଚାକିରି ଛାଡିବା ପରେ ଆଜୀବନ ବୀମା ସୁରକ୍ଷା ମିଳି ନ ଥାଏ। ୬୦-୭୦ବର୍ଷ ବୟସରେ ଜୀବନ ବୀମା ସୁରକ୍ଷା ପଲିସିର ପ୍ରିମିୟମ ବହୁତ ଅଧିକ ଥାଏ। ହୁଏତ ଏ ବୟସରେ ଜୀବନ ବୀମା ପଲିସ ମିଳିବା ସମ୍ଭବ ହେବ ନାହିଁ। କାରଣ ସ୍ୱାସ୍ଥ୍ୟଗତ ସମସ୍ୟା ଏକ ବଡ କାରଣ ଭାବେ ଉଭା ହୋଇଥାଏ।

ନିଜ ପରିବାର ପାଇଁ ଜୀବନ ବୀମା ସୁରକ୍ଷା କିଣିବା ବେଳେ କିଛି ମୁଖ୍ୟ ଓ ପ୍ରାଧାନ୍ୟଯୁକ୍ତ ପ୍ରଶ୍ନ ନିଜକୁ ପଚାରନ୍ତୁ- କ'ଣ ଆପଣ ଜୀବିତ ଥିବା ପର୍ଯ୍ୟନ୍ତ ଆପଣଙ୍କ ପରିବାରର ଆର୍ଥିକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଜୀବନ ବୀମା ପଲିସି କିଣିବାକୁ ଚାହୁଁଛନ୍ତି କି? କିମ୍ବା କ'ଣ ଆପଣଙ୍କ ପରିବାର ସଦସ୍ୟ ବା ସେମାନେ ଜୀବିତ ଥିବା ପର୍ଯ୍ୟନ୍ତ ଆର୍ଥିକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଜୀବନ ବୀମା ପଲିସି କିଣିବାକୁ ଚାହାଁନ୍ତି କି?

ଯଦି ଉପରୋକ୍ତ ପ୍ରଶ୍ନର ଉତ୍ତର ଉଭୟଙ୍କ ପାଇଁ ହଁ ତେବେ ଆପଣ ଆଜୀବନ ଜୀବନ ବୀମା ସୁରକ୍ଷା ପଲିସି କିମ୍ବା ଟର୍ମ ପ୍ଲାନ ସହିତ ଆଜୀବନ ବୀମା ସୁରକ୍ଷା ପଲିସ କିଣିବା ଉଚିତ ହେବ।

**▸ମ୍ୟୁଚୁଆଲ ଫଣ୍ଡ ନିବେଶ ଅପେକ୍ଷା ୟୁଲିପ୍‌ରେ ନିବେଶ ଭଲ କି? ୧୫-୨୦ ବର୍ଷ ନିବେଶରେ କେଉଁ ସ୍କିମ୍ ସୀମା ଭଲ ସୁଧ ଦେବ? କେଉଁ ସ୍କିମ ଭଲ ଲାଭ ପ୍ରଦାନ କରିବ?**

**–ସୁଜାତା ମିଶ୍ର, ବ୍ରହ୍ମପୁର**

■ଶ୍ରେଷ୍ଠତା ଦୃଷ୍ଟିରୁ ୟୁଲିପ୍ ଓ ମ୍ୟୁଚୁଆଲ ଫଣ୍ଡର ପରସ୍ପର ସହିତ ତୁଳନା କରିବା ଅନୁଚିତ। ୟୁଲିପ ମୁଖ୍ୟତଃ ଏକ ବୀମା ଯୋଜନା ସହିତ ନିବେଶର ଏକ ଅଂଶ ରହିଥାଏ। କିନ୍ତୁ ମ୍ୟୁଚୁଆଲ ଫଣ୍ଡ ଏକ ପାଣ୍ଠି ନିବେଶ ଯୋଜନା। ଏ ବିଷୟରେ ଭଲ ଭାବରେ ବୁଝି ଆପଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପଦକ୍ଷେପ ନିଅନ୍ତୁ।

**▸ମୋର ବୟସ ୨୬ ବର୍ଷ । ମାସିକ ୩୦୦ଟଙ୍କା ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ କରିପାରିବି କି?**

**–ଅନନ୍ତ ମାଝି,ଝାରସୁଗୁଡା**

■ହଁ ଆପଣ ମାସିକ ୩୦୦ ଟଙ୍କା ମ୍ୟୁଚୁଆଲ ଫଣ୍ଡ ସିଷ୍ଟମେଟିକ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ (ଏସ୍ଆଇପି) ମାଧ୍ୟମରେ ନିବେଶ କରିପାରିବେ।

**ଆମ ଠିକଣା**
ବିଜ୍‌ନେସ ଧରିତ୍ରୀ
ଧରିତ୍ରୀ, ବି-୧୫, ରସୁଲଗଡ
ଶିଳ୍ପାଞ୍ଚଳ,
ଭୁବନେଶ୍ୱର - ୧୦



“ଇଣ୍ଡିଆ ଓପନ୍‌ର ପ୍ରଥମ ରାଉଣ୍ଡ ମ୍ୟାଚ୍ ମୋ ଲାଗି ସହଜ ଥିଲା । ଏବେ ପରବର୍ତ୍ତୀ ମ୍ୟାଚ୍ ଉପରେ ଫୋକସ୍ କରିବି ।
– ପି. ଭି. ସିନ୍ଧୁ, ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି



“ଚେନ୍ନାଇ ସୁପର୍ କିଙ୍ଗ୍ସ ଗୋଟିଏ ଭଲ ଫିଲ୍ଡିଂ ଦଳ ହୋଇ ନ ପାରେ। କିନ୍ତୁ ଏହାର ଖେଳାଳିଙ୍କ ଅଭିଜ୍ଞତା ବ୍ୟାଟିଂ ଓ ବୋଲିଂରେ ସହାୟକ ହୋଇଥାଏ ।
– ମହେନ୍ଦ୍ର ସିଂ ଧୋନୀ, ଚେନ୍ନାଇ ସୁପର୍‌କିଙ୍ଗ୍ସ ଅଧିନାୟକ

## ସଂକ୍ଷେପରେ

### ଦ୍ୱିତୀୟ ରାଉଣ୍ଡରେ ସିନ୍ଧୁ, ଶ୍ରୀକାନ୍ତ

ନୂଆଦିଲ୍ଲୀ, ୨୭।୩(ପି.ଟି.): ପୂର୍ବତନ ଚାମ୍ପିୟନ ପି.ଭି. ସିନ୍ଧୁ ଓ କିଦାମ୍ବୀ ଶ୍ରୀକାନ୍ତ ଏଠାରେ ଚାଲିଥିବା ଇଣ୍ଡିଆ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ସେହିଭଳି ଏଚ୍.ଏସ୍. ପ୍ରଣୟ ମଧ ଦ୍ୱିତୀୟ ରାଉଣ୍ଡରେ ସ୍ଥାନ ପାଇଛନ୍ତି। ୨୦୧୭ରେ ଏଠାରେ ଟାଇଟଲ ଜିତିଥିବା ସିନ୍ଧୁ ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମୁକାବିଲା ୨୧-୮, ୨୧-୧୩ ସିଧାସଳଖ ଗେମ୍‌ରେ ସାଥୀ ଭାରତୀୟ ଖେଳାଳି ମୁଗ୍ଧା ଅଗରୀଙ୍କୁ ପରାସ୍ତ କରିଥିଲେ। ସେହିଭଳି ୨୦୧୫ ଚାମ୍ପିୟନ ଶ୍ରୀକାନ୍ତ ପୁରୁଷ ସିଙ୍ଗଲ୍ସରେ ହଂକଂର ୱଙ୍ଗ୍ ୱିଙ୍ଗ୍ କି ଭିନସେଣ୍ଟଙ୍କୁ ୨୧-୧୬, ୧୮-୨୧, ୨୧-୧୯ ଗେମ୍‌ରା ପରାସ୍ତ କରି ୨ୟ ରାଉଣ୍ଡରେ ପହଁଚିଛନ୍ତି। ପ୍ରଣୟ ମଧ ଦମ୍‌ଦାର ଆରମ୍ଭ କରିଛନ୍ତି। ପ୍ରଣୟ ଥାଇଲାଣ୍ଡର କଣ୍ଟପୋନ ୱାଙ୍ଗଚାରୋଏନଙ୍କୁ ହରାଇଛନ୍ତି। ପ୍ରଥମ ଗେମ୍‌କୁ ପ୍ରଣୟ ୧୪-୨୧ରେ ହାରିଯାଇଥିଲେ ମଧ ୨୧-୧୮, ୨୧-୧୪ରେ ପରବର୍ତ୍ତୀ ଦୁଇ ଗେମ୍ ଜିତି ମ୍ୟାଚ୍‌କୁ କବ୍‌ଜା କରିନେଇଥିଲେ। ପଞ୍ଚମ ସିଡ୍ ସମୀର ବର୍ମା ୨୧-୧୮, ୨୧-୧୨ ସିଧାସଳଖ ଗେମ୍‌ରେ ଡେନମାର୍କର ରାସମସ ଗେମ୍‌କେଙ୍କୁ ମାତ୍ ଦେଇଛନ୍ତି। ବି. ସାଇ ପ୍ରଣୀଥ୍ ମଧ ୨ୟ ରାଉଣ୍ଡରେ ପହଞ୍ଚିଛନ୍ତି। ମହିଳା ବିଭାଗରେ ରିୟା ମୁଖାର୍ଜୀ ୨୧-୧୭, ୨୧-୧୫ରେ ଥାଇଲାଣ୍ଡର ଫିତତାୟାପର୍ନ ଚାଇୱାନଙ୍କୁ ପରାସ୍ତ କରିଛନ୍ତି।

### ସିରିଜ କବ୍‌ଜା କଲା ଅଷ୍ଟ୍ରେଲିଆ

ଆବୁଧାବି, ୨୭।୩: ଘରୋଇ ପାକିସ୍ତାନ ବିପକ୍ଷରେ ବୁଧବାର ଏଠାରେ ଅନୁଷ୍ଠିତ ୩ୟ ଦିନିକିଆ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ୮୦ ରନରେ ଜିତିନେଇଛି। ଟସ୍ ଜିତି ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ୫୦ ଓଭରରେ ୬ ଉଇକେଟ୍ ହରାଇ ୨୬୬ ରନ କରିଥିଲା। ଚମତ୍କାର ଫର୍ମରେ ଥିବା ଅଧିନାୟକ ଆରୋନ୍ ଫିଞ୍ଚ ଦଳ ପକ୍ଷରୁ ସର୍ବାଧିକ ୯୦ ରନ କରିଥିଲେ। ପୂର୍ବରୁ ପ୍ରଥମ ୨ଟି ଦିନିକିଆରେ ସେ ଯଥାକ୍ରମେ ୧୧୬ ଓ ୧୫୩ ରନର ଅପରାଜିତ ଇନିଂସ ଖେଳିଥିଲେ। ଫଳରେ ସେ ହ୍ୟାଟ୍ରିକ ଶତକ ହାସଲରୁ ଅଳ୍ପକେ ବଞ୍ଚିତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗ୍ଲେନ ମ୍ୟାକ୍ସୱେଲ ୭୧, ପିଟର ହ୍ୟାଣ୍ଡ୍ସକମ୍ବ ୪୭, ଆଲେକ୍ସ କେରୀ ୨୫ ରନ କରିଥିଲେ। ଜବାବରେ ପାକିସ୍ତାନ ୪୪.୪ ଓଭରରେ ୧୮୬ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଓପନର ଇମାମ-ଉଲ୍-ହକ (୪୬), ଇମାଦ୍ ୱାସିମ (୪୩), ଅଧିନାୟକ ସୋଏବ ମଲିକ (୩୨) ପ୍ରମୁଖ ଉପଯୋଗୀ ଇନିଂସ ଖେଳିଥିଲେ ମଧ ଦଳକୁ ଜିତାଇ ପାରି ନ ଥିଲେ। ଅଷ୍ଟ୍ରେଲିଆ ୩-୦ରେ ଅଗ୍ରଣୀ ରହି ୫ ମ୍ୟାଚ୍ ବିଶିଷ୍ଟ ସିରିଜକୁ ଆଗୁଆ ଜିତି ନେଇଛି। ସିରିଜର ୪ର୍ଥ ମ୍ୟାଚ୍ ୨୯ ଦୁବାଇରେ ଖେଳାଯିବ।

# କୋଲକାତା ୨୮ ରନରେ ବିଜୟୀ

**କୋଲକାତା,୨୭।୩ (ପି.ଟି.)**

ଦୀନେଶ କାର୍ତ୍ତିକଙ୍କ ନେତୃତ୍ୱାଧୀନ କୋଲକାତା ନାଇଟ ରାଇଡର୍ସ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ କିଙ୍ଗ୍ସ ଇଲେଭେନ ପଞ୍ଜାବକୁ ୨୮ ରନରେ ପରାସ୍ତ କରିଛି। ପୂର୍ବରୁ ପ୍ରଥମ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବଦାକୁ ହରାଇଥିବା କୋଲକାତା ଏଥି ସହିତ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ସ୍ଥାନୀୟ ଇଡେନ ଗାର୍ଡେନ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ଲିଗ୍‌ର ଷଷ୍ଠ ମ୍ୟାଚ୍‌ରେ ଟସ୍ ଜିତି ପଞ୍ଜାବ ଅଧିନାୟକ ରବୀଚନ୍ଦ୍ରନ ଅଶ୍ୱିନ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଘରୋଇ ପରିବେଶରୁ ଫାଇଦା ଉଠାଇ କୋଲକାତା ନୀତୀଶ ରାଣା, ଆନ୍ଦ୍ରେ ରସେଲ ଓ ରବିନ ଉଥାପ୍ପାଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ୨୦ ଓଭରରେ ୪ ଉଇକେଟ ହରାଇ ୨୧୮ ରନର ଚ୍ୟାଲେଞ୍ଜିଂ ସ୍କୋର ଛିଡ଼ା କରିଥିଲା। ଜବାବରେ ପଞ୍ଜାବ ଚାପର ମୁକାବିଲା କରି ନ ପାରି ୨୦ ଓଭରରେ ୪ ଉଇକେଟ ହରାଇ ୧୯୦ ରନ କରି ପରାସ୍ତ ହୋଇଥିଲା। ମୂଲ୍ୟବାନ ୨ ଉଇକେଟ ନେବା ସହ ଦ୍ରୁତ ୪୮ ରନ କରିଥିବା କୋଲକାତା ଅଲରାଉଣ୍ଡର ଆନ୍ଦ୍ରେ ରସେଲ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୨୧୯ ରନ କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟର ପିଛା କରି ପଞ୍ଜାବ ମାତ୍ର ୧୧ ରନରେ ଓପନର ଲୋକେଶ ରାହୁଲଙ୍କୁ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ରାହୁଲ ମାତ୍ର ୧ ରନ କରି ଲୋକି ଫର୍ଗୁସନଙ୍କ ବଲ୍‌ରେ ମିଡ୍ ଅଫ୍‌ରେ କୁଲଦୀପ ଯାଦବଙ୍କ କ୍ୟାଚ ନେଇ ଆଉଟ ହୋଇଥିଲେ। ବିସ୍ଫୋରକ କ୍ରିସ ଗେଲ ଏଥର ଫେଲ୍ ମାରିଥିଲେ। ସେ ୧୩ ବଲରେ ୨ ଚୌକା ଓ ୨ ଛକା ସହ ୨୦ ରନ କରିଥିବା ବେଳେ ଆନ୍ଦ୍ରେ ରସେଲଙ୍କ ବଲ୍‌ରେ ବଡ଼ ଶଟ୍ ଖେଳିବାକୁ ଯାଇ ପ୍ରସିଦ୍ଧ କ୍ରିଷ୍ଣାଙ୍କ ହାତରେ ଧରା ପଡିଥିଲେ। ଏହାପରେ ସର୍ଫରାଜ ଖାଁ ୧୩ ରନ କରି ରସେଲଙ୍କ ବଲ୍‌ରେ ଉଇକେଟକିପର ଦୀନେଶ କାର୍ତ୍ତିକଙ୍କୁ କ୍ୟାଚ୍ ଦେଇଥିଲେ। ଚତୁର୍ଥ ଉଇକେଟ ଯୋଡିରେ ମୟଙ୍କ ଅଗ୍ରୱାଲ ଓ ଡେଭିଡ ମିଲର ୪୭ ବଲରୁ ୭୪ ରନ ସଂଗ୍ରହ କରିଥିଲେ । ଅଗ୍ରୱାଲ ୩୪ ବଲରୁ ୬ ଚୌକା ଓ ୧ ଛକା ସହ ୫୮ ରନର ଅର୍ଦ୍ଧଶତକୀୟ ପାଳି ଖେଳି ସ୍ପିନର ପୀୟୂଷ ଚାୱଲାଙ୍କ ଦ୍ୱାର ବୋଲ୍ଡ ହୋଇଥିଲେ। ଏହା ପରେ ପଞ୍ଜାବର ବିଜୟ ଆଶା ମଉଳିଯାଇଥିଲା। ପଞ୍ଚମ ଉଇକେଟ ଯୋଡିରେ ମିଲର ଓ ମନଦୀପ ସିଂ ୨୮ ବଲରୁ ଅପରାଜିତ ଦ୍ରୁତ ୫୬ ରନକରିଥିଲେ ମଧ ବିଜୟ ପାଇଁ ଏହା ଯଥେଷ୍ଟ ହୋଇ ନ ଥିଲା। ମିଲର ୪୦ଟି ବଲ ଖେଳି ୫ ଚୌକା ଓ ୩ ଛକା ସହ ୫୯, ମନଦୀପ ୧୫ ବଲରୁ ୪ ଚୌକା ଓ ୧ ଛକା ସହ ୩୩ ରନକରି ଅପରାଜିତ ରହିଥିଲେ। ବୋଲିଂରେ ରସେଲ ୨, ଫର୍ଗୁସନ ଓ ଚାୱଲ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା କୋଲକାତା ଆରମ୍ଭରୁ ଧୂଆଁଧାର ବ୍ୟାଟିଂ ପ୍ରଦର୍ଶନ କରିଥିଲା। କ୍ରିସ ଲିନ୍ ୧୦ ବଲରୁ ୨ ଚୌକା ସହ ୧୦ରନ କରି ମହମ୍ମଦ ସାମିଙ୍କ ବଲ୍‌ରେ ଡେଭିଡ ମିଲରଙ୍କୁ କ୍ୟାଚ ଦେଇ ତୃତୀୟ ଓଭରରେ ଆଉଟ ହୋଇଥିଲେ। ଏହା ପର ଓଭରରେ ସୁନୀଲ ନାରିନ୍ ୯ଟି ବଲ୍ ଖେଳି ୧ ଚୌକା ଓ ୩ ଛକା ସହ ୨୪ ରନ କରି ପ୍ୟାଭିଲିୟନ ଫେରିଥିଲେ। ତୃତୀୟ ଉଇକେଟ ଯୋଡ଼ିରେ ରବିନ ଉଥାପ୍ପା ଓ ଇନ୍‌ଫର୍ମ ନୀତୀଶ ରାଣା ଦମ୍‌ଦାର ପ୍ରଦର୍ଶନ କରି ୬୬ ବଲରୁ ୧୧୦ ରନ କରି ଦଳର ସ୍କୋରକୁ ଆଗେଇ ନେଇଥିଲେ। ରାଣା ମାତ୍ର ୩୪ଟି ବଲର ସମ୍ମୁଖୀନ ହୋଇ ୨ ଚୌକା ଓ ୭ ଛକା ସହ ୬୩ ରନର ଧୂଆଁଧାର ଇନିଂସ ଖେଳି ଲେଗ୍ ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କ ବଲ୍‌ରେ ଲଙ୍ଗ ଅଫ୍ ବାଉଣ୍ଡାରୀରେ ମୟଙ୍କ ଅଗ୍ରୱାଲଙ୍କ ହାତରେ ଧରା ପଡ଼ିଥିଲେ। ଏହାପରେ ୫ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ପ୍ରଥମ ମ୍ୟାଚ୍‌ର ହିରୋ ଆନ୍ଦ୍ରେ ରସେଲ ବିସ୍ଫୋରକ ବ୍ୟାଟିଂ କରି ଆଣ୍ଡ୍ରୁ ଟାଏଙ୍କ ବଲ୍‌ରେ ଡିପ୍ ମିଡ୍‌ଉଇକେଟରେ ଅଗ୍ରୱାଲଙ୍କୁ କ୍ୟାଚ୍ ଦେଇ ଆଉଟ ହେବା ପୂର୍ବରୁ ଦଳର ସ୍କୋରକୁ ୨୦୦ ରନ ପାର କରାଇଥିଲେ। ସେ ମାତ୍ର ୧୭ଟି ବଲ ଖେଳି ୩ ଚୌକା ଓ ୫ ଛକା ସହ ୪୮ ରନ ସଂଗ୍ରହ କରିଥିଲେ। ଚତୁର୍ଥ ଉଇକେଟ ଯୋଡ଼ିରେ ଉଥାପ୍ପା ଓ ରସେଲ ମାତ୍ର ୩୨ଟି ବଲରୁ ୬୭ ରନ ସଂଗ୍ରହ କରି ଦଳକୁ ବୃହତ୍ ସ୍କୋର ପ୍ରଦାନ କରିଥିଲେ। ଅଭିଜ୍ଞ ଉଥାପ୍ପା ୫୦ଟି ବଲ ଖେଳି ୬ ଚୌକା ଓ ୨ ଛକା ସହ ୬୭ ଓ ଅଧିନାୟକ ଦୀନେଶ କାର୍ତ୍ତିକ ୧ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ପଞ୍ଜାବ ତରଫରୁ ମହମ୍ମଦ ସାମି, ବରୁଣ, ଭିଲଜୋଏନ ଓ ଟାଏ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ଆଜିର ମ୍ୟାଚ**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର
ବନାମ
ମୁମ୍ବାଇ ଇଣ୍ଡିଆନ୍ସ



ପ୍ରସାରଣ
ସ୍ଥାନ : ବେଙ୍ଗାଲୁରୁ
ସମୟ : ରାତି ୮ଟା
ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

- କୋଲକାତା ନାଇଟ୍ ରାଇଡର୍ସ ୨୦ ଓଭରରେ ୨୧୮/୪ (ଉଥାପ୍ପା- ୬୭*, ରାଣା- ୬୩, ରସେଲ- ୪୮, ନାରିନ- ୨୪, ସାମି- ୧/୪୪, ବରୁଣ- ୧/୩୫, ଭିଲଜୋଏନ- ୧/୩୬, ଟାଏ- ୧/ ୩୭)।
- କିଙ୍ଗ୍ସ ଇଲେଭେନ ପଞ୍ଜାବ ୨୦ ଓଭରରେ ୧୯୦/୪ (ମିଲର- ୫୯*, ଅଗ୍ରୱାଲ- ୫୮, ମନଦୀପ- ୩୩*, ଗେଲ- ୨୦, ରସେଲ- ୨/୨୧, ଫର୍ଗୁସନ- ୧/୪୨, ଚାୱଲା- ୧/୨୬)।



ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ର ବୁଧବାର ଅନୁଷ୍ଠିତ କିଙ୍ଗ୍ସ ଇଲେଭେନ ପଞ୍ଜାବ ବିପକ୍ଷ ମ୍ୟାଚରେ ବିସ୍ଫୋରକ ଅର୍ଦ୍ଧଶତକୀୟ ଇନିଂସ ଅବସରରେ କୋଲକାତା ନାଇଟ୍ ରାଇଡର୍ସର ନୀତୀନ ରାଣା।

# ଓଡ଼ିଶା ଟେନିସ କ୍ରିକେଟ ଦଳ ଘୋଷିତ

**ଭୁବନେଶ୍ୱର, ୨୭।୩(କ୍ରୀଡ଼ା ପ୍ରତିନିଧି)**

ତାମିଲନାଡୁ ଟେନିସ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚଳିତ ମାସ ୩୦ରୁ ଏପ୍ରିଲ ୧ ପର୍ଯ୍ୟନ୍ତ ସର୍ବଭାରତୀୟ ଫେଡେରେଶନ କପ୍ ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ୧୫ ଜଣିଆ ଓଡ଼ିଶା ଟେନିସ କ୍ରିକେଟ ଦଳ ଘୋଷିତ ହୋଇଛି। ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜ ପଡ଼ିଆରେ ଗତ ୧୫ରୁ ୨୭ ପର୍ଯ୍ୟନ୍ତ ୫୦ ଖେଳାଳିଙ୍କୁ ନେଇ ଚୟନ ଶିବିର ଅନୁଷ୍ଠିତ ହେବାପରେ ଦଳ ଚୟନ କରାଯାଇଛି ବୋଲି ଟେନିସ କ୍ରିକେଟ ଅଫ୍ ଇଣ୍ଡିଆର ବୈଷୟିକ ମୁଖ୍ୟ ତଥା ଓଡ଼ିଶା ଟେନିସ କ୍ରିକେଟ ଆସୋସିଏଶନ ସମ୍ପାଦକ ରିଣ୍ଟୁ ମିତ୍ର ପ୍ରକାଶ କରିଛନ୍ତି। ଓଡ଼ିଶା ଦଳକୁ ଆସୋସିଏନର କର୍ମକର୍ତ୍ତା ଅବିନାଶ ସାହୁ, ରାଜେନ୍ଦ୍ର ମହାରଣା, ସୌଭେନ୍ଦ୍ର ମହାରଣା, ବାରିଜ ମହାନ୍ତି, ଦେବବ୍ରତ ସାହୁ, ରାଗିଣୀ ମିତ୍ର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।



ଓଡ଼ିଶା ଟେନିସ କ୍ରିକେଟ ଦଳର ଖେଳାଳିମାନେ କର୍ମକର୍ତ୍ତାଙ୍କ ସହ।

**ଫେଡେରେଶନ କପ୍**

**ଓଡ଼ିଶା ଦଳ:** ସୁଧାଂଶୁ କୁମାର ଜେନା (ଅଧିନାୟକ), ପ୍ରବୀଣ ଆଚାର୍ଯ୍ୟ, ଦୀପକ କୁମାର ମଲିକ, ବବୁଲୁ ବେହେରା, ଅମରେନ୍ଦ୍ର ଚନ୍ଦ୍ର ଦାସ, ଏମ. ରାଜା, ଅମିତ ଜୁଏଦ, ସୁଧୀର ସୁନା, ସୁଶୀଲ କୁମାର ବାରିକ, ଦୀପକ ପରିଡ଼ା, ସନ୍ତୋଷ ପ୍ରଧାନ, ଶୁଭବନ ସୁନା, ମନୁଆ ରାଉତ, ଅଜୟ କୁମାର ପଟ୍ଟନାୟକ, ଅନିରୁଦ୍ଧ ବାରିକ। କୋଚ୍: ମହମ୍ମଦ ଆଜମ, ମ୍ୟାନେଜର: ବାସୁଦେବ ଓଝା, ଅଫିସିଆଲ: ସୁଧାକର ମୁଦୁଲି।

# ଦିଲ୍ଲୀ କ୍ୟାପିଟାଲ୍ସ ଖେଳାଳିଙ୍କ ସହ ଫେଲପ୍ସଙ୍କ ଭାବ ବିନିମୟ

**ନୂଆଦିଲ୍ଲୀ,୨୭।୩:** ଅଲିମ୍ପିକ୍ସ କିମ୍ବଦନ୍ତୀ ସନ୍ତରଣକାରୀ ଆମେରିକାର ମାଇକେଲ ଫେଲ୍‌ପ୍ସ ଓ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଅନ୍ୟତମ ଫ୍ରାଞ୍ଚାଇଜ୍ ଦିଲ୍ଲୀ କ୍ୟାପିଟାଲ୍ସର ଖେଳାଳିଙ୍କ ମଧ୍ୟରେ ଭାବ ବିନିମୟ ହୋଇଛି। ବୁଧବାର ଆୟୋଜିତ କ୍ରିକେଟ ସେସନ ଅବସରରେ ବିଶ୍ୱର ଏହି ସଫଳତମ ଅଲିମ୍ପିଆନ୍‌ଙ୍କ ସହ ଦିଲ୍ଲୀ ଖେଳାଳିମାନେ ମନଖୋଲି କଥାବାର୍ତ୍ତା ହୋଇଥିଲେ ଓ କ୍ରିକେଟ ଖେଳିଥିଲେ। ଫେଲପ୍ସ ଓ କ୍ରିକେଟରମାନେ ନିଜନିଜ କ୍ରୀଡ଼ା ସମ୍ବନ୍ଧରେ ପରସ୍ପରକୁ ଟିପ୍ସ ଦେଇଥିଲେ। ଦିଲ୍ଲୀ ଅଧିନାୟକ ଶ୍ରେୟାସ ଆୟର, ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ, ଦକ୍ଷିଣ ଆଫ୍ରିକା ଅଲରାଉଣ୍ଡର କ୍ରିସ୍ ମୋରିସ ଓ ଦ୍ରୁତ ବୋଲର ଇଶାନ୍ତ ଶର୍ମା ଫେଲ୍ପ୍ସଙ୍କ ସହ ବେଶ୍ କିଛି ସମୟ କଥାବାର୍ତ୍ତା କରିଥିଲେ।

ଏଆଇଟିଏ-ଓଟିଏ ଚ୍ୟାଲେଞ୍ଜ ସିରିଜ

# ଆରୁଷ ସେମିଫାଇନାଲରେ

**ଭୁବନେଶ୍ୱର, ୨୭।୩ (କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଥିବା ଏଆଇଟିଏ-ଓଟିଏ ଚ୍ୟାଲେଞ୍ଜ ସିରିଜ(ଟିଏସ୭) ଟେନିସ ଟୁର୍ନାମେଣ୍ଟର ୧୨ ବର୍ଷରୁ କମ୍ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି ଅଣସିଡେଡ ଖେଳାଳି ଓଡ଼ିଶାର ଆରୁଷ ଶର୍ମା। କ୍ୱାର୍ଟର ଫାଇନାଲରେ ସେ ଓଡ଼ିଶାର ଆଦିତ୍ୟ ସିଂ ଜାଡନଙ୍କୁ ୬-୪, ୬-୩ ଏବଂ ପ୍ରି-କ୍ୱାର୍ଟର ଫାଇନାଲରେ ସର୍ବଭାରତୀୟ ର୍‍ୟାଙ୍କର ୪୩ ନମ୍ବରରେ ଥିବା ଟପ୍ ସିଡ୍ ଚିରଦୀପ ମଜୁମଦାରଙ୍କୁ ୬-୧, ୬-୩ ସେଟ୍‌ରେ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଥିବା ଅନ୍ୟତମ ଓଡ଼ିଆ ଖେଳାଳି ଲଳିତ ଟୁଡୁ ୧୨ ବର୍ଷରୁ କମ୍ ଡବଲ୍ସ ଟାଇଟଲ ହାସଲ କରିଛନ୍ତି। ଓଡ଼ିଶାର ଦିଶାନ୍ତ ମହାନ୍ତିଙ୍କୁ ସାଥି କରି ଖେଳିଥିବା ଟୁଡୁ ଅନ୍ୟତମ ଓଡ଼ିଆ ଯୋଡ଼ି ଅନିକେତ ସାହୁ ଓ କମଳେଶ ରଥ ଯୋଡ଼ିଙ୍କୁ ଫାଇନାଲରେ ୬-୨, ୬-୭(୩), ୧୦-୬ ସେଟରେ ପରାସ୍ତ କରିଥିଲେ। ଶୁକ୍ରବାର ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ଟୁର୍ନାମେଣ୍ଟ ଉଭୟ ୧୨ ବର୍ଷରୁ କମ୍ ଓ ୧୬ ବର୍ଷରୁ କମ୍ ବିଭାଗରେ ଅନୁଷ୍ଠିତ ହେଉଛି। ଏଥିରେ ୩ ପୂର୍ବାଞ୍ଚଳ ରାଜ୍ୟର ୭୦ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଚାମ୍ପିୟନ ଓ ରନର୍ସଅପ୍ ପ୍ରତିଯୋଗୀଙ୍କୁ ଯଥାକ୍ରମେ ୧୫ ଓ ୧୨ ଏଆଇଟିଏ ର୍‍ୟାଙ୍କିଙ୍ଗ ପଏଣ୍ଟ ମିଳିବ।



ଫେଡେରେଶନ କପ୍ ଟେନିସ ବଲ୍ କ୍ରିକେଟ ଚାମ୍ପିୟନସିପ୍ ଖେଳିବା ପାଇଁ ବୁଧବାର ଉତ୍ତର ପ୍ରଦେଶ ଯାତ୍ରା କରିଥିବା ଓଡ଼ିଶା ଦଳ।

Please inform **Income Tax Department, Odisha** about any **Money Transactions** during Elections, 2019
WhatsApp No. **9438917915**
**E-mail: generalelectionodisha2019@incometax.gov.in**

GOVERNMENT OF ODISHA
OFFICE OF THE PROJECT DIRECTOR-CUM-CHIEF ENGINEER
PROJECT MANAGEMENT UNIT, MEGA LIFT PROJECTS
PLOT NO.- A-8/2, BHOI NAGAR, BHUBANESWAR-751022
Email ID: cemegalift-eicwr.od@nic.in, Telephone No.- 91-0674-2567252, Fax: 91-0674-2567258
No. 2004 Dt. 26.03.2019
1st Corrigendum
Tender Call Notice No.- 6ML/2018-19
**No. 1407-A:-** In partial modification to this office Tender Call Notice No. 6ML/2018-19, the following changes have been made on Critical dates.

| Sl. No. | Particulars | Critical dates & time as per Notice | Revised dates & time |
|---|---|---|---|
| 1 | Last date and Time for submission of Bid | 02.04.2019 upto 5.00PM | 23.05.2019 upto 5.00PM |
| 2 | Time and Date of Opening of Techno-Commercial Bid | 11.30AM on 04.04.2019 | 11.30AM on 25.05.2019 |

All other terms and conditions remain unchaged.
Sd./- Project Director-cum-Chief Engineer
PMU, Mega Lift Projects
32264/11/0015/1819

ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ, ପୁରୀ
ନଂ.3164 ତା.23.03.2019
ବିଜ୍ଞାପନ
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଶ୍ରୀଜୀଉଙ୍କର ଚଳିତ ବର୍ଷର ରଥଯାତ୍ରା ନିମନ୍ତେ ତାଳଗଛ ଆବଶ୍ୟକ ପଡୁଅଛି। ଯେଉଁ ବ୍ୟକ୍ତିମାନେ ନିଜସ୍ୱ ତାଳଗଛ ଦାନସୂତ୍ରେ ଦେବାକୁ ଇଚ୍ଛୁକ ଅଟନ୍ତି ସେମାନେ ନିମ୍ନ ଠିକଣାରେ ଜଣାଇଲେ ଗଛଗୁଡିକର ଉପଯୁକ୍ତତା ତନଖି ପୂର୍ବକ ପ୍ରଶାସନିକ ଖର୍ଚ୍ଚରେ ପରିବହନ ବ୍ୟବସ୍ଥା କରାଯିବ। ସୂଚନାଯୋଗ୍ୟ ଯେ ତାଳଗଛଗୁଡିକ ପାକଳ ଓ ୫୦ବର୍ଷରୁ ଊର୍ଦ୍ଧ୍ୱ ହେବା ସହ କ୍ଷତବିହୀନ ସିଧା ହୋଇଥିବା ଓ ସୁବିଧା ସ୍ଥାନରେ ଥିବା ଆବଶ୍ୟକ। ପୁରୀ ସହର ନିକଟବର୍ତ୍ତୀ ଅଞ୍ଚଳର ପାକଳ ତାଳଗଛ ଅଣାଯିବା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯିବ।
ଠିକଣା
ମୁଖ୍ୟ ପ୍ରଶାସକ
ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ
ଯୋଗାଯୋଗ ନଂ.
ବରିଷ୍ଠ ତତ୍ତ୍ୱାବଧାରକ–୯୮୬୧୩୬୪୫୩୫
ସ୍ୱା./-ପ୍ରଶାସକ
ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ

ଭାରତୀୟ ବିମାନବନ୍ଦର ପ୍ରାଧିକରଣ
AIRPORTS AUTHORITY OF INDIA
ଇ-ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି
ଅଧକ୍ଷ, ଭାରତୀୟ ବିମାନବନ୍ଦର ପ୍ରାଧିକରଣ (ଏଏଆଇ)ଙ୍କ ତରଫରୁ ନିମ୍ନଲିଖିତ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି: ଲାଇସେନ୍ସର ନାମ: ଘରୋଇ ଟର୍ମିନାଲ୍ ବିଲ୍ଡିଂ (ଟି୧) ଏବଂ ଅନ୍ତର୍ଜାତୀୟ ଟର୍ମିନାଲ (ଟି୨), ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର, ଭୁବନେଶ୍ୱରରେ ବିମାନବନ୍ଦର ପ୍ରବେଶ ଟିକେଟ୍ ଠିକା। ଟେଣ୍ଡର ଆଇଡି ନଂ.: ୨୦୧୮_ଏଏଆଇ_୨୪୭୩୨_୧, ଏମ୍‌ଆର୍‌ଏଲ୍‌ଏଫ୍ ପି.ଏମ୍.: ₹୭,୦୦,୦୦୦/-, ଇଏମଡି: ₹୨,୫୨,୦୦୦/-. ଲାଇସେନ୍ସ ଅବଧି: ୦୩ ବର୍ଷ। ସିପିପି ପୋର୍ଟାଲ https://etender.gov.in ମାଧମରେ ବିଡ୍ ଦାଖଲର ଶେଷ ତାରିଖ ହେଉଛି ତା୧୫।୦୪।୨୦୧୯। ଅଧିକ ବିବରଣୀ ପାଇଁ www.aai.aero କିମ୍ବା https://etenders.gov.in ରେ ଲଗ୍ ଅନ୍ କରନ୍ତୁ। ଏ ସଂକ୍ରାନ୍ତୀୟ ଶୁଦ୍ଧିପତ୍ର ପରବର୍ତ୍ତୀ ସ୍ପଷ୍ଟୀକରଣ, ଯଦି ଥାଏ, କେବଳ https://etenders.gov.inରେ ଅପ୍‌ଲୋଡ୍ କରାଯିବ।
ବିମାନ ବନ୍ଦର ନିର୍ଦ୍ଦେଶକ
ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର, ଭୁବନେଶ୍ୱର

नालको NALCO
National Aluminium Company Limited
(A Government of India Enterprise)
Smelter Plant, Nalco Nagar, Angul-759145, Odisha, India
CIN : L27203OR1981GOI000920
A NAVRATNA COMPANY
NOTICE INVITING TENDERS
Online tenders are being invited from experienced bidders on OPEN / Two- part (E-tender) mode for the following jobs at NALCO, Smelter Plant at Angul, Odisha :
1- NIT No. OMC-4990, Name of the work : Work Assistance in Finance, Indirect taxation Cell, Contract Cell, Training Department (S&P), Office of GM(O&M), Office of GM(S) & Office of ED(S&P).
2- NIT No. OMC-4992, Name of the work : Horticulture Maintenance Works at Administrative Office & Training Centre of Smelter Plant: 2019-21
3- NIT No. OMC-4995, Name of the work : Up-keeping of Rodding Shop-II
DGM (Mech.)-T&C
For details of NITs like contract period, EMD, Date and time of E-submission, Part-I Bid Opening, Modification/ Amendments (if any) please log in to www.nalcoindia.com & http://eprocure.gov.in

ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ଢେଙ୍କାନାଳ
ବିଜ୍ଞପ୍ତି
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ଶିଶୁଟି ଢେଙ୍କାନାଳ ଜିଲ୍ଲାର ଆଦୃତା ଶିଶୁ ଗୃହ, ଜୁବ୍ଲି ଟାଉନ୍ ଶିଶୁଯତ୍ନ ଅନୁଷ୍ଠାନରେ ରଖାଯାଇଅଛି। ଉକ୍ତ ଶିଶୁଟିର ଯଦି କେହି ପିତା ମାତା କିମ୍ବା ଆଇନସିଦ୍ଧ ଦାବିଦାର ଥାନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ଏଲ୍.ଆଇ.ସି ଲାଇନ୍, ଗଣେଶ ବଜାର, ଢେଙ୍କାନାଳ- ୭୫୯୦୦୧, ଫୋନ୍-୦୬୭୬୨-୨୨୩୨୪୬ କିମ୍ବା ଶିଶୁ ମଙ୍ଗଳ ସମିତି, ବଡପଣ୍ଡା ସାହି, ଦୁର୍ଗା ବଜାର ଢେଙ୍କାନାଳ, ଫୋନ୍- ୦୬୭୬୨-୨୨୫୦୦୨ କୁ ଯୋଗାଯୋଗ କରନ୍ତୁ। ଏହି ସମୟ ସୀମାର ପରିସମାପ୍ତି ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଏହି ଶିଶୁଟିକୁ କିଶୋର ନ୍ୟାୟ (ଶିଶୁର ଯତ୍ନ ଓ ସୁରକ୍ଷା) ଆଇନ୍ ୨୦୧୫ ଅନୁଯାୟୀ ଆବଶ୍ୟକ ଥଇଥାନ ନିମନ୍ତେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ।
ନିମ୍ନରେ ଶିଶୁଟିର ବିବରଣୀ ପ୍ରଦାନ କରାଗଲା :

| କ୍ର. ନଂ. | ଶିଶୁର ନାମ | ପୁଅ / ଝିଅ | ବୟସ / ଜନ୍ମ ତାରିଖ | କେବେ ମିଳିଛି | କେଉଁ ସ୍ଥାନରୁ ଉଦ୍ଧାର କିମ୍ବା | ଫଟୋ |
|---|---|---|---|---|---|---|
| ୧ | କ୍ରିଷ୍ଣା ମୁଣ୍ଡା | ପୁଅ | ୧୫.୦୬.୨୦୦୭ | ୨୮.୧୨.୨୦୧୨ | କୁସୁମ ଘାଟ ମରୁଆବିଲି କଙ୍କଡାହାଡ ଢେଙ୍କାନାଳ |  |

ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ
ସଡ଼କ ପରିବହନ ଏବଂ ରାଜମାର୍ଗ ମନ୍ତ୍ରାଳୟ
ପ୍ରକଳ୍ପ କାର୍ଯ୍ୟାନ୍ୱୟନ ୟୁନିଟ୍, ପ୍ରଥମ ତଳ, ସେତୁ ଭବନ, ୟୁନିଟ୍-୪, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା-୭୫୧୦୧୨, ଫୋନ୍ : (୦୬୭୪) ୨୩୯୨୭୨୦, ୨୩୯୨୭୩୦, ଇ-ମେଲ୍ : bhu@nhai.org
ଏନ୍‌ଏଚ୍‌ଏଆଇ/୧୪୦୧୨/୧/୨୦୧୪/ପିଆଇୟୁ/ବିବିଏସ୍‌ଆର/୫୧୨ ତା୨୬.୦୩.୨୦୧୯
ସାର୍ବଜନିକ ଅଧିସୂଚନା
ଭାରତ ସରକାରଙ୍କ ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରାଳୟ ଦ୍ୱାରା ଜାରି ସଂଶୋଧିତ ଫି ନିୟମ ୨୦୦୮ ଅନୁସାରେ ଲମ୍ବ ୭୬.୫୮୮ କିମି ପାଇଁ ଓଡ଼ିଶା ରାଜ୍ୟର ଏନ୍‌ଏଚ୍-୫କ ର କିମି ୦.୦୦୦ ଠାରୁ କିମି ୭୬.୫୮୮ ଚଣ୍ଡିଖୋଲରୁ ପାରାଦୀପ ସେକ୍‌ସନ, କିମି ୩.୫୮୮ ଶ୍ରୀରାମପୁର ଠାରେ ଟୋଲ୍ ପ୍ଲାଜା ନିମନ୍ତେ ଟୋଲ୍ ଫି ଆଦାୟକୁ ୦୧.୦୪.୨୦୧୯ ଠାରୁ ୩୧.୦୩.୨୦୨୦ ପର୍ଯ୍ୟନ୍ତ ନିମ୍ନ ପ୍ରକାରେ ସଂଶୋଧନ କରାଯାଉଛି । (ଟଙ୍କାରେ)

| ଯାନର ପ୍ରକାର | ଏକକ ଯାତ୍ରା ପାଇଁ ଫି | ଗୋଟିଏ ଦିନରେ ଫେରନ୍ତ ଯାତ୍ରା ପାଇଁ ଫି | ଗୋଟିଏ ମାସରେ ୫୦ ଟି ଏକକ ଯାତ୍ରା ପାଇଁ ମାସିକ ପାସ୍ ନିମନ୍ତେ ଫି | ଫି ପ୍ଲାଜାର ଜିଲ୍ଲା ମଧ୍ୟରେ ପଂଜୀକୃତ ବାଣିଜ୍ୟିକ ଯାନ ପାଇଁ ଏକକ ଯାତ୍ରା ନିମନ୍ତେ ଫି |
|---|---|---|---|---|
| କାର, ଜିପ୍, ଭ୍ୟାନ୍ କିମ୍ବା ହାଲୁକା ମୋଟର ଯାନ | ୧୨୦ | ୧୮୦ | ୩୯୮୫ | ୬୦ |
| ହାଲୁକା ବାଣିଜ୍ୟିକ ଯାନ, ହାଲୁକା ମାଲ୍‌ବାହି ଯାନ କିମ୍ବା ମିନି ବସ୍ | ୧୯୫ | ୨୯୦ | ୬୪୩୫ | ୯୫ |
| ବସ୍ କିମ୍ବା ଟ୍ରକ୍ (ଦୁଇଟି ଆକ୍ସେଲ୍) | ୪୦୫ | ୬୦୫ | ୧୩୪୮୫ | ୨୦୦ |
| ତିନୋଟି ଆକ୍ସିଲ୍ ବିଶିଷ୍ଟ ବାଣିଜ୍ୟିକ ଯାନ | ୪୪୦ | ୬୬୦ | ୧୪୭୧୦ | ୨୨୦ |
| ଏଚ୍‌ସିଏମ୍ କିମ୍ବା ଇଏମ୍‌ଇ କିମ୍ବା (ଚାରି ରୁ ଛ ଆକ୍ସେଲ୍) | ୬୩୫ | ୯୫୦ | ୨୧୧୪୫ | ୩୧୫ |
| ଓଭରସାଇଜ୍ ଯାନ (ସାତ ବା ଅଧିକ ଆକ୍ସେଲ୍) | ୭୭୦ | ୧୧୬୦ | ୨୫୭୪୦ | ୩୮୫ |

ବର୍ଷ ୨୦୧୯-୨୦ ପାଇଁ ଉପରୋକ୍ତ ଟୋଲ୍ ପ୍ଲାଜା ଠାରୁ ୨୦ କିମି ଦୂରତା ମଧ୍ୟରେ ରହୁଥିବା ସ୍ଥାନୀୟ ଅଣ-ବାଣିଜ୍ୟିକ ଯାନଗୁଡ଼ିକ ପାଇଁ ପ୍ରଯୁଜ୍ୟ ମାସିକ ପାସ୍ ନିମନ୍ତେ ମୂଲ୍ୟ ହେବ ଟ.୨୬୫/-
ସ୍ୱା-
ପ୍ରକଳ୍ପ ନିର୍ଦ୍ଦେଶକ
କେବଳ ସଡ଼କ ନୁହେଁ, ରାଷ୍ଟ୍ରର ନିର୍ମାଣ ମଧ୍ୟ

“ଯଶପ୍ରୀତ୍ ବୁମ୍‌ରା ସମ୍ପ୍ରତି ବିଶ୍ୱର ଶ୍ରେଷ୍ଠ ଟି୨୦ ବୋଲର । ତାଙ୍କର ଭିନ୍ନଶୈଳୀର ବୋଲିଂ ଆକ୍ସନ ବ୍ୟାଟ୍ସମ୍ୟାନଙ୍କୁ ଅଡୁଆରେ ପକାଇଥାଏ ।
– ଜୋଫ୍ରା ଆର୍ଚର, ରାଜସ୍ଥାନ ରୟାଲ୍ସ ବୋଲର



“ଲୋକମାନେ ଯେଉଁଠି ଅସମ୍ଭବ ବୋଲି କହିଥାନ୍ତି, ମୁଁ ସେଥିରେ ମାଷ୍ଟର ହେବାକୁ ଚାହିଁଥାଏ।
– ମାଇକେଲ ଫେଲପ୍ସ, ଆମେରିକୀୟ ସନ୍ତରଣକାରୀ



## ସଂକ୍ଷେପରେ

### ବିଶ୍ୱ ରେକର୍ଡ ସହ ସ୍ୱର୍ଣ୍ଣ ଜିତିଲେ ମନୁ-ସୌରଭ

ନୂଆଦିଲ୍ଲୀ,୨୭।୩(ପିଟି): ଟିନ୍‌ଏଜ ଭାରତୀୟ ଶୁଟିଂ ଷ୍ଟାର ମନୁ ଭାକର ଓ ସୌରଭ ଚୌଧାରୀ ଯୋଗ୍ୟତା ପର୍ଯ୍ୟାୟର ବିଶ୍ୱ ରେକର୍ଡ ଭାଙ୍ଗିବା ସହ ୧୦ ମିଟର ଏୟାର ପିସ୍ତଲ ମିକ୍ସଡ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ତାଇପେର ତାଓୟୁବାନଠାରେ ଚାଲିଥିବା ୧୨ତମ ଏସିଆନ ଏୟାରଗନ ଚାମ୍ପିୟନଶିପ୍‌ରେ ମନୁ ଓ ସୌରଭ ଏହି ସଫଳତା ପାଇଛନ୍ତି। ସେମାନେ ଗତ ମାସରେ ଇଣ୍ଟରନ୍ୟାଶନାଲ ଶୁଟିଂ ସ୍ପୋର୍ଟ ଫେଡେରେଶନ (ଆଇଏସ୍‌ଏସ୍‌ଏଫ୍) ବିଶ୍ୱକପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୧୭ ବର୍ଷୀୟା ମନୁ ଓ ୧୬ ବର୍ଷୀୟ ସୌରଭ ଫାଇନାଲ ପାଇଁ ଯୋଗ୍ୟତା ପର୍ଯ୍ୟାୟରେ ମୋଟ ୭୮୪ ସ୍କୋର କରିଥିଲେ। ଏହା ଏକ ବିଶ୍ୱ ରେକର୍ଡ। ପୂର୍ବରୁ ରୁଷିଆର ଭିଟାଲିନା ବସାରକିନା ଓ ଆର୍ଟେମ ଚେର୍ନୋସୋଭଙ୍କ ନାମରେ ଏହି ରେକର୍ଡ ଥିଲା। ୫ ଦଳ ବିଶିଷ୍ଟ ଫାଇନାଲରେ ଭାରତୀୟ ଶୁଟର ୪୮୪.୮ ସ୍କୋର କରିଥିଲେ। ଏହି ଇଭେଣ୍ଟରେ କୋରିଆର କିମ ମୋସେ ଓ ହ୍ୱାଙ୍ଗ ସେଙ୍ଗଉନ ୪୮୧ ପଏଣ୍ଟ ସହ ରୌପ୍ୟ ପଦକ ଜିତିଥିଲେ।

### ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେଲେ ଧୋନୀ

ନୂଆଦିଲ୍ଲୀ,୨୭।୩- ଜଣାଶୁଣା ରିୟଲ ଇଷ୍ଟେଟ୍ କମ୍ପାନୀ ଆମ୍ରପାଲିଠାରୁ ବକେୟା ପାଉଣା ଦାବି କରି ଭାରତୀୟ ପୂର୍ବତନ କ୍ରିକେଟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି କମ୍ପାନୀର ବ୍ରାଣ୍ଡ ଆମ୍ବାସାଡର ହିସାବରେ ଧୋନୀ ନିଯୁକ୍ତ ହୋଇଥିଲେ ଓ ଏଥି ପାଇଁ ସେ ପାଖାପାଖି ୪୦ କୋଟି ଟଙ୍କା ଦାବି କରିଛନ୍ତି। ୨୦୦୯ରୁ ଧୋନୀ ଆମ୍ରପାଲିର ବ୍ରାଣ୍ଡ ଆମ୍ବାସାଡର ହିସାବରେ ଏକାଧିକ ବିଜ୍ଞାପନରେ ଦୃଶ୍ୟମାନ ହୋଇଥିଲେ। ୨୦୧୬ ପର୍ଯ୍ୟନ୍ତ ଧୋନୀ ଆମ୍ରପାଲି ସହ ଜଡିତ ରହିଆସିଥିଲେ। ଏପରିକି ତାଙ୍କ ସ୍ତ୍ରୀ ସାକ୍ଷୀ ଏହି କମ୍ପାନୀର ଚାରିଟେବଲ ୱିଙ୍ଗ୍ ସହ ଜଡିତ ରହିଥିଲେ। ତେବେ ଧୋନୀ ୩୮. ୯୫ କୋଟି ଟଙ୍କାର ପାଉଣା ପାଇନାହାନ୍ତି ବୋଲି କୋର୍ଟଙ୍କୁ ଜଣାଇଛନ୍ତି। ଧୋନୀ ମଧ୍ୟ ଏ ସଂକ୍ରାନ୍ତରେ ହୋଇଥିବା ବୁଝାମଣା ପତ୍ରର ନକଲ ମଧ୍ୟ ଦାଖଲ କରିଛନ୍ତି। ଉଲ୍ଲେଖଥାଉ କି, ଗତ ଫେବୃୟାରୀ ୨୮ ତାରିଖରେ ସୁପ୍ରିମକୋର୍ଟ ବିଭିନ୍ନ ଠକାମୀ ଅଭିଯୋଗରେ ଆମ୍ରପାଲି ଗ୍ରୁପ ଚେୟାରମ୍ୟାନ ତଥା ମ୍ୟାନେଜିଂ ଡାଇରେକ୍ଟର ଅନିଲ ଶର୍ମା ଓ ତାଙ୍କ ଦୁଇ ସହଯୋଗୀଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେବା ସହ ତଦନ୍ତରେ ସହଯୋଗ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

### ପୁଣି ଧୋନୀଙ୍କ ଗୋଡ଼ ଧରିଲେ ପ୍ରଶଂସକ

ନୂଆଦିଲ୍ଲୀ,୨୭।୩- ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ପ୍ରଶଂସକଙ୍କ ସଂଖ୍ୟା ଖୁବ ଅଧିକ। ତାଙ୍କ ଝଲକ ପାଇବା ପାଇଁ ପ୍ରଶଂସକମାନେ ଷ୍ଟାଡିୟମ୍‌ର ସୁରକ୍ଷା ବଳୟ ଅତିକ୍ରମ କରିବା କିଛି ନୂଆ ଘଟଣା ନୁହେଁ। ଫିରୋଜ ଶାହ କୋଟଲାଠାରେ ଦିଲ୍ଲୀ କ୍ୟାପିଟାଲ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ସମାନ ଘଟଣା ଦେଖିବାକୁ ମିଳିଥିଲା। ଦୁଇ ଜଣ ପ୍ରଶଂସକ ସୁରକ୍ଷା ବଳୟ ଅତିକ୍ରମ କରି ସିଏସ୍‌କେ ଅଧିନାୟକ ଧୋନୀଙ୍କ ଗୋଡ଼ ଛୁଇଁଥିଲେ।

## ■ ସୁଲତାନ ଆଜଲାନ ଶାହ କପ୍ ହକି

# ମନଦୀପଙ୍କ ହ୍ୟାଟ୍ରିକ, ଭାରତ-କୋରିଆ ଫାଇନାଲ

ଇପୋ (ମାଲେସିଆ), ୨୭।୩

ମନଦୀପ ସିଂଙ୍କ ହ୍ୟାଟ୍ରିକ ଏବଂ ଓଡ଼ିଆ ଖେଳାଳି ଅମିତ ରୋହିଦାସଙ୍କ ସମେତ ଅନ୍ୟ ୪ ଖେଳାଳିଙ୍କ ଗୋଲ ଯୋଗୁ ଭାରତ ସୁଲତାନ ଆଜଲାନଶାହ କପ୍ ହକି ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ମ୍ୟାଚରେ କାନାଡ଼ାକୁ ୭-୩ ଗୋଲରେ ହରାଇ ଫାଇନାଲରେ ପ୍ରବେଶ କରିଛି। ୪ ମ୍ୟାଚରୁ ୩ ବିଜୟ ଓ ୧ ଡ୍ର ସହ ଭାରତ ୧୦ ପଏଣ୍ଟ ପାଇ ପୁଲ୍ ଷ୍ଟାଣ୍ଡିଂର ଶୀର୍ଷକୁ ଉନ୍ନୀତ ହୋଇଛି। ଅନ୍ୟଏକ ମ୍ୟାଚରେ ଦକ୍ଷିଣ କୋରିଆ ୨-୧ ଗୋଲରେ ମାଲେସିଆକୁ ପରାସ୍ତ କରିଛି। ଏହି ବିଜୟ ଫଳରେ କୋରିଆର ପଏଣ୍ଟ ସଂଖ୍ୟା ମଧ୍ୟ ୧୦ରେ ପହଞ୍ଚିଛି। ତେବେ ଗୋଲ ବ୍ୟବଧାନରେ ଭାରତ ଶୀର୍ଷରେ ରହି ଟାଇଟଲ ମୁକାବିଲାରେ ଅବତୀର୍ଣ୍ଣ ହୋଇଛି। ଭାରତ ଓ କୋରିଆ ମଧ୍ୟରେ ଫାଇନାଲ ଶନିବାର ଅନୁଷ୍ଠିତ ହେବ। ଅନ୍ୟପକ୍ଷରେ ଆୟୋଜକ ମାଲେସିଆର ଫାଇନାଲ ଆଶା ଧୂଳିସାତ ହୋଇଛି। କୋରିଆଠାରୁ ହାରିବାଦ୍ୱାରା ଦଳ ୬ ପଏଣ୍ଟରେ ସ୍ଥିର ରହିଛି। ଆଉ ଗୋଟିଏ ଲିଗ୍ ମ୍ୟାଚ ବାକିଥିବାରୁ ମାଲେସିଆର ଫାଇନାଲ ପ୍ରବେଶ ପଥ ବନ୍ଦ ହୋଇ ଯାଇଛି।

ଆଜି ଥିଲା ମନଦୀପଙ୍କ ଦିନ। ବରୁଣ କୁମାର ମ୍ୟାଚର ୧୨ତମ ମିନିଟରେ ପେନାଲ୍ଟି କର୍ନରରୁ ଭାରତ ପକ୍ଷରୁ ଗୋଲ ସ୍କୋରିଂ ଆରମ୍ଭ କରିଥିଲେ ହେଁ ମନଦୀପ ୨୦, ୨୭ ଓ ୨୯ତମ ମିନିଟରେ ହ୍ୟାଟ୍ରିକ ଗୋଲ ଦେଇ ଚର୍ଚ୍ଚାରେ ରହିଥିଲେ। ଓଡ଼ିଆ ଖେଳାଳି ଅମିତ ରୋହିଦାସଙ୍କ ପ୍ରଦର୍ଶନ ମଧ୍ୟ ଏହି ମ୍ୟାଚରେ ଅତି ଚମତ୍କାର ରହିଥିଲା। ସେ କେବଳ ଭଲ ଖେଳି ନ ଥିଲେ, ଭାରତର ଗୋଲ ସ୍କୋରିଂ ପ୍ରକ୍ରିୟାରେ ନିଜକୁ ସାମିଲ ମଧ୍ୟ କରିଥିଲେ। ୩୯ତମ ମିନିଟରେ ଭାରତକୁ ମିଳିଥିବା ପେନାଲ୍ଟି କର୍ନରକୁ ସେ ଗୋଲରେ ପରିଣତ କରି ନିଜ ଦକ୍ଷତାର ପରିଚୟ ଦେଇଥିଲେ। ଏତିକିରେ ଭାରତର ଗୋଲ ଦେବା ଧାରା ଅଟକି ନ ଥିଲା। ୫୫ତମ ମିନିଟରେ ବିବେକ ସାଗର ପ୍ରସାଦ ଓ ୫୮ତମ ମିନିଟରେ ନୀଳକାନ୍ତ ଶର୍ମା ଗୋଟିଏ ଲେଖାଏ ଗୋଲ ଦେଇ ଭାରତର ବୃହତ୍ ବିଜୟରେ ଭାଗୀଦାରି ହୋଇଥିଲେ। କାନାଡ଼ା ପକ୍ଷରୁ ମାର୍କ ପିଅରସନ ୩୫, ଫିନ୍ ବୁଥୋର୍ଡ ୫୦ ଓ ଜେମ୍ସ ୱାଲାସ ୫୭ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ।

୨୦୧୮ରେ ଭୁବନେଶ୍ୱରରେ ଅନୁଷ୍ଠିତ ହକି ବିଶ୍ୱକପରେ ଭାରତ ୫-୧ରେ କାନାଡ଼ାକୁ ପରାସ୍ତ କରିଥିଲା। ଏଠାରେ ମଧ୍ୟ ଦଳ ଆରମ୍ଭରୁ ଆକ୍ରମଣାତ୍ମକ ପ୍ରଦର୍ଶନ କରି ଫାଇଦାରେ ରହିଥିଲା। ପ୍ରଥମ କ୍ୱାର୍ଟର ଶେଷ ଭାଗରେ ସୁମିତ କୁମାର (ଜୁନିୟର) ବଲ୍ ନେଇ ପ୍ରତିପକ୍ଷ ଗୋଲପୋଷ୍ଟ ଏରିଆରେ ପ୍ରବେଶ କରିଥିବାବେଳେ ଭାରତୀୟ ଦଳକୁ ପେନାଲ୍ଟି କର୍ନର ମିଳିଥିଲା। ବରୁଣ କୁମାର ଏହାକୁ ଗୋଲରେ ପରିଣତ କରିବାରେ କୌଣସି ଭୁଲ୍ କରି ନ ଥିଲେ। ଚଳିତ ଟୁର୍ନାମେଣ୍ଟରେ ବରୁଣ କୁମାରଙ୍କର ଏହା ଥିଲା ତୃତୀୟ ଗୋଲ। ପ୍ରଥମ କ୍ୱାର୍ଟରରେ ୧-୦ରେ ଅଗ୍ରଣୀ ରହିବାପରେ ଭାରତୀୟ ଦଳ ଦ୍ୱିତୀୟ କ୍ୱାର୍ଟରରେ ମୋମେଣ୍ଟମ୍ ବଜାୟ ରଖିଥିଲା। ଏହି କ୍ୱାର୍ଟରର ପ୍ରଥମ ଗୋଲରେ ମଧ୍ୟ ସୁମିତ କୁମାରଙ୍କ ଭୂମିକା ରହିଥିଲା। ସେ ବଲ୍‌କୁ ପ୍ରତିପକ୍ଷ ଡି ଏରିଆରେ ମନଦୀପଙ୍କ ନିକଟକୁ ପାସ୍ ଦେଇଥିଲେ। ମନଦୀପ ବଲ୍‌କୁ ଡିଫ୍ଲେକ୍ଟ କରି ପୋଷ୍ଟରେ ଭର୍ତ୍ତି କରି ଦେଇଥିଲେ। ୨୧ତମ ମିନିଟରେ ଭାରତ ଆଉଏକ ପେନାଲ୍ଟି କର୍ନର ପାଇଥିଲେ ହେଁ ଅମିତ ରୋହିଦାସଙ୍କ ଫ୍ଲିକ୍‌କୁ କାନାଡ଼ିଆନ ଗୋଲକିପର ସେଭ୍ କରି ଦେଇଥିଲେ। ଭାରତ ଲଗାତର ଆଉ ୨ଟି ପେନାଲ୍ଟି କର୍ନର ପାଇଥିଲେ ହେଁ ଗୋଲ ହୋଇପାରି ନ ଥିଲା। ସେହିପରି କାନାଡ଼ା ମଧ୍ୟ ୨୬ତମ ମିନିଟରେ ଏକ ପେନାଲ୍ଟି କର୍ନର ମିସ୍ କରିଥିଲା। ତେବେ ଏହି କ୍ୱାର୍ଟରର ଶେଷ ଭାଗରେ ମନଦୀପ ଆଉ ୨ଟି ଗୋଲ ଦେଇ ଭାରତକୁ ଡ୍ରାଇଭର ସିଟ୍‌ରେ ବସାଇ ଦେଇଥିଲେ। ପ୍ରଥମାର୍ଦ୍ଧ ଶେଷ ବେଳକୁ ଭାରତ ୪-୦ ଗୋଲରେ ଅଗ୍ରଣୀ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ଉଭୟ ଭାରତ ଓ କାନାଡ଼ା ପକ୍ଷରୁ ୩ଟି ଲେଖାଏ ଗୋଲ ହୋଇଥିଲା। ଶେଷ ଭାଗରେ କାନାଡ଼ା ୨ଟି ଗୋଲ ପରିଶୋଧ କରିଥିଲେ ହେଁ ସେତେବେଳକୁ ବହୁ ବିଳମ୍ବ ହୋଇଯାଇଥିଲା। ଆକର୍ଷଣୀୟ ପ୍ରଦର୍ଶନ ପାଇଁ ମନଦୀପ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ। ପ୍ରତିଯୋଗିତାରେ ଭାରତ ଏହାର ଶେଷ ଲିଗ୍ ମ୍ୟାଚ ପୋଲାଣ୍ଡ ସହିତ ଖେଳିବ। ମଙ୍ଗଳବାର ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ଜାପାନ ୩-୦ ଗୋଲରେ ପୋଲାଣ୍ଡକୁ ହରାଇ ପଏଣ୍ଟ ଖାତା ଖୋଲିଛି।


ହ୍ୟାଟ୍ରିକ ଗୋଲ ସ୍କୋର କରିବା ପରେ ଖୁସି ମନାଉଛନ୍ତି ମନଦୀପ ସିଂ (ମଝି)।

**ଗୋଲ ସ୍କୋରର**

**ଭାରତ-୭**
ବରୁଣ କୁମାର: ୧୨ତମ ମିନିଟ
ମନଦୀପ ସିଂ: ୨୦, ୨୭, ୨୯ତମ ମିନିଟ
ଅମିତ ରୋହିଦାସ: ୩୯ତମ ମିନିଟ
ବିବେକ ସାଗର ପ୍ରସାଦ(୫୫ତମ)
ନୀଳକାନ୍ତ ଶର୍ମା ୫୮ତମ ମିନିଟ

**କାନାଡ଼ା-୩**
ମାର୍କ ପିଅରସନ: ୩୫ତମ ମିନିଟ
ଫିନ୍ ବୁଥୋର୍ଡ: ୫୦ତମ ମିନିଟ
ଜେମ୍ସ ୱାଲାସ: ୫୭ତମ ମିନିଟ

**ମନଦୀପ ସିଂ ମ୍ୟାନ ଅଫ ଦି ମ୍ୟାଚ**

# ଭାରତୀୟ ମହିଳା ହକି ଦଳରେ ୪ ଓଡ଼ିଆ

ନୂଆଦିଲ୍ଲୀ,୨୭।୩(ପିଟି)

ଆଗାମୀ ମାଲେସିଆ ଗସ୍ତ ଲାଗି ହକି ଇଣ୍ଡିଆ ପକ୍ଷରୁ ଗୋଲକିପର ସବିତାଙ୍କ ନେତୃତ୍ୱରେ ୧୮ ଜଣିଆ ଭାରତୀୟ ମହିଳା ଦଳ ବୁଧବାର ଘୋଷଣା କରାଯାଇଛି। ଆସନ୍ତା ଏପ୍ରିଲ ୪ ତାରିଖଠାରୁ ମାଲେସିଆ ବିପକ୍ଷରେ ଭାରତ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଖେଳିବ। ସବିତାଙ୍କ ଡେପୁଟି ଭାବେ ଓଡ଼ିଶାର ଦୀପଗ୍ରେସ ଏକ୍କାଙ୍କୁ ଦାୟିତ୍ୱ ଦିଆଯାଇଛି। ଏକ୍କାଙ୍କ ବ୍ୟତୀତ ଦଳରେ ଆହୁରି ୩ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ସୁନୀତା ଲାକ୍ରା, ଲିଲିମା ମିଞ୍ଜ ଓ ରଶ୍ମିତା ମିଞ୍ଜ। ଭାରତୀୟ ଦଳର ନିୟମିତ ଅଧିନାୟିକା ରାଣୀ ରାମ୍‌ପଲ ଆହତ ସମସ୍ୟା ଯୋଗୁ ଦଳରୁ ବାଦ୍ ପଡ଼ିଛନ୍ତି। ଏଣୁ ୮ ଦିନିଆ କୁଆଲାଲମ୍ପୁର ଗସ୍ତ ଲାଗି ସବିତାଙ୍କୁ ନେତୃତ୍ୱ ଦିଆଯାଇଛି। ୨୦୨୦ ଅଲିମ୍ପିକ୍ କ୍ୱାଲିଫାଇଙ୍ଗ ଇଭେଣ୍ଟ ପୂର୍ବରୁ ମାଲେସିଆ ଗସ୍ତ ସମ୍ପର୍କରେ କୋଚ୍ ଜୋର୍ଡ ମାରିଜନେ କହିଛନ୍ତି, ସ୍ପେନ ଗସ୍ତ ପରେ ଆମେ ଡିଫେନ୍ସ ଭାଗର ଶକ୍ତି ବୃଦ୍ଧି ଓ ଅଧିକ ସୁଯୋଗ ସୃଷ୍ଟି କରିବାକୁ ଗୁରୁତ୍ୱ ଦେବୁ। ଏହାବାଦ୍ ପ୍ରତ୍ୟେକ ଖେଳାଳିଙ୍କ ସ୍ଥିର ପ୍ରଦର୍ଶନ ଉପରେ କାର୍ଯ୍ୟ ଜାରି ରଖିବୁ। ଦଳରେ ସିନିୟର ଖେଳାଳିଙ୍କ ଅନୁପସ୍ଥିତି ଯୁବ ଖେଳାଳିଙ୍କ ଲାଗି ବଡ଼ ସୁଯୋଗ। ସେମାନେ ଅନ୍ତର୍ଜାତୀୟ ସ୍ତରରେ ଅଭିଜ୍ଞତା ହାସଲ କରିପାରିବେ। ଏହାଦ୍ୱାରା ଚୟନ ପ୍ରକ୍ରିୟା ପାଇଁ ଆମ ନିକଟରେ ଅଧିକ ବିକଳ୍ପ ରହିବ। ରାଜନୀ ଇଟିମାର୍ପୁ ଦଳରେ ଦ୍ୱିତୀୟ ଗୋଲକିପର ଭାବେ ସ୍ଥାନ ପାଇଛନ୍ତି। ସାଲିମା ଟେଟେ, ରିନା ଖୋକାର, ଦୀପଗ୍ରେସ ଏକ୍କା, ରଶ୍ମିତା ମିଞ୍ଜ, ସୁଶିଲା ଚାନୁ ପୁଖରାମବାମ ଓ ସୁନିତା ଲାକ୍ରା ଡିଫେନ୍ସ ଭାଗ ସମ୍ଭାଳିବେ। ମିଡ୍‌ଫିଲ୍ଡରେ ଅଭିଜ୍ଞ ମୋନିକା, ଆହତ ସମସ୍ୟାରୁ ଫେରିଥିବା କରିସ୍ମା ଯାଦବ, ନିକି ପ୍ରଧାନ, ନେହା ଗୋୟଲ ଓ ଲିଲିମା ମିଞ୍ଜ ରହିଛନ୍ତି। ଦଳର ଆକ୍ରମଣ ତଥା ଫରୱାର୍ଡ ଲାଇନ୍‌ରେ ଜ୍ୟୋତି, ବନ୍ଦନା କାଟାରିୟା, ଲାଲରେସିଆମି, ନବଜୋତ କୌର, ନବନୀତ କୌର ରହିଛନ୍ତି।


ମାଲେସିଆ ଗସ୍ତ ପାଇଁ ମନୋନୀତ ଭାରତୀୟ ମହିଳା ହକି ଦଳ।

# ପୁରୁଷ ହକିର ନୂଆ କୋଚ୍ ହେବେ ଗ୍ରାହମ ରିଡ୍

ନୂଆଦିଲ୍ଲୀ, ୨୭।୩ (ପି.ଟି.)

ଅଷ୍ଟ୍ରେଲିଆର ଗ୍ରାହମ ରିଡ୍ ଭାରତୀୟ ପୁରୁଷ ହକି ଦଳର ନୂତନ ମୁଖ୍ୟକୋଚ୍ ନିଯୁକ୍ତ ହେବେ। ଆଗାମୀ ୨୦୨୨ ହକି ବିଶ୍ୱକପ୍ ପର୍ଯ୍ୟନ୍ତ ରିଡ୍ ଏହି ଗୁରୁତ୍ୱପୂର୍ଣ୍ଣ ପଦରେ ରହିବେ। ଗତ ୩ ମାସ ହେବ ଭାରତୀୟ ହକି ଦଳର ମୁଖ୍ୟ କୋଚ୍ ପଦ ଖାଲି ରହିଛି। ହକି ଇଣ୍ଡିଆ ଓ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ମଧ୍ୟରେ ମଙ୍ଗଳବାର ଅନୁଷ୍ଠିତ ବୈଠକରେ ରିଡ୍‌ଙ୍କ ନାମ ଚୂଡ଼ାନ୍ତ ହୋଇଥିବା ଜଣାପଡ଼ିଛି। ଅନ୍ୟତମ ଅଷ୍ଟ୍ରେଲୀୟ ଖେଳାଳି ତଥା ୩ଥର ଅଲିମ୍ପିକ ପଦକ ବିଜେତା ଜୟ ଷ୍ଟାସି କୋଚ୍ ଦୌଡ଼ରେ ରହିଥିଲେ ମଧ୍ୟ ରିଡ୍‌ଙ୍କ ନାମକୁ ଶେଷରେ ଚୟନ କରାଯାଇଛି। ଫାଇନାଲ ଅନୁମୋଦନ ପାଇଁ ରିଡ୍‌ଙ୍କ ନାମକୁ କ୍ରୀଡ଼ା ବିଭାଗ ନିକଟକୁ ପଠାଇ ଦିଆଯାଇଛି ଏବଂ ଚଳିତ ସପ୍ତାହ ଶେଷ ସୁଦ୍ଧା କୋଚ୍ ନିଯୁକ୍ତି ନେଇ ଅଫିସିଆଲ ଘୋଷଣା ହୋଇପାରେ। ରିଡ୍ ଅଷ୍ଟ୍ରେଲିଆ ପକ୍ଷରୁ ୧୩୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ୧୯୯୨ ବାର୍ସିଲୋନା ଅଲିମ୍ପିକ୍ସ ରୌପ୍ୟ ପଦକ ବିଜୟୀ ଦଳର ସେ ଅନ୍ୟତମ ପ୍ରମୁଖ ଥିଲେ। ୨୦୧୬ ରିଓ ଅଲିମ୍ପିକ୍ସ ସମୟରେ ରିଡ୍ ଅଷ୍ଟ୍ରେଲିଆର ମୁଖ୍ୟ କୋଚ୍ ରହିଥିଲେ। କିନ୍ତୁ ତାଙ୍କ ଦଳ ପଦକ ଜିତିବାରେ ବିଫଳ ହେବାରୁ ସେ ନିଜ ପଦରୁ ଇସ୍ତଫା ଦେଇଥିଲେ। ଗତବର୍ଷ ଭୁବନେଶ୍ୱରରେ ଅନୁଷ୍ଠିତ ପୁରୁଷ ହକି ବିଶ୍ୱକପ୍‌ରେ ଭାରତୀୟ ଦଳ ନୈରାଶ୍ୟଜନକ ଭାବେ କ୍ୱାର୍ଟର ଫାଇନାଲରୁ ବିଦାୟ ନେବା ପରେ ଜାନୁୟାରୀରେ ମୁଖ୍ୟ କୋଚ୍ ହରେନ୍ଦ୍ର ସିଂଙ୍କୁ ବାହାର କରିଦିଆଯାଇଥିଲା।



## ■ ବିଳାସ ରାଉତରାୟ ସ୍ମାରକୀ ଫୁଟବଲ

# ଅନ୍ତର୍ଯ୍ୟାମୀଙ୍କ ହ୍ୟାଟ୍ରିକ: ଜଗା ୟୁନାଇଟେଡ୍ ବିଜୟୀ



ଅତିଥିଙ୍କଠାରୁ ଅନ୍ତର୍ଯ୍ୟାମୀ ମଲିକ ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର, ୨୭।୩(କ୍ରୀଡ଼ା ପ୍ରତିନିଧି)

ପୋଖରୀପୁଟ ଖେଳ ପଡ଼ିଆରେ ଚାଲିଥିବା ୪ର୍ଥ ବିଳାସ ରାଉତରାୟ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ୫ମ ମ୍ୟାଚରେ ଭୁବନେଶ୍ୱରର ଜଗା ୟୁନାଇଟେଡ ୩-୦ ଗୋଲରେ ଖୋର୍ଦ୍ଧାର ଶବର ସ୍ପୋର୍ଟିଂକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଅନ୍ତର୍ଯ୍ୟାମୀ ମଲିକ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଫଳରେ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ସୁଦୀପ ଦାସ, ସରୋଜ ମହାରଣା ଓ ରାଜୁ ବାରିକ ମ୍ୟାଚ ପରିଚାଳନା କରିଥିଲେ। ମିହିର ଚନ୍ଦ୍ର ମହାନ୍ତି, ପ୍ରତାପ ଜେନା ଓ ଚିତ୍ତରଞ୍ଜନ ବିଶ୍ୱାଳ ଅତିଥିଭାବେ ଯୋଗ ଦେଇଥିଲେ। ରଣଜିତ ସାମନ୍ତରାୟ, ବିଜୟ ସେଠୀ, ଟୁଲୁ ଜେନା, ବାବୁ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଜଗା ୟୁନାଇଟେଡ ଓ ଭୁବନେଶ୍ୱର ଏକାଦଶ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଗୁରୁବାର ଅନୁଷ୍ଠିତ ହେବ।

## ପୂର୍ବରୁ ମଙ୍କଡିଙ୍ଗ୍ କରିଥିଲେ ଅଶ୍ୱିନ

ନୂଆଦିଲ୍ଲୀ,୨୭।୩

ଚଳିତ ଆଇପିଏଲରେ କିଙ୍ଗ୍ସ ଏକାଦଶ ପଞ୍ଜାବ ଦଳର ଅଧିନାୟକ ରବିଚନ୍ଦ୍ରନ ଅଶ୍ୱିନ ରାଜସ୍ଥାନ ରୟାଲ୍ସ ବ୍ୟାଟ୍ସମ୍ୟାନ ଜୋସ ବଟଲରଙ୍କୁ ମକ୍‌ଡିଙ୍ଗ କରିବାରେ ଚର୍ଚ୍ଚାର ବିଷୟ ପାଲଟିଛନ୍ତି। ତେବେ ଅଶ୍ୱିନ ମଙ୍କଡିଙ୍ଗ କରିବାର ଏହା ପ୍ରଥମ ଘଟଣା ନୁହେଁ। ସେ ସମାନ ଘଟଣା ୨୦୧୨ ଅନ୍ତର୍ଜାତୀୟ କ୍ରିକେଟରେ ଘଟାଇଥିଲେ। ହେଲେ ଷ୍ଟାଣ୍ଡବାଇ କ୍ୟାପଟେନ ବୀରେନ୍ଦ୍ର ସେହ୍ୱାଗ ଓ ସଚିନ ତେନ୍ଦୁଲକର ଅପିଲକୁ ପ୍ରତ୍ୟାଖ୍ୟାନ କରିଥିଲେ। ଫଳରେ ବ୍ୟାଟ୍ସମ୍ୟାନ କ୍ରିଜରେ ରହିଥିଲେ। ୨୦୧୨ରେ ଗାବାଠାରେ ଶ୍ରୀଲଙ୍କା ବିପକ୍ଷରେ ଖେଳାଯାଇଥିବା ଦିନିକିଆ ମ୍ୟାଚ୍‌ରେ ଅଶ୍ୱିନ ଲାହିରୁ ଥିରିମାନେଙ୍କୁ ମଙ୍କଡିଙ୍ଗ୍ କରି ଅପିଲ କରିଥିଲେ। ଦୁଇ ଫିଲ୍ଡ ଅମ୍ପାୟର ପରସ୍ପର ମଧ୍ୟରେ ଆଲୋଚନା କରିବା ପରେ ସେହ୍ୱାଗଙ୍କୁ ଡକାଇ ଅପିଲ ପ୍ରତ୍ୟାହାର କରିବେ ନା ଜାରି ରଖିବେ ବୋଲି ପ୍ରଶ୍ନ କରିଥିଲେ। ଏହାପରେ ସେହ୍ୱାଗ ଅପିଲ ପ୍ରତ୍ୟାହାର କରିଥିଲେ।

## ■ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆମେରିକାନ୍ ଫୁଟବଲ

# ଚଣ୍ଡିଗଡ଼, ପୂର୍ଣ୍ଣିମା ବିଶ୍ୱବିଦ୍ୟାଳୟ ଚାମ୍ପିୟନ

ଭୁବନେଶ୍ୱର, ୨୭।୩(କ୍ରୀଡ଼ା ପ୍ରତିନିଧି)

ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ସହଯୋଗରେ କିଟ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆମେରିକାନ୍ ଫୁଟବଲ (ପୁରୁଷ) ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଛି। ପ୍ରତିଯୋଗିତା ୨ଟି ଟ୍ୟାକ୍‌ଲ ଓ ଫ୍ଲାଗ୍ ବିଭାଗରେ ଅନୁଷ୍ଠିତ ହୋଇଥିଲା। ଟ୍ୟାକ୍‌ଲ ଫୁଟବଲର ଫାଇନାଲରେ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ଚାମ୍ପିୟନ ଓ ପଞ୍ଜାବର ଲଭ୍‌ଲି ପ୍ରଫେଶନାଲ ବିଶ୍ୱବିଦ୍ୟାଳୟ ରନର୍ସଅପ୍ ହୋଇଛି। କଲିକତାର ଯାଦବପୁର ବିଶ୍ୱବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଛି। ସେହିପରି ଫ୍ଲାଗ୍ ଫୁଟବଲରେ ଜୟପୁରର ପୂର୍ଣ୍ଣିମା ବିଶ୍ୱବିଦ୍ୟାଳୟ ଚାମ୍ପିୟନ ହୋଇଛି। ମଣିପାଲ ବିଶ୍ୱବିଦ୍ୟାଳୟ ରନର୍ସଅପ୍ ଓ ଜୟପୁର ଜାତୀୟ ବିଶ୍ୱବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଛି। କିଟ୍ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ସସ୍ମିତା ସାମନ୍ତ, ଡେପୁଟି ରେଜିଷ୍ଟ୍ରାର ପି.କେ. ଚମ୍ପତି, କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ , କିଟ୍ କ୍ୱାଲିଟି ଆସ୍ୟୁରାନ୍ସ ସେଲ୍ ଡାଇରେକ୍ଟର ଜୟନ୍ତ ପରିଡ଼ା, ଶିବାନନ୍ଦ ମିଶ୍ର (ଡାଇରେକ୍ଟର, ଏଚ୍‌ଆର) ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ରାଜ୍ୟସଭା ସଦସ୍ୟ ଅଚ୍ୟୁତ ସାମନ୍ତ ଦୁଇ ଚାମ୍ପିୟନ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।



ଅତିଥିଙ୍କ ଗହଣରେ ଚାମ୍ପିୟନ ଚଣ୍ଡିଗଡ ଦଳର ଖେଳାଳିମାନେ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୨୮/୨୦୧୯ Bhubaneswar, Thursday, March 28/2019

# ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ପାଇଁ ଶାଳ ଅନୁକୂଳ

**ପୁରୁଣା ଭୁବନେଶ୍ୱର, ୨୭।୩(ଡି.ଏନ.ଏ.)**

ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କର ରୁକୁଣା ରଥ ଯାତ୍ରା ପାଇଁ ଚାଲିଛି ରଥ ନିର୍ମାଣ। ବୁଧବାର ରଥ ଖଳାରେ ୪ ଚକର ଗୋଟା ଉପରେ ଅର ଓ ପହି ଲାଗିବା କାର୍ଯ୍ୟ ସମ୍ପନ୍ନ ହୋଇଛି। ଏଥିସହ ଆଗକୁ ରଥର ବିଭିନ୍ନ ଅଂଶରେ ବ୍ୟବହୃତ ହେବାକୁ ଥିବା ଲୁହା କଣ୍ଟା, ଲୁହାର ଅନ୍ୟାନ୍ୟ ସଂରଞ୍ଜାମ ବ୍ୟବହାର ପାଇଁ ରଥ ଖଳାର ଉତ୍ତର-ପୂର୍ବ ଅଗ୍ନି କୋଣରେ କମାର ଶାଳ ବସିଥାଏ। ପରମ୍ପରା ଅନୁଯାୟୀ ଏହାକୁ ବୁଧବାର ପୂର୍ବାହ୍ନରେ ପୂଜାର୍ଚ୍ଚନା ମଧ୍ୟ କରାଯାଇଥିଲା। ପୂଜାର୍ଚ୍ଚନା ସମୟରେ ମୁଖ୍ୟ ସର୍ଦାରୀ ମହାରଣା, ବଟକୃଷ୍ଣ ମହାରଣା, ଶ୍ରୀଲିଙ୍ଗରାଜ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁ ଉପସ୍ଥିତ ଥିଲେ। ମହାରଣା ସେବାୟତ ବବୁ ମହାରଣା ପୂଜାରେ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ସୂଚନା ଥାଉକି ଚଳିତ ବର୍ଷ ଶ୍ରୀଲିଙ୍ଗରାଜଙ୍କ ରଥ କାର୍ଯ୍ୟ ନିର୍ମାଣ ପାଇଁ ରଥଖଳାରେ ପ୍ରାୟ ୭୦ ଜଣ ବୁଧବାର ରଥକାର୍ଯ୍ୟରେ ନିୟୋଜିତ ଥିବା ଦେଖିବାକୁ ମିଳିଥିଲା। ପ୍ରବଳ ଗୁଳୁଗୁଳି ଓ ଖରାକୁ ଲକ୍ଷ୍ୟ କରି ମନ୍ଦିର ପ୍ରଶାସନ ପକ୍ଷରୁ ଥଣ୍ଡା ପାନୀୟ ଜଳ ଏବଂ ପଙ୍ଖାର ବ୍ୟବସ୍ଥା ହୋଇଥିଲା। ବିଗତ ୫୦ ବର୍ଷ ପୂର୍ବରୁ ମହାରଣାଙ୍କ ପାଇଁ ଏଭଳି ଆତିଥେୟତା ହୋଇ ନ ଥିବା କହିଛନ୍ତି ସୋମନାଥ ମହାରଣା।




# ବନ୍ଧୁକ ଜବତ: ୨ ବ୍ୟବସାୟୀ ଗିରଫ



ଗିରଫ ୨ ଅଭିଯୁକ୍ତ।

**କଟକ ଅଫିସ,୨୭।୩**

ବେଆଇନ ବନ୍ଧୁକ କାରବାର କରୁଥିବା ଦୁଇଜଣ ବ୍ୟବସାୟୀଙ୍କୁ ମାଲ୍‌ଗୋଦାମ ପୋଲିସ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଯୋବ୍ରା ତଳସାହି ଅଞ୍ଚଳର ଦେବଦତ୍ତ ସିଂ ବେହେରା ଓରଫ୍ ଦୀପୁ ଓ ନଦୀକୂଳସାହି ଅଞ୍ଚଳର ବିଶ୍ୱଜିତ୍ ମହାନ୍ତି ଓରଫ୍ ହାପି। ସେମାନଙ୍କ ଠାରୁ ପୋଲିସ ଏକ ଦେଶୀବନ୍ଧୁକ ଜବତ କରିବା ସହ ଥାନାରେ ମାମଲା(ନଂ.୬୮/୧୯) ରୁଜୁ କରିଛି। ଉଭୟ ଅଭିଯୁକ୍ତଙ୍କ ବିରୋଧରେ ମାଲଗୋଦାମ ଥାନାରେ ବହୁ ଆପରାଧିକ ମାମଲା ରହିଥିବା ପୋଲିସ କହିଛି। ପୋଲିସ ସୂଚନା ଅନୁଯାୟୀ, ମଙ୍ଗଳବାର ରାତି ୯ଟାରେ ମାଲଗୋଦାମ ଥାନା ଅନ୍ତର୍ଗତ ଯୋବ୍ରା ମାଛବଜାର ଅଞ୍ଚଳରେ ଅଭିଯୁକ୍ତ ଦ୍ୱୟ ବନ୍ଧୁକ ଧରି ବୁଲୁଥିବା ସମ୍ପର୍କରେ ଥାନା ଅଧିକାରୀ ରବି ନାରାୟଣ ଭଞ୍ଜ ସୂଚନା ପାଇଥିଲେ। ପରେ ଥାନା ଏସ୍‌ଆଇ ସୁନୀଲ ଯାଦବଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଚଢାଉ କରି ଅଭିଯୁକ୍ତଙ୍କୁ କାବୁ କରିଥିଲେ। ଯାଞ୍ଚ କରାଯିବାରୁ ସେମାନଙ୍କ ଠାରୁ ଉକ୍ତ ବନ୍ଧୁକ ବାହାରିଥିଲା। ସେମାନେ ଉକ୍ତ ବନ୍ଧୁକର ଲାଇସେନ୍ସ ଦେଖାଇ ନ ପାରିବାରୁ ପୋଲିସ ସେମାନଙ୍କୁ ଗିରଫ କରିଥିଲା। ପଚରାଉଚରା ପରେ ସେମାନେ ଉକ୍ତ ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ବନ୍ଧୁକ ବିକ୍ରି କରିବାକୁ ଆସିଥିବା ସ୍ୱୀକାର କରିଥିଲେ। ତେବେ ସେମାନେ କେଉଁଠୁ ବନ୍ଧୁକ ଆଣିଲେ, କାହାକୁ ବିକିବାକୁ ଆସିଥିଲେ, କିପରି କାରବାର ଚଳାଉଥିଲେ, ଏଭଳି କେତେକ ଦିଗ ଉପରେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

# ହିନ୍ଦୁତ୍ୱର ସୁରକ୍ଷା ପାଇଁ ରାଜନୀତି ମଇଦାନରେ ଅଖିଳ ଭାରତ ହିନ୍ଦୁ ମହାସଭା

**ଭୁବନେଶ୍ୱର,୨୭।୩(ବ୍ୟୁରୋ)**

ଅଖିଳ ଭାରତ ହିନ୍ଦୁ ମହାସଭା ଓଡ଼ିଶା ପ୍ରଦେଶର ରାଜ୍ୟସ୍ତରୀୟ ନିର୍ବାଚନୀ କର୍ମୀ ସମ୍ମିଳନୀ ଶେଷ ହୋଇଛି। ରାଜ୍ୟର ବିଭିନ୍ନ ଆସନରେ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ଦେଶରେ ହିନ୍ଦୁତ୍ୱ ନାମରେ ଗରିବ ହଟାଅ, ଭଲ ଦିନର ସ୍ୱପ୍ନ ଦେଖାଇ ଭାଜପା ସରକାର ଯେପରି ନାଟକବାଜି କଲେ, ତାହା ଏବେ ସମସ୍ତ ଜନସାଧାରଣ ଉପଲବ୍ଧି କରିସାରିଛନ୍ତି। ହିନ୍ଦୁ ମହାସଭା ଦେଶର ସ୍ୱାଭିମାନ, ସମ୍ମାନ ଓ ଅଖଣ୍ଡତା ପାଇଁ କାର୍ଯ୍ୟ କରିଆସୁଛି ଏବଂ ଆଗାମୀ ଦିନରେ ମଧ୍ୟ କରିବ। ନିର୍ବାଚନ ପାଇଁ ଦଳ ଖୁବ୍‌ଶୀଘ୍ର ଇସ୍ତାହାର ପ୍ରକାଶ କରିବ ବୋଲି ରାଜ୍ୟ ଅଧ୍ୟକ୍ଷା ଗୀତା ଚୟନୀ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି।












2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

# ଆସନ୍ତା ୪ରେ ଆସିବେ ରାହୁଲ

**ଭୁବନେଶ୍ୱର,୨୭।୩ (ବ୍ୟୁରୋ):** ଭାଜପା ନିଜ ଷ୍ଟାର ପ୍ରଚାରକ ତାଲିକାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଦଳର ରାଷ୍ଟ୍ରୀୟ ସଭାପତି ଅମିତ ଶାହଙ୍କୁ ରଖିଛି। ସେହିପରି ତାଲିକାରେ କେନ୍ଦ୍ରର ଆହୁରି ଅନେକ ହେଭିୱେଟ୍‌ଙ୍କୁ ମଧ ରଖିଛି। ଆସନ୍ତା ୨୯ ଓ ୨ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଆସୁଥିବା ବେଳେ ୧ରେ ଶାହ ଆସିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ସେହିକ୍ରମରେ କଂଗ୍ରେସ ମଧ ଆସନ୍ତା ୪ରୁ କେନ୍ଦ୍ରୀୟ ନେତାଙ୍କୁ ଆଣି ପ୍ରଚାର କାର୍ଯ୍ୟ ଆରମ୍ଭ କରିବାକୁ ଯାଉଛି। କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ୪ତାରିଖରେ ଓଡ଼ିଶା ଆସିବେ ବୋଲି ଦଳର ଭୁବନେଶ୍ୱର ଜିଲା ସଭାପତି ମାନସ ଚୌଧୁରୀ ସୂଚନା ଦେଇଛନ୍ତି। ରାହୁଲ ଦିନିକିଆ ବ୍ରହ୍ମପୁର ଗସ୍ତରେ ଆସିବେ। ବ୍ରହ୍ମପୁରଠାରେ ଆୟୋଜିତ ସାଧାରଣ ସଭାରେ ରାହୁଲ ଯୋଗଦେବା ସହିତ ନିର୍ବାଚନୀ ରାଲି କରିବେ ବୋଲି ଜଣାପଡିଛି।

# ବିଜେଡିର ୪ର୍ଥ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା

## ଲୋକ ସଭା

ଭୁବନେଶ୍ୱର

ଅରୂପ ମୋହନ ପଟ୍ଟନାୟକ

ପୁରୀ

ପିନାକୀ ମିଶ୍ର

ମୟୂରଭଞ୍ଜ

ଡକ୍ଟର ଦେବାଶିଷ ମାରାଣ୍ଡି

ଜଗତ୍‌ସିଂହପୁର

ଡକ୍ଟର ରାଜଶ୍ରୀ ମଲ୍ଲିକ

କେନ୍ଦ୍ରାପଡ଼ା

ଅନୁଭବ ମହାନ୍ତି

ସମ୍ବଲପୁର

ନଳିନୀକାନ୍ତ ପ୍ରଧାନ

ବାଲେଶ୍ୱର

ରବୀନ୍ଦ୍ର କୁମାର ଜେନା

ଯାଜପୁର

ଶର୍ମିଷ୍ଠା ସେଠୀ

ଭଦ୍ରକ

ମଞ୍ଜୁଲତା ମଣ୍ଡଳ

## ବିଧାନ ସଭା

| | | | |
|---|---|---|---|
| ରେମୁଣା | ସୁଧାଂଶୁ ଶେଖର ପରିଡ଼ା | ଭଣ୍ଡାରିପୋଖରୀ | ପ୍ରଫୁଲ୍ଲ ସାମଲ |
| ବିଞ୍ଝାରପୁର | ପ୍ରମିଳା ମଲ୍ଲିକ | ବାଙ୍କୀ | ଦେବୀରଞ୍ଜନ ତ୍ରିପାଠୀ |
| ମହାକାଳପଡ଼ା | ଅତନୁ ସବ୍ୟସାଚୀ ନାୟକ | କଟକ–ଚୌଦ୍ୱାର | ସୌଭିକ ବିଶ୍ୱାଳ |
| ଚାନ୍ଦବାଲି | ବ୍ୟୋମକେଶ ରାୟ | ଆଠଗଡ଼ | ରଣେନ୍ଦ୍ର ପ୍ରତାପ ସ୍ୱାଇଁ |
| ସିମୁଳିଆ | ଜ୍ୟୋତିପ୍ରକାଶ ପାଣିଗ୍ରାହୀ | ବଡ଼ମ୍ବା– ନରସିଂହପୁର | ଦେବୀ ପ୍ରସାଦ ମିଶ୍ର |
| ଧର୍ମଶାଳା | ପ୍ରଣବ କୁମାର ବଳବନ୍ତରାୟ | ହିନ୍ଦୋଳ | ସୀମାରାଣୀ ନାୟକ |
| ସୁକିନ୍ଦା | ପ୍ରୀତିରଞ୍ଜନ ଘଡ଼େଇ | ଅନୁଗୋଳ | ରଜନୀକାନ୍ତ ସିଂହ |
| ପାଟକୁରା | ବେଦପ୍ରକାଶ ଅଗ୍ରୱାଲା | ଛେଣ୍ଡିପଦା | ସୁଶାନ୍ତ କୁମାର ବେହେରା |
| ଆଳି | ପ୍ରତାପ କେଶରୀ ଦେବ | ଢେଙ୍କାନାଳ | ସୁଧୀର କୁମାର ସାମଲ |
| ମାହାଙ୍ଗା | ପ୍ରତାପ ଜେନା | କାମାକ୍ଷାନଗର | ପ୍ରଫୁଲ୍ଲ ମଲ୍ଲିକ |
| ସାଲେପୁର | ପ୍ରଶାନ୍ତ ବେହେରା | ପରଜଙ୍ଗ | ନୃସିଂହ ଚରଣ ସାହୁ |
| ବାସୁଦେବପୁର | ବିଷ୍ଣୁବ୍ରତ ରାଉତରାୟ | ତାଳଚେର | ବ୍ରଜ କିଶୋର ପ୍ରଧାନ |
| ଘସିପୁରା | ବଦ୍ରି ନାରାୟଣ ପାତ୍ର | କୁଚିଣ୍ଡା | କିଶୋର ଚନ୍ଦ୍ର ନାୟକ |
| ପାଟଣା | ଜଗନ୍ନାଥ ନାଏକ | ବ୍ରହ୍ମଗିରି | ସଞ୍ଜୟ କୁମାର ଦାସବର୍ମା |
| କେନ୍ଦୁଝର | ମାଧବ ସର୍ଦ୍ଦାର | ସତ୍ୟବାଦୀ | ଉମାକାନ୍ତ ସାମନ୍ତରାୟ |
| ତେଲକୋଇ | ପ୍ରେମାନନ୍ଦ ନାଏକ | ଏକାମ୍ର ଭୁବନେଶ୍ୱର | ଅଶୋକ ଚନ୍ଦ୍ର ପଣ୍ଡା |
| କରଞ୍ଜିଆ | ବାସନ୍ତୀ ହେମ୍ବ୍ରମ | ରଣପୁର | ସତ୍ୟନାରାୟଣ ପ୍ରଧାନ |
| ଭୋଗରାଇ | ଅନନ୍ତ ଦାସ | ନୟାଗଡ଼ | ଅରୁଣ ସାହୁ |


ରିଟର୍ନିଂ ଅଫିସରଙ୍କ ନିକଟରେ ଅଭିଯୋଗ କରାଯାଉଛି।

■ ହିଞ୍ଜିଳି ବିଧାନସଭା ଆସନ

# ନବୀନଙ୍କ ନାମାଙ୍କନରେ ତ୍ରୁଟି ରହିଛି: ପୀତାମ୍ବର

**ଛତ୍ରପୁର,୨୭।୩(ଡି.ଏନ.ଏ.)**

**୯ ନାମାଙ୍କନପତ୍ର କାଏମ, ଜଣଙ୍କର ନାକଚ**

ଗଞ୍ଜାମ ଜିଲା ହିଞ୍ଜିଳି ବିଧାନସଭା ଆସନ ପାଇଁ ନବୀନ ପଟ୍ଟନାୟକ (ବିଜେଡି)ଙ୍କ ସମେତ ୯ ଜଣଙ୍କ ନାମାଙ୍କନପତ୍ର ବୁଧବାର ଯାଞ୍ଚ ପରେ କାଏମ ରହିଛି। ଅନ୍ୟମାନେ ହେଲେ ଭାଜପାର ପୀତାମ୍ବର ଆଚାର୍ଯ୍ୟ, ବିଏସ୍‌ପିର ଭାସ୍କର ଚୌଧୁରୀ, କଂଗ୍ରେସର ଶମ୍ଭୁ ପାଣିଗ୍ରାହୀ, ଏସୟୁସିଆଇ (ସି)ର ଡି. ତିରୁପତି ଦୋରା, ଆମ୍ବେଦକର ନ୍ୟାଶନାଲ କଂଗ୍ରେସର ରଞ୍ଜନ କୁମାର ଆପଟ, ସ୍ୱାଧୀନର ବାବୁଲା ସାହୁ, ସି. ଲକ୍ଷ୍ମୀ ଆଚାରୀ ଓ ସୁକାନ୍ତ କିଶୋର ପଣ୍ଡା। ଅପରପକ୍ଷରେ ରାମକୃଷ୍ଣ ପଣ୍ଡାଙ୍କ ନାମାଙ୍କନପତ୍ର ନାକଚ ହୋଇଯାଇଛି। ସେ ଦଳୀୟ ଟିକେଟ ଦାଖଲ କରି ନ ଥିଲେ। ଏଥିସହ ସେ ନାମାଙ୍କନ ପତ୍ର ଦାଖଲ ବେଳେ ତାଙ୍କର ୧୦ ଜଣ ପ୍ରସ୍ତାବକ ନ ଥିବାରୁ ନାମାଙ୍କନପତ୍ର ନାକଚ ହୋଇଯାଇଥିବା ଜଣାପଡିଛି। ନବୀନ ତାଙ୍କ ସତ୍ୟପାଠରେ ଠିକ୍ ସ୍ଥାନରେ ଦସ୍ତଖତ କରି ନ ଥିବା ଏବଂ କୋଇଲା ଦୁର୍ନୀତି ମାମଲାରେ ନବୀନଙ୍କୁ ସିବିଆଇ ଜେରା କରିଥିଲେ ହେଁ ସେ ସମ୍ପର୍କରେ ସେ ସତ୍ୟପାଠରେ ଉଲ୍ଲେଖ କରି ନ ଥିବା ଭାଜପା ପ୍ରାର୍ଥୀ ପୀତାମ୍ବର ଅଭିଯୋଗ କରିଛନ୍ତି। ବୁଧବାର ନାମାଙ୍କନପତ୍ର ଯାଞ୍ଚ ବେଳେ ରିଟର୍ନିଂ ଅଫିସର ତଥା ଡେପୁଟି କଲେକ୍ଟର ସଚ୍ଚିଦାନନ୍ଦ ନାୟକଙ୍କ ନିକଟରେ ଉପରୋକ୍ତ ଅଭିଯୋଗ ନେଇ ପୀତାମ୍ବର ଏକ ପିଟିଶନ ଦାଖଲ କରିଥିଲେ। ଉକ୍ତ ପିଟିଶନକୁ ରିଟର୍ନିଂ ଅଫିସର ଗ୍ରହଣ କରିଥିଲେ ହେଁ ଏହି ଅଭିଯୋଗକୁ ଖଣ୍ଡନ କରିବା ସହ ସନ୍ଦେହ ଥିଲେ କୋର୍ଟର ଆଶ୍ରୟ ନେବାକୁ ପୀତାମ୍ବରଙ୍କୁ ସେ ପରାମର୍ଶ ଦେଇଥିଲେ। ଏ ସମ୍ପର୍କରେ ନିର୍ବାଚନ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିବି ବୋଲି ପୀତାମ୍ବର ଗଣମାଧ୍ୟମକୁ କହିଛନ୍ତି। ୨୯ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିବସ ରହିଛି। ସେହିଦିନ ହିଁ ଅପରାହ୍ନରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ।

# କଂଗ୍ରେସରେ ବାପ, ପୁଅଙ୍କୁ ଟିକେଟ

**ଭୁବନେଶ୍ୱର,୨୭।୩ (ବ୍ୟୁରୋ)**

■ ଟଙ୍କା ନେଇ ଟିକେଟ ବିକ୍ରି ଅଭିଯୋଗ

■ ଦଳରୁ ଇସ୍ତଫା ଦେଲେ ଜାକବ ଓ ୩ ପୂର୍ବତନ ବିଧାୟକ

କଂଗ୍ରେସ ଟିକେଟ ବଣ୍ଟନରେ ଅନିୟମିତତା ହୋଇଛି। ଟଙ୍କା ନେଇ ଟିକେଟ ଦିଆଯାଇଛି। ଦୀର୍ଘ ୪୦ବର୍ଷ ଧରି ଛାତ୍ର ଜୀବନରୁ କଂଗ୍ରେସ ସହ ଜଡ଼ିତ ଥିବା ନେତାଙ୍କୁ ବାଦ୍ ଦିଆଯାଇ ଅଣକଂଗ୍ରେସ ଲୋକଙ୍କୁ ଟିକେଟ ମିଳୁଛି ବୋଲି ଅଭିଯୋଗ ଆସିଛି। ଏହାସହ ଅଧିକାଂଶ ସ୍ଥାନରେ ବାପ, ପୁଅଙ୍କୁ ମଧ ଟିକେଟ ଦେବା ଲାଗି ଦଳର ପୁରୁଣା ନେତାଙ୍କୁ ଅବହେଳା କରାଯାଉଥିବା ବହୁ ନେତା ଅଭିଯୋଗ ଉଠାଇଛନ୍ତି। କିଛିଦିନ ତଳେ ଦଳର ବରିଷ୍ଠ ନେତା ତଥା ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ମଧ ବାପ, ପୁଅଙ୍କୁ ଟିକେଟ ମିଳିବା ନେଇ ଅଭିଯୋଗ ଉଠାଇଥିଲେ।

ଜୁନାଗଡ଼ର ପୂର୍ବତନ ବିଧାୟକ ଗୋବର୍ଦ୍ଧନ ଦାସ କହିଛନ୍ତି, କଂଗ୍ରେସ ଟିକେଟ ଖଣି ମାଫିଆମାନଙ୍କୁ ବିକ୍ରିକରି ଦିଆଯାଇଛି। ଅଣକଂଗ୍ରେସ ଲୋକଙ୍କୁ ବର୍ତ୍ତମାନ ଟିକେଟ ମିଳୁଛି। ନିରଞ୍ଜନ ପଟ୍ଟନାୟକଙ୍କଠାରୁ ବହୁତ କିଛି ଆଶା କରାଯାଉଥିଲା। କିନ୍ତୁ ସେ ସଙ୍ଗଠନକୁ ଅଧିକ କ୍ଷତି କରିଛନ୍ତି। ଦଳର ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂ ଏବଂ ନିରଞ୍ଜନ ଗୋଟିଏ ପରିବାରର ଜଣଙ୍କୁ ଟିକେଟ ମିଳିବ ବୋଲି କହିଥିଲେ। ମାତ୍ର କଂଗ୍ରେସ ବର୍ତ୍ତମାନ ପରିବାର ପିଛା ଦୁଇଟା ଲେଖା ଟିକେଟ ଦେଉଛି। ଏହାକୁ ବିରୋଧ କରି ଇସ୍ତଫା ଦେବାକୁ ଆସିଛୁ। ଆସନ୍ତା ନିର୍ବାଚନରେ କଂଗ୍ରେସକୁ ସହଯୋଗ କରିବାର ପ୍ରଶ୍ନ ଉଠୁନାହିଁ ବୋଲି ଗୋବର୍ଦ୍ଧନ କହିଛନ୍ତି।

ବୁଧବାର କଳାହାଣ୍ଡି ଜିଲାର ୩ଜଣ ପୂର୍ବତନ ବିଧାୟକ ଦଳରୁ ଇସ୍ତଫା ଦେଇଛନ୍ତି। ଟିକେଟ ନ ମିଳିବା ପରେ ନେତାମାନେ ଇସ୍ତଫା ଦେଇଥିବା କହିଛନ୍ତି। ଅନ୍ୟପଟେ କେତେଜଣ ଖଣି ମାଫିଆଙ୍କୁ ଏଥର ଟିକେଟ ବିକ୍ରି କରାଯାଇଥିବା ମଧ ଅଭିଯୋଗ ଉଠିଛି। ଜୁନାଗଡର ପୂର୍ବତନ ବିଧାୟକ ଗୋବର୍ଦ୍ଧନ ଦାସ, ନର୍ଲାର ପୂର୍ବତନ ବିଧାୟକ କୁମର ମଣି ସବର ଏବଂ ଧର୍ମଗଡ ପୂର୍ବତନ ବିଧାୟକ ଯୁଗରାମ ବେହେରା ଦଳର ପ୍ରାଥମିକ ସଦସ୍ୟତା ପଦରୁ ଇସ୍ତଫା ଦେଇଛନ୍ତି। ଏହି ୩ ନେତାଙ୍କ ସମର୍ଥକମାନେ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ପହଞ୍ଚି ହୋହଲ୍ଲା କରିବା ସହ ଟିକେଟ ବଣ୍ଟନରେ ଅନିୟମିତତା ହୋଇଥିବା ଅଭିଯୋଗ କରିଛନ୍ତି। ଏହି ନେତାମାନେ କଂଗ୍ରେସ କାର୍ଯ୍ୟାଳୟ ବାହାରେ ରହି ଅଭିଯୋଗ କରିବା ସହ ସେଠାରୁ ହିଁ ନିଜର ଇସ୍ତଫାପତ୍ର ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିକଟକୁ ପଠାଇ ଦେଇଛନ୍ତି। ସେହିପରି ତାଳଚେରରୁ ମଧ ବହୁ ଅସନ୍ତୁଷ୍ଟ ନେତା ଓ କର୍ମୀ ଆସି କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ନାରାବାଜି କରିଛନ୍ତି।

ସେହିପରି ନିରଞ୍ଜନ ରାଜ୍ୟ କଂଗ୍ରେସ ଦାୟିତ୍ୱ ନେବା ପରେ ୩ଜଣ ବିଧାୟକ ଦଳ ଛାଡିଥିଲେ। ସେହି ଧାରାରେ ବର୍ତ୍ତମାନ ଆଉ ଜଣେ ବିଧାୟକଙ୍କ ନାମ ଯୋଡି ହୋଇଯାଇଛି। ଟିକେଟରୁ ବଞ୍ଚିତ ହେବା ପରେ ଜି ଉଦୟଗିରି ବିଧାୟକ ଜାକବ ପ୍ରଧାନ କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। ଜାକବ ତାଙ୍କ ଇସ୍ତଫା ପତ୍ର କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ନିକଟକୁ ପଠାଇ ଦେଇଛନ୍ତି। ଅନ୍ୟପଟେ ଜାକବ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଛନ୍ତି। ତାଙ୍କ ସ୍ଥାନରେ ଦଳ ଶ୍ୟାମଘନ ପ୍ରଧାନଙ୍କୁ ପ୍ରାର୍ଥୀ କରିଛି। ଜାକବଙ୍କ ଟିକେଟ କଟିବା ପରେ ସେ ସ୍ୱାଧୀନଭାବେ ନିର୍ବାଚନ ଲଢିବେ ବୋଲି କହିଥିଲେ। ଏଥିଲାଗି ନିରଞ୍ଜନ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଚେତାବନୀ ଦେଇଥିଲେ। ଏହା ପୂର୍ବରୁ ଜାକବ ଦଳ ଛାଡିବା ସହ ଗୁରୁବାର ବିଧାୟକ ପଦରୁ ଇସ୍ତଫା ଦେବେ ବୋଲି ଜଣାପଡିଛି। ଅପରପକ୍ଷରେ ଆଉ କେତେକ ସ୍ଥାନରେ ଟିକେଟରୁ ବଞ୍ଚିତ ହେବାପରେ କେତେଜଣ ନେତା ସ୍ୱାଧୀନ ପ୍ରାର୍ଥୀଭାବେ ନିର୍ବାଚନ ଲଢୁଛନ୍ତି।

ଏ ସମ୍ପର୍କରେ ନିରଞ୍ଜନ କହିଛନ୍ତି, ପ୍ରତି ସ୍ଥାନରୁ ୨ରୁ ୩ଜଣ ଲେଖା ଯୋଗ୍ୟ ପ୍ରାର୍ଥୀ ଟିକେଟ ପାଇଁ ଆବେଦନ କରିଛନ୍ତି। ତା ମଧ୍ୟରୁ ଜଣଙ୍କୁ ଟିକେଟ ମିଳିବ। ଦଳ ଆସନ୍ତା ନିର୍ବାଚନରେ ଭଲ ପ୍ରଦର୍ଶନ କରିବାକୁ ଯାଉଛି। ତେଣୁ ଯେଉଁମାନେ ଟିକେଟ ନ ପାଇବେ ସେମାନେ ଅଭିମାନ ଓ ଅସନ୍ତୁଷ୍ଟ ହେବା ସ୍ୱାଭାବିକ। ଯେଉଁମାନେ ଦଳ ବିରୋଧରେ ଯିବେ ସେମାନଙ୍କୁ ଦଣ୍ଡ ମିଳିବ ବୋଲି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଦାସଙ୍କୁ ଲୋକ ସଭା ଟିକେଟ ଦିଆଯାଇଥିବା ବେଳେ ତାଙ୍କ ପୁଅ ସାଗର ଦାସଙ୍କୁ ବିଧାୟକ ଟିକେଟ ମିଳିଛି। ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କୁ ବଲାଙ୍ଗୀର ବିଧାନସଭା ଟିକେଟ ଓ ତାଙ୍କ ପୁଅ ସମରେନ୍ଦ୍ର ମିଶ୍ରଙ୍କୁ ଲୋକ ସଭା ଟିକେଟ ମିଳିଛି। ସେହିପରି ନିରଞ୍ଜନ ଓ ତାଙ୍କ ପୁଅଙ୍କୁ ଟିକେଟ ମିଳିବ ବୋଲି ସୂଚନା ମିଳୁଥିବା ବେଳେ ବରିଷ୍ଠ ନେତା ଅନନ୍ତ ସେଠୀ ଏବଂ ତାଙ୍କ ପୁଅ କୁମାର ଚିରଞ୍ଜୀବଙ୍କୁ ଟିକେଟ ମିଳିବାର ଯଥେଷ୍ଟ ସମ୍ଭାବନା ରହିଛି। ନିର୍ବାଚନ ପୂର୍ବରୁ ଗୋଟିଏ ପରିବାରରୁ ଦୁଇ ଜଣଙ୍କୁ ଟିକେଟ ମିଳିବ ନାହିଁ ବୋଲି ଦଳର ବରିଷ୍ଠ ନେତାମାନେ କହୁଥିଲେ। ମାତ୍ର ନିର୍ବାଚନ ବେଳେ ଏକାଧିକ ପରିବାରରେ ବାପ, ପୁଅଙ୍କୁ ଟିକେଟ ମିଳୁଛି। ତେଣୁ ଏଥିରେ ଦଳର ନେତା ଓ କର୍ମୀ ଅସନ୍ତୁଷ୍ଟ ହେବା ସ୍ୱାଭାବିକ ବୋଲି ଦଳର ବହୁ ବରିଷ୍ଠ ମତ ରଖିଛନ୍ତି।

# ଭାଜପା ଜିଲା ସଭାପତିଙ୍କ ବିରୋଧରେ ଗିରଫ ପରୱାନା

**କେନ୍ଦୁଝର,୨୭।୩(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଭାଜପା ସଭାପତି ରାଧାକାନ୍ତ ମହାନ୍ତଙ୍କ ବିରୋଧରେ ଗିରଫ ପରୱାନା ଜାରି ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏ ନେଇ ଭାଜପାରେ ଅସନ୍ତୋଷ ଦେଖାଦେଇଛି। ଶାନ୍ତି ଭଙ୍ଗ କରିବା ଆଶଙ୍କା କରି ତହସିଲଦାର ତଥା ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ, ପାଟଣା ପକ୍ଷରୁ ଏହି ପରୱାନା ଜାରି କରିଥିବା ଜଣାପଡିଛି। ତାଙ୍କୁ ଗିରଫ କରିବାକୁ ଡୁରୁମୁଙ୍ଗା ଥାନା ପୋଲିସକୁ ଧାରା ୭୦ରେ ତହସିଲଦାର ଆଦେଶ କରିଛନ୍ତି। ଏ ନେଇ ରାଧାକାନ୍ତ କହିଛନ୍ତି ଯେ, ଏଭଳି ଆଦେଶ ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ। ଏ ନେଇ ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟଙ୍କୁ ସେ ଜଣାଇଛନ୍ତି।

■ ପ୍ରାର୍ଥୀ ତାଲିକା ଘୋଷଣାରେ କଂଗ୍ରେସ ପଛୁଆ

# ସିଇସି ବୈଠକ ଆଜି

**ନୂଆଦିଲ୍ଲୀ,୨୭।୩**

ଓଡ଼ିଶାରେ ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବା ଆସନଗୁଡ଼ିକ ପାଇଁ ପ୍ରାର୍ଥୀ ଚୟନ କରିବା ଲାଗି ନୂଆଦିଲ୍ଲୀରେ ଗୁରୁବାର ଅଲ୍ ଇଣ୍ଡିଆ କଂଗ୍ରେସ କମିଟି (ଏଆଇସିସି)ର କେନ୍ଦ୍ରୀୟ ନିର୍ବାଚନ କମିଟି (ସିଇସି) ବୈଠକ ବସିପାରେ।

ଉଭୟ ଲୋକ ସଭା ଓ ବିଧାନସଭା ନିର୍ବାଚନ ପାଇଁ ବିଜେଡି ଏବଂ ଭାଜପା ପକ୍ଷରୁ ପ୍ରାର୍ଥୀ ତାଲିକା ଘୋଷଣା ପରେ ଏହି କ୍ଷେତ୍ରରେ ପଛରେ ପଡ଼ିଯାଇଛି କଂଗ୍ରେସ। ଶାସକ ବିଜେଡି ୧୮ ଲୋକ ସଭା ଓ ୧୦୧ ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିସାରିଲାଣି। ସେହିପରି ଭାଜପା ମଧ ୧୭ ଲୋକ ସଭା ଓ ୧୩୨ ବିଧାନସଭା ଆସନ ପାଇଁ ଦଳୀୟ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରିସାରିଛି। ଦୁଇଟି ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବା ୮ ଲୋକ ସଭା ଓ ୯୧ ବିଧାନସଭା ଆସନ ପାଇଁ କଂଗ୍ରେସ ପକ୍ଷରୁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥିବାବେଳେ ଅବଶିଷ୍ଟ ନିର୍ବାଚନମଣ୍ଡଳୀ ପାଇଁ କସରତ ଶେଷ ହୋଇନାହିଁ। ଏଥିସକାଶେ କଂଗ୍ରେସ ପକ୍ଷରୁ କେଉଁ ଆସନରେ କାହାକୁ ଛିଡ଼ା କରାଯିବ ସେନେଇ ଗୁରୁବାର ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇପାରେ। ଓଡ଼ିଶାରେ ଏପ୍ରିଲ ୨୩ ଓ ୨୯ରେ ତୃତୀୟ ଏବଂ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ହେବ। ଉଭୟ ପର୍ଯ୍ୟାୟରେ ୬ ଲୋକ ସଭା ଓ ୪୨ ବିଧାସନଭା ଆସନରେ ଭୋଟଗ୍ରହଣ କରାଯିବ। ଏଥିଲାଗି କଂଗ୍ରେସ ଦୁଇ ତିନି ଦିନ ମଧ୍ୟରେ ଉଭୟ ପର୍ଯ୍ୟାୟ ନିର୍ବାଚନ ଲାଗି ପ୍ରାର୍ଥୀ ତାଲିକା ଘୋଷଣା କରିବ ବୋଲି ସୂତ୍ରରୁ ଜଣାପଡ଼ିଛି।

# ଭାଜପା ନେତା ଯାଉଥିବା କାର୍‌ରୁ ୫.୩୬ ଲକ୍ଷ ଟଙ୍କା ଜବତ

**ଦିଗପହଣ୍ଡି,୨୭।୩(ଡି.ଏନ.ଏ.)**


ଭାଜପା ନେତାମାନେ ଯାଉଥିବା ଗାଡ଼ିକୁ ଯାଞ୍ଚ କରାଯାଉଛି।

ଗଞ୍ଜାମ ଜିଲା ଦିଗପହଣ୍ଡି ପୁଞ୍ଜିକୟାଁ ଛକରେ ବୁଧବାର ଭାଜପା ନେତା ଯାଉଥିବା ଏକ କାରରୁ ୫ଲକ୍ଷ ୩୬ ହଜାର ଟଙ୍କା ଜବତ ହୋଇଛି। କାରରେ ଥିବା ଗଜପତି ଜିଲା ଭାଜପା ପ୍ରଭାରୀଙ୍କ ସମେତ ୫ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚରା ପରେ ଛାଡିଦେଇଛି। ପ୍ରାପ୍ତ ସୂଚନା ଆଧାରରେ ବ୍ରହ୍ମପୁରରୁ ମୋହନା ଅଭିମୁଖେ ଯାଉଥିବା ଏକ କାର୍ (ନଂ. ଓଆର୦୨ବିସି–୮୮୯୯)କୁ ପୁଞ୍ଜିକୟାଁ ଛକରେ ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଓ ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ପୋଲିସ ଅଟକାଇଥିଲା। ଦିଗପହଣ୍ଡି ବ୍ଲକ ନିର୍ବାଚନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଅଦ୍ୱୈତ କୁମାର ସ୍ୱାଇଁ, ଦିଗପହଣ୍ଡି ବ୍ଲକ ନିର୍ବାଚନ କାର୍ଯ୍ୟାଳୟ ଷ୍ଟାଟିଷ୍ଟିକ୍ସ ସର୍ଭେଲାନ୍ସ ଟିମ୍‌ର ଫ୍ଲାଇଂ ସ୍କ୍ୱାଡ ସଦସ୍ୟ ବ୍ଲକ ସହକାରୀ କୃଷି ଅଧିକାରୀ ପଦାରବିନ୍ଦ ସାହୁ, ଦକ୍ଷ ପ୍ରସାଦ ଆଚାର୍ଯ୍ୟ, ରାଜସ୍ୱ ନିରୀକ୍ଷକ ରତ୍ନାକର ସ୍ୱାଇଁଙ୍କ ଉପସ୍ଥିତିରେ ପୋଲିସ ଏଏସଆଇ ବି.ଲାଛମେୟା ରେଡ୍ଡୀ ଗାଡ଼ି ଯାଞ୍ଚ କରିଥିଲେ। ଯାଞ୍ଚବେଳେ ୨ଟି ଏୟାର ବ୍ୟାଗରେ ୫ଲକ୍ଷ ୩୬ ହଜାର ଟଙ୍କା ଥିବା ଜଣାପଡ଼ିଥିଲା। ପୋଲିସ ଗାଡ଼ିରେ ବସିଥିବା ଗଜପତି ଜିଲା ଭାଜପା ପ୍ରଭାରୀ ପବିତ୍ର ମୋହନ ଦାସ, ଗଞ୍ଜାମ ଜିଲା କାର୍ଯ୍ୟକର୍ତ୍ତା କୁଞ୍ଜ ବିହାରୀ ପାଣିଗ୍ରାହୀ, ଯାଜପୁର ଜିଲା ବଡଚଣା ଥାନା ଖଇରା ଗ୍ରାମର ହୃଷୀକେଶ ବାରିକ, ବିଶ୍ୱମୋହନ ଦାସ ଓ ଗାଡି ଚାଳକ ପବିତ୍ର ନାୟକଙ୍କୁ ଥାନାକୁ ନେଇଥିଲେ। ଟଙ୍କା ବ୍ୟାଗ ଥିବା କାରଟି ବ୍ରହ୍ମପୁରରୁ ଗଜପତି ଜିଲା ମୋହନା ଯାଉଥିବା ବେଳେ ଧରାପଡ଼ିଥିବା ବ୍ଲକ ନିର୍ବାଚନ ଅଧିକାରୀ ତଥା ତହସିଲଦାର ସ୍ୱାଇଁ ଜଣାଇଛନ୍ତି। ତାଙ୍କ ପରାମର୍ଶକ୍ରମେ ପଦାରବିନ୍ଦ ସାହୁ ଏନେଇ ଦିଗପହଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ଦେଶର ୫ଶହ ସ୍ଥାନରେ ଲୋକଙ୍କ ସହ କଥା ହେବେ ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର,୨୭।୩ (ବ୍ୟୁରୋ)**

୨୦୧୪ ଲୋକ ସଭା ନିର୍ବାଚନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜକୁ ଦେଶର ପ୍ରଥମ ସେବକ ଏବଂ ଚୌକିଦାର ରୂପରେ ଅଭିହିତ କରିଛନ୍ତି। ପ୍ରଧାନମନ୍ତ୍ରୀ ୧୬ ମାର୍ଚ୍ଚରେ 'ମେଁ ଭି ଚୌକିଦାର' ଅଭିଯାନ ଆରମ୍ଭ କରିଥିଲେ। ଚୌକିଦାର ଶବ୍ଦକୁ ପରିଭାଷିତ କରି ପ୍ରଧାନମନ୍ତ୍ରୀ କହିଥିଲେ, ଯେଉଁମାନେ ଗରିବ, ଭ୍ରଷ୍ଟାଚାର ଏବଂ ଆତଙ୍କବାଦୀ ବିରୋଧରେ ଲଢ଼େଇ କରୁଛନ୍ତି ସେମାନେ ସମସ୍ତେ ଚୌକିଦାର। ଭାରତର ପ୍ରଗତି ପାଇଁ କଠିନ ପରିଶ୍ରମ କରୁଥିବା ଲୋକମାନେ ହିଁ ଚୌକିଦାର ଅଟନ୍ତି। ବର୍ତ୍ତମାନ ସମସ୍ତ ଭାରତୀୟ ନାଗରିକ କହୁଛନ୍ତି 'ମେଁ ଭି ଚୌକିଦାର'। ଏହି ପରିପ୍ରେକ୍ଷୀରେ ଆସନ୍ତା ମାର୍ଚ୍ଚ ୩୧ ସନ୍ଧ୍ୟା ୫ଟାରେ ପ୍ରଧାନମନ୍ତ୍ରୀ ଭିଡିଓ କନଫରେନ୍ସ ଜରିଆରେ ଦେଶର ୫ଶହ ସ୍ଥାନର ସାଧାରଣ ଲୋକଙ୍କ ସହ ସିଧାସଳଖ କଥା ହେବେ ବୋଲି ଭାଜପା ନେତା ଯତୀନ ମହାନ୍ତି କହିଛନ୍ତି। ଏହି କାର୍ଯ୍ୟକ୍ରମର ରାଜ୍ୟ ସଂଯୋଜକ ଭାବେ ତାଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ଅଭିଯାନ ସୋସିଆଲ ମିଡିଆରେ ବେଶ୍ ପ୍ରଶଂସନୀୟ ହୋଇଛି। ଏହି କାର୍ଯ୍ୟକ୍ରମରେ ସମସ୍ତେ ଯୋଗ ଦେଇପାରିବେ ବୋଲି ଯତୀନ କହିଛନ୍ତି।

# ବ୍ୟାଙ୍କ ଆକାଉଣ୍ଟରୁ କଟିଗଲା ୨୨ହଜାର

**କଟକ ଅଫିସ,୨୭।୩**

■ ଅନଲାଇନ୍‌ରେ ଟଙ୍କା ପଠାଇଥିଲେ

■ ସାଇବର ଥାନାରେ ଅଭିଯୋଗ

ଶେୟାର ମାର୍କେଟରେ ଟଙ୍କା ଲଗାଇବା ପାଇଁ ଅନ୍‌ଲାଇନ୍‌ରେ ୨୨,୨୫୮ ଟଙ୍କା ପଠାଇଥିଲେ। କିଛି ସମୟ ପରେ ବ୍ୟାଙ୍କ ଆକାଉଣ୍ଟରୁ ଉକ୍ତ ଟଙ୍କା କଟିଗଲା। ହେଲେ ପଠାଇଥିବା ଆକାଉଣ୍ଟକୁ ଟଙ୍କା ଗଲାନାହିଁ। ଏଭଳି ଠକାମିର ଶିକାର ହୋଇଛନ୍ତି ମଙ୍ଗଳାବାଗ ଥାନା ଅନ୍ତର୍ଗତ ନାୟକସାହି ଅଞ୍ଚଳର ଯୁବକ ଜୀବନ ମୋହନ ନାୟକ। ଏ ନେଇ ଜୀବନ ବୁଧବାର କ୍ରାଇମବ୍ରାଞ୍ଚର ସାଇବର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ଜୀବନ ବହୁ ଦିନ ଧରି ଶେୟାର ମାର୍କେଟରେ କାରବାର କରୁଛନ୍ତି। ଗତ ମଙ୍ଗଳବାର ସକାଳେ ସେ ନେଟ୍ ବ୍ୟାଙ୍କିଙ୍ଗ୍ ଜରିଆରେ ଦିଲ୍ଲୀରେ ଥିବା ୫ ପଇସା କ୍ୟାପିଟାଲ ଲିମିଟେଡ୍ ସଂସ୍ଥାରେ ଉକ୍ତ ଟଙ୍କା ଲଗାଇଥିଲେ। କିଛି ସମୟ ମଧ୍ୟରେ ତାଙ୍କର ବିଡାନାସୀ ଅଞ୍ଚଳରେ ଥିବା ଏକ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା କଟି ଯାଇଥିଲା। ସେ ଟଙ୍କା ପଠାଇଥିବା ଉକ୍ତ ସଂସ୍ଥା ସହ ଯୋଗାଯୋଗ କରିଥିଲେ। ହେଲେ ଉକ୍ତ ସଂସ୍ଥା ଟଙ୍କା ପାଇ ନ ଥିବା ସେ ଜାଣିବାକୁ ପାଇଥିଲେ। ପରେ ସେ ମଙ୍ଗଳବାର ଉକ୍ତ ବ୍ୟାଙ୍କର କର୍ତ୍ତୃପକ୍ଷଙ୍କୁ ଭେଟି ଏ ସମ୍ପର୍କରେ ଜଣାଇବାରୁ ସେ କୌଣସି ସାହାଯ୍ୟ କରିପାରିବେ ନାହିଁ ବୋଲି କହିଥିଲେ। ଶେଷରେ ଏ ନେଇ ସେ ସାଇବର ଥାନାରେ ଅଭିଯୋଗ କରିଛନ୍ତି।

# ୩ୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜିଠୁ ପ୍ରାର୍ଥିପତ୍ର ଦାଖଲ

**ପୁରୀ ଅଫିସ,୨୭।୩**

ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ତୃତୀୟ ପର୍ଯ୍ୟାୟ ଅର୍ଥାତ୍ ଏପ୍ରିଲ ୨୩ରେ ପୁରୀ ଲୋକ ସଭା ଏବଂ ଏହା ଅଧୀନ ୪ଟି ବିଧାନସଭା ପିପିଲି, ସତ୍ୟବାଦୀ, ପୁରୀ ଓ ବ୍ରହ୍ମଗିରି ଆସନ ପାଇଁ ଭୋଟ ଗ୍ରହଣ କରାଯିବ। ଏଥିଲାଗି ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇବ। ଏହିଦିନଠାରୁ ନାମାଙ୍କନପତ୍ର ଦାଖଲ ଆରମ୍ଭ ହୋଇ ଏପ୍ରିଲ ୪ ପର୍ଯ୍ୟନ୍ତ ଚାଲିବ। ପ୍ରାର୍ଥିପତ୍ର ଦାଖଲ ଲାଗି ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ରିଟର୍ନିଂ ଅଫିସରଙ୍କ କାର୍ଯ୍ୟାଳୟକୁ ପ୍ରାର୍ଥୀଙ୍କ ସମେତ ମୋଟ ୫ଜଣ ପ୍ରବେଶ କରିପାରିବେ। ଏହାଠାରୁ ଅଧିକ ବ୍ୟକ୍ତି ପ୍ରବେଶ କରିପାରିବେ ନାହିଁ। ସେହିପରି ରିଟର୍ନିଂ ଅଫିସରଙ୍କ କାର୍ଯ୍ୟାଳୟ ପରିସରକୁ ଗାଡି ପ୍ରବେଶ ଉପରେ ମଧ କେତେକ କଟକଣା ରହିଛି। ଏହାକୁ ଯେପରି କଡ଼ାକଡ଼ି ଭାବେ ପାଳନ କରାଯିବ ସେଥିଲାଗି ବ୍ୟାରିକେଡ ସମେତ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଜିଲାପାଳ ଜ୍ୟୋତିପ୍ରକାଶ ଦାସଙ୍କ ନିକଟରେ ଲୋକ ସଭା ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିବେ। ସେହିପରି ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶଙ୍କ ନିକଟରେ ସତ୍ୟବାଦୀ ଓ ପିପିଲି ନିର୍ବାଚନମଣ୍ଡଳୀର ପ୍ରାର୍ଥୀ, ଉପଜିଲାପାଳ ଭବତାରଣ ସାହୁଙ୍କ ନିକଟରେ ପୁରୀ ଓ ବ୍ରହ୍ମଗିରି, ଆଡିଶନାଲ ସବକଲେକ୍ଟର ନିହାରିକା ନାୟକଙ୍କ ନିକଟରେ କାକଟପୁର ଏବଂ ନିମାପଡ଼ା ନିର୍ବାଚନମଣ୍ଡଳୀର ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିବେ। ସେହିପରି ପୁରୀ ଜିଲାର ୨ଟି ବିଧାନସଭା ଆସନ ନିମାପଡ଼ା ଓ କାକଟପୁର ଜଗତ୍‌ସିଂହପୁର ଲୋକ ସଭା ଅଧୀନରେ ରହିଛି। ତେଣୁ ଏହି ଦୁଇଟି ନିର୍ବାଚନମଣ୍ଡଳୀ ପାଇଁ ଚତୁର୍ଥ ପର୍ଯ୍ୟାୟ ଅର୍ଥାତ୍ ଏପ୍ରିଲ ୨୯ ତାରିଖରେ ଭୋଟ ଗ୍ରହଣ କରାଯିବ। ଏଥିଲାଗି ଆସନ୍ତା ଏପ୍ରିଲ ୨ରେ ବିଜ୍ଞପ୍ତି ପ୍ରକାଶ ପାଇବ। ଏହିଦିନଠାରୁ ପ୍ରାର୍ଥିପତ୍ର ଦାଖଲ ଆରମ୍ଭ ହୋଇ ଏପ୍ରିଲ ୯ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡିଛି।

# ବିଜେଡି ଟିକେଟ ବଣ୍ଟନ ସମ୍ପର୍କିତ ଭାଇରାଲ ଭିଡିଓକୁ ନେଇ ଚର୍ଚ୍ଚା

**ଭୁବନେଶ୍ୱର,୨୭।୩(ବ୍ୟୁରୋ)**

ବିଜୁ ଜନତା ଦଳ ଟିକେଟକୁ କେଉଁ ଆଧାରରେ ପ୍ରଦାନ କରାଯାଉଛି, ସେ ସମ୍ପର୍କିତ ଏକ ଭିଡିଓ ଭାଇରାଲ ହୋଇଛି। ଏହାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଭିଡିଓରେ ପ୍ରଦର୍ଶିତ ହେଉଥିବା ବ୍ୟକ୍ତି ଜଣଙ୍କ ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରାଙ୍କ ସହ ସାମଞ୍ଜସ୍ୟ ରହୁଛି। ହେଲେ ସେ ଏହି ଭିଡିଓରେ ଅଛନ୍ତି ନା ନାହିଁ, ସେ ନେଇ କୌଣସି ସ୍ପଷ୍ଟୋକ୍ତି ଦେଇନାହାନ୍ତି। ବିଜେଡି ମୁଖପାତ୍ର ସସ୍ମିତ ପାତ୍ର ମଧ ଏହି ଭାଇରାଲ ଭିଡିଓ ସତ୍ୟତାକୁ ନେଇ ପ୍ରଶ୍ନ ଉଠାଉଛନ୍ତି।

ବିଜେଡି ଟିକେଟ ବଣ୍ଟନ ପୂର୍ବରୁ ୫ଟା ଏନ୍‌ଜିଓ ଦ୍ୱାରା ସର୍ଭେ କରାଯାଉଛି। ଏହିପରି ଭାବେ ପାଖାପାଖି ୧୦ ଗୋଟି ସର୍ଭେ କରାଯାଇଛି। ୮ କିମ୍ବା ୯ଟି ସର୍ଭେରେ ଠିକ୍ ରହିଲେ ଟିକେଟ ମିଳୁଛି। ମନ୍ତ୍ରୀ ପ୍ରତାପ ଜେନା, ବିଧାୟକ ଦେବାଶିଷ ସାମନ୍ତରାୟ, ପ୍ରଣବ ପ୍ରକାଶ ଦାସ ଏବଂ ସଞ୍ଜୟ ଦାସବର୍ମାଙ୍କ ମଧ୍ୟରେ କିଛି ଜିଲା ଭାଗବଣ୍ଟାଯାଇଛି ବୋଲି ଭିଡିଓରେ ଥିବା ବ୍ୟକ୍ତିଜଣକ ପ୍ରକାଶ କରୁଛନ୍ତି। ସେହିପରି ଜିଲାପାଳ ଏବଂ ବିଡିଓଙ୍କ ସହମତି ମଧ ଦରକାର ରହୁଛି। ଟିକେଟ ବଣ୍ଟନ କ୍ଷେତ୍ରରେ କର୍ପୋରେଟ ଲବି କାର୍ଯ୍ୟ କରୁଥିବା ମଧ ପ୍ରକାଶ କରାଯାଇଛି। ସେହିପରି ଗତଥର ନିର୍ବାଚନରେ ବିଜେଡି ପକ୍ଷରୁ ୬୦ ଲକ୍ଷ ଟଙ୍କା ଏକାଧିକ କିସ୍ତିରେ ପ୍ରଦାନ କରାଯାଇଥିବା ସେହି ବ୍ୟକ୍ତି ଜଣଙ୍କ କହୁଛନ୍ତି। ଏହି ଭିଡିଓକୁ ନେଇ ବିରୋଧୀ କଂଗ୍ରେସ ଏବଂ ଭାଜପା ସରକାରଙ୍କୁ ସମାଲୋଚନା କରିଛି। ସରକାରୀ କଳର ଅପବ୍ୟବହାର ବିଜେଡି କରୁଛି ବୋଲି ପିସିସି ଗଣମାଧ୍ୟମ ପ୍ରମୁଖ ସତ୍ୟପ୍ରକାଶ ନାୟକ ଏବଂ ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି। ଏହି ଭିଡିଓରେ ଦେଖାଯାଉଥିବା ବ୍ୟକ୍ତି ଜଣଙ୍କ ବିଧାୟକ ସୁଶାନ୍ତ ବେହେରା କି ନୁହେଁ, ତାହାର ସତ୍ୟାସତ୍ୟ ପାଇଁ ତାଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ତାଙ୍କ ଫୋନ୍ ସୁଇଚ ଅଫ୍ ଥିଲା।



ଯିଏ ତୁମ ଆସିବା ବାଟରେ କଣ୍ଟା ପକାଉଛି, ତୁମେ ତାଙ୍କ ଆସିବା ବାଟରେ ଫୁଲ ବିଛାଅ।
- ସନ୍ଥ କବୀର ଦାସ



## ସଂକ୍ଷେପରେ

### ନାବାଳିକାଙ୍କୁ ଅପହରଣ ଅଭିଯୋଗ

**ନିଶ୍ଚିନ୍ତକୋଇଲି,୨୭।୩(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ ଜିମ୍ପୁର ପଞ୍ଚାୟତରେ ଜଣେ ନାବାଳିକାଙ୍କୁ ଅପହରଣ କରିନିଆଯାଇଛି। ଏନେଇ ସମ୍ପୃକ୍ତ ନାବାଳିକାଙ୍କ ବାପା ମଙ୍ଗଳବାର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ବୁଧବାର ପୋଲିସ ପକ୍ଷରୁ ମାମଲା (ନଂ-୩୩/୧୯) ରୁଜୁ ହୋଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବା ବୋଲି ଥାନା ଅଧିକାରୀ ଶୁଭେନ୍ଦୁ ପରିଡା ପ୍ରକାଶ କରିଛନ୍ତି। ସମ୍ପୃକ୍ତ ନାବାଳିକା ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇଥିବା ସୂଚନା ମିଳିଛି।

### ଗଛ କଟାକୁ ବିରୋଧ

**କଟକ ସଦର,୨୭।୩(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅନ୍ତର୍ଗତ ମାଛ ଗାଁ କେନାଲ ବନ୍ଧର ବିରିବାଟୀ-ଅଥଙ୍ଗାରେ ଥିବା ବିଭିନ୍ନ କିସମର ଗଛକୁ ରାତିଅଧରେ କଟାଯାଉଥିବା ନେଇ ବିଲୁଆଖାଇ ଜଳସେଚନ ସବଡିଭିଜନ କାର୍ଯ୍ୟାଳୟରେ ବୁଧବାର ଅଭିଯୋଗ ହୋଇଛି। ଏକ ସପ୍ତାହ ମଧରେ ଚାକୁଣ୍ଡା, ବର, ଆମ୍ବଗଛ ସମେତ ୭ଟି ଗଛ କଟା ସରିଲାଣି। ରାଉତସାହି ଗାଧୁଆ ଘାଟ ପାଖରେ ଥିବା ଆମ୍ବଗଛକୁ ରାତି ଅଧିଆ କାଟିବା ପାଇଁ ଯୋଜନାକୁ ସ୍ଥାନୀୟ ବାସିନ୍ଦା ବିରୋଧ କରିଛନ୍ତି। ଏ ସମ୍ପର୍କରେ ବିଲୁଆଖାଇ ଜଳସେଚନ ସବଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ଦଳପତି ମଣ୍ଡଳ କୁହନ୍ତି, ମୋ ପାଖରେ ଏ ସମ୍ପର୍କରେ କୌଣସି ଖବର ନାହିଁ, ଏବେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

### ଦୁର୍ଘଟଣାରେ କାର ଚାଳକ ମୃତ

**ବଡ଼ମ୍ବା,୨୭।୩(ଡି.ଏନ୍.ଏ.):** ବଡ଼ମ୍ବା ବ୍ଲକ ଅନ୍ତର୍ଗତ ସୁନାପାଳ ନିକଟରେ ବୁଧବାର ସଂଧ୍ୟାରେ ଏକ କାର ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ କାର ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନରସିଂହପୁର ବ୍ଲକ ଅନ୍ତର୍ଗତ ଚକ୍ରଗଡ଼ ଅଞ୍ଚଳର ସରୋଜ କୁମାର ସାହୁ(୪୨)। କାରଟି ଆଠଗଡ଼ରୁ ନରସିଂହପୁର ଅଭିମୁଖେ ଯାଉଥିବା ବେଳେ ସୁନାପାଳ ନିକଟରେ ଭାରସାମ୍ୟ ହରାଇ ଏକ ଖମ୍ବରେ ମାଡ଼ ହୋଇଥିଲା। ଫଳରେ କାରଟି ଓଲଟି ପଡିଥିଲା। ଖବରପାଇ ସ୍ଥାନୀୟ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି କାରରୁ ସରୋଜଙ୍କୁ ଉଦ୍ଧାର କରି ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବ

**ଫୁଲନଖରା, ୨୭।୩ (ଡି.ଏନ୍.ଏ.):** କଟକ ସଦର ଥାନା ଅଧୀନ ପ୍ରତାପ ନଗରୀଠାରେ ଥିବା ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଅଧକ୍ଷା ଦୀପ୍ତିମୟୀ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସ୍କୁଲ ପରିଚାଳନା କମିଟି ମୁଖ୍ୟ ଏଚ.ବି. ତ୍ରିପାଠୀ ମୁଖ୍ୟଅତିଥି, ପୂର୍ବତନ କର୍ପୋରେଟର ରାଜକୁମାରୀ ସ୍ୱାଇଁ ମୁଖ୍ୟବକ୍ତା, ଶିକ୍ଷାବିତ୍ ବୈଶିଷ୍ଟ ରାଉତ ଓ ଶକ୍ତି ପ୍ରସାଦ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା।

■ କଟକରେ କଲ୍ୟାଣ ମଣ୍ଡପ କେଳେଙ୍କାରୀ

# ସତ୍ୟପାଠ ଦାଖଲ କଲା ସିଏମ୍‌ସି

■ସାନି ନୋଟିସ୍ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ ଅଫିସ, ୨୭।୩**

କଟକ ମହାନଗର ନିଗମ(ସିଏମ୍‌ସି) ଇଲାକାରେ ଯେଉଁମାନେ କଲ୍ୟାଣମଣ୍ଡପ ଲାଇସେନ୍ସ ନେଇଛନ୍ତି ସେମାନଙ୍କୁ ୩୦ ଦିନ ମହଲତ ଦେଇଛନ୍ତି ହାଇକୋର୍ଟ। ହାଇକୋର୍ଟଙ୍କ ଗାଇଡ୍‌ଲାଇନ ଯଦି କେହି ଉଲ୍ଲଂଘନ କରିଥିବେ ତେବେ ଏହି ୩୦ ଦିନ ମଧ୍ୟରେ ତାହାକୁ ନିୟମିତ କରିବା ପାଇଁ ହାଇକୋର୍ଟ ସୁଯୋଗ ଦେଇଛନ୍ତି। ଏଥିପାଇଁ କଲ୍ୟାଣମଣ୍ଡପ ଲାଇସେନ୍ସଧାରୀମାନଙ୍କୁ ସିଏମ୍‌ସି ସାନି ନୋଟିସ କରିବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ଯଦି ଏହି ସମୟ ମଧ୍ୟରେ ଲାଇସେନ୍ସଧାରୀମାନେ ହାଇକୋର୍ଟ ଗାଇଡ଼ଲାଇନକୁ ଅନୁସରଣ ନ କରନ୍ତି ତେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ କେ.ଆର. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଉପରୋକ୍ତ ଆଦେଶ ଦେଇଛନ୍ତି। ସିଏମ୍‌ସି ପକ୍ଷରୁ ଏହି ମାମଲାରେ ବୁଧବାର ସତ୍ୟପାଠ ଦାଖଲ କରାଯାଇଥିଲା। ସତ୍ୟପାଠରେ ଉଲ୍ଲେଖ ରହିଛି ଯେ, ସହରରେ ଥିବା ମୋଟ୍ ୧୮୦ଟି କଲ୍ୟାଣମଣ୍ଡପକୁ ଯାଞ୍ଚ କରାଯାଇ ସେଥିମଧ୍ୟରୁ ୭୩ଟିକୁ ଲାଇସେନ୍ସ ପ୍ରଦାନ କରାଯାଇଛି। ମାତ୍ର ଯେଉଁ ୭୩ଟି କଲ୍ୟାଣମଣ୍ଡପକୁ ଲାଇସେନ୍ସ ଦିଆଯାଇଛି ସେଥିରେ ହାଇକୋର୍ଟଙ୍କ ଗାଇଡ୍‌ଲାଇନକୁ ଅନୁସରଣ କରାଯାଇ ନ ଥିବା ଆମିକସ୍ କ୍ୟୁରୀ ଆଡଭୋକେଟ ଅରୁଣ କୁମାର ବୁଦ୍ଧିଆ ନିଜ ପିଟିଶନରେ କୋର୍ଟଙ୍କୁ ଅବଗତ କରାଇଥିଲେ। ସୂଚନାଥାଉ କି, ସହରରେ ଥିବା କଲ୍ୟାଣମଣ୍ଡପଗୁଡ଼ିକୁ କିଭଳି ଲାଇସେନ୍ସ ପ୍ରଦାନ କରାଯିବ ସେ ନେଇ ହାଇକୋର୍ଟ ପୂର୍ବରୁ ଏକ ମାର୍ଗଦର୍ଶିକା ପ୍ରସ୍ତୁତ କରିଥିଲେ। ଲାଇସେନ୍ସ ପ୍ରଦାନ ପୂର୍ବରୁ ଏକ ଯାଞ୍ଚକାରୀ ଦଳ କଲ୍ୟାଣମଣ୍ଡପଗୁଡ଼ିକ ପରିଦର୍ଶନ କରି ଭିତ୍ତିଭୂମି ତଦାରଖ କରିବାକୁ ହାଇକୋର୍ଟଙ୍କ ଆଦେଶ ଥିଲା। ଏଥିପାଇଁ କୋର୍ଟଙ୍କ ପକ୍ଷରୁ ଆଡଭୋକେଟ ବୁଦ୍ଧିଆଙ୍କୁ ଆମିକସ୍ କ୍ୟୁରୀ ଭାବେ ନିଯୁକ୍ତି ଦିଆଯାଇଥିଲା। ମାତ୍ର ଲାଇସେନ୍ସ ପ୍ରଦାନରେ କେଳେଙ୍କାରୀ ହୋଇଥିବା ଦର୍ଶାଇ ବୁଦ୍ଧିଆ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏପ୍ରିଲ ୨୯ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନଧାର୍ଯ୍ୟ ହୋଇଛି।




ବିଶ୍ୱ ନାଟ୍ୟ ଦିବସ ଅବସରରେ ବୁଧବାର କଟକ ଶ୍ରୀରାମଚନ୍ଦ୍ର ଭବନରେ ନାଟ୍ୟସଂସ୍ଥା ଥିଏଟର ମୁଭ୍‌ମେଣ୍ଟ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଭିନେତ୍ରୀ ମନଦୀପା ମଲ୍ଲିକଙ୍କୁ ନାଟ୍ୟ ଶିରୋମଣି ସମ୍ମାନ ପ୍ରଦାନ କରାଯାଉଛି।

## ମଙ୍ଗଳାବାଗ ଅଞ୍ଚଳରୁ ନାବାଳିକା ଉଦ୍ଧାର

**କଟକ ଅଫିସ,୨୭।୩**

ମଙ୍ଗଳାବାଗ ଥାନା ଅନ୍ତର୍ଗତ ମହ୍ଲାସାହିର ଜଣଙ୍କ ଘରୁ ଜଣୈକା ନାବାଳିକାଙ୍କୁ ବୁଧବାର ଚାଇଲ୍ଡ ଲାଇନ୍ ପକ୍ଷରୁ ଉଦ୍ଧାର କରାଯାଇଛି। ତାଙ୍କ ଘର ଜଗତ୍‌ସିଂହପୁର ପର୍ତ୍ତଙ୍ଗ ଅଞ୍ଚଳରେ ହୋଇଥିବାବେଳେ ସେ ଗତ ୩ ବର୍ଷ ହେବ ମହ୍ଲାସାହିର ଜଣେ ବ୍ୟକ୍ତିଙ୍କ ଘରେ କାମ କରୁଥିଲେ। ବିଭିନ୍ନ ସମୟରେ ତାଙ୍କୁ ଶାରୀରିକ ନିର୍ଯାତନା ଦିଆଯାଉଥିଲା। ବୁଧବାର ସନ୍ଧ୍ୟାରେ ସେ ଘର ବାହାରେ କାନ୍ଦୁଥିବାବେଳେ ସ୍ଥାନୀୟ ଲୋକେ ଦେଖି ଚାଇଲ୍ଡ ଲାଇନ୍‌କୁ ଖବର ଦେଇଥିଲେ। ପରେ ମଙ୍ଗଳାବାଗ ପୋଲିସ ସହାୟତାରେ ଚାଇଲ୍ଡ ଲାଇନର ଏକ ଟିମ୍ ସେଠାରେ ପହଞ୍ଚି ନାବାଳିକା ଉଦ୍ଧାର କରିଥିଲା। ଗୁରୁବାର ନାବାଳିକାଙ୍କୁ ସିଡବ୍ଲୁସିରେ ହାଜର କରାଯିବ।

## ଚଳାଇବା ବାହାନାରେ ସ୍କୁଟି ନେଇ ବ୍ୟକ୍ତି ଫେରାର

**କଟକ ଅଫିସ,୨୭।୩**

ବାଦାମବାଡି ଥାନା ଅନ୍ତର୍ଗତ ପୀଠାପୁର ନ୍ୟୁ କଲୋନୀରେ ରହୁଥିବା ମେଡିସିନ ଡିଷ୍ଟ୍ରିବ୍ୟୁଟର ପ୍ରଫୁଲ୍ଲ କୁମାର ସ୍ୱାଇଁ ନିଜ ସ୍କୁଟି(ଓଡି୦୫–ଏସି ୮୦୯୦) ବିକ୍ରି କରିବାକୁ ମଙ୍ଗଳବାର ଓଏଲ୍‌ଏକ୍ସରେ ବିଜ୍ଞାପନ ଦେଇଥିଲେ। ବୁଧବାର ଜଣେ ଲୋକ ଫୋନ୍ କରି ଭୁବନେଶ୍ୱର ବାସିନ୍ଦା ବୋଲି ନିଜକୁ ପରିଚୟ ଦେଇଥିଲେ। ସେ ବାଇକ କିଣିବାକୁ ଇଚ୍ଛୁକ ଥିବା କହିଥିବାବେଳେ ବୁଧବାର ଅପରାହ୍ନ ୨ଟାରେ ଗାଡି କିଣିବା ପାଇଁ ଦୋଳମୁଣ୍ଡାଇରେ ପହଞ୍ଚିଥିଲେ। ପ୍ରଫୁଲ୍ଲଙ୍କ ପୁଅ ସତ୍ୟବ୍ରତ ସ୍କୁଟି ଧରି ଦୋଳମୁଣ୍ଡାଇ ଆସିଥିଲେ। ବାଇକ୍ କିଣିବା ପାଇଁ ଉକ୍ତ ବ୍ୟକ୍ତି ଜଣଙ୍କ ଏକ ଆକ୍ଟିଭାରେ ଆସିଥିଲେ। ସେ ନିଜ ସ୍କୁଟିକୁ ଛକରେ ରଖି ସତ୍ୟବ୍ରତଙ୍କୁ ଉକ୍ତ ସ୍କୁଟି ଚଲାଇବାକୁ ମାଗିଥିଲେ। ପରେ ଉକ୍ତ ସ୍କୁଟି ଧରି ଭିଡ଼ ଭିତରେ କେଉଁଆଡ଼େ ଫେରାର ହୋଇଯାଇଥିଲେ। ସତ୍ୟବ୍ରତ ସ୍ଥାନୀୟ ଅଞ୍ଚଳରେ ଖୋଜାଖୋଜି କରିଥିଲେ ମଧ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ପରେ ଏ ନେଇ ସେ ବାଦାମବାଡି ଥାନାରେ ଅଭିଯୋଗ କରିଛନ୍ତି।

## ପଞ୍ଚୁଦୋଳରେ ୫୨ ବିମାନ ସାମିଲ



ଠାକୁରଙ୍କୁ ବିମାନ ଶୋଭାଯାତ୍ରାରେ ନିଆଯାଉଛି।

**ଆଠଗଡ,୨୭।୩(ସ୍ୱ.ପ୍ର.)**

ଆଠଗଡର ପ୍ରସିଦ୍ଧ ପଞ୍ଚୁଦୋଳ ଯାତ୍ରା ମଙ୍ଗଳବାର ରାତ୍ରିରେ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଛି । ରାଜା ରାଜୁଡା ଅମଳରୁ ପ୍ରଚଳିତ ପରମ୍ପରାକୁ ଆଠଗଡ ଦେବୋତ୍ତର ବିଭାଗ ପକ୍ଷରୁ ପରିଚାଳନା କରାଯାଉଛି। ଏହି ଅବସରରେ ସ୍ଥାନୀୟ ଝୁଲଣ ପଡିଆଠାରୁ ମେଳଣ ଶୋଭାଯାତ୍ରା ବାହାରି ଆଠଗଡ ସହର ପରିକ୍ରମା କରିଥିଲା। ଦୁର୍ଗା ବଜାରରେ ଥିବା ଦୋଳ ବେଦୀ ନିକଟରେ ବିମାନଗୁଡିକ ସମବେତ ହୋଇଥିଲେ । ଏହି ମେଳଣରେ ୫୨ଟି ବିମାନ ସାମିଲ ହୋଇଥିଲେ। ମେଳଣ ପାଇଁ ବଜାର ପକ୍ଷରୁ ଆକର୍ଷଣୀୟ ତୋରଣ ଏବଂ ଆଲୋକସଜ୍ଜା ଆୟୋଜନ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଦେବୋତ୍ତର ବିଭାଗ ମୁଖ୍ୟ ତଥା ଉପଜିଲାପାଳ ଅମିୟ କୁମାର ସାହୁ ଓ ଦେବୋତ୍ତର ସୁପରଭାଇଜର କରୁଣାକର ବେହେରାଙ୍କ ସମେତ ସମସ୍ତ କର୍ମଚାରୀ ଏଥିରେ ଯୋଗଦେଇଥିଲେ। ବୁଧବାର ସାର୍ବଜନୀନ ହୋଲି ଉତ୍ସବ ଅନୁଷ୍ଠିତ ହୋଇଥିଲା ।

## ଦୋଳ ଉତ୍ସବ ଉଦ୍‌ଯାପିତ

**ଖୁଣ୍ଟୁଣୀ,୨୭।୩(ଡି.ଏନ.ଏ.)**

ଗୁରୁଡିଝାଟିଆ ଓ ଘଣ୍ଟିଖାଲ ଠାରେ ଗତ ୨୧ ତାରିଖଠାରୁ ଚାଲିଥିବା ଦୋଳ ଉତ୍ସବ ମଙ୍ଗଳବାର ମଧ୍ୟରାତ୍ରିରେ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଗୋପାଳସାହି ଦୋଳ ମଣ୍ଡପରେ ନିର୍ମିତ ରାଧାକୃଷ୍ଣଙ୍କ ମୃଣ୍ମୟ ପ୍ରତିମାକୁ ଯାଦବ ସମାଜ ପକ୍ଷରୁ ଶୋଭାଯାତ୍ରାରେ ନିଆଯାଇ କୋତର ଓ ଗୁରୁଡିଝାଟିଆ ଗ୍ରାମ ପରିକ୍ରମା କରିବା ପରେ ନିକଟସ୍ଥ ଯୋରରେ ବିସର୍ଜନ କରାଯାଇଥିଲା । ଏହି ଅବସରରେ ଆତସବାଜି ସାଙ୍ଗକୁ ଲଉଡି ନୃତ୍ୟ ପରିବେଷିତ ହୋଇଥିଲା। ଗୁରୁଡିଝାଟିଆ ଯାଦବ ସମାଜ ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା, ସମ୍ପାଦକ ଅଶୋକ ବେହେରା, ଆବାହକ ଶରତ ଚନ୍ଦ୍ର ଖିଲାର, ସରୋଜ ବାଗ, ଦେବ ବେହେରା ଓ ମନୋଜ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଠଗଡ ବ୍ଲକ ଘଣ୍ଟିଖାଲଠାରେ ଦୋଳ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଯାଦବ ସମାଜ ପକ୍ଷରୁ ସ୍ଥାନୀୟ ପାଲା ମଣ୍ଡପଠାରେ ଶ୍ରୀ ଶ୍ରୀ ବୃନ୍ଦାବନ ଚନ୍ଦ୍ର ଲଉଡି ସଂଘର ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମୁଖ୍ୟବକ୍ତା ଢେଙ୍କାନାଳ ଜିଲା ସିଆରିଆ ମଠର ମଠାଧୀଶ ସଦାନନ୍ଦ ମହାରାଜ, ସମ୍ମାନିତ ଅତିଥି ଭାବେ ଉତ୍କଳ ଯୁବ ଯାଦବ ମହାସଂଘର ସଭାପତି ଇଂ. ପ୍ରଦୀପ ବେହେରା, ପ୍ରେମାନନ୍ଦ ବେହେରା, ଅଜୟ ବେହେରା, ଜଗବନ୍ଧୁ ବେହେରା, ୩ନଂ ଜୋନ୍ ଜିଲା ପରିଷଦ ସଭ୍ୟା ଜାନକୀଲତା ନାଏକ, ଶ୍ରୀକର ଜେନା ଓ ଧୁରୁଷିଆ ସରପଞ୍ଚ ଯୋଗୀନାଥ ବେହେରା ପ୍ରମୁଖ ଯୋଗଦେଇଥିଲେ । ଏଥିରେ ବୃନ୍ଦାବନ ଚନ୍ଦ୍ର ଲଉଟି ସଂଘ, କେଉଟପଡା, ବଉଳପଦା, ଖୁଣ୍ଟୁଣୀ, କାଇପୁଡିଆ, ଗରିଆ, କଖଡି, ଧୁରୁଷିଆ ଓ ଚେପେଟି ଗ୍ରାମରୁ ଆସିଥିବା ଲଉଡି ସଂଘ ପକ୍ଷରୁ ଲଉଡି ନୃତ୍ୟ ପରିବେଷିତ ହୋଇଥିଲା। ଆଠଗଡ ଯୁବ ଯାଦବ ସଂଘ ସଭାପତି ସନ୍ତୋଷ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନିର୍ବାଚନ: ଆଜିଠୁ ମନୋନୟନପତ୍ର ଦାଖଲ ଆରମ୍ଭ

**କଟକ ଅଫିସ, ୨୭।୩**

କଟକ ଜିଲାରେ ତୃତୀୟ ପର୍ଯ୍ୟାୟ ମତଦାନ ପାଇଁ ଗୁରୁବାରଠାରୁ ମନୋନୟନ ପତ୍ର ଦାଖଲ ଆରମ୍ଭ ହେବ। ଏହି ପ୍ରକ୍ରିୟା ଏପ୍ରିଲ ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ପ୍ରାର୍ଥୀମାନେ ସେମାନଙ୍କର ମନୋନୟନପତ୍ର ପୂର୍ବାହ୍ନ ୧୧ଟାଠାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ସମ୍ପୃକ୍ତ ରିଟର୍ନିଂ ଅଧିକାରୀଙ୍କ ନିକଟରେ ଦାଖଲ କରିବେ। କଟକ ଲୋକ ସଭା ନିର୍ବାଚନମଣ୍ଡଳୀ ପାଇଁ କଟକ ଜିଲାପାଳ ରିଟର୍ନିଂ ଅଧିକାରୀ ଥିବାବେଳେ ବଡମ୍ବା ଓ ଆଠଗଡ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଆଠଗଡ ଉପଜିଲାପାଳ ରିଟର୍ନିଂ ଅଧିକାରୀ ରହିଛନ୍ତି। ସେହିପରି ବାଙ୍କୀ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବାଙ୍କୀ ଉପଜିଲାପାଳ, ବାରବାଟୀ–କଟକ ଓ ଚୌଦ୍ୱାର–କଟକ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ କଟକ ସଦର ଉପଜିଲାପାଳ, କଟକ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀ ଲାଗି କଟକ ସଦର ଅତିରିକ୍ତ ଉପଜିଲାପାଳ ରିଟର୍ନିଂ ଅଧିକାରୀ ଭାବେ କାର୍ଯ୍ୟ କରିବେ। ଅନ୍ୟପକ୍ଷେ ଏପ୍ରିଲ ୫ ତାରିଖରେ ମନୋନୟନପତ୍ର ଯାଞ୍ଚ ଓ ଏପ୍ରିଲ ୮ ତାରିଖରେ ପ୍ରାର୍ଥୀ ପ୍ରତ୍ୟାହାର ନିମନ୍ତେ ତାରିଖ ଧାର୍ଯ୍ୟ କରାଯାଇଛି। ସୂଚନାଯୋଗ୍ୟ, ଜିଲାରେ ତୃତୀୟ ପର୍ଯ୍ୟାୟ ମତଦାନ ଏପ୍ରିଲ ୨୩ ତାରିଖରେ ଅନୁଷ୍ଠିତ ହେବ ।

■ ବିଶ୍ୱ ନାଟ୍ୟ ଦିବସ ପାଳିତ

## ବ୍ୟକ୍ତିତ୍ୱ ଗଠନରେ ସହାୟକ ହୁଏ ଭଲ ନାଟକ

**କଟକ ଅଫିସ,୨୭।୩**

ସାମାଜିକ ଅନୁଷ୍ଠାନ 'ସମୀଚୀନ' ପକ୍ଷରୁ ବୁଧବାର ମର୍କତନଗରଠାରେ ବିଶ୍ୱ ନାଟକ ଦିବସ ପାଳିତ ହୋଇଯାଇଛି। ସାମାଜିକ କର୍ମୀ ଗୋବିନ୍ଦ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଟକ ଜିଲା ଉତ୍କଳ ସମ୍ମିଳନୀର ସଭାପତି ଡ. ରବି ରଞ୍ଜନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଭଲ ନାଟକଟିଏ ଜଣେ ବ୍ୟକ୍ତିର ବ୍ୟକ୍ତିତ୍ୱ ଗଠନରେ ସହାୟକ ହୁଏ। ନାଟକରେ ପ୍ରତିଫଳିତ ହୁଏ ସାଧାରଣ ଜନଜୀବନର ନିଚ୍ଛକ ଚିତ୍ର। ଏହା ମାଧମରେ ଦର୍ଶକଙ୍କ ନିକଟକୁ ସଂସ୍କାରମୂଳକ ଓ ଗଠନାଭିମୁଖୀ ବାର୍ତ୍ତା ଯାଇଥାଏ। ଅନ୍ୟତମ ଅତିଥି ଡ. ପରିଣୀତା ଦାସ କହିଲେ, ଇଣ୍ଟରନେଟ୍ ମାୟାଜାଲରେ ଏବେ କୋମଳମତି ଶିଶୁମାନେ ଛନ୍ଦି ହୋଇ ବାଟବଣା ହେଲେଣି। ଏ ପରିସ୍ଥିତିରେ ଶିଶୁର ବୌଦ୍ଧିକ ବିକାଶ ଲାଗି ଶିଶୁ ନାଟକକୁ ଉଜ୍ଜୀବିତ କରିବା ଲାଗି ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ନିଷ୍ଠାପର ଉଦ୍ୟମ ହେବା ଆବଶ୍ୟକ। ଡ. ପବିତ୍ର ମହାନ୍ତି, ଲୋପାମୁଦ୍ରା ପରିଡ଼ା, ସେଲି ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଙ୍ଗୀତା ମହାରଣା ଧନ୍ୟବାଦ ଦେଇଥିଲେ।

## ୧୦ଟଙ୍କିଆ ନୋଟ୍ ପକାଇ ୫୦ହଜାର ଲୁଟ୍

**କଟକ ଅଫିସ,୨୭।୩:** ବାଦାମବାଡି ଥାନା ଅନ୍ତର୍ଗତ ଅରୁଣଦୋୟ ନଗରରେ ୧୦ଟଙ୍କିଆ ନୋଟ୍ ପକାଇ ଦୁର୍ବୃତ୍ତମାନେ କଟକର ବଳରାମ ମହାନ୍ତି ନାମକ ବ୍ୟକ୍ତିଙ୍କ ଠାରୁ ୫୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ବଳରାମ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ବୁଧବାର ସକାଳେ ବଳରାମ ଅରୁଣଦୋୟ ନଗରରେ ଥିବା ଏସ୍‌ବିଆଇ ବ୍ୟାଙ୍କକୁ ଟଙ୍କା ଉଠାଇବା ପାଇଁ ଆସିଥିଲେ। ବ୍ୟାଙ୍କରୁ ୫୦ହଜାର ଟଙ୍କା ଆଣି ସେ କାରରେ ବସିଥିବାବେଳେ ଦୁଇଜଣ ଦୁର୍ବୃତ୍ତ ତାଙ୍କର ଟଙ୍କା ତଳେ ପଡି ଯାଇଥିବା କହିଥିଲେ। ସେ କାରରୁ ବାହାରକୁ ଆସି ଟଙ୍କା ଉଠାଇବା ମଧ୍ୟରେ ଦୁର୍ବୃତ୍ତମାନେ ତାଙ୍କର ଟଙ୍କା ବ୍ୟାଗ୍‌କୁ ନେଇ ଫେରାର ହୋଇଯାଇଥିଲେ।

## ଜୋନସ୍ତରୀୟ ଯୁବ ରେଡ୍‌କ୍ରସ୍ ତାଲିମ ଶିବିର ଉଦ୍‌ଯାପିତ

**ବାଙ୍କୀ,୨୭।୩(ସ୍ୱ.ପ୍ର.)**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ୪ଦିନ ଧରି ଚାଲିଥିବା କେନ୍ଦ୍ରୀୟ ଜୋନସ୍ତରୀୟ ଯୁବ ରେଡ୍‌କ୍ରସ ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ୪ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ରେଡ୍‌କ୍ରସର ଇତିହାସ, ରକ୍ତଦାନ ପାଇଁ ସଚେତନତା, ଅଗ୍ନି ନିର୍ବାପକ ଶିକ୍ଷା, ପ୍ରାକୃତିକ ବିପର୍ଯ୍ୟୟର ପରିଚାଳନା, ବିଶ୍ୱତାପମାତ୍ରାର ବୃଦ୍ଧି, ଏଚ୍.ଆଇ.ଭି.ଏବଂ ସ୍ୱେଚ୍ଛାସେବୀ ନେତୃତ୍ୱ ସମ୍ପର୍କରେ ଶିକ୍ଷା ପ୍ରଦାନ କରାଯାଇଥିଲା। ଶିବିରରେ କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଅନୁଗୋଳ, ପୁରୀ, ଖୋର୍ଦ୍ଧା ଓ ଭୁବନେଶ୍ୱର ଜୋନର ୧୬୦ଜଣ ସ୍ୱେଚ୍ଛାସେବୀ ଓ ପରାମର୍ଶ ଦାତା ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ରେଡ୍‌କ୍ରସ ସୋସାଇଟିର ମୁଖ୍ୟ ମେଜର ଡ.କଳ୍ପନା ଦାସ ଓ ସମ୍ମାନିତ ଅତିଥିଭାବେ ଭାରତୀୟ ରେଡ୍‌କ୍ରସ ସୋସାଇଟିର ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ମୁଖ୍ୟ ସୁମିତ୍ରା ତ୍ରିପାଠୀ ଯୋଗଦେଇଥିଲେ। କଲେଜ ଉପାଧକ୍ଷ ସଦାନନ୍ଦ ବାରିକ ସ୍ୱାଗତ ଭାଷଣ ଦେଇଥିବା ବେଳେ ପରାମର୍ଶଦାତା ସରସ୍ୱତୀ ଦେଉରୀ ବିବରଣୀ ପାଠ କରିଥିଲେ। କଲେଜ ଅଧକ୍ଷ ଡ. ବାବାଜୀ ଚରଣ ଶତପଥୀ ଏହାକୁ ପରଚାଳନା କରିଥିଲେ। ଶେଷରେ ପରାମର୍ଶଦାତା ଶୈଳେନ୍ଦ୍ର ଦେଓ ଧନ୍ୟବାଦ ଅର୍ପଣ କରିଥିଲେ।

## ନାଟକ 'ଶ୍ରୀମତୀ ସମାର୍ଜ୍ଜନୀ' ମଞ୍ଚସ୍ଥ

**କଟକ ଅଫିସ, ୨୭।୩**



ନାଟକ ଶ୍ରୀମତୀ ସମାର୍ଜ୍ଜନୀର ଏକ ଦୃଶ୍ୟ।

ଉତ୍କଳ କଳା ପରିଷଦ ଓ କଳା ବିକାଶ କେନ୍ଦ୍ର ଆନୁକୂଲ୍ୟରେ ବୁଧବାର କଟକ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଖ୍ୟାତ ଉପନ୍ୟାସିକ ଫକୀରମୋହନ ସେନାପତିଙ୍କ ଗଳ୍ପ ପେଟେଣ୍ଟ ମେଡିସିନର ନାଟ୍ୟରୂପ 'ଶ୍ରୀମତୀ ସମାର୍ଜ୍ଜନୀ' ମଞ୍ଚ ହୋଇଥିଲା। ନାଟ୍ୟକାର ଗୋପାଳ ଛୋଟରାୟ ଏହାକୁ ନାଟ୍ୟରୂପ ଦେଇଥିବାବେଳେ ନାରାୟଣ ସିଂ ନିର୍ଦ୍ଦେଶନା ଦେଇଛନ୍ତି। ନାଟକରେ ସମାଜ ସଂସ୍କାରର ବାର୍ତ୍ତା ବେଶ୍ ବାରି ହୋଇପଡ଼ିଥିଲା। ସଂସ୍କୃତି ବିହାରର କଳାକାରମାନଙ୍କ ନିଖୁଣ ଅଭିନୟ ନାଟକକୁ ଜୀବନ୍ତ ରୂପ ଦେଇଥିଲା। ଏହି ଅବସରରେ ପ୍ରାରମ୍ଭରେ ଏକ ସଭା ଆୟୋଜନ କରାଯାଇଥିଲା। ଡ. ସ୍ନେହ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି ସଭାକୁ ଜଷ୍ଟିସ ଅରୁଣ କୁମାର ପରିଚ୍ଛା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନାଟ୍ୟକାର ତଥା ସଂଳାପ ଲେଖକ ରଞ୍ଜିତ ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ଡ. ବୈଜୟନ୍ତୀ ମିଶ୍ରଙ୍କ ଦ୍ୱାରା ରଚିତ ପୁସ୍ତକ ନାଟ୍ୟ ପଞ୍ଚକ ଉନ୍ମୋଚିତ ହୋଇଥିଲା। ପ୍ରଫୁଲ୍ଲ ସାହୁ ଅତିଥି ପରିଚୟ ଓ ଗାୟତ୍ରୀ ଦେବୀ ଧନ୍ୟବାଦ ଦେଇଥିଲେ।

**ବିଶ୍ୱ ନାଟ୍ୟ ଦିବସ**

## ମୋବାଇଲ ଜବତ: ୩ ଗିରଫ

**କଟକ ଅଫିସ,୨୭।୩:** ମୋବାଇଲ ଲୁଟ୍ ଅଭିଯୋଗରେ ମାଲଗୋଦାମ ପୋଲିସ ୩ ଜଣଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାଦାମବାଡି ଥାନା ଅନ୍ତର୍ଗତ ଶଙ୍କରପୁର ଅଞ୍ଚଳର ରାହୁଲ ଓରଫ ପ୍ରଫୁଲ୍ଲ କୁମାର ମାଝୀ, ଢିଅସାହି ଅଞ୍ଚଳର ସୁକାନ୍ତ ଗୋଚ୍ଛାୟତ ଓ ଛତ୍ରବଜାର ଅଞ୍ଚଳର ଜିତୁ ରାଓ। ପୋଲିସ ସେମାନଙ୍କ ନିକଟରୁ ମୋବାଇଲ୍ ଫୋନ୍ ଜବତ କରିଛି। ସୁକାନ୍ତଙ୍କ ବିରୋଧରେ ମାଲଗୋଦାମ ଥାନାରେ ୨୦୧୬ରେ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ ହୋଇଥିବାବେଳେ ଜିତୁଙ୍କ ବିରୋଧରେ ଜିଆରପି ଥାନାରେ ଚୋରି ମାମଲା ଥିବା ପୋଲିସ ସୂଚନା ଦେଇଛି। ଆନ୍ଧ୍ରପ୍ରଦେଶ ଶ୍ରୀକାକୁଳମରୁ ଏସ୍. ଦିଲେଶ୍ୱର ରାଓ ନାମକ ବ୍ୟକ୍ତି କୌଣସି କାମରେ ଟ୍ରେନ୍ ଯୋଗେ ଆସି ଗତ ୨୫ ତାରିଖରେ କଟକରେ ପହଞ୍ଚିଥିଲେ। ପରେ ସେ କଲେଜ ଛକ ଆଡ଼କୁ ଚାଲି ଚାଲି ଯାଉଥିବାବେଳେ ଅଭିଯୁକ୍ତମାନେ ଏକ ବାଇକରେ ଆସି ତାଙ୍କ ମୋବାଇଲ୍ ଝାମ୍ପି ନେଇଯାଇଥିଲେ। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ଭାଜପାର ବିଜୟ ସଂକଳ୍ପ ସଭା, ମିଶ୍ରଣ ପର୍ବ




ସଭାରେ ଭାଜପା ପ୍ରାର୍ଥୀ ସମୀର ଦେ ଉଦ୍‌ବୋଧନ ଦେଉଛନ୍ତି।

**କଟକ ଅଫିସ, ୨୭।୩**

ବୁଧବାର ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପଠାରେ ବାରବାଟୀ–କଟକ ଭାଜପା ପକ୍ଷରୁ ବିଜୟ ସଂକଳ୍ପ ସଭା ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବାରବାଟୀ–କଟକ ବିଧାନସଭା ନିର୍ବାଚନ ମଣ୍ଡଳୀର ଭାଜପା ପ୍ରାର୍ଥୀ ସମୀର ଦେଙ୍କ ନେତୃତ୍ୱ ପ୍ରତି ପ୍ରଭାବିତ ହୋଇ ବହୁ ଯୁବକର୍ମୀ ଅନ୍ୟ ଦଳ ଛାଡି ଭାଜପାରେ ଯୋଗଦେଇଛନ୍ତି। ଏହି ସଭାରେ ଭାଜପାର କଟକ ଲୋକ ସଭା ପ୍ରାର୍ଥୀ ପ୍ରକାଶ ମିଶ୍ର ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ବର୍ଷ ଯେଉଁଭଳି ଭାବେ ବିଶ୍ୱଗୁରୁର ମାନ୍ୟତା ପାଇବାରେ ଅଗ୍ରସର ହେଉଛି କଟକ ସେଥିରେ ସାମିଲ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ଉଭୟ ଲୋକ ସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ଜିତାଇବାକୁ ମିଶ୍ର ଆହ୍ୱାନ ଦେଇଥିଲେ। ଏହି ମିଶ୍ରଣ ପର୍ବରେ କଟକ ଜିଲା ବିଜେଡି ଉପସଭାପତି ପାର୍ବତୀ ଦାସ, ବରିଷ୍ଠ ଆଇନଜୀବୀ ସତ୍ୟବ୍ରତ ପ୍ରଧାନ, ପୂର୍ବତନ ପ୍ରଶାସକ ପୂର୍ଣ୍ଣଚନ୍ଦ୍ର ସାହୁ, ସିଡିଏ ସେକ୍ଟର- ୬ ଆବାସିକ ସଂଘ ସଙ୍ଗଠନ ସମ୍ପାଦକ ତଥା ବିଜେଡି ଯୁବନେତା ସବ୍ୟସାଚୀ କର, ହିନ୍ଦୁସେନା କଟକ ଜିଲା ସଭାପତି ଆଶିଷ ମହାପାତ୍ର, ଚନ୍ଦ୍ରକାନ୍ତ ନାୟକ, ଜ୍ୟୋତି ପ୍ରକାଶ ସାହୁ, ଅରୁଣ ରାଓ, ମାରୱାଡି ସମାଜର ଯୁବନେତା ରାକେଶ ସିଙ୍ଘ୍‌ଭୀ, ଅରବିନ୍ଦ ଜୈନ, ସୁନୀଲ ଶର୍ମା, ୨୭ ନଂ. ୱାର୍ଡର ବିଜେଡି ନେତା ଲୋକନାଥ ବେହେରା, ନାରାୟଣ ନନ୍ଦି, ଜିତେନ ନନ୍ଦୀଙ୍କ ସମେତ ୫୦୦ରୁ ଊର୍ଦ୍ଧ୍ୱ କର୍ମୀ ସାମିଲ ହୋଇଥିଲେ। ଦଳର ବରିଷ୍ଠ ନେତା ତଥା ଜିଲା ସଭାପତି ଲକ୍ଷ୍ମୀଧର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଦୀପ ସ୍ୱାଇଁ, ରାଜ୍ୟ ମୁଖପାତ୍ର ସଜ୍ଜନ ଶର୍ମା, ନିବେଦିତା ପ୍ରଧାନ ପ୍ରମୁଖ ସାମିଲ ଥିଲେ।